ମନର ମଣିଷ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ସୁଶୀଲ ରଞ୍ଜନ ଦାସ

Scanned by CamScanner

❋ ପୂର୍ବାଭାସ ❋

ବିଶ୍ୱ ପିତାଙ୍କର ରଚିତ ଏହି ଧରଣୀ ଅତି ବିଚିତ୍ର ଓ ସୁନ୍ଦର । ଏହି ଧରା ପୃଷ୍ଠରେ ଯୁଗେ ଯୁଗେ ବହୁ ସତ୍ୟ ସନ୍ଧାନୀ, ଈଶ୍ୱର ଅନ୍ୱେଷୀ ବ୍ୟକ୍ତି ଜନ୍ମ ନିଅନ୍ତି ଲକ୍ଷ ଲକ୍ଷ ଜନତା ମଧ୍ୟରେ । ଏହି ସ୍ୱଳ୍ପ କେତେକ ସାଧକ ଶ୍ରେଣୀ ମଧ୍ୟରେ କେହି ଜ୍ଞାନରେ, କେହି ଭକ୍ତିରେ କେହି ଅବା ନିଜର ଶୁଦ୍ଧ, ଶିବ, କର୍ମ ପ୍ରବାହରେ ଜୀବନ ସାଧନା କରନ୍ତି ଜୀବନ ଦେବତାଙ୍କ ଉଦ୍ଦେଶ୍ୟରେ । ଭକ୍ତର ଆକୁଳ କ୍ରନ୍ଦନରେ, ଯୋଗୀ ଜନର ଏକ ନିଷ୍ଠ ସାଧନାରେ ଓ ଜ୍ଞାନ ପ୍ରୟାସୀ ବ୍ୟକ୍ତିର ଜ୍ଞାନ ସମୁଦ୍ର ଲାଭ କରିବାର ଆକାଂକ୍ଷାକୁ ଚରିତାର୍ଥ କରି ଅବତରଣ କରନ୍ତି ମହାପୂରଣକାରୀ ପୁରୁଷୋତ୍ତମ ଧରାଶ୍ରୀ ମଣ୍ଡନ କରି । ପରମ ଦୟାଳଙ୍କ ପାଦ ସ୍ପର୍ଶରେ ଉତ୍ତପ୍ତ ଧରା ଶାନ୍ତ ହୁଏ, ରୁକ୍ଷ ମରୁ ପ୍ରାନ୍ତର ସବୁଜିମା ଫେରି ପାଏ; ଆଉ ସବୁଜ ବଢ଼ି ଉଠିବାର ଶିହରଣ ଉର୍ମିମାରେ ବାସ୍ତବରେ । ଏହି ପର୍ଯ୍ୟାୟରେ ଗୃହୀ ସନ୍ୟାସୀର ଶ୍ରେଷ୍ଠ ନିଦର୍ଶନ ଦେଖାଇ ଆସିଲେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ୧୮୮୮ ମସିହାରେ; ଭାରତ ଭୂମିରେ ମାନବ ଲୀଳା କଲେ ଦୀର୍ଘ ୮୧ ବର୍ଷ ଧରି । ପରମ ପୁରୁଷଙ୍କର ଧାରାକୁ ଅକ୍ଷୁଣ୍ଣ ଓ ଅବିକୃତ ରଖିବାର ଚେଷ୍ଟାରେ ଯେଉଁ କେତେକ ଇଷ୍ଟନିଷ୍ଠ ବ୍ୟକ୍ତି ଆଗୁଆର ହୋଇଛନ୍ତି ସେମାନଙ୍କ ମଧ୍ୟରୁ ପୂଜ୍ୟ ଋତ୍ୱିକ ଦେବ ସ୍ୱର୍ଗତ ସୁଶୀଲ ରଞ୍ଜନ ଦାସ ଥିଲେ ଜଣେ । ସେ ତାଙ୍କର ଚିର ପ୍ରତ୍ୟାଶିତ ଦେବତାଙ୍କୁ ପାଇ ମିଳନର ସ୍ୱାଦୁ ଆସ୍ୱାଦନ କରୁଥିଲେ । ଆଉ ପରମ ଦୟାଳ ସୁଯୋଗ କରି ଦେଉଥିଲେ ଅନ୍ତରର ସମସ୍ତ ଅବ୍ୟକ୍ତ କଥାକୁ ପ୍ରକାଶ କରିବାରେ ତାଙ୍କର ସମ୍ମୁଖରେ । ପରମ କାରୁଣିକଙ୍କ ସଙ୍ଗରେ କେତେବେଳେ ନିଭୃତରେ, କେତେବେଳେ ଅବା ସମସ୍ତଙ୍କ ପ୍ରକାଶ୍ୟରେ ବହୁ କଥାମାନ ହୋଇଥିଲା । ଶ୍ରୀ ଶ୍ରୀ ଠାକୁର ଆସ୍ତେ ଆସ୍ତେ ଏହି ଦୀନ ଅକିଞ୍ଚନ ଭକ୍ତଙ୍କର ହୃଦ-ରାଜ୍ୟ ଅଧିକାର କରି ବସିଲେ ପାର୍ଥୀବ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛକୁ ଠେଲି ଦେଇ । ଦେଖାଗଲା କେତେବେଳେ ପରମ ବାନ୍ଧବ ଶ୍ରୀ ଶ୍ରୀ ଠାକୁର ପ୍ରିୟ ପୂଜ୍ୟ ଋତ୍ୱିକ ମହାଶୟଙ୍କୁ ଦୀର୍ଘଦିନ ଧରି ନିଜ ପାଖରେ ଅଟକାଇ ରଖନ୍ତି । ଅନ୍ୟ ପକ୍ଷରେ ପ୍ରିୟ ଶିଷ୍ୟ ଶ୍ରୀ ଗୁରୁଙ୍କର ଆତ୍ମୀୟତା ତଥା ଆନ୍ତରିକ ପ୍ରୀତିର ପରଶରେ ତାଙ୍କର ଠାରେ ମାସ ମାସ, ଏପରିକି ବର୍ଷ ବର୍ଷ କଟାଇବାକୁ ସମର୍ଥ ହୋଇପାରିଲେ । ପରମଦୟାଳଙ୍କ ସଙ୍ଗେ ଯେଉଁସବୁ କଥାମାନ ଦୀନ ସାଧକଙ୍କର ବିନିମୟ ହେଉଥିଲା ସେ ଗୁଡ଼ିକୁ ଲେଖି ରଖିବା ପାଇଁ ଶ୍ରୀ ଶ୍ରୀ ଠାକୁର କହି ରଖନ୍ତି ଓ ମଝିରେ ମଝିରେ ହେହି ଘଟିଥିବା ଅତୀତର କଥାବିକ ଶୁଣନ୍ତି । ଲେଖାରେ ଯେଉଁଠି ଭୁଲ ବା ଅସଙ୍ଗତିମାନ ଥାଏ ପରମ

ପୁରୁଷ ସଂଶୋଧନ କରି ଦେବାକୁ ନିର୍ଦ୍ଦେଶ ଦିଅନ୍ତି ଓ ଲେଖାଗୁଡ଼ିକୁ ସତ୍ୟ ଉପରେ ପ୍ରତିଷ୍ଠିତ ରଖି କ୍ରମଶଃ ଲେଖି ରଖିବା ପାଇଁ ଉତ୍ସାହିତ କରନ୍ତି । ପ୍ରିୟ ଋତ୍ୱିକ ମହାଶୟ ଉଚ୍ଚ ବିଦ୍ୟା ଉପାଧିରେ ଯଦିଚ ଅଧିଷ୍ଠିତ ନଥିଲେ ତଥାପି ସେ ଥିଲେ ଜଣେ ସାଧନାଲବ୍ଧ ଜ୍ଞାନ ତଥା ପ୍ରେମ ସମ୍ବଳିତ ସତ୍ୟବାଦୀ, ସତ୍ୟନିଷ୍ଠ ଓ ନିଷ୍କପଟ ବ୍ୟକ୍ତି । ଯାହା ହେଉନା କାହିଁକି ପୂଜ୍ୟ ଋତ୍ୱିକ ଦେବ ତାଙ୍କର ପ୍ରିୟ ସାଥୀ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଆଲୋଚିତ କଥା ଓ ଘଟଣାବଳୀ ଏବଂ ତନ୍ମଧ୍ୟରୁ ତାଙ୍କର ଅନୁଭୂତି ପ୍ରସୂତ ଦୃଷ୍ଟିଭଙ୍ଗୀକୁ ଲିପିବଦ୍ଧ କରନ୍ତି ଠିକ୍ ସେହି ସମୟର ଅବ୍ୟବହିତ ପରେ । ଏହି ତଥ୍ୟ ସମ୍ବଳିତ ପାଣ୍ଡୁଲିପି ବେଶୀଭାଗ ବଙ୍ଗଳାରେ ଲେଖା ହୋଇଥିଲା । ପୂଜ୍ୟଋତ୍ୱିକ ମହାଶୟ ବହୁ କଷ୍ଟରେ ତାଙ୍କର ଜୀବଦ୍ଦଶାର ଶେଷ ଭାଗରେ ଏହି ଲେଖା ପୁସ୍ତକ ଆକାରରେ ଓଡ଼ିଆ ଭାଷାରେ "ମନର ମଣିଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର" ପ୍ରଥମ ଭାଗ ନାମରେ ପ୍ରକାଶ କରି ଯାଇଛନ୍ତି । ଯଦିଚ ପ୍ରିୟ ପୂଜ୍ୟ ଲେଖକ ସାହିତ୍ୟ ଜଗତରେ ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ରୂପେ ସର୍ବଜନ ପରିଚିତ ନୁହନ୍ତି ତଥାପି ପୁସ୍ତକ ଅନ୍ତର୍ଭୁକ୍ତ ଲେଖାର ଶୈଳୀଭାବ, ଓ ପ୍ରକାଶଭଙ୍ଗୀ ମଧୁର, କମନୀୟ ଓ ସରଳ । ତାଙ୍କର ସମସ୍ତ ଲେଖି ରଖିଥିବା ପାଣ୍ଡୁଲିପି ତାଙ୍କ ଜୀବଦ୍ଦଶା ଭିତରେ ଲୋକଲୋଚନକୁ ଆସିବାର ସୁଯୋଗ ପାଇ ପାରି ନଥିଲା; ମାତ୍ର ତାଙ୍କର ପ୍ରବଳ ଇଚ୍ଛା ଥିଲା ତାଙ୍କର ସେହି ଚିର ଆରାଧ୍ୟ ଦେବ ମନର ମଣିଷଙ୍କ ସହିତ ଘଟିଥିବା ଘଟଣାବଳୀ ଜନସମାଜରେ ଲେଖା ଆକାରରେ ରଖିଯିବା ପାଇଁ । ଯାହାହେଉ ପ୍ରିୟ ଋତ୍ୱିକ ମହାଶୟଙ୍କ ଦେହାବସାନ ପରେ କତିପୟ ଇଷ୍ଟପ୍ରେମୀ, ସତ୍ୟ ପ୍ରୟାସୀ ତାଙ୍କର ଯଜମାନ "ମନର ମଣିଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର" ଦ୍ୱିତୀୟ ଭାଗ ପ୍ରକାଶ କରିବାରେ ଆଗେଇ ଆସିଛନ୍ତି ତ୍ୟାଗ ଓ ଶ୍ରମକୁ ଦୃଢ଼ କରି । ଏହି ପୁସ୍ତକ ଲୋକଲୋଚନକୁ ଆସିବା ପାଇଁ ବହୁ ସତ୍ୟପ୍ରେମୀ, ଉଚ୍ଚକୋଟୀର ଗୁଣୀଜନ ଆମ୍ଭମାନଙ୍କୁ ପ୍ରେରଣା ଓ ସାହସ ବାରମ୍ବାର ଦେଇ ଆସିଛନ୍ତି । ସେମାନଙ୍କ ପାଖରେ ଆମ୍ଭ ତରଫରୁ କୃତଜ୍ଞତା ତଥା ଆନ୍ତରିକ ଶୁଭେଚ୍ଛା ରହିଲା । ସର୍ବୋପରି ଏହି ପୁସ୍ତକ ଯଦି ପାଠକଙ୍କ ଜୀବନଯାତ୍ରାର ପଥକୁ ଆଲୋକିତ, ସକ୍ରିୟ ଓ ଇଷ୍ଟନିଷ୍ଠ କରି ଉଠାଏ ତାହାହେଲେ ମୁଁ ଓ ମୋ ସହିତ ଆଉ କେତେକ ଭଗବତ୍ ପ୍ରୟାସୀ ହୀନ ସନ୍ତାନ ନିଜକୁ ଧନ୍ୟ ଓ ଭାଗ୍ୟବାନ ମନେ କରିବୁ । ବନ୍ଦେ ପୁରୁଷୋତ୍ତମମ୍ । ଇତି—

ଋତ୍ୱିକ ଶ୍ରୀ ମଧୁସୂଦନ ଦାଶ, ଏମ୍. ଏ, ବି. ଇଡ଼.

୧୮ । ୯ । ୮୦, ବାଲେଶ୍ୱର ।

Scanned by CamScanner

'ଜୟଗୁରୁ'

ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କର ଘନିଷ୍ଠ ସାନିଧ୍ୟରେ ଦୀର୍ଘଦିନ କଟାଇ ସତ୍ୟ ସମ୍ବନ୍ଧରେ ଠାକୁରଙ୍କର ଶ୍ରୀମୁଖ ବାଣୀ ଏବଂ ପ୍ରବଚନ ଶୁଣିବାରେ ଯେଉଁ କେତେଜଣ ଭାଗ୍ୟବାନ ବ୍ୟକ୍ତି ସୁଯୋଗ ପାଇଥିଲେ ସେମାନଙ୍କ ମଧ୍ୟରେ ସୁଶୀଲଦା ଅର୍ଥାତ୍ ଶ୍ରୀଯୁକ୍ତ ସୁଶୀଲ ରଞ୍ଜନ ଦାସ ଅନ୍ୟତମ । ସତ୍ୟ ସମ୍ବନ୍ଧରେ ସ୍ୱଗୁରୁ ଶ୍ରୀ ଶ୍ରୀ ଠାକୁରଙ୍କଠାରୁ ଯାହା ବୁଝିଥିଲେ ସେ ସବୁ ସେ ଠାକୁରଙ୍କର ନିର୍ଦ୍ଦେଶରେ ଲେଖି ରଖୁଥିଲେ ଏବଂ ତାଙ୍କୁ ମଝିରେ ମଝିରେ ପଢ଼ି ଶୁଣାଉଥିଲେ । ସେ ସବୁ ଶୁଣି ଠାକୁର ତାଙ୍କୁ ପୁଣି ପୁଣି ଲେଖିଯିବା ପାଇଁ କହୁଥିଲେ ଏବଂ ଏହିପରି ଭାବରେ ସୁଶୀଲଦା ଯାହା ସବୁ ଲେଖି ରଖିଥିଲେ ତାର ଅବଲମ୍ବନରେ ସେ "ମନର ମଣିଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର" ନାମକ ଖଣ୍ଡିଏ ପୁସ୍ତକ ତାଙ୍କ ଜୀବଦ୍ଦଶାରେ ପ୍ରଣୀତ କରି ଯାଇଥିଲେ । ଆଜି ସୁଶୀଲଦା ଇହ-ଜଗତରେ ନାହାନ୍ତି । ମାତ୍ର ତାଙ୍କର ବହୁ ଗୁଣମୁଗ୍ଧ ଶିଷ୍ୟ ଭକ୍ତ ଓଡ଼ିଶାରେ ରହିଛନ୍ତି । ସେହିମାନଙ୍କ ପ୍ରଚେଷ୍ଟାରେ ପୁଣି ସୁଶୀଲଦା ଛାଡ଼ି ଯାଇଥିବା ପାଣ୍ଡୁଲିପିକୁ ନେଇ "ମନର ମଣିଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳ-ଚନ୍ଦ୍ର" ପୁସ୍ତକର ୨ୟ ଖଣ୍ଡ ପ୍ରକାଶିତ ହେବାକୁ ଯାଉଛି । ପ୍ରଥମ ଖଣ୍ଡ ପରି ଦ୍ୱିତୀୟ ଖଣ୍ଡ ଯେ ନିଶ୍ଚୟ ଖୁବ୍ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ । ବିଶେଷତଃ ଓଡ଼ିଶାର ବହୁ ସତ୍‌ସଙ୍ଗୀ ଏହି ପୁସ୍ତକ ଦ୍ୱାରା ଶ୍ରୀ ଶ୍ରୀ ଠାକୁରଙ୍କ ବିଷୟରେ ଏବଂ ବିଭିନ୍ନ ବିଷୟ ସମ୍ପର୍କରେ ଠାକୁରଙ୍କର ମତାମତ ଜାଣିବାକୁ ପାଇବେ । ଓଡ଼ିଶାରେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ-ଚନ୍ଦ୍ରଙ୍କର ଭାବଧାରା ଏବଂ ଦର୍ଶନର ପରିପ୍ରସାର ଦିଗରେ ଏହି ପୁସ୍ତକ ଖଣ୍ଡିକ ଅନ୍ୟ ଏକ ସୋପାନ ଭାବରେ କାର୍ଯ୍ୟ କରିବ ।

ବିନୀତ

ପ୍ରତାପ ଚନ୍ଦ୍ର ମହାନ୍ତି

୨୮।୮।୮୦

ପୂର୍ବତନ ରାଜସ୍ୱ, ଶିକ୍ଷା ଓ ଯୁବକଲ୍ୟାଣ,
ଉଠାଜଳସେଚନ ଓ ବିଦ୍ୟୁତ ମନ୍ତ୍ରୀ,
ଓଡ଼ିଶା ।

Scanned by CamScanner

S. S Parhi, I. P.S.

Place— କଟକ

Date 21. 7. 1980, 1. 30 P. M.

ଋତ୍ୱିକ ଦେବ ଶ୍ରୀଯୁକ୍ତ ସୁଶୀଲ ରଞ୍ଜନ ଦାସ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅନ୍ୟତମ ଅଚ୍ୟୁତ ନିଷ୍ଠାପର ଭକ୍ତ ତଥା ପ୍ରବୀଣ ଋତ୍ୱିକ୍ ସ୍ୱଭାବରେ ମୋ ପାଖରେ ପୂଜ୍ୟ ଓ ସମ୍ମାନୀୟ । ତାଙ୍କର ରଚିତ "ମନର ମଣିଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର" ପୁସ୍ତକର ପ୍ରଥମ ଖଣ୍ଡ ମୁଁ ପଢ଼ିବାର ଭାଗ୍ୟ ପାଇଛି । ସାଧନା ଜଗତରେ ଏହା ଏକ ଅମୂଲ୍ୟ ସମ୍ପଦ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିବ୍ୟ ଭାବଧାରାକୁ ନିଜେ ହୃଦୟଙ୍ଗମ କରି ଓ ସ୍ୱଚରିତ୍ରରେ ଚରିତାର୍ଥ କରି ଲେଖକ ଯେଉଁଭଳି ଭାବରେ ପରମପୁରୁଷଙ୍କର ଗୁଣ କୀର୍ତ୍ତନ କରିଛନ୍ତି ତାହା ଏକାନ୍ତ ହୃଦୟସ୍ପର୍ଶୀ ଓ ବିଶ୍ୱାସଦାୟକ ହୋଇଛି । ଆଜିର ସମାଜରେ ବିଶ୍ୱାସ ଓ ନିଷ୍ଠାର ହିଁ ଅଭାବ । ତେଣୁ ଓଡ଼ିଶାର ଜନସାଧାରଣଙ୍କୁ ଏହା ସାଧାରଣ ଜୀବନଯାତ୍ରାରେ ତଥା ସାଧନା ଜଗତରେ ପ୍ରଭୂତ ସାହାଯ୍ୟ କରିବ ଏଥିରେ ସନ୍ଦେହ ନାହିଁ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭଗବତ୍ତା ତଥା ଆଦର୍ଶବାଦକୁ ଉକ୍ତ ପୁସ୍ତକ ସହସ୍ର କଣ୍ଠରେ ଘୋଷଣା କରେ । ଅନ୍ୟ ପକ୍ଷରେ ଉକ୍ତ ପୁସ୍ତକ ଲେଖକଙ୍କର ଜ୍ଞାନ, ସାଧନା, ନିଷ୍ଠା, ଭକ୍ତି ତଥା ଶ୍ରୀ ଶ୍ରୀ ଠାକୁରଙ୍କ ଉପରେ ଅଗାଧ ବିଶ୍ୱାସ ଏବଂ ଆତ୍ମ ବିଶ୍ୱାସର ପରିଚାୟକ । ମୋ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କରୁ ମୁଁ ତାଙ୍କ ଜ୍ଞାନ ଓ ଦର୍ଶନର ପରିଚୟ ପାଇବା ସଙ୍ଗେ ସଙ୍ଗେ ତାଙ୍କର ଗୁରୁ ଶ୍ରୀ ଶ୍ରୀ ଠାକୁରଙ୍କର ମହନୀୟତା, ଭଗବତ୍ତା ତଥା ମନୁଷ୍ୟ ସମାଜ ଉପରେ ପ୍ରେମ ବା 'ଭାଲୋବାସା'ର ମଧ୍ୟ ସନ୍ଧାନ ପାଇଛି । ଏହି ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶିତ ହେଉଥିବା ଏକ ଶୁଭ ଓ ଆନନ୍ଦର ବିଷୟ । ଲେଖକଙ୍କର ତିରୋଧାନ ପରେ ତାଙ୍କର ପ୍ରଥମା ସ୍ତ୍ରୀ ବା ସହଧର୍ମିଣୀ ଆମ୍ଭର ମାତୃଦେବୀ ଶ୍ରୀମତୀ ବକୁଳରାଣୀ ଦାସ ଯେ ଏହି ପୁସ୍ତକ ପ୍ରକାଶନ କର୍ମରେ ବ୍ରତୀ ହୋଇ ଜନସାଧାରଣଙ୍କୁ ସେହି ଦିବ୍ୟ ଭାବଧାରାରେ ଅନୁପ୍ରାଣିତ ହେବା ପାଇଁ ସାହାଯ୍ୟ କରୁଛନ୍ତି ତାହା ଅତି ପ୍ରଶଂସାର ବିଷୟ । ଈଶ୍ୱର ତାଙ୍କର ମଙ୍ଗଳ କରନ୍ତୁ ।

ଶ୍ୟାମସୁନ୍ଦର ପାଢ଼ୀ

ତା ୨୧ । ୭ । ୧୯୮୦ — କଟକ, ଓଡ଼ିଶା ।

ଇନ୍ସପେକ୍ଟର ଜେନେରେଲ ଅଫ୍ ପୋଲିସ

(ହୋମଗାର୍ଡ଼ ଓ ଫାୟାର ସର୍ଭିସ)

Scanned by CamScanner



ଦେଓଘର ଠାକୁର ବାଂଲା (ବଡାଲ୍ ବାଂଲା)ର ବାରନ୍ଦାରେ
ଶ୍ରୀ ଶ୍ରୀ ଠାକୁରଙ୍କ ସମୀପରେ ଲେଖକ

Scanned by CamScanner

ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆଧ୍ୟାତ୍ମିକ ଜୀବନ ପାଇଁ ନିର୍ଦ୍ଦେଶ —

ଶୁଣ ଯତି ! ଶୁଣ ସନ୍ନ୍ୟାସୀ !
ଏହି ବ୍ରତରେ ବ୍ରତୀ ହେବା ସଙ୍ଗେ ସଙ୍ଗେ
ଦୃଢ଼ ନିଷ୍ପତ୍ତି କରି ବାନ୍ଧିରଖ
ଅନ୍ତରରେ ତୁମର—
ତୁମେ ତାଙ୍କରି ସନ୍ତାନ —ଯିଏ ଅନାମୀ ପୁରୁଷ,
ତୁମର ବି ନାମ ନାହିଁ—
ଥିଲା ବି ନାହିଁ କେବେ—
ଯେ ନାମରେ ଅଭିହିତ ହୁଅନା କାହିଁକି—
ତାହା ତୁମର ଉପାଧିର—
ବିବର୍ତ୍ତନର ବହୁ ଘୂର୍ଣ୍ଣି ଅତିକ୍ରମ କରି
ସଂଯୋଗ ବିୟୋଗର ପ୍ରସ୍ରବଣରେ
ଭାସି ଭାସି ତୁମେ ଆଜି ଯାହା ବା ଯେଉଁଥିରେ
ପରିଣତ ହୋଇଛ — ସେହି ପରିଚାନର—
ଆଜି ଯେ ଶରୀରରେ ତୁମେ ଆଜି ଅଧିଷ୍ଠିତ—
ତାହା ତୁମର ଅତିଥି-ଆବାସ,—
ତୁମର କେହି ନାହିଁ—
କେହି ନ ଥିଲେ—
ଦେଖୁଛ ଯାହା ଅଛି—
ତାହା ବି କିଛି ନାହିଁ ବୋଲି ହିଁ ଜାଣିରଖ,
ବିଶ୍ୱେଶ୍ୱର ଯିଏ - ତାଙ୍କର ଆଶୀର୍ବାଦ ହିଁ ତୁମେ—

Scanned by CamScanner

ଆଜି ସେହି ତୁମର ଏକାନ୍ତ—
ସେହି ତାଙ୍କର ମୂର୍ତ୍ତି ପ୍ରତୀକ—ତୁମର ଇଷ୍ଟ,
ତୁମର ଗୃହର ଛାତ ଆକାଶ—
ଶଯ୍ୟା ତୁମର—ଏହି ଶ୍ୟାମଳିମାର
ବୁକୁରେ ବିଛାଇ ରହିଛି ଯେଉଁ ତୃଣ ବିତାନ—
ପ୍ରକୃତିର ଦୁର୍ଯୋଗ ବା ସ୍ୱସ୍ତି—
ତାଙ୍କର ଶାସନ ଓ ପ୍ରେମ ଚୁମ୍ବନ, —
ମନେ ରଖିଥାଅ କ୍ଷୁଧାରେ ଅନ୍ନ ପାଇବ ନାହିଁ -
ତୃଷ୍ଣାରେ ଜଳ ପାଇବ ନାହିଁ—
ପରିଧାନର ବସ୍ତ୍ର ପାଇବ ନାହିଁ—
ଅର୍ଥ ପାଇବ ନାହିଁ—

ରୋଗରେ ଶୁଶ୍ରୂଷା ପାଇବ ନାହିଁ—
ଔଷଧ ପାଇବ ନାହିଁ—
ଆତ୍ମୀୟ ସ୍ୱଜନ, ପରିବାର ପରିଜନ ଯେଉଁମାନେ
ତୁମ ଉପରେ ନିର୍ଭର କରି ଜୀବନ ଧାରଣ କରନ୍ତି—
ସେମାନେ ହୁଏତ ତୁମ ସମ୍ମୁଖରେ
ଦୁର୍ଦ୍ଦଶାରେ ପରିପେଷଣରେ ନିଷ୍ପେଷିତ ହୋଇଯିବେ—

ହୁଏତ ପ୍ରତ୍ୟେକେ ତୁମକୁ ଘୃଣା କରିବେ—
ଅପମାନ କରିବେ—
ବିଚାରରେ ଉପସ୍ଥାପିତ କରିବେ—
ତେବେ ବି ତୁମକୁ ଅଟଳ ରହିବାକୁ ହେବ—
ଅଚଳ ରହିବାକୁ ହେବ—

ଅଟୁଟ ଏକ ନିଷ୍ଠାରେ
ପ୍ରବୃତ୍ତିକୁ ନିର୍ମମ ଅବଜ୍ଞାରେ
ପ୍ରତ୍ୟାଶା ରହିତ କରି
ଅତ୍ୟନ୍ତ ଏକନିଷ୍ଠ ଆଧ୍ୟାତ୍ମାନୁରାଗର ସହିତ
ତାଙ୍କଠାରେ ନିରନ୍ତର ହୋଇ ଚଳିବାକୁ ହେବ—
ରହିବାକୁ ହେବ— କରିବାକୁ ହେବ —କହିବାକୁ ହେବ,

Scanned by CamScanner

କାମ କାଞ୍ଚନ ବା ଯଶୋଲିପ୍ସା
ଯେପରି ତୁମକୁ ସ୍ପର୍ଶ ବି କରି ନପାରେ,
ପ୍ରତ୍ୟେକ ଜୀବନ ହିଁ ତାଙ୍କର ବିବର୍ତ୍ତିତ ବିଗ୍ରହ ବୋଲି
ଇଷ୍ଟାନୁଗ ସେବାରେ—

ପ୍ରତ୍ୟେକଙ୍କୁ ବର୍ଦ୍ଧିତ କରି
ପ୍ରତିଷ୍ଠା କରିବାକୁ ହେବ ତାଙ୍କୁ ହିଁ—
ଅନ୍ତରର ଅକାଟ୍ୟ ସିଂହାସନରେ
ପ୍ରତ୍ୟେକଙ୍କର ହିଁ ଅନ୍ତରରେ—
ତୁମର ତପଃପ୍ରାଣତାର କୌଳିସରେ
ଦୀପ୍ତକରି ତୋଳିବାକୁ ହେବ ସମସ୍ତଙ୍କୁ—
ଆଲୋକରେ ଉଜ୍ଜ୍ୱଳ କରି—

ଆଉ ଉପଭୋଗ ମଧ୍ୟ ତୁମର ତାହା ହିଁ,
ଯାହା ପାଅ— ପ୍ରୀତି ଉନ୍ମାଦନାର ଉତ୍ସର୍ଜ୍ଜନୀ ଯାହା
ସେଥିରେ ହିଁ ଖୁସି ଥାଅ—ସନ୍ତୁଷ୍ଟ ଥାଅ
ବୃତ୍ତି ରଖ ତାହା ହିଁ ତୁମର ଜୀବିକା,
ଯେ ବା ଯେଉଁମାନେ ଅଧିଗମନର ଉଦାତ୍ତ ଉଦ୍ୟମରେ
ସବୁ ଅବସ୍ଥାରେ ଦୃଷ୍ଟିକୁ ବଜାୟ ରଖିପାରନ୍ତି
ଆଶୀର୍ବାଦ ମଧ୍ୟ ଆସେ ସେମାନଙ୍କ ନିକଟରୁ ହସ୍ତ ପ୍ରସାରଣ କରି ।

ଆତୁର ଶୁଣ ! ଆତୁର କହେ—
ତୁମର ସମ୍ବିତ୍ —ତୁମର ସମ୍ବୋଧି—
ତୁମର ତପୋବିଭୂତି
ଯାହା ସ୍ୱତଃ ଅନୁରାଗରେ ଇଷ୍ଟାନୁଗ
ଅନୁରାଗ ଉଦ୍ଦୀପ୍ତ ହୋଇ
ତୁମର ନିଜକୁ ଆହୁତି ପାଇ
ଇଷ୍ଟରେ କେନ୍ଦ୍ରାୟିତ ହୋଇ
ଭୂମାୟିତ ବ୍ୟାପ୍ତି ନେଇ
ଅଣୁକଣାରେ ମଧ୍ୟ ଆବର୍ତ୍ତିତ ହେଉ ହେଉ—
ଏକତାନତାରେ ବିରାଟରେ ପର୍ଯ୍ୟବେସିତ ହୋଇ

Scanned by CamScanner

ସାର୍ଥକ କରି ତୋଳନ୍ତୁ—

ସବୁ ଯାହା କହୁଛୁ
ଚେତନ ଉଦ୍ଦୀପନାରେ
ମହାଚେତନ ସମୁତ୍ଥାନରେ
ବ୍ୟଷ୍ଟି ଓ ସମଷ୍ଟିର ପ୍ରତ୍ୟେକକୁ ନନ୍ଦିତ କରି
ଅମରଣ ପରିବେଷଣରେ—

ଯେଉଁ ଅନୁଭୂତି ତୁମର
ଗୁରୁ ଗମ୍ଭୀର ଔଜ୍ଜ୍ୱଲ୍ୟରେ
ଚିନ୍ତା, ଚଳନ, ବାକ୍ ଓ ବ୍ୟବହାରରେ
ଉତ୍ଫୁଲ୍ଲ ମନରେ ଘୋଷଣା କରୁଛୁ—
"ମା ମ୍ରିୟସ୍ୱ ! ମା ଜହ୍ୱ ! ମୃତ୍ୟୁମବଲୋପସ୍ୱ"—
ତାକୁ ପ୍ରତି ବ୍ୟଷ୍ଟି ଜୀବନରେ
ପ୍ରତି ସମାଜ ଜୀବନରେ
ପ୍ରତି ରାଷ୍ଟ୍ର ଜୀବନରେ
ଜୀବନ୍ତ ପରିବେଷଣରେ
ସମ୍ବର୍ଦ୍ଧନୀ ଅମୃତ ବିକୀରଣରେ
ଉଜ୍ଜ୍ୱଳ କରିବାରେ
ନିରସ୍ତ ହୁଅ ନାହିଁ କେବେହେଲେ—

ତୁମର ଆଗ୍ରହ, ତୁମର ନିୟମ,
ତୁମର ନିଷ୍ଠା, ତୁମର ଚିନ୍ତା,
ତୁମର ବାକ୍, ତୁମର କର୍ମ,—
ଗୋଟିଏ କଥାରେ ତୁମର ଜୀବନ
ଦୁନ୍ଦୁଭି ନିନାଦରେ, ଅମୃତ ନିକ୍ୱଣନରେ, ଆହ୍ଲାଦ ଔଜ୍ଜ୍ୱଲ୍ୟରେ
ଯେପରି ସମସ୍ତଙ୍କୁ
ଉଦ୍ଦୀପ୍ତ କରି ତୋଳେ—
ଜୀବନ୍ତ କରି ତୋଳେ—
ଐକ୍ୟରେ,—ଶକ୍ତିରେ – ସ୍ଥୈର୍ଯ୍ୟରେ –
ପାରସ୍ପରିକ ସହଯୋଗିତାରେ—ସମ୍ବର୍ଦ୍ଧନୀ ହୋମ ତାତ୍ପର୍ଯ୍ୟରେ ।

Scanned by CamScanner



ଋତ୍ୱିକ ଦେବ ସୁଶୀଲ ରଞ୍ଜନ ଦାସ

ଜନ୍ମ—୧୯୨୧, ସଦ୍‌ଗୁରୁ ଗ୍ରହଣ—୧୯୫୩, ତିରୋଧାନ—୧୯୭୮ ।

Scanned by CamScanner

॥ ଏକ ॥

ମନୁଷ୍ୟ ସାଧାରଣତଃ ପରିଚାଳିତ ହୁଏ ମନ ଦ୍ୱାରା । ଆଉ ସେହି ମନ ଯଦି ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୁଏ ତାହେଲେ କାଣ୍ଡାରୀବିହୀନ ନୌକା ପ୍ରଚଣ୍ଡ ଝଡ଼ରେ ସମୁଦ୍ର ଭିତରେ ଯେପରି ଅବସ୍ଥା ହୁଏ ମନୁଷ୍ୟର ଠିକ୍ ସେହି ଅବସ୍ଥା ହୁଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ମନୁଷ୍ୟର ଜୀବନ ସମ୍ମୁଖରେ ଯଦି କୌଣସି ଇଷ୍ଟ ବା ଆଦର୍ଶ ନ ଥାଏ ତାହାହେଲେ ସେହି ଜୀବନ ମଧ୍ୟ ବାତ୍ୟା ବିଧ୍ୱଂସୀ ନୌକା ଠାରୁ ଆହୁରି ପ୍ରଚଣ୍ଡ ବେଗରେ ଧ୍ୱଂସ ଆଡ଼କୁ ଧାଇଁ ଚାଲେ । ଏହିପରି ଇଷ୍ଟବିହୀନ ଚାଲିବା ଆଜି ଅତି ଦ୍ରୁତ ଆମ୍ଭମାନଙ୍କୁ ଧ୍ୱଂସ ଆଡ଼କୁ ନେଇ ଚାଲିଛି । ବଲ୍‌ଗାବିହୀନ ଘୋଡ଼ା ପରି ମୁଁ ମଧ୍ୟ ଭାସି ଚାଲିଥିଲି ସେହି ଭାବରେ । କରୁଣାମୟ ଦୀନଦୟାଳ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେହି ମୂର୍ତ୍ତିରେ ଆସି ଧରିଲେ ମୋର ଜୀବନ ଚଳପଥର ବଲ୍‌ଗା । କେବେ ଉପଲବ୍ଧି କରି ପାରୁ ନ ଥିଲି ଇଷ୍ଟ ବା ଗୁରୁର କୌଣସି ପ୍ରୟୋଜନ ଅଛି ବୋଲି, ଅନିୟନ୍ତ୍ରିତ ଜୀବନଟାକୁ ନେଇ ଚାଲୁଥିଲି ଅନିୟନ୍ତ୍ରିତ ମନର କ୍ଷୁଧା ମେଣ୍ଟାଇବା ପାଇଁ । ଶୁଭ ଅଶୁଭବୋଧ ନାହିଁ, ଭଲ ବୋଲି ଯାହା ମନେ ହେଉଥିଲା ଚାଲୁଥିଲି ସେହି ମରୀଚିକା ପଛରେ । ମିଳିଛି ବହୁତ, ଭଲ କିଛି ନାହିଁ ; ଚିନ୍ତା ଆସିଲା ମନରେ ଭଲ ହେବା ପାଇଁ । କିନ୍ତୁ ଚିନ୍ତା ଆସିଲେ କଣ ହେବ ? ଭଲ, ସେ କାହିଁ ? ସବୁଠି ଖୋଜି ଚାଲିଛି, ଦେଖୁଛି ସୁଧୁ ନାହିଁ, ନାହିଁ, ନାହିଁ । ମନ ଛଟପଟ କରୁଛି, ସମାଜ ସଂସାର, ଶିକ୍ଷା ପ୍ରତିଷ୍ଠାନ, ଯାହାଙ୍କୁ ଯେଉଁଠି ଭେଟିଛି ସବୁଠି ଶୁଣିଛି ନୀତିବାକ୍ୟ, ଉପଦେଶ । ସେଗୁଡ଼ିକ କଣ ଖାଲି କହିବା ପାଇଁ ? ପୃଥିବୀରେ ଏହାର କଣ ଜୀବନ୍ତ ଆଦର୍ଶ ନାହିଁ ? ଖୁବ୍ ଅସହାୟବୋଧ କରୁଛି ନିଜକୁ । କିନ୍ତୁ ନିଜକୁ ଯେତେ ଅସହାୟବୋଧ କଲେ

Scanned by CamScanner

ମଧ୍ୟ ପ୍ରକୃତ ଦେଖା ଲଦାଇ ଚାଲନ୍ତି ମୋ ପିଠିରେ ବୋଝ ଉପରେ ବୋଝ। ସାରଥିବିହୀନ ମୋର କି ଅବସ୍ଥା ! ଯେଉଁଦିନ କରୁଣାମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆସି ଦୟାକରି ଉପସ୍ଥିତ ହେଲେ ମୋର ଜୀବନରେ, ଝଙ୍କାସି ଉଠିଲି ଦେଖି, ଯାହାକିଛି ଦେଖୁଥିଲି ପୂର୍ବେ ସବୁକିଛିର ରୂପ ପାଲଟିବାକୁ ଆରମ୍ଭ କଲା ମୋର ଆଖି ସାମ୍ନାରେ। ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟାକରି ଗ୍ରହଣ କଲେ ମୋତେ ଶିଷ୍ୟ ରୂପରେ। ପାଇଲି ଆଦର୍ଶ ପୁରୁଷ (Ideal), ସର୍ବପୂରଣକାରୀ ମହାପୁରୁଷ ମହାମାନବଙ୍କୁ। ନୂତନ ଜୀବନର ଆସ୍ୱାଦନ କରୁ ନ କରୁ ଦଉଡ଼ି ଆସିଲା ମୋର ପଛରେ ପଡ଼ିଥିବା ଜୀବନ, ଯାହାକି ଗ୍ଳାନି ଦୁଃଖ ଓ ଧୂଳିରେ ଭରା। ଟଣାଟଣି ଚାଲିଛି, ଗୋଟିଏ ଦିଗରେ ଅପଯନ୍ତ ଜୀବନର ପ୍ରଲୋଭନ, ଆଉ ଗୋଟିଏ ଦିଗରେ ସଦ୍‌ଗୁରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନ ସାନିଧ୍ୟେ ଆସି ଆଭାସ ମିଳୁଥିବା ସତ୍ତା। ମନ ଚାହୁଁଛି ସେହି ପଥରେ ଚାଲିବା ପାଇଁ, କିନ୍ତୁ ଦୁର୍ବଳ ମୁଁ ସବଳ ପଦକ୍ଷେପରେ ଆଗେଇ ଯାଇ ପାରୁଛି କାହିଁ ? କହିଲି ମୋର ଇଷ୍ଟ ଦେବତା ଶ୍ରୀଶ୍ରୀ ଠାକୁରଙ୍କୁ —"ଠାକୁର, ବୁଦ୍ଧିରେ ବୁଝୁଛି, କିନ୍ତୁ କରିପାରୁ ନାହିଁ। ଜନ୍ମ ମୋର ବୃଥା ଗଲା"। ଶ୍ରୀଶ୍ରୀ ଠାକୁର ଆଶ୍ୱାସନା କଣ୍ଠରେ କହିଲେ—

"ଆମାରେ ଯେ ବଡ଼ ବଲେ, ଆପନାରେ ହୀନ
ତାର ପ୍ରେମେ କଭୁ ଆମି ନା ହଇ ଅଧୀନ।"

"ମହାପ୍ରଭୁ ଚୈତନ୍ୟଦେବଙ୍କର ଏହି କଥା ଶୁଣି ନାହଁ କି ? ଡଙ୍ଗା ଯେପରି ଭଙ୍ଗା ଥାଉ, ଚାଳକ ବା ନାବିକ ଯଦି ଦକ୍ଷ ଥାଏ, ଯାତ୍ରୀମାନେ ନିଶ୍ଚିନ୍ତ ମନରେ ସେ ଡଙ୍ଗାରେ ଯିବା ଆସିବା କରନ୍ତି। କାହିଁକି ନା ଉପଯୁକ୍ତ ଚାଳକ ବା ନାବିକ ଯେପରି ଜାଣନ୍ତି ତଟ ହେଉ ନା କାହିଁକି ତାକୁ ସଜାଡ଼ି ନେଇ ନିଶ୍ଚିତ ପହଞ୍ଚାଇ ଦେବ ସାଗରର ଅପର ପାର୍ଶ୍ୱରେ। ଯଦି କୌଣସି ସତ୍ୟ ବୁଝିଥାଅ, ମୁହୂର୍ତ୍ତେ ଡେରି ନ କରି ଲାଗିପଡ଼ ସେହି ସତ୍ୟ ପଛରେ ତାକୁ ଆହରଣ କରିବା ପାଇଁ। ଆଉ ଯାହାଙ୍କ ପାଖକୁ ଗଲେ ତାହା ଆହରଣ ହୋଇ ପାରିବ ତାଙ୍କୁ ଧରି କର୍ମ କରିଯାଅ ନିଷ୍ଠା ସହକାରେ। ଫଳପ୍ରାପ୍ତିର ଆଶା ଛାଡ଼ିଦିଅ ସେହି ଇଷ୍ଟଙ୍କ ଉପରେ। ଫଳପ୍ରାପ୍ତି ପାଇଁ କିଛି କରିବାକୁ ଗଲେ ନିଶାଣ ଠିକ୍ ରହିବ ନାହିଁ, ଶ୍ରାନ୍ତ କ୍ଳାନ୍ତ ହୋଇ ପଡ଼ିବ, ମାପି ଦେଖିବାର ଇଚ୍ଛା ହେବ କେତେ ପାଇଲି, କେତେ ପାଇଲି ନାହିଁ। ତେଣୁ ଆଉ ଆଗେଇ

Scanned by CamScanner

ହେବ ନାହିଁ । ମାପୁ ମାପୁ ଦିନ ବିତିଯିବ । ଜୀବନ ମଧ୍ୟ ବିତିଯିବ । କୌଣସି ପ୍ରାପ୍ତି ଆଉ ବାସ୍ତବ ରୂପ ଧରି ସାମ୍ନାରେ ଉପସ୍ଥିତ ହେବ ନାହିଁ । ତେଣୁ ସଦ୍‌ଗୁରୁ ବା ଇଷ୍ଟଙ୍କ ଉପରେ ବିଶ୍ୱାସ ଭକ୍ତି ନିଷ୍ଠା ସହକାରେ ଆଗେଇ ଚାଲ । ଯଦି କେତେବେଳେ ଦେଖ—ଯାହା ଉପରେ ବିଶ୍ୱାସ ସ୍ଥାପନ କରିଛ, ସେ ବିଶ୍ୱାସର ଉପଯୁକ୍ତ ନୁହଁନ୍ତି, ଆହୁରି ତୀକ୍ଷ୍ଣ, ତୀବ୍ର ଭାବରେ ନିଷ୍ଠା ସହକାରେ ଅନୁସରଣ କର ତାଙ୍କୁ । କ୍ରମାଗତ ସତ୍ୟ ଉଦ୍‌ଘାଟିତ ହେବ ତୁମ୍ଭ ସମ୍ମୁଖରେ । ଏହି ଭାବରେ ଯେତେବେଳେ ନିଶ୍ଚିତ ଭାବରେ ବୁଝିବ ଯେ ଅପାତ୍ରେ ବିଶ୍ୱାସ ସ୍ଥାପନ ହୋଇଛି, ମୁହୂର୍ତ୍ତେ ପରିତ୍ୟାଗ କରିବ ତାଙ୍କୁ । ଆଉ ଯଦି ସତ୍ୟ ମିଳିଯାଏ, କଥାରେ କର୍ମରେ ସଙ୍ଗତ ମେଳ ଦେଖୁଥିବ, ତୁମ୍ଭର ଅନ୍ତର ଭିତର ନାଚି ଉଠିବ, ତାଥେଇ ତାଲେ ଗାଇ ଉଠିବ ସେହି ସତ୍ୟର ଜୟ । ଧୀରେ ଧୀରେ ତୁମର ଚରିତ୍ର ଭିତରେ ବିନାସ୍ଥିତ ହୋଇ ଉଠିବ ସେହି ଇଷ୍ଟଙ୍କର ଜୀବନଧାରାର ଅମୃତ ରସ । ସେହି ରସାସ୍ୱାଦ କେବେହେଲେ ଭୁଲି ପାରିବ ନାହିଁ । ସେତେବେଳେ କୌଣସି ବାଧାବିଘ୍ନ ତୁମ୍ଭକୁ ରୁଦ୍ଧ ବା ଅବସନ୍ନ ନ କରି କ୍ରମାଗତ ଉଚ୍ଚରୁ ଉଚ୍ଚ ଆଡ଼କୁ ଟାଣି ନେଇଯିବ । ହୀନ ବା ଦୁର୍ବଳ ବୋଲି କେହି ନାହିଁ । ପୃଥିବୀର ପ୍ରତିଟି ମନୁଷ୍ୟ ପରମ ପିତାର ସନ୍ତାନ । ତେଣୁ ହୀନ ବା ଅଶକ୍ତ ହେବାର ପ୍ରଶ୍ନ କାହିଁ ? ଚାଲ୍ ନାହିଁ, କରୁ ନାହିଁ ବୋଲି ନିଜକୁ ଦୁର୍ବଳ, ହୀନ ବୋଲି ଭାବୁଛ । ତେଣୁ ତାହାର ପାଇଁ କୁହାଯାଇଛି, "ଉତ୍ତିଷ୍ଠତଃ, ଜାଗ୍ରତ, ପ୍ରାପ୍ୟ ବରାନ୍ ନିବୋଧତ" । "ଉଠ, ଜାଗ, ଲାଗିପଡ଼ ସେହି କର୍ମରେ ଯାହାକି ଆଣିବ ତୁମ୍ଭ ଜୀବନରେ ମଙ୍ଗଳ ଏବଂ ଶୁଭ । ଆଉ ଏହି ମଙ୍ଗଳ ବା ଶୁଭ ସମ୍ମୁଖରେ ରହିଥିବା କୌଣସି ଆଦର୍ଶ ଭିତରେ ଯେତେବେଳେ ପ୍ରତିଷ୍ଠିତ ଦେଖିବ, ଉତ୍ସାହିତ ହୋଇ ଉଠିବ, ଆନନ୍ଦିତ ହୋଇ ଉଠିବ, ଆଳସ୍ୟ ଦୂର ହୋଇଯିବ, ଆଉ ଏହି ସମ୍ମୁଖରେ ରହିଥିବା ଇଷ୍ଟ ବା ଗୁରୁ ନିରଳସ ଭାବରେ ତୁମ୍ଭଙ୍କୁ ଦେଖାଉଥିବେ ସୁନ୍ଦରର ପଥ । ଶ୍ରାନ୍ତ କ୍ଳାନ୍ତ ବିନୋଦନ କରିଦେବେ, କ୍ଷୁଧାରେ ଅନ୍ନ ଯୋଗାଇବେ, ତୃଷ୍ଣାରେ ପାଣି ଦେବେ, ସନ୍ତାପର ଅସ୍ଥିର ମନରେ ଆଣିଦେବେ ସ୍ଥିରତା, ଧୈର୍ଯ୍ୟ, ଓ ସ୍ଥୈର୍ଯ୍ୟଶକ୍ତି ଆସିବ ଅସୀମ । ଜୀବନକୁ ଯେତେ ବିସ୍ତାର ଆଡ଼କୁ ନେଇଯିବ ତୁମ୍ଭେ ମଧ୍ୟ ବିସ୍ତାରିତ ହୋଇ ଉଠିବ ସେତିକି ପରିମାଣରେ । ଆଉ ଏହି ବିସ୍ତାରର ମାପ ନାହିଁ, ଅନନ୍ତ, ଅନନ୍ତ, ଏହି ଆନନ୍ଦର ପଥ ।" ଠାକୁର ସୂଚନା ଦେଲେ ଏକ ଦିଗରେ ଅନନ୍ତ ଆନନ୍ଦର ପଥ, ଅନ୍ୟ ଦିଗରେ ପଛରୁ ଡାକୁଛି କ୍ଷୁଦ୍ର ମାୟା ମମତା ଓ ପ୍ରବୃତ୍ତିର

କ୍ଷୁଧା । ଘଡ଼ିର ପେଣ୍ଡୁଲମ୍ ପରି ଏପଟ ସେପଟ ହେଉଛି ମନ ଚଞ୍ଚଳ । ଘଡ଼ିର ପେଣ୍ଡୁଲମ୍ ନିୟନ୍ତ୍ରିତ ଭାବରେ ଏପଟ ସେପଟ ହୁଏ, ମୋର ମନ କିନ୍ତୁ ଏପଟ ସେପଟ ହେଉଛି ଅନିୟନ୍ତ୍ରିତ ଭାବରେ, ସ୍ଥିର ଲକ୍ଷ୍ୟ କିଛି ନାହିଁ । ଏତେ ଦିନ ଯାହା କିଛି ଦେଖି ଆସିଥିଲି, ଯାହା କିଛି ଭଲ ପାଉଥିଲି, ଯାହା କିଛି ପଛରେ ଜୀବନକୁ ବିତାଇ ଦେଉଥିଲି ଆଜି ମୋର ସମ୍ମୁଖରେ ବସିଛ ଇଷ୍ଟରୂପୀ କିଏ ତୁମେ ଠାକୁର ! ବିଗତ ଜୀବନକୁ ସ୍ତବଧ୍ କରିଦେଇ ମୁହୂର୍ତ୍ତିକେ ଜୀବନ ସମ୍ମୁଖରେ ନେଇ ଆଣିଲ ଯେଉଁ ପଥ, ବିଗତ ଜୀବନ ଠାରୁ ଏହାର ଆକର୍ଷଣ ଦେଖୁଛି ଅତି ଶକ୍ତିଶାଳୀ ଚୁମ୍ବକ ପରି । ତଥାପି ମନ ସ୍ଥିର ହେଉ ନାହିଁ । ଅସ୍ଥିରତା ବା ଚଞ୍ଚଳତା ଯାହାର ଧର୍ମ, ଏହି ଅସ୍ଥିରତାକୁ ସ୍ଥିର କରିପାରେ ଏକମାତ୍ର ସର୍ବଶକ୍ତିମାନ ସେହି ପରମାତ୍ମା । ଆଉ ସେହି ପରମାତ୍ମାର ପ୍ରତୀକ ହେଉଛନ୍ତି ଅବତାର ପୁରୁଷ, ସଦ୍‌ଗୁରୁ ତଥା ପୁରୁଷୋତ୍ତମ । ମନ ଭାବିଗଲିଛି, ମୋର ସମ୍ମୁଖେ ଯେ ଏ କିଏ ସେହି ? ତାଙ୍କୁ ଦେଖିବାର, ତାଙ୍କୁ ଚିହ୍ନିବାର ଆଖି ତ ମୋର ଫିଟି ନାହିଁ । ସେହି ମୁହୂର୍ତ୍ତେ ଜଣେ ଲୋକ ଆସି ଶ୍ରୀଶ୍ରୀ ଠାକୁରଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ପ୍ରଣତ ହୋଇ ବସି ପଡ଼ିଲେ । ପଛରେ ଲୋକ ମୁହଁରୁ ଜାଣି ପାରିଲି ସେ ହେଉଛନ୍ତି ସାଧକ ଶ୍ରେଷ୍ଠ ପୁରୁଷ ଶ୍ରୀଯୁକ୍ତ କୃଷ୍ଣ ପ୍ରସନ୍ନ ଭଟ୍ଟାଚାର୍ଯ୍ୟ । ସେ କି ମହା ପଣ୍ଡିତ । ଦିନେ ଶ୍ରୀଶ୍ରୀ ଠାକୁରଙ୍କ ପାଖରୁ ଶୁଣିଥିଲି—"କେଷ୍ଟଦା ନିଜେ ଏକାହିଁ ମୋର ୬୦ ହଜାର ଟଙ୍କାର ଲାଇବ୍ରେରୀ ।" ମୁଁ ବୁଝି ନ ପାରି ଠାକୁରଙ୍କୁ ପଚାରିଲି—ଠାକୁର, ଏହାର ଅର୍ଥ କଣ ମୁଁ ବୁଝିପାରୁ ନାହିଁ । ଶ୍ରୀଶ୍ରୀ ଠାକୁର କହିଲେ –(ସେତେବେଳକାର ଦିନରେ) "୬୦ ହଜାର ଟଙ୍କାର ବହି କିଣି ଗୋଟିଏ ଲାଇବ୍ରେରୀରେ ରଖିଲେ ସେହି ବହି ଭିତରେ ଯେତିକି ବିଦ୍ୟା ବା ଜ୍ଞାନର କଥା ଅଛି ବହୁ ଲୋକ ପଢି ମଧ୍ୟ ତାକୁ ଶେଷ କରି ପାରିବେ ନାହିଁ, କିନ୍ତୁ କେଷ୍ଟଦା ତାଙ୍କର ଗୋଟିଏ ଆଧାର ଭିତରେ ସେହି ବିଦ୍ୟା ଜ୍ଞାନ ସବୁ ଧରି ରଖିଛନ୍ତି । ଯେତେବେଳେ ଯାହା କିଛି ମୁଁ ପଚାରିଲେ ସାଙ୍ଗେ ସାଙ୍ଗେ ସେ reference ଦିଅନ୍ତି ସେ କଥା କେଉଁ ବହିରେ ଅଛି । ଆଉ ତା ସାଙ୍ଗରେ ରହିଛି ତାଙ୍କର ସ୍ୱତଃସ୍ଫୂର୍ତ୍ତ ସାଧନା ।" କେଷ୍ଟଦାଙ୍କର ଏହି ପରିଚୟ ମୁଁ ପୂର୍ବରୁ ପାଇ ତାଙ୍କ ଉପରେ ଶ୍ରଦ୍ଧାନ୍ୱିତ ଥିଲି । କେଷ୍ଟଦା ବସି ବସି ଶ୍ରୀଶ୍ରୀ ଠାକୁରଙ୍କୁ ବହୁ ପ୍ରଶ୍ନ କରିବାକୁ ଲାଗିଲେ । ଗୀତା, ବାଇବେଲ, କୋରାନ୍ ବିଭିନ୍ନ ଉପନିଷଦରୁ ବହୁ ପ୍ରଶ୍ନ ଶ୍ରୀଶ୍ରୀ ଠାକୁର ମନୋହରକାରୀ ଭଙ୍ଗୀରେ ଅତି ସରଳ ଭାବରେ ପ୍ରତିଟି କଥାର

Scanned by CamScanner

ଯଥାଯଥ ଉତ୍ତର ଦେଇ ଚାଲିଛନ୍ତି । ମଝିରେ ମଝିରେ କେଷ୍ଟଦାଙ୍କୁ କହୁଛନ୍ତି— "କେଷ୍ଟଦା, ଆମି ମୁଖ୍ୟୁ ସୁଖ୍ୟୁ ମାନୁଷ । (ମୁଁ ମୂର୍ଖ ମଣିଷ ।) କେବେ କୌଣସି ଶାସ୍ତ୍ର ପଢ଼ି ନାହିଁ । ଯାହାକିଛି କହୁଛି କିଛି ଭୁଲ କହୁ ନାହିଁ ତ ?" କେଷ୍ଟଦା ଲଜ୍ଜାନମ୍ର ଆଖି ଅବନତ କରି ପ୍ରତିଥର ହିଁ କହୁଛନ୍ତି— "ନା, ନା, ଠାକୁର, ଏହାହିଁ ତ କଥା । ବିଦ୍ୟା ଆମର ସତ୍ୟ ବୁଝିବାର ଅନ୍ତରାୟ ହୋଇ ଉଠିଛି । Philosophy ପଢ଼ି Argumentative ହୋଇ ଉଠିଛି । ବାସ୍ତବ ସତ୍ୟକୁ ଉପେକ୍ଷା କରି କଳ୍ପନାବିଳାସୀ ହୋଇ ପଡ଼ୁଛି ।" ସାଙ୍ଗେ ସାଙ୍ଗେ ଠାକୁର କହି ଉଠିଲେ — "ଆପଣଙ୍କର Philosophy ପଢ଼ିବା ସାର୍ଥକ ହୋଇ ଉଠିଛି । Philosophy ଅର୍ଥ ଦର୍ଶନ । ଆପଣଙ୍କର ସେହି ଦର୍ଶନ ଆସି ଯାଇଛି । ସତ୍ୟକୁ ଉପଲବ୍ଧି କରିଛନ୍ତି ଏବଂ କ୍ରମାଗତ ଆହୁରି ଆହୁରି କରି ଉପଲବ୍ଧି କରି ଚାଲିଛନ୍ତି । ଯେ କୌଣସି ବିଦ୍ୟା ସେତିକିବେଳେ ସାର୍ଥକ ହୋଇ ଉଠେ, ତାହା ଯେତେବେଳେ ମୁଖର କଥା ନ ହୋଇ ଚରିତ୍ର ଭିତରେ ଆସି ଜୀବନକୁ ଉଜ୍ଜ୍ୱଳ କରି ତୋଳେ । ଆଉ ଏହି ଉଜ୍ଜ୍ୱଳ ଜୀବନ ସମାଜର ଲୋକମାନଙ୍କୁ କରେ ଆକର୍ଷଣ । ସେମାନେ ମଧ୍ୟ ପାଇବାକୁ ଚାହାନ୍ତି ସେହି ହିରଣ୍ମୟ ଜୀବନ" । କେଷ୍ଟଦା ଲଜ୍ଜାନମ୍ର ଆଖିରେ ପୁନଃ ପୁନଃ ପ୍ରଶ୍ନ କରି ଚାଲିଛନ୍ତି ଶ୍ରୀଶ୍ରୀ ଠାକୁରଙ୍କୁ, ବ୍ୟାଖ୍ୟା ପାଇବାକୁ ଚାହୁଁଛନ୍ତି ସେହି ପରମ-ପୁରୁଷଙ୍କ ପାଖରୁ । ଧୀରେ ଧୀରେ ବହୁଲୋକ ଆସି ସେଠାରେ ଉପସ୍ଥିତ ହେଲେ । ସେଠାକାର ସମସ୍ତ ପରିବେଶଟା ସ୍ୱର୍ଗୀୟ ପ୍ରଭାବରେ ପ୍ରଭାବିତ ହୋଇ ଉଠିଛି । ଶ୍ରୀଶ୍ରୀ ଠାକୁରଙ୍କୁ ଦେଖିଲେ ମନେ ହେଉଛି ସେ ଯେପରି ଏ ଜଗତରେ ନାହାନ୍ତି । ଅଥଚ ଅବଲୀଳା କ୍ରମେ ପ୍ରତିଟି ପ୍ରଶ୍ନର ମୀମାଂସା କରି ଦେଉଛନ୍ତି ନିଃଶେଷେ । ଦିନ ପ୍ରାୟ ସାଢ଼େ ଦଶଟା ବାଜିବାକୁ ଗଲାଣି । ଜଣେ ଲୋକ ଅସ୍ତବ୍ୟସ୍ତ ହୋଇ ଠାକୁରବାଂଲାର ଯେଉଁ ପ୍ରକୋଷ୍ଠରେ ବସି ଆଳାପ କଥାବାର୍ତ୍ତା ହେଉଥିଲା, ତାହା ଭିତରେ ପ୍ରବେଶ କରି ଶ୍ରୀଶ୍ରୀ ଠାକୁରଙ୍କୁ ଭୂଲୁଣ୍ଠିତ ହୋଇ ପ୍ରଣାମ କରି କହିଲେ— "ଠାକୁର ! ମୋର ଗୋଟିଏ କଥା ଅଛି ।" ମନେହେଲା ଶ୍ରୀଶ୍ରୀ ଠାକୁର ଫେରି ଆସିଲେ ଅନ୍ୟ କୌଣସି ଜଗତରୁ । ସାଧାରଣ ମନୁଷ୍ୟ ପରି ସ୍ନେହାପ୍ଲୁତ କଣ୍ଠେ କହିଲେ— "କୁହ, ତୁମର କି କଥା ଅଛି ?" ଉପସ୍ଥିତ ସମସ୍ତେ ବିସ୍ମିତ ଭାବରେ ଲୋକଟି ଆଡ଼କୁ ଅନାଇ ରହିଛନ୍ତି, ଏପରି ସୁନ୍ଦର ପରିବେଶକୁ ଲୋକଟି ଆସି ବାଧା ଦେଲା, କଣ ତାର ଏପରି କଥା ରହିଛି ଜାଣିବା ପାଇଁ ? ଶ୍ରୀଶ୍ରୀ ଠାକୁରଙ୍କର ଆଶ୍ୱାସନା ପାଇ ଆଗନ୍ତୁକ ଲୋକ

କହିଲେ, "ଠାକୁର ! ମୋର ଗୋଟିଏ ମାତ୍ର ପୁଅ ଆପଣଙ୍କୁ ବହୁ ଡାକିବା ପରେ ବୃଦ୍ଧକାଳରେ ଜନ୍ମ ହୋଇଛି । ଜ୍ୟୋତିଷମାନେ ପୁଅର ଜାତକ ଦେଖି କହୁଛନ୍ତି — ତାର ଆୟୁଷ ନାହିଁ । ତାର ଶଙ୍କା ରହିଛି । ଏହି ବର୍ଷ ହିଁ ତାର ମୃତ୍ୟୁ ଅବଶ୍ୟମ୍ଭାବୀ । ତେଣୁ ଠାକୁର ! ଆପଣ ଭଗବାନ, ଆପଣଙ୍କ ଇଚ୍ଛାରେ ସବୁ କିଛି ହୋଇପାରେ । ଆପଣ ମୋର ପୁଅକୁ ବଞ୍ଚାଇ ରଖନ୍ତୁ । ମୋର ବଂଶରକ୍ଷା ହେବ ।" ଶ୍ରୀଶ୍ରୀ ଠାକୁର କହିଲେ — "ଭୟ ନାହିଁ, କିଛି ଚିନ୍ତା କରନା, ପରମପିତାଙ୍କ ଦୟାରେ ତାର ଜୀବନର କିଛି କ୍ଷତି ହେବ ନାହିଁ ।" ଲୋକଟି ପୁନର୍ବାର ପଚାରିଲେ, "ଠାକୁର, ଆପଣ ଯେତେବେଳେ କହୁଛନ୍ତି, ନିଶ୍ଚିତ ସେ ବଞ୍ଚିରହିବ । କିନ୍ତୁ ଏହା ପାଇଁ ମୋତେ ଆଉ କିଛି କରିବାକୁ ହେବ କି ? କୌଣସି ପୂଜା କିମ୍ବା ଗ୍ରହ ଶାନ୍ତି ଇତ୍ୟାଦି ?" ଶ୍ରୀଶ୍ରୀ ଠାକୁର କହିଲେ — "କିଛି ଦରକାର ନାହିଁ, ତୁ ଯିବାବେଳେ ବାବା ବୈଦ୍ୟନାଥ ମନ୍ଦିରରେ ଯାଇ ବୈଦ୍ୟନାଥଙ୍କ ମୁଣ୍ଡରେ ଦୁଧ, ବେଲପତ୍ର ଏବଂ ପାଣି ଢାଳି ଘରକୁ ଯିବୁ ।" ଲୋକଟି ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠିଲେ, କହିଲେ "ଠାକୁର, ମୁଁ ୧୨ଟା ଗାଡ଼ିରେ ଚାଲିଯିବି । ଆପଣଙ୍କର ଅନୁମତି ମାଗୁଛି ।" ଶ୍ରୀଶ୍ରୀ ଠାକୁର କହିଲେ, "ପୁଅକୁ ନେଇ ପୁଣି ଆସିବୁ ।" ଇତି ମଧ୍ୟେ ସେ ଆଗନ୍ତୁକ ଲୋକର ପ୍ରଶ୍ନ ଶୁଣି ଉପସ୍ଥିତ ପଣ୍ଡିତ ଓ ଭକ୍ତ ମଣ୍ଡଳୀ ସମସ୍ୱରରେ ହସି ଉଠିଥିଲେ । ସେମାନଙ୍କର ହସ କହି ଦେଉଥିଲା — ଏଇ ସାମାନ୍ୟ ପ୍ରଶ୍ନ ପଚାରିବା ପାଇଁ ଏତେ ବଡ଼ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶକୁ ଲୋକଟି ଆସି ନଷ୍ଟ କରିଦେଲା । ଯାହାହେଉ ଆଗନ୍ତୁକ ଲୋକଟି ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି ହୃଷ୍ଟ ଚିତ୍ତରେ ଚାଲିଗଲେ । ତାଙ୍କ ଯିବା ପରେ ଉପସ୍ଥିତ ସମସ୍ତଙ୍କୁ ଶ୍ରୀଶ୍ରୀ ଠାକୁର କହିଲେ, "ଏଇ ଯେଉଁ ଲୋକଟି ଆସିଥିଲେ ଏବଂ ଯେଉଁ ପ୍ରଶ୍ନ ନେଇ ଆସିଥିଲେ ତାଙ୍କର ସେହି ପ୍ରଶ୍ନ ଶୁଣି ତୁମ୍ଭେମାନେ ସମସ୍ତେ ଉପେକ୍ଷା ଓ ବ୍ୟଙ୍ଗର ହସ ହସି ଉଠିଲ କିନ୍ତୁ ମନେ ରଖିଥିବ ଯେତେବଡ଼ ପ୍ରଶ୍ନ, ଯେତେବଡ଼ କଥା ହେଉନା କାହିଁକି, ଯେତେ ପର୍ଯ୍ୟନ୍ତ ମନୁଷ୍ୟକୁ ଭଲ ପାଇ ନପାରିବ, ଏହିସବୁ ବଡ଼ ବଡ଼ କଥା ଅହଂକାରର ପରିପୋଷକ ହୋଇ ଉଠିବ । ବଡ଼ ବଡ଼ କଥା ଶୁଣିବା ବା ଜାଣିବା ପରେ ଯଦି ଅନ୍ତର ଭିତରେ ଦରଦଭରା ପ୍ରେମ ଉଚ୍ଛୁଳି ନ ଉଠେ, ତାହେଲେ କଣ ହେଲା ?" ଠାକୁର ଯେତେବେଳେ କଥା ଗୁଡ଼ିକ କହୁଥିଲେ ସେତେବେଳେ ସେ କାହାକୁ ଆକ୍ରମଣ କରୁ ନଥିଲେ । ମନେ ହେଲା, ସେ ନିଜେ ଅନ୍ତର ଭିତରୁ ବ୍ୟଥିତ, ଲଜ୍ଜିତ ଏବଂ ଦୁଃଖିତ । ପୁଣି ଠାକୁର କହିଲେ —

Scanned by CamScanner

"ଈଶ୍ୱରୀୟ କଥା କୁହ, ବ୍ରହ୍ମ କଥା କୁହ, ଯେତେ ଯାହା କିଛି କୁହନା କାହିଁକି, ଏଇ ଯେଉଁ ଲୋକଟି ଆସିଥିଲେ ତାଙ୍କ ପାଖରେ କିନ୍ତୁ ସମସ୍ତ ଠାରୁ ବଡ଼ ତାଙ୍କର ଏଇ ଏକମାତ୍ର ବାର୍ଦ୍ଧକ୍ୟକାଳର ପୁତ୍ର । ସେହି ପୁତ୍ର ପାଖରେ ତାଙ୍କର ମନ ପ୍ରାଣ ପଡ଼ି ରହିଛି । ତାଙ୍କର ମାନସିକ ଏହି ସମସ୍ୟା ଯେତେ ପର୍ଯ୍ୟନ୍ତ ତାଙ୍କ ଅନ୍ତରରୁ solve ବା ସମାଧାନ ନ ହେଉଛି ସେତେ ପର୍ଯ୍ୟନ୍ତ ଯାଏ କୌଣସି କଥା ତାଙ୍କ ମୁଣ୍ଡରେ ପ୍ରବେଶ କରିବ ନାହିଁ ଏବଂ ସୁସ୍ଥ ଭାବରେ କୌଣସି କର୍ମ କରିପାରିବ ନାହିଁ । ମସ୍ତିଷ୍କକୁ ସୁସ୍ଥ ଓ clear (ସରଳ) କରି ରଖିଲେ ହିଁ ତାପରେ ନୂଆ କିଛି ଗ୍ରହଣ କରିବା ପାଇଁ ମନ ଆଗେଇଯାଏ ମସ୍ତିଷ୍କର ସାହାଯ୍ୟ ନେଇ । ଆହୁରି ଗୋଟିଏ କଥା ମନେରଖ ଯେଉଁ ଏକମାତ୍ର ସନ୍ତାନର ଜୀବନରକ୍ଷା ପାଇଁ ତାର ପିତା ଆଜି ଉତ୍କଣ୍ଠିତ ଅନ୍ତରରେ ବ୍ୟସ୍ତ ହୋଇ ପଡ଼ିଛି ସେହି ପିଲାଟି ଯେ ଦିନେ ସମାଜ, ଜାତି ବା ଦେଶର ମଙ୍ଗଳ-କାମୀ ହୋଇ ଉଠିବ ନାହିଁ, ତ୍ରାଣକାମୀ ହୋଇ ଉଠିବ ନାହିଁ, ତାହା କିଏ କହି ପାରେ ? ତେଣୁ କୌଣସି କଥାକୁ, କୌଣସି ବସ୍ତୁକୁ ଶ୍ରେଷ୍ଠ କରି ଦେଖିବାର ନୁହେଁ । ଏକମାତ୍ର ଦେଖିବା କଥା ମଙ୍ଗଳବାହୀ ଇଷ୍ଟସ୍ୱାର୍ଥୀ କି ନୁହେଁ ?" ଆଉ କେଷ୍ଟଦା ଆଡ଼କୁ ଅନାଇ କହିଲେ– "ପ୍ରତି ପ୍ରତ୍ୟେକଙ୍କୁ ମଙ୍ଗଳବାହୀ ଏବଂ ଇଷ୍ଟସ୍ୱାର୍ଥୀ କରି ତୋଳିବାର ଦାୟିତ୍ୱ ଆପଣମାନଙ୍କ ଉପରେ ।" ଠାକୁରଙ୍କ କଥା ଶୁଣି ସମସ୍ତେ ନତମସ୍ତକେ ଲଜ୍ଜିତ ହୋଇପଡ଼ିଲେ । ଶ୍ରୀଶ୍ରୀ ଠାକୁର ପରିବେଶକୁ ହାଲୁକା କରିବା ପାଇଁ ଡାକ୍ତର ପ୍ୟାରିଦାଙ୍କୁ କହିଲେ—"ଦେବ ନା କି ଛୁ ତାମାଖ ।" ଅର୍ଥାତ୍ ମୋତେ ଗୁଡ଼ାଖୁ ଦେବୁ କି ? ଏହି ପରିସ୍ଥିତି, ପରିବେଶ ଏବଂ ଠାକୁରଙ୍କର କଥା ମୋର ଅନ୍ତର ଭିତରେ ପ୍ରଚଣ୍ଡ ଆଲୋଡ଼ନ ସୃଷ୍ଟି କଲା । କିଛି ସମୟ ଆଗେ ଯେଉଁ କଥା କହୁଥିଲି ମୋତେ ଠାକୁର, ସାଙ୍ଗେ ସାଙ୍ଗେ ଦେଖାଇଲେ ତାର demonstration (ଉଦାହରଣ), କିପରି ସତ୍ୟକୁ ପ୍ରତିଷ୍ଠା କରିବାକୁ ହୁଏ, କାହାକୁ ଅସନ୍ତୁଷ୍ଟ ନ କରି ସହଜାତ ଚେତନାକୁ ଜାଗ୍ରତ କରାଇ ଦିଆଯାଏ, ଉପସ୍ଥିତ ବିରୁଦ୍ଧଭାବ ଲୋକ ଯେ ଯେତେ ରହନ୍ତୁନା କାହିଁକି ସମସ୍ତଙ୍କୁ ସୁଖୀକରି, ଆଘାତ ନ ଦେଇ ।

ଏହାପରେ ଶ୍ରୀଶ୍ରୀ ଠାକୁରଙ୍କୁ ଏକାନ୍ତରେ ପାଇ ମୁଁ ପଚାରିଲି, "ଠାକୁର ! ସେହି ଯେଉଁ ଲୋକଟି ଆସିଥିଲେ ଆପଣଙ୍କ ଆଶୀର୍ବାଦରେ ତାଙ୍କର

ପୁତ୍ର ତ ନିଶ୍ଚୟ ବଞ୍ଚିବ । ସବୁକିଛି ଆପଣଙ୍କର ଜଣା ଭିତରେ । ତେବେ ପଛରେ ତାକୁ ବୈଦ୍ୟନାଥ ମନ୍ଦିରରେ ଯାଇ ବାବା ବୈଦ୍ୟନାଥଙ୍କ ମୁଣ୍ଡରେ ଦୁଧ, ପାଣି ଓ ବେଲପତ୍ର ଦେବାକୁ କହିଲେ କାହିଁକି ? ଏହାଦ୍ୱାରା ଲୋକ କଣ କଳ୍ପନାବିଳାସୀ ଓ ପୌତ୍ତଳିକବାଦୀ ହୋଇ ଉଠିବେ ନାହିଁ କି ? ଆପଣଙ୍କର ଆଶୀର୍ବାଦ ହିଁ ଯଥେଷ୍ଟ ।" ଶ୍ରୀଶ୍ରୀ ଠାକୁର କହିଲେ, "ତୁମ୍ଭେ ଲକ୍ଷ୍ୟ କରିଥିବ ମୁଁ ଯେତେବେଳେ ଲୋକଟିକୁ କହିଲି ପୁତ୍ରର ପ୍ରାଣର କିଛି ଭୟ ନାହିଁ, ସେତେବେଳେ ସେ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲେ । କିନ୍ତୁ ସଂସ୍କାର-ବଶତଃ ଏବଂ ବହୁ ଜ୍ୟୋତିଷ ପଣ୍ଡିତମାନେ ପ୍ରତିକାର ହିସାବରେ ତାଙ୍କୁ ବହୁତ କିଛି କରିବାକୁ କହିଛନ୍ତି । ମୁଣ୍ଡରେ ତାହା ଗୁନ୍ଥି ହୋଇ ରହିଛି । ତେଣୁ କିଛି ଗୋଟିଏ ଦୈବୀ ପ୍ରତିକାର ତାର ମନ ଭିତରେ ଆଶା ବାନ୍ଧି ରହିଛି । ତେଣୁ ସହଜ ଉପରେ ବାବା ବୈଦ୍ୟନାଥଙ୍କୁ ଦର୍ଶନ କରି ଯାହା ଯାହା କରିବାର କଥା ମୁଁ କହିଲି । ଏହାଙ୍କ ଅନ୍ତର ଭିତରେ ଆଉ କୌଣସି ଦ୍ୱନ୍ଦ ରହିଲା ନାହିଁ । ନିର୍ଦ୍ୱନ୍ଦୀ ମନନେଇ ପୁତ୍ରର ଜୀବନ ସମ୍ବନ୍ଧରେ ନିଶ୍ଚିନ୍ତ ହୋଇ ଜୀବନ ପଥରେ ସେ ଆଗେଇ ଚାଲିଲା । ଏହାପରେ ସୁବିଧା ହେଲେ ତାଙ୍କ ସାମ୍ନାରେ ସତ୍ୟକୁ ଧରାଇଦେଲେ ସେ ଅତି ସହଜରେ ତାହା ଗ୍ରହଣ କରିବ ।" ମୁଁ କହିଲି, "ଠାକୁର ! ବୈଦ୍ୟନାଥ ଇତ୍ୟାଦି ବିଭିନ୍ନ ଦେବତା ଏହା କଣ ସତ୍ୟ ?" ଶ୍ରୀଶ୍ରୀ ଠାକୁର କହିଲେ, "ପ୍ରତିଟି ହିଁ ସତ୍ୟ ବିଭିନ୍ନ କ୍ଷେତ୍ରରେ । ସବୁ କିଛି ରହିଛି ତୁମ୍ଭ ଭିତରେ । ତୁମ୍ଭେ ଦେଖି ପାରୁ ନାହଁ, ଉପଲବ୍ଧି କରିପାରୁ ନାହଁ । ତାହାପାଇଁ ତାର ପ୍ରତୀକ ହିସାବରେ ସାଧକ ଶ୍ରେଷ୍ଠ ଦାର୍ଶନିକମାନେ ଅନ୍ତରରେ ସବୁ କିଛି ଦର୍ଶନ କରି ତାର ବହିଃପ୍ରକାଶ ଦେଖାଇଛନ୍ତି ବିଭିନ୍ନ ଦେବଦେବୀ ମାଧ୍ୟମରେ । ଅସଲ ବସ୍ତୁ କିନ୍ତୁ ତୁମର ପାଖରେ । ଯେପରି କି ଗୋଟିଏ Library ରେ ବହୁ ବହି ରହିଛି । ଯେତେବେଳେ ଯେଉଁ କଥାଟି ଜାଣିବାର ତୁମର ପ୍ରୟୋଜନ ହୁଏ ଲକ୍ଷ ଲକ୍ଷ ବହି ଭିତରୁ ଖୋଜି ବାହାର କରି ଯେଉଁ ପୁସ୍ତକ ମଧ୍ୟରେ ପାଇବ ତୁମର ପାର୍ଥିବ ବସ୍ତୁକୁ ତାକୁ ବାଛି ଆଣି ମନଯୋଗ ସହକାରେ ପଢ଼ି ବହି କଥା ଗୁଡ଼ିକ ଗୁନ୍ଥିନିଅ ଅନ୍ତର ଭିତରେ । ତାପରେ ପୁନରାୟ ବହିଟିକୁ ରଖିଦେଇ ଆସ ତାର ଯଥା ସ୍ଥାନରେ । ଏଠାରେ ତାହେଲେ କଣ ହେଲା ? ବହି ଭିତରେ ଯାହା ଅଛି ସେ ବସ୍ତୁ ତୁମରି ଭିତରେ ଅଛି, ତାହାର ସନ୍ଧାନ ପାଇବା ପାଇଁ ସାହାଯ୍ୟ ନେଲ ବହିର । ଆଉ ସେହି ସନ୍ଧାନ ପାଇବା ପରେ ତାକୁ ରଖିଦେଇ ଆସିଲ ଯଥା ସ୍ଥାନରେ । କାହିଁକି ନା ଅନ୍ୟ କାହାର

Scanned by CamScanner

ସାହାଯ୍ୟରେ ଆସି ପାରେ । ଜାଣିନେବା ପରେ ସେ ବନ୍ଧୁକୁ ଉପେକ୍ଷା କରିଲେ, ଫିଙ୍ଗି ଦେଲେ, ତୁମେ ବେଇମାନ ହୋଇ ଉଠିବ, ପରବର୍ତ୍ତୀ ଯାହାର ଦରକାର ହେବ ସେମାନେ ସାହାଯ୍ୟରୁ ବଞ୍ଚିତ ହେବେ । ଏକ ଦିଗରେ ଯେପରି ଏକଥା, ଅନ୍ୟ ଦିଗରେ ସେ ବନ୍ଧୁରୁ ଯେତିକି ସାହାଯ୍ୟ ପାଇବାର ତାହା ପାଇବା ପରେ ଦିନରାତ୍ରି ଚବିଶ ଘଣ୍ଟା ଯଦି ସେହି ବନ୍ଧୁ ପଛରେ ଥିବ ତାହାହେଲେ ଜୀବନର ଗତି ପ୍ରତିବଧ ହୋଇଯିବ, ପୁନରାୟ ଆଉ ଆଗେଇ ଯାଇ ପାରିବ ନାହିଁ । ଜୀବନର ଧର୍ମ ହିଁ ହେଉଛି ଗତିଶୀଳତା, ଆଉ ଏହି ଗତି ପଥରେ ଯାହାର ଯାହା ସାହାଯ୍ୟ ପାଇବ, ଯାହାର ଯେଉଁ ଦୀପ୍ତିରେ ତୁମେ ଦୀପ୍ତିବାନ ହୋଇ ଉଠିବ, ସେହି ଦୀପ୍ତିକୁ ଅସ୍ୱୀକାର କରିବ କିପରି ? ତାହାବୋଲି ରାତ୍ରିର ପ୍ରୟୋଜନ ଆଲୋକ, ଦିନରେ ତାହା ଜଳାଇ ରଖିବାର କୌଣସି ସାର୍ଥକତା ନାହିଁ । କୋଟି କୋଟି ଆଲୋକର ଆଧାର ସୂର୍ଯ୍ୟଙ୍କୁ ପାଇବା ପାଇଁ ରାତ୍ରିକୁ ବିତାଇଛି ବିଭିନ୍ନ ବତୀଦ୍ୱାରା । ଦିନବେଳେ ସେହି ବତୀର ପ୍ରୟୋଜନ ନ ଥିଲେ ମଧ୍ୟ ତାହାକୁ ପରିଷ୍କାର କରି ତେଲ ଦେଇ ଠିକ୍ ଭାବରେ ରଖି ଦେବାକୁ ହୁଏ, ପୁଣି ପ୍ରୟୋଜନ ଆସିବ ବୋଲି । ତେଣୁ ଆମ ଦେହ ଭିତରେ ଯେଉଁ ଆତ୍ମିକ ଶକ୍ତି କର୍ମ କରୁଛି, ଦୈବୀଶକ୍ତି ପ୍ରଭାବରେ ଆମକୁ ଉଠିବାକୁ ହେବ ତାର ଊର୍ଦ୍ଧ୍ୱକୁ, ଆଉ ଏହି ଦୈବୀଶକ୍ତି ହେଉଛି ବିଭିନ୍ନ ଦେବତା । ଆଉ ଏହି ଦୈବୀଶକ୍ତି ଜାଗ୍ରତ କରି ତାର ସାହାଯ୍ୟରେ ଜୀବାତ୍ମା ସାଙ୍ଗରେ ଯୁକ୍ତ ହେବାକୁ ହେବ । ଆଉ ଏହି ଜୀବାତ୍ମାର ଧର୍ମ ହିଁ ହେଉଛି ପରମାତ୍ମା ସାଙ୍ଗରେ ଯୁକ୍ତ ହେବା, ଯାହାକି ଅବାଙ୍ଗ୍ ମନସ ଗୋଚରମ୍ । ଅବତାର ବା ସଦ୍‌ଗୁରୁ ହେଉଛନ୍ତି ଏହି ପରବ୍ରହ୍ମର Crystal ବା ଘନୀଭୂତ ରୂପ । ଅର୍ଥାତ ମାୟା ଜଗତରୁ ବ୍ରହ୍ମପ୍ରାପ୍ତି ପଥର ଏକମାତ୍ର ଜୀବନ କାଣ୍ଡାରୀ ।" ଠାକୁରଙ୍କ କଥା ଶୁଣି ବୁଝିଲି ଶ୍ରେଷ୍ଠ କେହି ନୁହେଁ । କିଏ ଶ୍ରେଷ୍ଠ, କିଏ ବଡ଼ ? ସବୁକିଛି ସବୁକିଛି ଉପରେ ପ୍ରତିଷ୍ଠିତ । କାହାକୁ ବାଦ୍ ଦେଇ କେହି ନାହିଁ । ଆମର ଜୀବନରେ ସବୁକିଛି ପ୍ରୟୋଜନ ରହିଛି । କିନ୍ତୁ ସେହି ସବୁକିଛିକୁ ବ୍ୟବହାର କରିବାର ସ୍ଥିତକ୍ରମ ପ୍ରଥମେ ଜାଣିବାକୁ ହେବ । ତା ନ ହେଲେ ଜୀବନରେ ଆସିବ ସଂଘର୍ଷ, ଧ୍ୱଂସ । ଆଉ ଜାଣିନେଇ ବିଷାକ୍ତ ସର୍ପକୁ ମଧ୍ୟ ବଳରୁ ଧରିଆଣି ନିଜର ଚଲାପଥର ସାଥୀ କରି ଆମେ ବଞ୍ଚି ରହିପାରୁ । ଆଉ ଏହି ଯେଉଁ ବୃଦ୍ଧିର ପଥ ବା ବଞ୍ଚିବାର ପଥ ତାହା ହିଁ ହେଉଛି ଧର୍ମ । ତେଣୁ ପ୍ରତି ପ୍ରତ୍ୟେକଙ୍କ ଜୀବନରେ ଧର୍ମ ଅପରିହାର୍ଯ୍ୟ । ଆଉ ଧର୍ମ ଜୀବନ ଯାପନ କରିବାକୁ ହେଲେ ଆଦର୍ଶ ଇଷ୍ଟଗୁରୁ ବ୍ୟତିରେକ କଦାପି ପଥ ପାଇବାର ସମ୍ଭାବନା ନାହିଁ ।

Scanned by CamScanner

॥ ଦୁଇ ॥

ଦିନେ ଶ୍ରୀଶ୍ରୀ ଠାକୁର ତାଙ୍କ ଜୀବନର ଗୋଟିଏ ଘଟଣା କହିଲେ । ସେ କହିଲେ, ମୁଁ ଯେତେବେଳେ ଡାକ୍ତରୀ କରୁଥିଲି ସେ ସମୟରେ ପାଖ ଗ୍ରାମର ଗୋଟିଏ ଡକାୟତ ସର୍ଦ୍ଦାର ଦିନେ ମୋ ପାଖକୁ ଆସି କାନ୍ଦି କହିଲା, ଡାକ୍ତର କର୍ତ୍ତା, ମୋ ପୁଅର ଖୁବ୍ ଅସୁଖ, ବଞ୍ଚିବ ନାହିଁ । ଆପଣ ତାକୁ ବଞ୍ଚାଇ ଦିଅନ୍ତୁ । ଦୟାକରି ଚାଲନ୍ତୁ ମୋର ଘରକୁ । ତାର ବ୍ୟାକୁଳ ଭାବ ଦେଖି ସଙ୍ଗେ ସଙ୍ଗେ ମୁଁ ଯାଇ ତାର ଘରେ ପିଲାକୁ ଦେଖିଲି । ଔଷଧ ଇତ୍ୟାଦି ପ୍ରୟୋଜନୀୟ ଯାହା ଦେଲି ଏବଂ ସଙ୍ଗେ ସଙ୍ଗେ କହି ଆସିଲି, "ଆଜି ଔଷଧ ଦେଇ କାଲି ଭୋରରେ ମୋତେ ଖବର ଦେବ ରୋଗୀ କିପରି ଅଛି । ପରଦିନ ଭୋରଠାରୁ ମୁଁ ଉଦ୍‌ଗ୍ରୀବ ହୋଇ ପଥ ଚାହିଁ ରହିଛି, ରୋଗୀର ଖବର ପାଇବା ପାଇଁ । କିନ୍ତୁ ସକାଳ ଆଠଟା ନଅଟା ବାଜିଗଲା । କାହିଁ କୌଣସି ଖବର ତ ଆସିଲା ନାହିଁ । ମୁଁ ଅସ୍ଥିର ହୋଇ ଉଠିଲି । ଆଉ ରହି ନ ପାରି ମୁଁ ସେହି ଗାଁକୁ ଯାଇ ରୋଗୀର ଘରର ଚାରିପଟରେ ଘୂରି ବୁଲୁଛି । ବାଡ଼ିରେ ପଶୁ ନାହିଁ । ଖାଲି ଭାବୁଛି ଯଦି ଘରର କାହାରି ସଙ୍ଗରେ ଦେଖା ହୋଇଯାଏ ତେବେ ନିଶ୍ଚିନ୍ତ ହେବି ।" ମୁଁ ପଚାରିଲି, "ଆପଣ ବାଡ଼ିକୁ ପଶିଲେ ନାହିଁ କାହିଁକି ?" ଠାକୁର କହିଲେ, "ଓରେ, ମୁଁ ଯେ ଡାକ୍ତର ହୋଇ ଯାଇଛି । ଡାକ୍ତର ଉପରେ ରୋଗୀ ବା ଆତ୍ମୀୟ ସ୍ୱଜନର ବିଶ୍ୱାସ ନଥିଲେ ରୋଗ ଭଲ ହୁଏ ନାହିଁ ।" ମୁଁ କହିଲି, "ରୋଗୀର ବିଶ୍ୱାସ ହେଲେ ହିଁ ତ ହେଲା । ପୁଣି ଆତ୍ମୀୟ ସ୍ୱଜନର ବିଶ୍ୱାସ ହେବା ଦରକାର କଣ ?" ଠାକୁର କହିଲେ, "ରୋଗୀର ବିଶ୍ୱାସଟା ଉତ୍ପାଦନ କରେ ତାର ନିକଟବର୍ତ୍ତୀ ଆତ୍ମୀୟ ସ୍ୱଜନମାନେ ।" ତାପରେ ସେ କହିଲେ, "ଡାକ୍ତର ହୋଇ ରୋଗୀର ଘରକୁ ଗଲେ, ଡାକ୍ତରଙ୍କୁ visit ବା ଦର୍ଶନୀ ଦିଅନ୍ତି । ଏହାପାଇଁ ମୁଁ ଘରକୁ ପଶି ପାରୁ ନାହିଁ । ଘରର ଲୋକମାନେ ଯଦି

ଭାବନ୍ତି ଡାକ୍ତର ବାବୁ ଟଙ୍କା ଲୋଭରେ ନ ଡାକିଲେ ମଧ୍ୟ ଆସିଛନ୍ତି । ଆଉ ଏହି ଭାବିବା ପାଇଁ ଡାକ୍ତର ଉପରେ ବିଶ୍ୱାସ କମିଯିବ । ସେତେବେଳେ ଔଷଧ ବିଶେଷ କାମ କରିବ ନାହିଁ । ତେଣୁ ଘରକୁ ମଧ୍ୟ ପଶି ପାରୁ ନାହିଁ, ଅଥଚ ଖବରଟା ମଧ୍ୟ ବିଶେଷ ପ୍ରୟୋଜନ । ଏହି ସମୟରେ ପରମପିତା ଦୟାରେ ଅସଲ ଲୋକ ସହିତ ଦେଖା ହୋଇଗଲା । ଗତକାଲି ଯେ ଯାଇଥିଲା ଡାକିବା ପାଇଁ, ତାଙ୍କ ସାକ୍ଷାତ ପାଇଲି । ତାକୁ ଦେଖିବା ମାତ୍ରେ ଦୁଶ୍ଚିନ୍ତା ଚିତ୍ତରେ ପଚାରିଲି, ରୋଗୀ କିପରି ଅଛି । ତୁମର ପୁଅ । ସେହି ଲୋକଟି କହି ଉଠିଲା, ରୋଗୀ ଖରାପ ରହିବାର ପ୍ରଶ୍ନ ଅଛି ? ଆପଣ ସ୍ୱୟଂ ଔଷଧ ଦେଇଛନ୍ତି । କାଲି ଗୋଟିଏ ଦାଗ ଖାଇବା ପରେ ଭଲ ହୋଇ ଯାଇଛି । ବର୍ତ୍ତମାନ ଚାଲି ବୁଲି ଘୂରୁଛି । ଏ ଯେପରି ଭେଲକିବାଜି ।" ଶ୍ରୀଶ୍ରୀ ଠାକୁର କହିଲେ— "ଏକଥା ଶୁଣି ମୋର କ୍ଷଣେ ଆନନ୍ଦ ହେଲା, ପୁଣି ଖବର ନ ଦେବାରୁ ରାଗ ହେଲା । କହି ଉଠିଲି - ତୁମର ଲଜ୍ଜା ଲାଗୁ ନାହିଁ ହସିବାକୁ, ବେଇମାନ କେଉଁଠିକାର । ମୁଁ ସକାଳରୁ ପଥଚାହିଁ ବସିଅଛି । ଗୋଟିଏ ଖବର ନାହିଁ । ଏହିପରି କେତେ କଣ ଯେ କହି ଯାଇଛି ତାର ସୀମା ନାହିଁ । ମୋଟ କଥା ମୁଁ ରାଗିଯାଇ ଥିଲି । ହଠାତ୍ ମନେ ହେଲା, ଏଇ ଯେ ଯାହାକୁ ଗାଳିଗୁଲଜ କରୁଛି ସେ ତ ଆଉ କେହି ନୁହେଁ, ଏ ଯେ ନାମକରା ଡକାୟତ, ଗୁଣ୍ଡା । କଥା କଥାକେ ଲୋକକୁ ଖୁନ୍ କରେ । ସମସ୍ତେ ଭୟ କରି ଚାଲନ୍ତି । ଏଥର ଭଲଭାବରେ ମୁଁ ତାର ମୁହଁ ଆଡ଼କୁ ଅନାଇଲି । ଦେଖି ମୋତେ ପୁଣି ମାରିବାକୁ ଆସେ କିନା ? କିନ୍ତୁ ମୁହଁ ଆଡ଼କୁ ଅନାଇ ଦେଖେ ତ ଆଶ୍ଚର୍ଯ୍ୟ ହୋଇ ସେ ମୋ ଆଡ଼କୁ ଚାହିଁ ରହିଛି । ମୁଁ ତା ଆଡ଼କୁ ଅନାଇବାରୁ ସେ କହି ଉଠିଲା, "ଅଟକିଲେ କାହିଁକି ? ଗାଳି ଦିଅନ୍ତୁ ଆହୁରି ଗାଳି ଦିଅନ୍ତୁ । ଏପରି ମଧୁର ଗାଳିଗୁଲଜ ମୁଁ କେବେ-ହେଲେ ଶୁଣି ନାହିଁ । ମୋ ପୁଅ ପାଇଁ ଆପଣଙ୍କର ଏତେ ଚିନ୍ତା ? କାହିଁ ଏପରି ତ କାହାକୁ ଦେଖି ନାହିଁ । ମୁଁ ଡକାୟତ । ମୋତେ କେହି ଧମକ ଦେଲେ ମୁଁ ତାର ଜୀବନ ଶେଷ କରି ଛାଡ଼େ । କିନ୍ତୁ ଆପଣଙ୍କର ଧମକ ଭାରି ସୁନ୍ଦର ଭାରି ମିଠା ।" ଶ୍ରୀଶ୍ରୀ ଠାକୁର କହିଲେ — "ତାର ଏକଥା ଶୁଣି ମୁଁ ଚିନ୍ତା କରିବାକୁ ଲାଗିଲି, କଣ ହେଲା ? ମୁଁ ଗାଳିଗୁଲଜ କରିଲି, ରାଗିଗଲି ପରିବର୍ତ୍ତରେ ଏ ଲୋକଟା ମୋତେ ଗାଳି ଦେଲା ନାହିଁ କିମ୍ବା ରାଗିଗଲା ନାହିଁ । କାହିଁକି ଏପରି ହେଲା ? ଭାବି ଭାବି ବାହାର କଲି ଯେ ମୁଁ ଯେତେ ଗାଳି ଗୁଲଜ କରେ ବା ଯାହା କରେ ଅସଲରେ ତାହାର ମଙ୍ଗଳ ପାଇଁ । ତାହାର

Scanned by CamScanner

ସୁଅର ବଞ୍ଚିବା ପାଇଁ । ତେଣୁ ମୋର ସବୁ କଥା ତାଙ୍କୁ ଭଲ ଲାଗିଛି । ଅସଲରେ ଲୋକର ମଙ୍ଗଳକୁ ସମ୍ମୁଖରେ ରଖି କଥା କହିଲେ, ରାଗିଲେ ଏପରିକି ମାରିଲେ ମଧ୍ୟ ମଣିଷ ଦୁଃଖ ପାଏ ନାହିଁ । ଅଥଚ ନିଜେ ଯେ ଭୁଲ କରେ ତା ନିଜର ଜଣା ଭିତରକୁ ଆସିଯାଏ ।" ଠାକୁର କହିଲେ, "ସେହିଦିନଠାରୁ ବୁଝିଲି ପରମପିତା ମୋତେ ଗାଳିଗୁଲଜ କରିବାକୁ ଶିଖାଇଛନ୍ତି । ତେଣୁ ତୁମକୁ ମଧ୍ୟ କହୁଛି ଏହିପରି ଭାବରେ ମଣିଷର ମଙ୍ଗଳକୁ ସମ୍ମୁଖରେ ରଖି ବାସ୍ତବରେ ଯାହା କରିବ ସେଥିରେ କେହି ତୁମକୁ ଶେଷ ପର୍ଯ୍ୟନ୍ତ ଭୁଲ ବୁଝିବେ ନାହିଁ । ପ୍ରଥମ ପ୍ରଥମ ନ ବୁଝିବା ପର୍ଯ୍ୟନ୍ତ ଯାହା ଅସୁବିଧା ।" ତାପରେ ଠାକୁର ମୋତେ କହିଲେ, "ତୁମେ ବକ୍ତୃତା ଦେଇ ପାର ?" ମୁଁ କହିଲି, ନା କୌଣସି ଦିନ ଦେଇ ନାହିଁ । ତେବେ ଆପଣଙ୍କ ପାଖକୁ ଆସିବା ପରଠାରୁ କିଛି କିଛି କହିବାର ଆଗ୍ରହ ଜାଗି ଉଠିଛି । ଗୋଟିଏ ଦୁଇଟା ଜାଗାରେ କହିଛି ମଧ୍ୟ । ଠାକୁର କହିଲେ, ଗୀତାର ପ୍ରଥମ ଆଡ଼କୁ ଅଛି—

"ମୂକଂ କରୋତି ବାଚାଳମ୍ ପଙ୍ଗୁ ଲଙ୍ଘୟତେ ଗିରିମ୍
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବ ।"

ତୁମେ ମଧ୍ୟ ଦେଖ କେଉଁଠି କଣ ହୋଇପିବ । ତା ପରଦିନ କହିଲେ, "ବଡ଼ ବଡ଼ ବକ୍ତାମାନଙ୍କର ବହି ମଝିରେ ମଝିରେ ପଢ଼ । ଯେପରି Barkly, ବିପିନ ଚନ୍ଦ୍ର ପାଲ, ବିବେକାନନ୍ଦ, W. C. Banerjee, ବିଦେଶୀ ଆଉ କେତେ ଜଣ ଭଲ ବକ୍ତା ଯେଉଁମାନଙ୍କର ବକ୍ତୃତା ବହି ଆକାରରେ ଛପା ହୋଇଛି । ଖାଲି ପଢ଼ି ରଖ , ସେମାନଙ୍କର କିଛି ନକଲ କର ନାହିଁ । ତୁମର ନିଜସ୍ୱ ଜିନିଷ ହିଁ ଯେପରି ତୁମ ନିକଟରେ ଥାଏ ।" ଶୁଣିଗଲି ଶ୍ରୀଶ୍ରୀ ଠାକୁରଙ୍କର କଥା । କଥା ଗୁଡ଼ିକ ଶୁଣିବାକୁ ଯେ ଖରାପ ଲାଗିଲା ତା ନୁହେଁ । କିନ୍ତୁ ମନେ ମନେ ଗୋଟିଏ ଅବିଶ୍ୱାସ ଉଙ୍କିଝୁଙ୍କି ମାରିଲା । ମୁଁ ଦେବି ବକ୍ତୃତା , ତା ପୁଣି ଧର୍ମ ସମ୍ବନ୍ଧରେ ? ଅସମ୍ଭବ । ଦୁଇ ପାଞ୍ଚଜଣଙ୍କ ମଧ୍ୟରେ ଗୋଟିଏ କଥା କହିବାକୁ ଗଲେ ଜିଭ ଅଟକି ଆସେ । ତା' ଛଡ଼ା ମୋର ମଧ୍ୟ ଭଲ ଲାଗେନା । ଯାହାହେଉ ୧୯୫୬ ସାଲର ତାଙ୍କର ସେହି କଥା ଆଜି ୧୯୬୬ ସାଲରେ ଅନେକ ବାସ୍ତବ ରୂପ ପରିଗ୍ରହ କରିବାକୁ ଯାଉଛି । ଯଦିଓ କାହାର କୌଣସି ବକ୍ତୃତା ମୁଁ ପଢ଼ି ନାହିଁ , ବିବେକାନନ୍ଦଙ୍କ ବ୍ୟତୀତ । ତା ମଧ୍ୟ ଠାକୁରଙ୍କ ନିକଟକୁ ଆସିବା ପୂର୍ବରୁ ଯାହା ପଢ଼ିଥିଲି । ଆଜି ବାରମ୍ବାର ମନେ ହେଉଛି ସେଦିନ

Scanned by CamScanner

ଠାକୁରଙ୍କ କଥା ଅନୁଯାୟୀ ଟିକିଏ ପଢ଼ାଶୁଣା କରିଲେ ଭଲ ହିଁ ହୁଅନ୍ତା । ମାନସପଟରେ ଏହିପରି କେତେ କଥା ଭାସି ଉଠେ । ଆଉ ଭାବେ କିଏ ତୁମେ ଦ୍ରଷ୍ଟା ? କେତେବେଳେ କେଉଁ ଫାଙ୍କରେ ଛୋଟ ଟିକିଏ କଥା କୁହି ଅଥଚ ତାର ମଧ୍ୟରେ ଯେ ଗୋଟିଏ ବିରାଟ ମହୀରୁହ ନିହିତ ରହିଛି ତା'ର ପ୍ରମାଣ ମିଳେ ଯଥା ସମୟରେ । ୧୯୫୩ ସାଲର ମାର୍ଗଶୀର ମାସର ଏକ ପ୍ରଭାତରେ ଦିନେ ଶ୍ରୀଶ୍ରୀ ଠାକୁର ହସି ହସି କହିଲେ, "ତୁମେ ମନର କଥା କିଛି ଲେଖି ରଖ ତ ?" ମୁଁ କହିଲି, "ନା କିଛି ତ ଲେଖି ନାହିଁ ।" ସେ କହିଲେ, "ଲେଖିବ, ଯେତେବେଳେ ଯାହା ମନକୁ ଆସେ ଲେଖିବ ।" ଏହାପରେ ସେ ଜଣକୁ ଡାକି ଗୋଟିଏ ଖାତା କିଣି ଆଣିବାକୁ କହିଲେ । ଖାତା ଖଣ୍ଡିକ ଆସିବାରୁ ସେ ତାହା ମୋ ହାତରେ ତୋଳି ଦେଇ କହିଲେ, "ଯେତେବେଳେ ଯାହା ମନକୁ ଆସିବ ଲେଖିବ । ମଝିରେ ମଝିରେ ମୋତେ ଶୁଣାଇବ ।" ଅର୍ଥାତ୍ ମୋର ନ ଲେଖିବାର କୌଣସି ରାସ୍ତା ରହିଲା ନାହିଁ । ବାଧ୍ୟ ହେଲି କଲମ ଧରିବାକୁ । ଆଉ ଏହି ବାଧ୍ୟ ବାଧ୍ୟକତା ମଧ୍ୟରେ ଯେ ଏତେ ଆନନ୍ଦ ତାହା ଜଣା ନ ଥିଲା ।

Scanned by CamScanner

॥ ତିନ ॥

ସାଧନା କରିବାର ଇଚ୍ଛା ବହୁ ଲୋକଙ୍କ ମନରେ ଆସେ । କିନ୍ତୁ ତାହା କ୍ଷଣସ୍ଥାୟୀ ବୁଦ୍‌ବୁଦ ପରି । ସାଧନା କରିବାକୁ ଗଲେ ଯେଉଁ ଏକାଗ୍ରତା ଓ ଧାରାବାହିକତା ବା Continuity ନେଇ ଚାଲିବାକୁ ପଡ଼େ ମନୁଷ୍ୟ ଚରିତ୍ରରେ ପ୍ରାୟଶଃ ତାହା ଦେଖାଯାଏ ନାହିଁ । ଯେଉଁମାନଙ୍କ ଚରିତ୍ରରେ ଏହି ସବୁ ଗୁଣକ ଦେଖାଯାଏ ସେମାନେ ହିଁ ହେଉଛନ୍ତି ସାଧକ । ସତ୍ୟ ଉପଲବ୍‌ଧି କରିବା ପାଇଁ, ସତ୍ୟକୁ ଜାଣିବା ପାଇଁ ଜୀବନ ସମ୍ମୁଖରେ ଯାହାକିଛି ବିପଦ ବା ସମ୍ପଦ ଆସୁନା କାହିଁକି ତାହାକୁ ନ ଅନାଇ ଆଗେଇ ଚାଲନ୍ତି ସେମାନେ ଇଷ୍ଟ ନିର୍ଦ୍ଦେଶିତ ପଥରେ । ଆଉ ସାଧନା ପାଇଁ ଏହାହିଁ ହେଉଛି ବୋଧହୁଏ ସବୁଠାରୁ ସୁନ୍ଦର ଓ ସହଜତମ ପଥ । ଜ୍ଞାନ ବା ବିଚାର ଦ୍ୱାରା ନେତିନେତି ଭାବରେ ଅନେକେ ସାଧନା ପଥରେ ଆଗେଇ ଚାଲନ୍ତି । ମାତ୍ର ଯେହି ଜ୍ଞାନବାନ ପୁରୁଷକୁ ମଧ୍ୟ ସାହାଯ୍ୟ ନେବାକୁ ପଡ଼େ ତାଙ୍କ ଇଷ୍ଟଠାରୁ । ଭକ୍ତି ରାଜ୍ୟରେ କୌଣସି କଥା ନାହିଁ, ଏକମାତ୍ର ଗୁରୁ ହିଁ ଭରସା । ତାଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଆଗେଇ ଚାଲିଲେ ହିଁ ହେଲା । ଭଲମନ୍ଦ ବିଚାର ଯାହାକିଛି ଆଉ କୌଣସି ଆଡ଼କୁ ଅନାଇବାର ପ୍ରୟୋଜନ ନାହିଁ । ଅବଶ୍ୟ ଏହା ନିଷ୍ଠିତ ଭକ୍ତି ନେଇ ଆଗେଇଲେ ମଧ୍ୟ ସାଧନା ଜଗତରେ ଜ୍ଞାନ ଆସି ତାକୁ ଆପେ ଆପେ ପୂଜା କରେ ଏବଂ କର୍ମ କେତେବେଳେ ହେଲେ ତାକୁ ଛାଡ଼ି ରହେ ନାହିଁ ଏବଂ ଏହି କର୍ମ ମାଧ୍ୟମରେ ହିଁ ମନୁଷ୍ୟ ସାଧନା ଜୀବନରେ ସଫଳତା ଲକ୍ଷ୍ମୀ ଲାଭ କରେ । ଏକ କଥାରେ କୌଣସି ଯୋଗ କୌଣସି ଯୋଗରୁ ଶ୍ରେଷ୍ଠ ନୁହେଁ, ସମସ୍ତେ ସମସ୍ତଙ୍କର ପରିପୂରକ । କିନ୍ତୁ ଯେ ଯାହା କରୁନା କାହିଁକି ପ୍ରତିଷ୍ଠା ହିଁ କରିବାକୁ ହେବ ନିଷ୍ଠାସହକାରେ, ଇଷ୍ଟାନୁକୂଲ୍ୟେ ତାଙ୍କର ପ୍ରତିଷ୍ଠା ପାଇଁ । ତେଣୁ ସାଧନା କରିବାକୁ ଗଲେ ଇଷ୍ଟସ୍ୱାର୍ଥ ଇଷ୍ଟ ପ୍ରତିଷ୍ଠା ହିଁ ହେଲା ମୂଳ କଥା । ଏହି ମୂଳକୁ

ଛାଡ଼ି ଗଛରେ ଚଢ଼ି ଯେତେ କାଣ୍ଡ ଶାଖା ପ୍ରଶାଖା ପତ୍ର ଇତ୍ୟାଦି ଅଣ୍ଡାଳିଲେ ସାଧନା କେତେବେଳେ ହେଲେ ହେବ ନାହିଁ, ସବୁକିଛି ଶ୍ରମ ପଣ୍ଡରେ ପର୍ଯ୍ୟବସିତ ହେବ । ଇଷ୍ଟଠାରେ ଟାଣ ଓ ଭକ୍ତ ମନୁଷ୍ୟଙ୍କୁ କ୍ରମାଗତ ଆଗେଇ ନେଇ ଚାଲେ ଓ ଭବସାଗର ପାର କରାଏ ସେହି ଅମୃତର ସନ୍ଧାନ । ଭଗବାନ ଶ୍ରୀଶ୍ରୀ ଠାକୁର ରାମକୃଷ୍ଣ ଗୋଟିଏ ଜାଗାରେ କହିଛନ୍ତି—ପଣ୍ଡିତ, ଡାକ୍ତର ଏବଂ ମୁକ୍ତାର କେତେବେଳେ ହେଲେ ଈଶ୍ୱରଲାଭ କରନ୍ତି ନାହିଁ । ଏହାର ଅର୍ଥ ଏହା ନୁହେଁ ଯେ ପଣ୍ଡିତ ହେଲେ, ଡାକ୍ତର ହେଲେ ବା ମୁକ୍ତାର (ଆଇନଜୀବି) ହେଲେ ଈଶ୍ୱରଲାଭ କରି ପାରିବ ନାହିଁ । ଏହାର ଅର୍ଥ ହେଉଛି ସେହି ପଣ୍ଡିତ ଯେ କି ଈଶ୍ୱରଙ୍କର ଅସ୍ତିତ୍ୱ ବିସ୍ମୃତ ହୋଇ ବହୁ ପାଣ୍ଡିତ୍ୟପୂର୍ଣ୍ଣ ପୋଥି ଇତ୍ୟାଦି ପାଠକରି କଣ୍ଠସ୍ଥ କରିଛନ୍ତି ଅଥଚ ଚରିତାର୍ଥ କରି ନାହାନ୍ତି ତାହାର ଗୋଟିଏ କଥା ଏବଂ ଚରିତାର୍ଥ କରିବାର ବୁଦ୍ଧି ମଧ୍ୟ ମୁଣ୍ଡରେ ନାହିଁ, ଇଷ୍ଟଙ୍କୁ ଗ୍ରହଣ କରିବା ଦୂରରେ ଥାଉ ପାଣ୍ଡିତ୍ୟ ଯୋଗୁଁ କାହାରି ସମ୍ମୁଖରେ ମୁଣ୍ଡନତ କରିପାରନ୍ତି ନାହିଁ । ସେହି ଅବିଦ୍ୟାସ୍ୱରୂପ ବିଦ୍ୟାବାହୀ ପଣ୍ଡିତ କେତେବେଳେ ହେଲେ ଈଶ୍ୱରତ୍ୱ ବା ଭଗବତ୍‌ଲାଭ କରିପାରେ ନାହିଁ । ନିଜେ ଯାହା ଜାଣିଥାଏ ସେହି ଅହଙ୍କାରରେ ସବୁବେଳେ ମତ୍ତ ରହନ୍ତି । ସେହିପରି ଯେଉଁ ଡାକ୍ତର ବା ଚିକିତ୍ସକ ଈଶ୍ୱରଙ୍କୁ ଭୁଲି ସେହି ଈଶ୍ୱରଙ୍କର କୋଟି କୋଟି ଐଶ୍ୱର୍ଯ୍ୟର କଣାମାତ୍ର ବ୍ୟବହାର କରି ରୋଗୀଙ୍କୁ ରୋଗଠାରୁ ଆରୋଗ୍ୟ ଲାଭ କରାଇ (ସବୁ କ୍ଷେତ୍ରରେ ନୁହେଁ) ନିଜେ ଭାବନ୍ତି—ମୁଁ ଏହି ରୋଗୀକୁ ଭଲ କରିଦେଲି ଏବଂ ତାହା ପ୍ରକାଶ କରି ରୋଗୀ ଓ ତାଙ୍କର ଆତ୍ମୀୟ ସ୍ୱଜନ ପାଖରୁ ଖାଲି ଟଙ୍କା ନୁହେଁ ତାହା ସଙ୍ଗେ ସଙ୍ଗେ ମାନ ସମ୍ମାନ ଏବଂ ପ୍ରତିଷ୍ଠା ଆଦାୟ କରିବା ପାଇଁ ବ୍ୟସ୍ତ ରହନ୍ତି, ସେ ଡାକ୍ତର ବା ବୈଦ୍ୟ କେତେବେଳେ ହେଲେ ଈଶ୍ୱରଲାଭ କରେ ନାହିଁ । ଠିକ୍ ସେହିପରି ଆଇନଜୀବି ବା ମୁକ୍ତାର ଆଇନ ଜାଣି ଅଜ୍ଞ ମନୁଷ୍ୟଙ୍କୁ ବିଚାରକ ପାଖରେ ଆଇନ ସାହାଯ୍ୟରେ କିଛି ସାହାଯ୍ୟ କରି ତାଙ୍କ ପରିବର୍ତ୍ତେ ଈଶ୍ୱରଙ୍କୁ ଭୁଲି ମୋକେଲ ବା ସେହି ଅଜ୍ଞ ମନୁଷ୍ୟଙ୍କୁ କହନ୍ତି ଯେ ମୁଁ ମୋର ଜ୍ଞାନଦ୍ୱାରା ତୁମକୁ ବଞ୍ଚାଇ ଦେଲି ବା "ମୋକଦ୍ଦମାରୁ ଜିତାଇ ଦେଲି" ଏବଂ ତାହା ପରିବର୍ତ୍ତିରେ ଲାଭ କରନ୍ତି ଆତ୍ମପ୍ରସାଦ ଓ ନିଅନ୍ତି ଧନ ଦୌଲତ । ଭୁଲିଯାଆନ୍ତି ଈଶ୍ୱରଙ୍କର କଥା । ଭୁଲିଯାନ୍ତି ସର୍ବନିୟନ୍ତା ପରମେଶ୍ୱରଙ୍କ କଥା । କିଏ ଆଣିଦେଲେ ଏହି ଲୋକଙ୍କୁ । ବହୁତ ଆଇନଜ୍ଞ ଥାଉଁ ଥାଉଁ କାହିଁକି ଏ ଆସିଲେ ମୋ ପାଖକୁ ଏବଂ ଯାହା

Scanned by CamScanner

ମାଧ୍ୟମରେ ମୁଁ ପାଇଲି ମୋ ଜୀବନ ଚଳାର ରସଦ, ଘର ସଂସାର, ସ୍ତ୍ରୀ ପୁତ୍ର, ପରିବାର ନେଇ ବଞ୍ଚିବାର ପନ୍ଥା ।

ଏହି ଯେଉଁ ଅକୃତଜ୍ଞ ବ୍ୟକ୍ତିମାନେ ଏମାନେ ଈଶ୍ୱରଲାଭ ବା ଈଶ୍ୱରଙ୍କର ଦୟା କେତେବେଳେ ହେଲେ ଉପଲବ୍ଧି କରି ପାରନ୍ତି ନାହିଁ । ଏମାନେ ଖାଲି ପଣ୍ଡିତ, ଡାକ୍ତର, ମୁକ୍ତାର ନୁହଁନ୍ତି, ସମାଜର ପ୍ରତି ସ୍ତରେ ସ୍ତରେ ଏମାନଙ୍କୁ ଦେଖାଯାଏ ଯଦିଓ ଭଗବତ୍ ଦୟାରେ ଏମାନଙ୍କର ସଂଖ୍ୟା କମ । ପୂର୍ବରୁ ମୁଁ କହିଛି ମନୁଷ୍ୟ ବେଶି ସଂଖ୍ୟାରେ ଈଶ୍ୱର ବିଶ୍ୱାସୀ, କିନ୍ତୁ ଅସ୍ଥିର ଚିତ୍ତ, ଅସଂଯତ ମନ ସ୍ଥିର ଭାବରେ କିଛି ଧରି ପାରନ୍ତି ନାହିଁ, ତେଣୁ ସେମାନଙ୍କର ଜୀବନର ଗତି ମଧ୍ୟ ଅସ୍ଥିର । ଆଜି ଯାହା କରୁଛି ଆସନ୍ତାକାଲି ହୁଏତ ତାହାର ବିରୁଦ୍ଧାଚରଣ କରୁଛି । ଏହାର ମୂଳ କାରଣ ହେଉଛି ଅଜ୍ଞତା । ଏହି ଅଜ୍ଞତାକୁ ଦୂର କରିବା ପାଇଁ ସନ୍ତ ଓ ସାଧୁ ବ୍ୟକ୍ତିମାନେ (ତଥାକଥିତ ସାଧୁ ନୁହେଁ) ପ୍ରତି ପ୍ରତ୍ୟେକ ମନୁଷ୍ୟର ମଙ୍ଗଳ ଚିନ୍ତା କରି ସୁଯୋଗ ପାଇବା ମାତ୍ରେ ଚେଷ୍ଟା କରନ୍ତି କିପରି ସେହି ମନୁଷ୍ୟମାନଙ୍କୁ ସ୍ଥିର ପ୍ରତିଜ୍ଞ କରି ଈଶ୍ୱରତ୍ୱ ଆଡ଼କୁ ଆଗେଇ ନେଇଯିବା ପାଇଁ ସାହାଯ୍ୟ କରିବେ । ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କୁ ଦେଖୁଛି ଏବଂ ଆଶ୍ଚର୍ଯ୍ୟାନ୍ୱିତ ହେଉଛି । ପ୍ରତିଟି ମନୁଷ୍ୟ ବିଭିନ୍ନ ବୈଶିଷ୍ଟ୍ୟରେ ଅଲଗା ହେଲେ ମଧ୍ୟ, ସେ କିନ୍ତୁ ସମସ୍ତଙ୍କୁ ତୁଷ୍ଟପୁଷ୍ଟ କରି ଆଗେଇ ନେଇ ଚାଲିଛନ୍ତି ସତ୍ୟ ଆଡ଼କୁ । କିପରି ? ତାହା କହି ପାରିବି ନାହିଁ, ବାକ୍ୟାତୀତ, ଭାଷାତୀତ, ବୁଦ୍ଧି ଓ ଜ୍ଞାନର ମଧ୍ୟ ଅତୀତ । ତାଙ୍କର ଦୟାରେ ଟିକେ ଟିକେ ଯାହା ବୁଝିପାରିଛି, ମୋର ଏହି କ୍ଷୁଦ୍ରମନ ତାହାର ସୂଚନା ଦେବାର ଚେଷ୍ଟା କରୁଛି ସମ୍ପୂର୍ଣ୍ଣ ଲେଖନୀ ମାଧ୍ୟମରେ, କିନ୍ତୁ ଅତଳ ସମୁଦ୍ରରେ ବାରିବିନ୍ଦୁ ସଦୃଶ ସକଳ ଶ୍ରମ ମୋର ବିଫଳ ହେଲା, ତାଙ୍କୁ ପ୍ରକାଶ କରି ପାରିଲି କାହିଁ । ପୂର୍ବରୁ ମୁଁ କହିଛି—ମୋର ଜୀବନରେ ଗୋଟିଏ ଦିଗରେ ପୃଥିବୀ ଆଉ ଗୋଟିଏ ଦିଗରେ ବିଶ୍ୱସ୍ରଷ୍ଟା ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର, ମୋର ଗୁରୁ । ସେ କି ଦୁରନ୍ତ ଲଢ଼େଇ ! ଯାହାକୁ ନେଇ ଏ ଲଢ଼ାଇ ବା ଯୁଦ୍ଧ ସେ ମାଧ୍ୟମଟି ମୁଁ । କିନ୍ତୁ ଗୁରୁଙ୍କୁ ସାହାଯ୍ୟ ନ କରି ଢଳି ପଡ଼ୁଛି ପ୍ରବୃତ୍ତି କୋଳରେ । ଠିକ୍ ସେହି ମୁହୂର୍ତ୍ତରେ ଠାକୁର ସମ୍ମୁଖରେ ଆସି ହାତ ଧରି ଟାଣି ତୋଳି କହୁଛନ୍ତି— "ଉତ୍ତିଷ୍ଠତ, ଜାଗ୍ରତ ପ୍ରାପ୍ୟ ବରାନ ନିବୋଧତ, ଉଠ, ଜାଗ" । ଏହି ଭାବରେ ସବୁବେଳେ ଜାଗ୍ରତ ରଖି ଜୀବନ ସାରଥି ମୋର ଆଗେଇ ନେଇ ଚାଲିଛି ଏଇ

Scanned by CamScanner

ସଂସାରରୂପୀ କୁରୁକ୍ଷେତ୍ର ଯୁଦ୍ଧରେ । କୁରୁକ୍ଷେତ୍ର ଯୁଦ୍ଧ କ'ଣ ଦେଖି ନାହିଁ, ଜାଣି ନାହିଁ ତାର ସବୁକଥା । କିନ୍ତୁ ମହାଭାରତ ମାଧ୍ୟମରେ ଯାହାସବୁ ଶୁଣିଛି ଯେ ଦିନସାରା ଯୁଦ୍ଧ ଚାଲିଲେ ମଧ୍ୟ ରାତ୍ରିରେ ସେମାନେ ପାଆନ୍ତି ବିଶ୍ରାମ । କିନ୍ତୁ ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ଦେଖିଲି—ବିଶ୍ରାମ ନୈବ ନୈବ ଚ । ପ୍ରତି-କ୍ଷଣ ପ୍ରତିମୁହୂର୍ତ୍ତରେ ରହିବାକୁ ହେବ ସଚେତନ, ସଦା ଜାଗ୍ରତ, କର୍ମନିପୁଣ ଓ ଇଷ୍ଟପରାୟଣ । ଏହା ଭିତରେ କୌଣସି ଜାଗାରେ ସୂଚ୍ୟଗ୍ରଛିଦ୍ରସ୍ୱରୂପ ବାଟ ପାଇଲେ ପଶି ଆସିବ ଆସୁରିକ ଶକ୍ତି ଅତି ବେଗବାନ ହୋଇ । ଦୁର୍ଯୋଗପୂର୍ଣ୍ଣ ପିଚ୍ଛିଳ ପଥରେ ମୋର ମନର ମଣିଷ ହାତଧରି ନେଇ ଚାଲିଲେ ଦୁର୍ଗମ ପଥ ଅତିକ୍ରମ କରାଇ । କର୍ମ ଶୃଙ୍ଖଳାପୂର୍ଣ୍ଣ ଆଶ୍ରମରେ ଠାକୁର ମୋତେ ବସାଇ ରଖିଛନ୍ତି । ପାର୍ଥିବ ଦୃଷ୍ଟିରେ କୌଣସି କର୍ମ ମୋତେ ଦେଇ ନାହାନ୍ତି । କିନ୍ତୁ ପ୍ରତିଦିନ ମୋତେ ଦେଉଛନ୍ତି ସେହି ପାଠ, ଯାହାକୁ ଘୋଷି ଘୋଷି ମୁଁ ଶ୍ରାନ୍ତକ୍ଲାନ୍ତ ହୋଇ ପଡ଼ୁଛି । ଆଜି ଯେଉଁ ମୁହୂର୍ତ୍ତରେ ସେହି ଅବସ୍ଥା ହେଉଛି ଦେଖୁଛି ସମ୍ମୁଖରେ ଛିଡ଼ା ହୋଇଛନ୍ତି ମୋର ସେହି ମୋହନ ମୂରତି, ଯେ କି ପ୍ରତିମୁହୂର୍ତ୍ତରେ ମୋତେ ସଞ୍ଜୀବନ ସୁଧାରେ କରି ଉଠାଉଛନ୍ତି ମାନସିକ ବଳେ ବଳୀୟାନ । ଆଶ୍ରମରେ ରହୁଛି, ମନ ଚାହୁଁଛି କେତେ କଣ କିଛି କରିବାପାଇଁ । କିନ୍ତୁ ମୁଁ ଯେତେବେଳେ ଯାହାକିଛି କରିବାକୁ ଚାହୁଁଛି ସେତେବେଳେ ଶ୍ରୀଶ୍ରୀ ଠାକୁର ବାଧା ଦେଉଛନ୍ତି, କହୁଛନ୍ତି — "ନା, ନା, ଏହା ତୋ ପାଇଁ ନୁହେଁ ।" ବୁଝି ପାରୁ ନାହିଁ, ଭାଷାହୀନ ଅଙ୍କ ଆଖିରେ ଅନାଇ ରହୁଛି ତାଙ୍କ ଆଡ଼କୁ । ଇସାରାରେ ତାଙ୍କ ପାଖରେ ନେଇ କହୁଛନ୍ତି—"ଏ ସବୁ କାମ କରିବା ପାଇଁ ତ ବହୁ ଲୋକ ଅଛନ୍ତି । ତୁ ମଧ୍ୟ ଜୀବନରେ ବହୁ କର୍ମ କରି ଆସିଛୁ । ଆହୁରି କେତେ କଣ କରିବାକୁ ହେବ ତାର ସୀମା ନାହିଁ । କିନ୍ତୁ ଏହି ସେହି ମୁହୂର୍ତ୍ତ ତାକୁ ନଷ୍ଟ କର ନାହିଁ । ମନକୁ ଏପଟ ସେପଟ କର ନାହିଁ । ରୁହ ମୋ ପାଖରେ, ଦେଖ ମୋତେ ଓ ଅନୁସରଣ କର ମୁଁ ଯାହା କହୁଛି ତାହା ।" ମୁଁ କହିଲି— "ଠାକୁର ! ଆପଣଙ୍କର ନିର୍ଦ୍ଦେଶିତ ପଥରେ ମୁଁ ତ ଚାଲିଛି । ନହିଁରେ ନହିଁରେ, ମୋର ମନେହୁଏ ଏ ଆଶ୍ରମରେ ସମସ୍ତ ଲୋକ କର୍ମବ୍ୟସ୍ତ, ତାଙ୍କପରି ମୋର ମଧ୍ୟ କିଛି କରିବା କର୍ତ୍ତବ୍ୟ ।" ଶ୍ରୀଶ୍ରୀ ଠାକୁର କହିଲେ, "ମନୁଷ୍ୟ ଚାଲିଛନ୍ତି ନିଜର ମନ, ବୁଦ୍ଧି ଓ ବୃତ୍ତି ଦ୍ୱାରା ପରିଚାଳିତ ହୋଇ । ତାହାର ସାଙ୍ଗରେ କିଛି ଇଷ୍ଟଯୁକ୍ତ ହୋଇ ରହିଛନ୍ତି ଯେପରି କି ପିତା ଔଷଧ ଉପରେ ମିଠା ଆବରଣ ବା Sugar coating ଥାଏ । ତୁମେ ସେହିପରି ହୁଅ ନାହିଁ । ସେମାନଙ୍କୁ

Scanned by CamScanner

ଅନୁସରଣ କର ନାହିଁ । ଅସ୍ଥିରଚିତ୍ତତା ସାଧନାର ଘୋର ଅନ୍ତରାୟ । ତେଣୁ ଯେତେବେଳେ ମୁଁ ଯାହା କହୁଛି ବା ତୁମକୁ କରିବାକୁ କହିବି ସେତେବେଳେ ତାହା କରିବ । ନ ହେଲେ ମୋ ପାଖେ ପାଖେ ରହି ଦେଖିବ ଅନନ୍ତ କର୍ମ ସମ୍ମୁଖରେ ଉପସ୍ଥିତ ରହିଛି; ମନ ସେଥିରେ ବୁଡ଼ି ରହିବ । ଭୁଲି ଯାଉଛ କି ରାମ ପ୍ରସାଦଙ୍କର ସେ କଥା–

"ଡୁବ ଦେଲେ ମନ କାଲି ବଲେ, ହୃଦୀ ରତ୍ନାକରେର ଅଗାଧ ଜଲେ
ରତ୍ନାକର ନୟ ଶୂନ୍ୟ କଖନ, ଏକାଦ ଡୁବେ ଧନ ନା ପେଲେ
ତୁମି ଦମ୍ ସାମର୍ଥ୍ୟେ ଏକ ଡୁବେ ଯାଓ କୁଲ କୁଣ୍ଡଳିନୀର କୋଲେ ।"

ଏଇ ଯେ ଚୈତନ୍ୟସ୍ୱରୂପା ଆଦ୍ୟାଶକ୍ତି ତାଙ୍କୁ ପାଇବାକୁ ହେଲେ, ଉପଲବ୍ଧି କରିବାକୁ ଗଲେ ବହୁକଷ୍ଟ କରିବାକୁ ପଡ଼େ । କିନ୍ତୁ ତାର ଦୟା ହେଲେ ଗୋଟିଏ ଲହମାଟରେ କୁଆଡ଼ୁ କଅଣ ହୋଇଯିବ ଜାଣି ପାରିବ ନାହିଁ । ଆଉ ତାଙ୍କର ଦୟା ଆସେ ଇଷ୍ଟ ଚରଣେ ନିଷ୍ଠା ଥିଲେ, ତାଙ୍କ ଉପରେ ନିର୍ଭରତା ଥିଲେ । କୌଣସି ଶକ୍ତି, କୌଣସି ସଂପଦ, କୌଣସି ପ୍ରଲୋଭନ ଯେପରି ତାଙ୍କଠାରୁ ମୁହୂର୍ତ୍ତି ପାଇଁ ଦୂରେଇ ରଖି ନ ପାରେ । ଦେଖିବ ଜୀବନ ଦିବ୍ୟ-ଐଶ୍ୱର୍ଯ୍ୟରେ ଐଶ୍ୱର୍ଯ୍ୟବାନ ହୋଇ ଉଠିବ ।" ସାଙ୍ଗେ ସାଙ୍ଗେ ଠାକୁର କହିଲେ– "ନାମଧ୍ୟାନ ଓ ଇଷ୍ଟ ସାନ୍ନିଧ୍ୟଲାଭର ଯେଉଁ ଅପୂର୍ବ ସୁଯୋଗ ତୁମ୍ଭ ସମ୍ମୁଖରେ ଉପସ୍ଥିତ ହୋଇଛି, ତାକୁ ଅବହେଳାରେ ନଷ୍ଟ କର ନାହିଁ । ପୃଥିବୀ ମହାବ୍ୟସ୍ତ । ପରମପିତା ପାଖରେ ପ୍ରାର୍ଥନା କରୁଛି ତୁମ୍ଭେ ବ୍ୟସ୍ତତା ମୁକ୍ତ ହୋଇ ସୁସ୍ଥ ହୁଅ, ସ୍ୱସ୍ଥ ହୁଅ, ସ୍ଥିରତା ଲାଭ କର । ମନେରଖିବ ମୁଁ ତୁମକୁ କର୍ମ ବିମୁଖ ହେବାକୁ କହୁ ନାହିଁ । କର୍ମ ବହୁ ପ୍ରକାର । ଦେହ ଥାଉଁ ଥାଉଁ ଲୋକ କର୍ମଶୂନ୍ୟ ହୋଇ ପାରନ୍ତି ନାହିଁ । ମନେରଖ ତୁମର ସେ କର୍ମ ଯେପରି ସୁସଂଯତ, ସୁବିନ୍ୟସ୍ତ, ସୁଦୀପ୍ତ ଓ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପନ୍ନ ହୋଇ ଉଠେ । ଇଷ୍ଟ ନିଜେ ଆଚାର୍ଯ୍ୟ । ପ୍ରତି-ମୁହୂର୍ତ୍ତି ପାଇଁ ସେ ଆଚରଣଶୀଳ । ଇଷ୍ଟ ସାନ୍ନିଧ୍ୟରେ ରହି, ଆଚାର୍ଯ୍ୟ ସାନ୍ନିଧ୍ୟରେ ରହି ଆଚରଣଶୀଳ ହୋଇ ଉଠ ।" ମୁଁ ପଚାରିଲି, "ଠାକୁର, ଶାସ୍ତ୍ରରେ ରହିଛି ନୈଷ୍କର୍ମ୍ମ ଯୋଗ । ସେଠାରେ ତ କୌଣସି କର୍ମ ଥାଏ ନାହିଁ ।" ଶ୍ରୀଶ୍ରୀ ଠାକୁର କହିଲେ, "ନୈଷ୍କର୍ମ୍ମ ଯୋଗ ସେତେବେଳେ ଆସେ ଯେତେବେଳେ ମନୁଷ୍ୟ ସବୁ କର୍ମ କରିଥାଏ । ତାଙ୍କ ପାଖରେ ଅଜଣା କିଛି ମାତ୍ର ନ ଥାଏ । ସବୁ କର୍ମ କରି ଜାଣିଛି ବୋଲି ତ ସେ ନୈଷ୍କର୍ମୀ । କିନ୍ତୁ ଜାଣିଥାଅ, ଦେହ ରହିବା ପର୍ଯ୍ୟନ୍ତ

Scanned by CamScanner

ନିଷ୍କର୍ମୀ ଅବସ୍ଥାରେ ରହିବା ସମ୍ଭବ ନୁହେଁ, କାହିଁକି ନା ତୁମ୍ଭର ଜଣାଣ ହିଁ ଆକର୍ଷଣ କରିବ ବିଶ୍ୱର କୋଟି କୋଟି ମାନବଙ୍କୁ ଏବଂ ସେହି ଜଣାଣ କରି କରାଇ ଦେଖାଇବା ପାଇଁ କର୍ମର ପ୍ରୟୋଜନୀୟତା ଥାଏ । କିନ୍ତୁ ସେ କର୍ମରେ ଫଳ ଆକାଂକ୍ଷା ନାହିଁ । ତେଣୁ କର୍ମଫଳ ତାଙ୍କୁ ଆବଦ୍ଧ କରିପାରେ ନାହିଁ ।" ସାଙ୍ଗେ ସାଙ୍ଗେ ଶ୍ରୀଶ୍ରୀ ଠାକୁର କହି ଉଠିଲେ ଗାଉଁଲି ବଙ୍ଗଳା ଭାଷାରେ, "ଏତ କଥା କସ୍ କେନ୍ ? ଯା ବଲି ତା କରବି ଆର ଡୁବେ ଯାବି । କଥା କଇତେ କଇତେ କଥା ବଲାର ଅଭ୍ୟାସ ଏସେ ଯାୟ ।" ମୁଁ କହିଲି, "ଠାକୁର ! ଯାଜନ କରିବାକୁ ଗଲେ ତ କଥା କହିବାକୁ ହୁଏ । ଆପ୍ତର ଆଚରଣ ସାଙ୍ଗରେ ବାକ୍ୟ ମଧ୍ୟ ରହିଛି । ସେଠାରେ ମଧ୍ୟ କଥା କହୁଁ କହୁଁ ଅଭ୍ୟାସ ହୋଇଯିବ ।" ଶ୍ରୀଶ୍ରୀ ଠାକୁର ଅପୂର୍ବ ହାସ୍ୟ ସହକାରେ କହି ଉଠିଲେ, "ଓଗୋ ମନ ! ସେ କଥା ଯେ ଇଷ୍ଟ କଥା । ଇଷ୍ଟ କଥା ଯଦି କର୍ମ ସାଙ୍ଗରେ ସଂଯୋଜିତ ଥାଏ, କଥା ଓ କର୍ମରେ ଯଦି ମେଳ ଥାଏ ତାହାହେଲେ ତାହା ଯେତେ କହିବ ସେତେ ଭଲ । ପରମପିତାର ଆଶୀର୍ବାଦ ତ ଆସେ ଏଇ ବାଟେ । ନିଜର କଥା, ଘରର କଥା, ବିଶ୍ୱଦୁନିଆର ସବୁ କଥା, ତାହା ଭଲମନ୍ଦ ଦୁଇ ଦିଗରେ ହିଁ କାମ କରେ । କିନ୍ତୁ ଇଷ୍ଟ କଥା, ଇଷ୍ଟ ଆଲୋଚନା, ତାହାର ଗୋଟିଏ ମାତ୍ର ଦିଗ । ସେ ଆଣେ ଅମୃତର ସନ୍ଧାନ, ସେ ଆଣେ ଇଷ୍ଟପ୍ରୀତି ତ୍ରାଣ, ସେ କଥା ଆଣେ କର୍ମେ କୁଶଳତା ଜୀବନେ ଉତ୍ଥାନ । ଏବଂ ଏହି ଇଷ୍ଟ କଥା ମାଧ୍ୟମରେ ଆସେ ଆସୁରିକର ଅବସାନ ।" ମୋର ଅନ୍ତର ଭିତରୁ ଗୋଟିଏ ଶାନ୍ତାସୁନ୍ଦର ନୀରବତାର ଭାବ ଆସି ଉପସ୍ଥିତ ହେଲା । ଆଖି ଚାହୁଁଛି ସବୁ ମୁହୂର୍ତ୍ତରେ ତାହାଙ୍କୁ ଦେଖିବା ପାଇଁ, ମନ ଚାହୁଁଛି 'ନାମ' କରିବା ପାଇଁ, ଏକ କଥାରେ ପ୍ରତି ଅଙ୍ଗ କାନ୍ଦେ ତାର ପ୍ରତି ଅଙ୍ଗ ଲାଗି । ବହିର୍ଦେଶରେ ସୁସ୍ଥ ମନୁଷ୍ୟ ମୁଁ, କିନ୍ତୁ ଅନ୍ତରରେ ଅସୁସ୍ଥ । ତାକୁ ସୁସ୍ଥ କରି ଠାକୁର ସମ୍ମୁଖରେ ବସାଇ ରଖିଲେ । ଏ ଜୀବନ ମୋର ସାର୍ଥକ ହୋଇ ଉଠିଲା ଗୁରୁ ପ୍ରସାଦ ଲାଭ କରି ।

॥ ଗୃହ ॥

ରାତ୍ରି ୯ଟା, ଗ୍ରୀଷ୍ମଦିନ । ଖାଲି ଦେହରେ ଯତି ଆଶ୍ରମ ସମ୍ମୁଖସ୍ଥ ପ୍ରାଙ୍ଗଣରେ ଯେଉଁଠି ଶ୍ରୀଶ୍ରୀ ଠାକୁର ବସିଛନ୍ତି ସେଠାରେ ଯାଇ ବସିଲି । ଠାକୁର ମୋତେ ପଚାରିଲେ, "ଜାମାପଟା, ବିଛଣାପତ୍ର ସବୁ କେଉଁଠି ?" ମୁଁ କହିଲି, "ଘରେ ରଖି ଆସିଛି ।" ସେ ପୁଣି କହିଲେ, "ଘରେ ତାଲା ଦିଆ ଅଛି ତ ?" ମୁଁ ଜଣାଇଲି, "ନା, ତାଲା ଦିଆ ନାହିଁ । ଘରେ ଆହୁରି ଲୋକ ଅଛନ୍ତି । କିଏ କେତେବେଳେ ଆସେ ଯାଏ । ତା ଛଡ଼ା ଏଠାରେ ଚୋରି ହୁଏ ନାହିଁ । ତେଣୁ କିଛି ହେବ ନାହିଁ ।" ଶ୍ରୀଶ୍ରୀ ଠାକୁର କହିଲେ, "ତାହାହେଲେ ମଧ୍ୟ ଜିନିଷପତ୍ର, ଟଙ୍କାପଇସା ଠିକ୍ ଭାବରେ ରଖିବାକୁ ହୁଏ । କେତେବେଳେ କିଏ ଆସିପାରେ ଠିକ୍ କଣ ?" ମୋର ସେତେବେଳେ ଶ୍ମଶାନ ବୈରାଗ୍ୟଭାବ । ଟଙ୍କାପଇସା, ଧନଦୌଲତ, ଏସବୁ ଉପରେ ପୁଣି ଆସକ୍ତି କଣ ପାଇଁ ? ସେଠାରେ ବସି ଶ୍ରୀଶ୍ରୀ ଠାକୁରଙ୍କ ସହିତ କଥା କହିବାକୁ ଲାଗିଲି । ଅଧଘଣ୍ଟା ପରେ ଠାକୁର ରାତ୍ରି ଭୋଗ ପାଇଁ ଉଠିଲେ । ମୁଁ ମଧ୍ୟ ଉଠି ଘରକୁ ଚାଲି ଆସିଲି । ଘରେ ଆସି ଭାବିଲି ଠାକୁର ଯେତେବେଳେ କହିଛନ୍ତି, ତେଣୁ ଟଙ୍କାପଇସା ସାବଧାନରେ ରଖିବା ହିଁ ଶ୍ରେୟ । କିନ୍ତୁ ଜାମା ପକେଟରେ ହାତ ଦେଇ ମୋର ଚକ୍ଷୁସ୍ଥିର । ପକେଟରେ ୩୨ ଟଙ୍କା ଥିଲା, ମୋର ଘରକୁ ଫେରିବାର ଭଡ଼ା ଇତ୍ୟାଦି ପାଇଁ । ସେଥିରୁ ଗୋଟିଏ ଟଙ୍କା ମଧ୍ୟ ନାହିଁ । କେହି ଜଣେ ପକେଟରୁ ତାହା ନେଇ ଯାଇଛି । ଖୁବ୍ ଚିନ୍ତାରେ ପଡ଼ିଗଲି । କିପରି ଓଡ଼ିଶାକୁ ଫେରିବି । କିଛିକ୍ଷଣ ପୂର୍ବର ତତ୍ତ୍ୱପୂର୍ଣ୍ଣ ଭକ୍ତିଭାବ କେଉଁଠି ଉଡ଼ିଗଲା । ବାସ୍ତବ ସତ୍ୟର ସମ୍ମୁଖୀନ ହେଲି । କିଛି ସମୟ ପରେ ଶ୍ରୀଶ୍ରୀ ଠାକୁର ଭୋଗ ସାରି ଯଥାସ୍ଥାନରେ ଆସି ବସିଲେ । ମୁଁ ମଧ୍ୟ ଯାଇ ପୂର୍ବ ଆସନରେ ବସିଲି ଏବଂ ଶ୍ରୀଶ୍ରୀ ଠାକୁରଙ୍କୁ ଟଙ୍କା ଚୋରି ଘଟଣା କହିଲି । ଠାକୁର ଶୁଣିବା ମାତ୍ରେ କହିଲେ,

"କେତେ ଟଙ୍କା ଥିଲ ?" ମୁଁ ୩୦ ଟଙ୍କା ବୋଲି କହିବାରୁ ଠାକୁର କହିଲେ, "ଯାହାହେଉ, ଅଳ୍ପ ଉପର ଦେଇ ଯାଇଛି । ସହଜରେ ବାସ୍ତବ ଜ୍ଞାନଟା ଆସିଗଲା । ସବୁ ସମୟରେ ସଦା ଜାଗ୍ରତ ଓ ସତର୍କ ଦୃଷ୍ଟି ନେଇ ଚାଲିବ । ଭଲମନ୍ଦ ସବୁହିଁ ତ ଦୁନିଆରେ ରହିବ । ଏହାର ମଧ୍ୟରେ ଭଲଟି ବାଛି ବାଛି ନେବାକୁ ହୁଏ । ମନ୍ଦ ପାଇଁ ଚେଷ୍ଟା କରିବାକୁ ହୁଏ ନାହିଁ । ତାହା ଆପଣାଛାଏଁ ଆସି ଉପସ୍ଥିତ ହୁଏ । ଏଥିପାଇଁ ବାସ୍ତବ ଶିକ୍ଷା ଦରକାର ଏବଂ ଏହି ଶିକ୍ଷା ଦ୍ୱାରା ହିଁ ଜ୍ଞାନ ଅର୍ଜନ ହୁଏ ।" ଏହାପରେ ଠାକୁର ଭିକ୍ଷା କରିବାକୁ ଲାଗିଲେ, ଏବଂ ମୋତେ ୪୦ ଟଙ୍କା ଦେଲେ ଓ କହିଲେ, "ପ୍ରୟୋଜନ ଅନୁଯାୟୀ ଖର୍ଚ୍ଚ କରିବ ।" ବିସ୍ମିତ ନୟନରେ ଚାହିଁ ରହିଲି ସେହି ମଣିଷ ଆଡ଼କୁ । ପୂର୍ବରୁ ସାବଧାନ ମଧ୍ୟ କରିଛନ୍ତି । କେବଳ ଉପଦେଶ ଦେଇ କ୍ଷାନ୍ତ ହେଲେ ନାହିଁ । ମୋର ବାସ୍ତବ problem ଯାହା ତାହା ମଧ୍ୟ ଦୂର କରିଦେଲେ । ୭୫ ବର୍ଷ ବୟସର ବୃଦ୍ଧ ରାତ୍ରି ୧୧ଟା ସମୟରେ ମଧ୍ୟ ଭିକ୍ଷାପାତ୍ର ନେଇ ଘୂରୁଛନ୍ତି ସନ୍ତାନମାନଙ୍କ ପାଇଁ । ଆଉ ଏହି ଘୂରିବା ଚିରଦିନ, ଯେତେଦିନ ପର୍ଯ୍ୟନ୍ତ ସନ୍ତାନମାନେ ସ୍ୱାବଲମ୍ବୀ ହୋଇ ନ ଉଠନ୍ତି ସବୁ ଦିଗରେ, ସ୍ୱଭାବରେ, ଚରିତ୍ରରେ, ଭାବରେ, ଅର୍ଥରେ, ସାମର୍ଥ୍ୟରେ, ସୌନ୍ଦର୍ଯ୍ୟରେ, ବିଦ୍ୟାରେ, ବୁଦ୍ଧିରେ, ଜ୍ଞାନରେ । ସବୁ ପ୍ରକାରରେ ପ୍ରଭାବାନ୍ୱିତ ହୋଇ ନ ଉଠିବା ପର୍ଯ୍ୟନ୍ତ ସେ କ୍ଷାନ୍ତ ହୁଅନ୍ତି ନାହିଁ । କ୍ରମାଗତ କରି ଚାଲନ୍ତି ସମସ୍ତଙ୍କ ପାଇଁ । ତାର ଆଉ ଶେଷ ନାହିଁ । ଅନନ୍ତ, ଅନନ୍ତ ତାଙ୍କର ଦାନ । ଆଉ ଗୋଟିଏ ବ୍ୟାପାର, ସମସ୍ତ କ୍ଷେତ୍ରରେ ହିଁ ମୁଁ ଲକ୍ଷ୍ୟ କରୁଛି ଶ୍ରୀଶ୍ରୀ ଠାକୁର ଯେତେବେଳେ ଯାହାକୁ ଯାହା ଦିଅନ୍ତି ତାହା ଗ୍ରହୀତାର ପ୍ରୟୋଜନଠାରୁ କିଛି ବେଶୀ । ଯଦି କାହାର ଦରକାର ୧୫ ଟଙ୍କା ଶ୍ରୀଶ୍ରୀ ଠାକୁର ତାଙ୍କୁ ଦିଅନ୍ତି ୨୦ ଟଙ୍କା, ଯେଉଁଠି ୫୦ ଟଙ୍କା ସେଠାରେ ୫୫ କିମ୍ବା ୬୦ ଟଙ୍କା, ୧୦୦ ଟଙ୍କା ଦରକାର ହେଲେ ୧୧୦ କିମ୍ବା ୧୨୦ ଟଙ୍କା । ଏହିପରି ଭାବରେ ସେ ସର୍ବଦା ଯାଚକକାରୀଙ୍କୁ କିଛି ବେଶୀ ଦିଅନ୍ତି, କମ୍ ତ କଦାପି ନୁହେଁ । ଦିନେ ଠାକୁରଙ୍କୁ ପଚାରିଲି, "ଠାକୁର ! ସର୍ବଦା ଦେଖୁଛି, କେହି ଆପଣଙ୍କ ପାଖରେ ଯାହା ଚାହେଁ, ଆପଣ ଦେବା ସମୟରେ ତାହା ଠାରୁ କିଛି ବେଶୀ ଦିଅନ୍ତି । ଏହାର କାରଣ କଣ ?" ସେ କହିଲେ, "ମନୁଷ୍ୟର ଯେତେବେଳେ କୌଣସି ଟଙ୍କା-ପଇସା ଦରକାର ହୁଏ ସେତେବେଳେ ସେ ହିସାବ କରି ଦେଖେ କେତେ କମ୍‌ରେ ଚଳିଯାଇ ପାରେ । ଆଉ ତାହା ଚାହେଁ । ପୁଣି ମାଗିବା ସମୟରେ

ମନରେ ଆତୁର ଗୋଟିଏ ସନ୍ଦେହ ରହେ ଯେ ଟଙ୍କା ପାଇବ କି ନା । ତେଣୁ କମ୍ କରି ମାଗେ । ଆଉ ମୋର ବୁଦ୍ଧି ହେଲା ଯଦି କାହାରିକୁ କିଛି ଦେବାକୁ ହିଁ ହୁଏ ତେବେ ଯେଉଁ କାରଣରେ ଦିଆଯାଏ ସେହି କାରଣ ପାଇଁ ଯେପରି ଆଉ କାହା ପାଖରେ ହାତ ପାତିବାକୁ ନ ହୁଏ ବା ଚିନ୍ତା କରିବାକୁ ନ ହୁଏ । ଏହାଛଡ଼ା ମଣିଷ ଯାହା ହିସାବ କରି କହେ ସେଥିରେ ମଧ୍ୟ ଭୁଲ ହୋଇପାରେ । ତେଣୁ ୧୦ । ୨୦ । ୫୦ ଟଙ୍କା ବେଶୀ ଦେବା ଦରକାର ଯଦ୍ଦ୍ୱାରା ଭୁଲ ତ୍ରୁଟି ପାଇଁ କୌଣସି sufferings ନ ଆସେ ।" ମାତ୍ର ମୁଁ ଯାହା ଦେଖେ ସର୍ବତ୍ର ମନୁଷ୍ୟ ଯେତେବେଳେ କାହାକୁ ଦାନ କରେ ସେତେବେଳେ ଗ୍ରହୀତାର ପ୍ରୟୋଜନ ତୁଳନାରେ କମ ଦେଇଥାଏ, ଆଉ ଉପଦେଶ ଦିଏ ସେହି କମ୍ ଭିତରେ manage କରିନେବା ପାଇଁ । ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ତାର ଓଲଟା, ଉପଦେଶ ଆଦୌ ନାହିଁ, ଜିଜ୍ଞାସିତ ହେଲେ ଯାହା କହନ୍ତି ତାହା ମଧ୍ୟ ଜିଜ୍ଞାସାକାରୀ ବ୍ୟକ୍ତି ନିକଟରେ ଗ୍ରହଣଯୋଗ୍ୟ କରି କହନ୍ତି ।

ଦିନେ ମୋର ଜନୈକ କଲିକତାସ୍ଥ ଲେଖକ ବନ୍ଧୁ ଠାରୁ ଖଣ୍ଡିଏ ଚିଠି ପାଇଲି । ମୁଁ ତାଙ୍କୁ ଠାକୁରଙ୍କ ଦର୍ଶନ କରିବାପାଇଁ ଆସିବାକୁ ଲେଖିଥିଲି । ତାର ଉତ୍ତରରେ ସେ ଲେଖିଛନ୍ତି, " ଠାକୁର ଅନ୍ତର୍ଯାମୀ, ସେ ସବୁକିଛି ଜାଣନ୍ତି । ତାଙ୍କର ଇଚ୍ଛା ହେଲେ ସବୁ ହିଁ ହେବ । " ଇତି ପୂର୍ବେ ଏହାଙ୍କ ସମ୍ବନ୍ଧରେ ଅନେକ କଥା ଶ୍ରୀଶ୍ରୀ ଠାକୁରଙ୍କ ସହିତ ହୋଇଛି । ଏଥର ମଧ୍ୟ ଚିଠି ପାଇ ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ତାଙ୍କର 'ଅନ୍ତର୍ଯାମୀତ୍ୱ' କଥା କହିଲି । ଠାକୁର କହିଲେ, "ଅନ୍ତର୍ଯାମୀ କଥାଟା ବୋଧେ ଆସିଛି 'ଯମ୍' ଧାତୁ ଠାରୁ । ଯାହାର ଅର୍ଥ ହେଲା ଗମନ କରିବା । ଅର୍ଥାତ୍ ଅନ୍ତର ଭିତରକୁ ଯେ ଗମନ କରି ପାରନ୍ତି, ଆଉ ଅନ୍ତର୍ଯାମୀ ଯେ, ସେ ସେତେବେଳେ ହିଁ ନିୟନ୍ତ୍ରଣ କରି ପାରନ୍ତି ଯେତେବେଳେ ମନୁଷ୍ୟ ତାଙ୍କୁ ନିୟନ୍ତ୍ରଣର ଅଧିକାର ଦିଏ । ଅର୍ଥାତ୍ ତାଙ୍କର କଥା ଶୁଣେ ଓ ତାଙ୍କ କଥା ମୁତାବକ ଚାଲେ । ଏହା ନ ହେଲେ ସେ (ଠାକୁର) ଅନ୍ତର୍ଯାମୀ ହେଲେ ମଧ୍ୟ ଆମର କୌଣସି କାର୍ଯ୍ୟରେ ଆସନ୍ତି ନାହିଁ ।"

Scanned by CamScanner

॥ ପାଞ୍ଚ ॥

ଭକ୍ତେ ବିଭିନ୍ନ ଦେଶ ଭ୍ରମଣ କରି ଶ୍ରୀଶ୍ରୀ ଠାକୁରଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେଲେ । ଏ ଭ୍ରମଣର ଆଦେଶ ଆସିଥିଲା ତାଙ୍କରି (ଠାକୁରଙ୍କ) ପାଖରୁ । ସେ ସେଦିନ କହିଥିଲେ, "ବହୁତ ଦିନ ତ ଆଶ୍ରମରେ ରହିଲ । ଏଥର ପରମ-ପିତାଙ୍କର ବୃହତ୍ତର ଯେଉଁ ଆଶ୍ରମ, ଯାଅ ତାକୁ ଦେଖ । ଆଉ କେବଳ ଦେଖିବା ନୁହେଁ, ଦେଖିବା ସଙ୍ଗେ ସଙ୍ଗେ ମନେ ରଖିବ ତୁମେ ବି ସେ ଆଶ୍ରମର ହିଁ ଜଣେ । ଆଉ ଗୋଟିଏ କଥା—ମୁଁ ସର୍ବଦା ହିଁ ତୁମ ସଙ୍ଗେ ସଙ୍ଗେ ଅଛି । ମୋର ଏହି ସ୍ଥୂଳ ଦେହଟା ଏଠାରେ ରହିଲେ ମଧ୍ୟ ତୁମର ଦେହକୁ ବ୍ୟବହାର କରି ତା ମାଧ୍ୟମରେ ମୁଁ ବୁଲିବି । କୌଣସି ମନୁଷ୍ୟକୁ ଶ୍ରେଷ୍ଠ ଭାବି ଘୃଣା କରିବ ନାହିଁ । ପୁଣି କାହାକୁ ଏପରି ଭାବିବ ନାହିଁ ଯେପରି ସେ ତୁମର ଇଷ୍ଟଠାରୁ ବଡ଼ ବୋଲି ବିବେଚିତ ହୁଏ ।" ତାହା ସହିତ ସେ କହିଲେ, "ଇଷ୍ଟେର ଚେଷ୍ଟେ ଥାକଲେ ଆପନ, ଛିନ୍ନଭିନ୍ନ ତାର ଜୀବନ । ତେଣୁ ତାଙ୍କଠାରୁ ଆପଣାର ଯାହାକୁ ଯେତେବେଳେ ମନେହେବ ସେତେବେଳେ ମନେରଖ ସେ କିନ୍ତୁ ମାରିଚର ସ୍ୱର୍ଣ୍ଣମୃଗ ଧାରଣ । ଖୁବ ସାବଧାନରେ ତାହାଠାରୁ ଦୂରରେ ରହିବ ।" ଶ୍ରୀଶ୍ରୀ ଠାକୁରଙ୍କର ସେହି ନିର୍ଦ୍ଦେଶିତ ପଥରେ ଚାଲି ଭକ୍ତେ ତାଙ୍କରି ସାନ୍ନିଧ୍ୟରେ ଆସି କହିଲେ, "ଠାକୁର, ଗୋଟିଏ ଆଶ୍ଚର୍ଯ୍ୟ ଘଟଣା ଦେଖିଲି । ପ୍ରାୟ କ୍ଷେତ୍ରରେ ହିଁ ଦେଖେ ମଣିଷ ଈଶ୍ୱରଙ୍କ କଥାରେ ଆନନ୍ଦ ପାଆନ୍ତି । ଆଉ ଆପଣଙ୍କ ସାନ୍ନିଧ୍ୟକୁ ଆସିବା ପାଇଁ ବ୍ୟସ୍ତ ହୋଇ ଉଠନ୍ତି । କେବଳ ତାହା ନୁହେଁ ଆପଣଙ୍କୁ ଦର୍ଶନ କରିବା ପାଇଁ, ବୁଝିବା ପାଇଁ ମଧ୍ୟ ବ୍ୟସ୍ତ ହୋଇ ଉଠନ୍ତି । ମୋର ଜାଣିବା ଓ ବୁଝିବା ମଧ୍ୟରେ ଯାହା ଅଛି ତାହା ସେମାନଙ୍କୁ କହେ । ସେମାନେ ମଧ୍ୟ ସେହି ନିର୍ଦ୍ଦେଶ ମାନି ଚାଲନ୍ତି ଆନ୍ତରିକ ଭାବରେ ଏବଂ ପ୍ରୟୋଜନୀୟ 'ଦୀକ୍ଷା' ନେଇ ଛୁଟି ଆସନ୍ତି ଆପଣଙ୍କ ପାଖକୁ । କିନ୍ତୁ ଏହାର

Scanned by CamScanner

ବ୍ୟତିକ୍ରମ ଦେଖେ ଏପରି ସବୁ ଯାଗାରେ, ଯାହା କେବେହେଲେ କଳ୍ପନା ମଧ୍ୟ କରି ନାହିଁ । ଆମ ସମାଜରେ ଯେଉଁମାନେ ଧାର୍ମିକ ବୋଲି ପରିଚିତ ବା ପ୍ରତିଷ୍ଠିତ ସେ ସବୁ ଲୋକମାନେ ବାସ୍ତବ ଧର୍ମ କଥା ଶୁଣିଲେ ହିଁ ଦୂରରେ ଘୁଞ୍ଚି ରହନ୍ତି । ଅଥଚ ସେମାନଙ୍କର ଜୀବିକା ନିର୍ବାହ କରନ୍ତି ଏହି ଧର୍ମ ଜୀବନ ଯାପନ ମାଧ୍ୟମରେ । ଯେପରି କୌଣସି ମନ୍ଦିରର ପୁରୋହିତ, ଚିରଜୀବନ ହିଁ ମନ୍ଦିରର ପୂଜା କରୁଛନ୍ତି । ଯେତେବେଳେ ସେମାନଙ୍କ ନିକଟକୁ ଯାଇଛି ସେମାନେ ଭକ୍ତି ସହକାରେ ବୁଝାଇଛନ୍ତି ଯେ ଏ ମନ୍ଦିରର ଦେବତା ମୃଣ୍ମୟ ବା ମୃଣ୍ମୟୀ ନୁହେଁ, ଚିନ୍ମୟ ବା ଚିନ୍ମୟୀ । ସେ ଦିନେ ଆବିର୍ଭୂତ ହୋଇଥିଲେ ଶ୍ରୀକୃଷ୍ଣ ରୂପରେ, କେଉଁଠି ବା ଶ୍ରୀ ଚୈତନ୍ୟ ରୂପରେ, କେଉଁଠି ବା ଶ୍ରୀରାମ ଅବତାରରେ, ପୁଣି କେତେବେଳେ ସତୀ ସୀତା ରୂପରେ । କେତେ ସୁନ୍ଦର କରି ସେମାନେ ବୁଝାନ୍ତି ସେ ସମସ୍ତ କଥା । ତା ସଙ୍ଗେ ସଙ୍ଗେ ଏକଥା ମଧ୍ୟ କହନ୍ତି—ସେ ଯୁଗ ଥିଲା ସ୍ୱର୍ଣ୍ଣ-ଯୁଗ, ଯେତେବେଳେ ସେମାନେ ବିରାଜମାନ କରିଥିଲେ ଏ ଜଗତରେ ମନୁଷ୍ୟ ରୂପରେ । ସେମାନଙ୍କର ସେ ସମସ୍ତ କଥା ଶୁଣି ମନେହୁଏ ଆଜି ଏହି ମୁହୂର୍ତ୍ତରେ ଯଦି ସେମାନଙ୍କ ସମ୍ମୁଖରେ ସେହି ଶକ୍ତିମାନ ପୁରୁଷ ଆବିର୍ଭୂତ ହୁଅନ୍ତି ବା ସେମାନେ ତାଙ୍କର କୌଣସି ଖବର ପାଆନ୍ତି, ତାହାହେଲେ ବୋଧହୁଏ ଏହିକ୍ଷଣି ସମସ୍ତ ପକାଇ ଦେଇ ଦୌଡ଼ିଯିବେ । କିନ୍ତୁ ସେହି ମୁହୂର୍ତ୍ତରେ ଯେତେବେଳେ ଆପଣଙ୍କ କଥା କୁହେ ସେମାନେ ଆଗ୍ରହ ସହକାରେ ଶୁଣନ୍ତି । କିନ୍ତୁ ତାପରେ ହିଁ ଦେଖେ ଆଉ କେବେହେଲେ ସେମାନେ ଆମ ସହିତ ଧର୍ମ କଥା କୁହନ୍ତି ନାହିଁ । ଦେଖା କରିବାକୁ ଗଲେ ମଧ୍ୟ ନାନା କାର୍ଯ୍ୟ-ବ୍ୟସ୍ତତାର ଛାଛଳାରେ ଦୂରେଇ ରହନ୍ତି । ଆପଣଙ୍କ ପାଖକୁ ତ ଆସନ୍ତି ନାହିଁ, ଏପରି କି ଅନେକ ସମୟରେ ନିନ୍ଦା ମଧ୍ୟ କରନ୍ତି । ଏହାର କାରଣ କଣ ?"

ଶ୍ରୀଶ୍ରୀ ଠାକୁର କହିଲେ, "ଏହି ମଠ ବା ମନ୍ଦିରର ପୂଜକ ସର୍ବକ୍ଷେତ୍ରରେ ହିଁ ଯେ ଭକ୍ତିମାନ, ଜ୍ଞାନୀ ବା ସାଧକ ଏପରି କୌଣସି କଥା ନାହିଁ । ସାଧାରଣତଃ ଜୀବନଯାତ୍ରା ନିର୍ବାହ କରିବା ପାଇଁ ସେମାନେ ସେହି ପଥ ନେଇଛନ୍ତି ବା ଶୁଭାକାଂକ୍ଷୀ ଆତ୍ମୀୟସ୍ୱଜନ ସେହି ପଥରେ ଯିବା ପାଇଁ ବାଧ୍ୟ କରିଛନ୍ତି । ସେମାନେ ସେହି ମନ୍ଦିର ପୂଜାରେ ଯେପରି ବେଶି ଲୋକ ଆକୃଷ୍ଟ ହେବେ ଏବଂ ତା ପାଇଁ ଯେଉଁ ମନ୍ତ୍ର ବା ବ୍ୟାଖ୍ୟାର ପ୍ରୟୋଜନ, ଆଜି ପ୍ରାୟ କ୍ଷେତ୍ରରେ ତାହା ଶୁଣି ବା ଶିଖିନେଇ ପରେ ମନୁଷ୍ୟ ପାଖରେ ପରିବେଷଣ କରନ୍ତି ଏମାନେ ।

ଆଉ ଏହା କରୁ କରୁ ଅନ୍ତରରୁ କ୍ରମଶଃ ବିଶ୍ୱାସ କରୁଥାନ୍ତି ଯେ ଏହି ମନ୍ଦିର, ଏହାର ପ୍ରସ୍ତର ଓ ପୂଜା (ପୂଜା ଅର୍ଥରେ ମନ୍ତ୍ର ମୁଖସ୍ଥ କରି କହିଯିବା)ଦ୍ୱାରା ହିଁ ସେମାନଙ୍କର ଜୀବିକା ନିର୍ବାହ କରି ସମାଜର ଦଶଜଣଙ୍କ ମଧ୍ୟରେ ଜଣେ ହୋଇ ଚାଲିବେ । ଏହି ପଦ୍ଧତିରେ ଚାଲି ଚାଲି କ୍ରମଶଃ ସେହି କଳ୍ପିତ ଚିନ୍ତା ବା ଭାବ ଦ୍ୱାରା ଆବଦ୍ଧ ହୋଇ ପଡ଼ନ୍ତି । ଏଆଡ଼େ ସମାଜର ସାଧାରଣ ଲୋକ ଏହି ପୂଜକ ବା ମଠର ଲୋକମାନଙ୍କୁ ପୂର୍ବରୁ ହିଁ ଧରି ନିଅନ୍ତି ଧାର୍ମିକ ବା ଉଚ୍ଚସ୍ତରର ଲୋକ ହିସାବରେ । ତେଣୁ ଅପ୍ରତ୍ୟାଶିତ ଭାବରେ ସେମାନେ ପାଆନ୍ତି ଭକ୍ତି, ଶ୍ରଦ୍ଧା, ପ୍ରଣାମ ଓ ପ୍ରଣାମୀ । ଆଉ ଏହାଦ୍ୱାରା ମଧ୍ୟ ମନ ଆକୃଷ୍ଟ ହୁଏ ଓ ଗଣ୍ଡି ଆବଦ୍ଧ ହୋଇଉଠେ ଏବଂ ସର୍ବଦା ସେହି ମୃଣ୍ମୟ ବିଗ୍ରହ କଥା କହୁ କହୁ ଓ ତାହାଦ୍ୱାରା ଜୀବିକା ନିର୍ବାହର ସୁବିଧା ହୁଏ ବୋଲି ଏହି ମନ୍ଦିର ଓ ଦେବତା ପ୍ରତି ଗୋଟିଏ ଟାଣ ବା ଆକର୍ଷଣ ଆସେ । ସେଠାରେ ତୁମ୍ଭେମାନେ ଯେତେ-ବେଳେ କୌଣସି ଅବତାରଙ୍କ କଥା କୁହ ତାହା ସେମାନଙ୍କର ନିଜ କଥାର ପ୍ରତିଧ୍ୱନି ହେଲେ ମଧ୍ୟ ଏ ପଥକୁ ପାଦ ବଢ଼ାଇବା ପାଇଁ ଚାହାନ୍ତି ନାହିଁ । ସେମାନଙ୍କର ମନେ ମନେ ଭୟ ହୁଏ, ଯେ ପଥରେ ଜୀବନଯାତ୍ରା ନିର୍ବାହ କରି ଚାଲିଛନ୍ତି ତାହା ଉପରେ ଆଘାତ ଆସିବ ବୋଲି । ସ୍ତ୍ରୀ, ପୁତ୍ର, ପରିବାର ବୋଧ-ହୁଏ ବିଧ୍ୱସ୍ତ ହୋଇଯିବେ । ତା ଛଡ଼ା ନିଜର ଯେତେ ଟିକିଏ ପ୍ରତିଷ୍ଠା ଆସିଛି ତାହାର ମଧ୍ୟ ଆକର୍ଷଣ କମ୍ ନୁହେଁ । ଏ ସବୁଥିରୁ ଉଠି ଆସିବା ତ କଠିନ୍ । ତେଣୁ ତୁମ୍ଭମାନଙ୍କୁ କହେ ସମସ୍ତଙ୍କର ସଂସ୍ପର୍ଶରେ ଯାଅ । ସମାଜରେ କେଉଁଠି କେଉଁଠି ମନୁଷ୍ୟ କେତେ ପ୍ରକାରରେ ଜୀବନର ଗତିକୁ ଅଟକାଇ ପକାଇଛନ୍ତି, ଯେପରି ଏଣ୍ଡି ପୋକ ନିଜେ ଅଟକି ଯାଏ ତାର ନିଜ ମୁଖ ନିଃସୃତ ଲାଳର ସୂତ୍ର ଜାଲରେ, ତାକୁ କାଟି ବାହାର କରି ମୁକ୍ତ କର । ଧୈର୍ଯ୍ୟ ସହକାରେ ସେମାନଙ୍କ ସହିତ ସଙ୍ଗ କର (ଅବଶ୍ୟ ନିଜକୁ ରକ୍ଷା କରି) । ଅଭୟ ଦିଅ ସେମାନଙ୍କୁ ଅନ୍ତର ଦେଇ । ବୁଝିନିଅ ସେମାନଙ୍କର ଅସୁବିଧାର କାରଣ ଗୁଡ଼ିକୁ । ଦୂରୀଭୂତ କର ସେହି କାରଣ ଗୁଡ଼ିକୁ । ସେମାନଙ୍କୁ ଅଭିଯୁକ୍ତ କରି ଫେରି ଆସିଲେ ହେବ ନାହିଁ, ଘୂରେଇ ଦେବାକୁ ହେବ ସେମାନଙ୍କର ଦୃଷ୍ଟିଭଙ୍ଗି ଓ ବୁଝିବାର କ୍ଷମତା । ତାହା ସହିତ ସେମାନଙ୍କର ପରିବାର ପରିବେଶର ଗୋଟିଏ ସୁସଂହତ ବ୍ୟବସ୍ଥାର ଆଶ୍ୱାସନା ମଧ୍ୟ ଦେବାକୁ ହେବ ଏବଂ ତାହା ଖାଲି ମୌଖିକ ନୁହେଁ, ବାସ୍ତବରେ ।" ଶ୍ରୀଶ୍ରୀ ଠାକୁର ଆହୁରି କହିଲେ, "ଆଉ ଗୋଟିଏ କଥା ମନେ ରଖ ଏହି ମଠ, ମନ୍ଦିର ଗୁଡ଼ିକ ଅଛି ବୋଲି ହିଁ ଆଜି

ଧର୍ମ ସମ୍ବନ୍ଧରେ ମନୁଷ୍ୟ ମନରେ ଗୋଟିଏ ଭାବ ଜାତ ହୋଇଅଛି । ଏହା ମଧ୍ୟରେ adulteration ବା ଗୋଲମାଲ ହୁଏତ ଅନେକ ହୋଇଛି । ତାହେଲେ ମଧ୍ୟ ଏ ଗୁଡ଼ିକୁ ସଂସ୍କାର କରିବାକୁ ହେବ । ତାକୁ କଳା ପାହାଡ଼ ପରି ଭାଙ୍ଗି ଚୂରି ଚୂରମାର କରିଦେଲେ ହେବ ନାହିଁ । ତେଣୁ କହୁଛି—ପ୍ରେମର ସହିତ ସମସ୍ତଙ୍କର ସମ୍ପର୍କରେ ଯାଅ । ଏମାନଙ୍କ ମଧ୍ୟରେ sincere ଓ ସତ୍ୟକାର ସାତ୍ତ୍ୱିକଭାବସମ୍ପନ୍ନ ଲୋକ ମଧ୍ୟ ଅଛନ୍ତି ମଠରେ ବା ମନ୍ଦିରରେ । ସେମାନେ ସତ୍ୟର ପ୍ରତିଷ୍ଠା ନିମିତ୍ତ ସର୍ବଦା ଉଦ୍‌ଗ୍ରୀବ । ଗଣ୍ଡି ଆବଦ୍ଧ ହେବାକୁ ସେମାନେ ଚାହାନ୍ତି ନାହିଁ । ସେମାନଙ୍କୁ ସାହାଯ୍ୟ କର ସେହି ଜାଲ କାଟି ବାହାର ଆସିବା ପାଇଁ । ସର୍ବଦା ହିଁ ସ୍ମରଣ ରଖ ତୁମର ପ୍ରିୟ ପରମର ବାର୍ତ୍ତାବାହୀ ତୁମେ । ଗତି ଯେପରି ତୁମର ରୁଦ୍ଧ ନ ହୁଏ, ତାହା ତୁମର ଯେ କୌଣସି ବିରୁଦ୍ଧଭାବ ଦ୍ୱାରା ଆକ୍ରାନ୍ତ ହୋଇ ହେଉ କିମ୍ବା ତୁମର ମନ ଅନୁଯାୟୀ କୌଣସି ଭାବର ଆକର୍ଷଣରେ ହେଉ । ଯେଉଁ କାମରେ ଯେତେ ସମୟ ପ୍ରୟୋଜନ ବା ଯେତେଦିନ ପ୍ରୟୋଜନ ସେତେଦିନ ଯେ କୌଣସି ଝଞ୍ଜାର ସମ୍ମୁଖୀନ ହୋଇ ମଧ୍ୟ ନଗ୍ରୋଡ଼ ବନ୍ଧା ହୋଇ ଲାଗି ରହିବ । ପୁଣି ପ୍ରୟୋଜନାତିରିକ୍ତ ଏକ ମୁହୂର୍ତ୍ତ ମଧ୍ୟ ସେଠାରେ ରହିବ ନାହିଁ, ତାହା ଶତ ପ୍ରଲୋଭନର କାରଣ ଥିଲେ ମଧ୍ୟ ନୁହେଁ । ମୋର 'ମନର ମଣିଷ' ଶ୍ରୀଶ୍ରୀ ଠାକୁରଙ୍କର ଏହି କଥା ଶୁଣି ମନ ଅଯୁତ ହସ୍ତୀ ପରି ବଳଶାଳୀ ହୋଇ ଉଠିଲା, ଆଉ ଗାଇ ଉଠିଲା—

"ଯା କରିବେ ତୁମି କରିବୋ ଆମି
ମାନବୋନା ବାଧା କାରୋ
ଲଭେଛି ଜନମ ତୋମାର ଦୟାୟ
ଦିୟେଛ ସୁଯୋଗ ଆରୋ
ଏ ଦେହ ସାରଥି ହୋୟେ ମୋର ସାଥୀ
ଜୀବନକୁ ଘୁରୁ ଚେପେୟେ
କରେ ଯାଓ ତୁମି ହାତ ଧରେ ଧରେ
ଆଧାର ପଥେ ଧୀରେ ଚୁପେ ଚୁପେ
ନାଇ କୋନ କଥା ଆର ଭୟ
ନାଇ କୋନ ଦ୍ୱନ୍ଦ
ଜୀବନ ବିନାର ତାଲେ ଆଜ
ମିଲିୟାଛେ ଛନ୍ଦ ।"

Scanned by CamScanner

ଏହିପରି ଭାବରେ ଠାକୁର ମୋର ଚଳିବାର ଗତିର ମୋଡ଼ ବଦଳାଇ ଦେଲେ । ଯେଉଁଠି ଥିଲି ନିଜର ଚିନ୍ତାରେ ଆବଦ୍ଧ, ସେଠାରୁ ମୁକ୍ତ କରି ବୃହତ୍ତର ସ୍ୱାର୍ଥରେ ସ୍ୱାର୍ଥବାନ କରି ତୋଳିଲେ କେତେବେଳେ କେଉଁ ମୁହୂର୍ତ୍ତରେ କି ଭାବରେ ତାହା ଜାଣି ପାରିଲି ନାହିଁ । ଆଜି ମୁଁ ଦେଖୁଛି ମୋର କ୍ଷୁଦ୍ର ଜୀବନ କହିଲେ ଯାହା ଅର୍ଥାତ ମନୁଷ୍ୟ ଯାହାକୁ ସ୍ୱାର୍ଥ ବୋଲି କହନ୍ତି, ଯେପରି ସ୍ତ୍ରୀ ପୁତ୍ର, ଘର ସଂସାର ଏ ସମ୍ବନ୍ଧରେ ମୁଁ ମଧ୍ୟ ଚିନ୍ତା କରୁଥିଲି ବା ଭାବୁଥିଲି ଯେ ଧର୍ମ ଜୀବନ ଯାପନ କରିବାକୁ ହେଲେ ଏଗୁଡ଼ିକ ଉପେକ୍ଷିତ ହେବ, କିନ୍ତୁ ଶେଷ ପର୍ଯ୍ୟନ୍ତ ଦେଖିଲି ମୋର ସେହି କ୍ଷୁଦ୍ର ସ୍ୱାର୍ଥ ରକ୍ଷିତ ହୋଇଛି । କାହାରି ପାଇଁ କୌଣସି କିଛିକୁ ବାଦ ଦେବାକୁ ହୋଇ ନାହିଁ । ତେବେ ଭିନ୍ନ ପ୍ରକାର କରି adjust କରିବାକୁ ହୋଇଛି । ଅର୍ଥାତ ଯାହାହେଲେ ଶୁଭ ତାହା କରିବାକୁ ହୋଇଛି । ଯାହା ଶୁଭ ନୁହେଁ ସେ ପଥର ମଙ୍ଗ ବୁଲାଇବାକୁ ହୋଇଛି । ତ୍ୟାଗ କରିବାକୁ ହୋଇ ନାହିଁ କିଛି ବରଂ ଆହୁରି ମିଶାଇବାକୁ ହୋଇଛି ବହୁତ କିଛି ଯାହା ଥିଲି ତାହା ସହିତ । ତେବେ ଏଗୁଡ଼ିକ କୌଣସିଟା ଘଟି ନାହିଁ ଏକ ମୁହୂର୍ତ୍ତରେ ବା ଏକ ଦିନରେ । ସମୟ ନେଇଛି ବା ନେଉଛି ସେତେ ପର୍ଯ୍ୟନ୍ତ ଯେତେ ପର୍ଯ୍ୟନ୍ତ ମୋର କରିବାର ଆବେଗ ବା ଆଗ୍ରହ ନେଇ ମୁଁ ଆଗେଇ ନ ଯାଉଛି ।

"ସମୟ ସେ ତ ଯାଏରେ ଯାଏ, ଗୃହ୍ୟନା ଫେରେ
ନିର୍ମମ ଭୂମି ନିଷ୍ଠୁର ହୋୟେ ଏଗିୟେ ଚଲେ ତାର ବୁକଟି ଚିରେ ।"

ଖାଲି ମନରେ ଜାଗି ଉଠୁଛି—ସମୟ, ସେତ ମୋ ପାଇଁ ବସି ରହି ନାହିଁ, ବସି ରହିବ ନାହିଁ । ତେଣୁ ତାକୁ ଯେତେ କର୍ମମୁଖର କରାଯାଏ, ଯେତେ ସତ୍ ଭାବରେ ବ୍ୟବହାର କରାଯାଏ ସେତେ ହିଁ ଶୁଭ ସେତେ ହିଁ କଲ୍ୟାଣ । ଆଜି ଦୁଷ୍ଟ, ଅନାସ୍ଥିତ, ଅସଂଯତ ମନ ପାଇଛି ଆଶ୍ରୟ । ମନର ମଣିଷ ଇଷ୍ଟଙ୍କୁ ପାଇ କ୍ରମଶଃ ହେଉଛି ସଂଯତ, ଆବେଗଶାଳୀ, ଦୁର୍ବାର ତାର ଗତି । ଶ୍ରୀଶ୍ରୀ ଠାକୁର କହନ୍ତି, "ଗୋଟିଏ ଇଷ୍ଟସ୍ୱାର୍ଥୀ ମନ, ଶୁଭ ସନ୍ଦୀପୀ ମନ ଲକ୍ଷ ଲକ୍ଷ ଲୋକଙ୍କର ଅଶୁଭ ମନକୁ ଶୁଭ ଆଡ଼କୁ ପରିଚାଳିତ କରିପାରେ, ନନ୍ଦିତ କରି ତୋଳିପାରେ ଗୋଟିଏ ଗୋଟିଏ ଜାତିକୁ ଶୁଭ ନନ୍ଦନାରେ, ଅଲଙ୍କୃତ କରିପାରେ ଗୋଟିଏ ଗୋଟିଏ ଦେଶକୁ ଶୁଭ ଅଲଙ୍କାରରେ ।"

Scanned by CamScanner

॥ ଛଅ ॥

ଦିନେ ମୁଁ କହିଲି, "ଠାକୁର ! ଅନେକଙ୍କର କଥାରେ ଅନ୍ତରରେ ଆଘାତ ଲାଗେ ।" ଶ୍ରୀଶ୍ରୀ ଠାକୁର କହିଲେ, "ତାହା ତ ଲାଗିବ ହିଁ । ଘାତ-ପ୍ରତିଘାତ ମଧ୍ୟଦେଇ ତ ସବୁ ଗଢ଼ି ଉଠେ । ଘାତପ୍ରତିଘାତ ନ ଥିଲେ କିଛି ହୁଏ ନାହିଁ । ତେବେ କଥା ହେଲା, ଘାତପ୍ରତିଘାତ ଯେପରି ଅଛି ସେହିପରି ମାନ-ସମ୍ମାନ, ଆଦର ଓ ସମାଦର ମଧ୍ୟ ଅଛି, ସବୁକିଛି ପାଖାପାଖି । ଏସବୁ ମଧ୍ୟରେ ଆଦର୍ଶ ବା ଗୁରୁଙ୍କୁ ଲକ୍ଷ୍ୟ କରି ଚାଲିବାକୁ ହୁଏ । କେଉଁଟା ତାଙ୍କୁ (ଗୁରୁଙ୍କୁ) fulfill କରେ ବା ପୂରଣ କରେ ତାହା ବୁଝି ବୁଝି ଚାଲିବାକୁ ହୁଏ । ସେତେବେଳେ ନିନ୍ଦାଯଶ କୌଣସିଟା ହିଁ ତୁମକୁ କରଗତ କରି ପାରିବ ନାହିଁ ।"

ଦିନେ ଦ୍ୱିପ୍ରହର ଦୁଇଟା ସମୟରେ ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ବସି ରହିଛି । ଏହି ସମୟରେ କେତେକ ଛୋଟ ପିଲାକୁ ସାଙ୍ଗରେ ନେଇ ଦୁଇଜଣ ଭଦ୍ରଲୋକ ଓ ଭଦ୍ରମହିଳା ଆସି ଶ୍ରୀଶ୍ରୀ ଠାକୁରଙ୍କ ଘରର ଝରକା ପାଖରେ ଛିଡ଼ା ହୋଇଛନ୍ତି । ଠାକୁର ସେମାନଙ୍କ ଆଡ଼କୁ ଚାହିଁ ମୋତେ କହି ଉଠିଲେ, "ସେମାନେ କେଉଁଠୁ ଆସିଛନ୍ତି ପଚାର ।" ମୁଁ ପଚାରିବାରୁ ସେମାନେ କହିଲେ ଯେ ସେମାନେ ଚିତ୍ତରଞ୍ଜନରୁ ଆସିଛନ୍ତି । ଠାକୁର ପୁଣି କହିଲେ, "ସେମାନେ ଖାଇଛନ୍ତି କି ପଚାର ।" ମୁଁ ତାହା ପଚାରିବାରୁ ସେମାନେ କହିଲେ, "ହଁ, ଖାଇଛୁଁ ।" ଠାକୁର ପୁଣି କହିଲେ, "ଭାତ ଖାଇଛନ୍ତି କି ?" ମୁଁ ପୁଣି ଭାତ ଖାଇବା କଥା ପଚାରିବାରୁ ସେମାନେ କହିଲେ ଯେ ନା, ଭାତ ଖିଆ ହୋଇ ନାହିଁ ତେବେ ଜଳଖିଆ ଖାଇଛନ୍ତି । ଠାକୁର ମୋତେ କହିଲେ, "ସେମାନଙ୍କୁ ଖୁଆଇ ଦେବୁ ନାହିଁ ? ଯା, ଆନନ୍ଦ ବଜାରକୁ ନେଇ ଖୁଆଇ

Scanned by CamScanner

ଦେ ।" ମୁଁ ବାହାରକୁ ଆସି ସେମାନଙ୍କୁ ମୋ ସହିତ ଖାଇବାକୁ ଯିବା ପାଇଁ କହିଲି । ପ୍ରଥମେ ସମସ୍ତେ ଆପତ୍ତି କଲେ ମଧ୍ୟ ମୁଁ ସେମାନଙ୍କୁ ସନିର୍ବନ୍ଧ ଅନୁରୋଧ କରିବାରୁ ଶେଷ ପର୍ଯ୍ୟନ୍ତ ସେମାନେ ଖାଇବାକୁ ଗଲେ । କିଛିକ୍ଷଣ ମଧ୍ୟରେ ସେମାନଙ୍କ ମଧ୍ୟରେ ମୋର ବନ୍ଧୁତା ଜମି ଉଠିଲା । ଆନନ୍ଦ ବଜାରକୁ ଯାଇ ଦେଖେ ସମସ୍ତଙ୍କର ଖିଆ ହୋଇଯାଇଛି । ତେବେ ଆନନ୍ଦ ବଜାରର କର୍ତ୍ତୃପକ୍ଷଙ୍କୁ ଖାଇବା କଥା କହିବାରୁ ସେମାନେ କିଛି ଡାଲି, ଭାତ ଆଣି ଦେଲେ । ମୁଁ ସେମାନଙ୍କୁ ସେଠାରେ ବସାଇ ଆହାର କରାଇଲି । ଡାଲି, ଭାତ ଖାଇବାକୁ ସେମାନଙ୍କର କଷ୍ଟ ହେଉଛି ମନେ କରି ମୁଁ କହିଲି, "ଆପଣମାନେ ହୋଟେଲରେ ବା ରେଷ୍ଟୁରାଣ୍ଟରେ କେତେ କଣ ଜିନିଷ ଖାଆନ୍ତି । ଏଠାରେ ନିଶ୍ଚୟ କଷ୍ଟ ହେଉଛି ।" ସଙ୍ଗେ ସଙ୍ଗେ ଭଦ୍ରଲୋକ ଦୁଇଜଣ ଓ ମା' ମାନେ କହି ଉଠିଲେ, "କଣ କହୁଛନ୍ତି ? ଆମ୍ଭମାନଙ୍କର କି ମହା ସୌଭାଗ୍ୟ ଯେ ଏହି ଅସମୟରେ ମଧ୍ୟ ଠାକୁର ଆମ୍ଭମାନଙ୍କ ପାଇଁ ଏହି ପ୍ରସାଦ ରଖିଛନ୍ତି । ଆଉ ଖାଉଛୁଁ, ଯେପରି ଅମୃତ ପରି । କେତେ ଜାଗାରେ କେତେ କଣ ଖାଇଛୁଁ, କିନ୍ତୁ ଏପରି ଭଲ କେଉଁଠି ଖାଇ ନାହୁଁ ।" ଏହା କହି ସେମାନେ ଆହୁରି ଡାଲି, ଭାତ ମାଗିନେଲେ । ତା ପରେ ଖାଇ, ହାତ ମୁହଁ ଧୋଇ ପୁଣି ଶ୍ରୀଶ୍ରୀ ଠାକୁରଙ୍କ ପାଖକୁ ଫେରିବା ପଥରେ ମୋତେ କହିଲେ, "ଜାଣନ୍ତି, ଠାକୁର ଅନ୍ତର୍ଯ୍ୟାମୀ । ଉଃ ! ଆମ୍ଭମାନଙ୍କୁ କେତେ ଭୋକ ଲାଗି ନ ଥିଲା ! ଆମ୍ଭେ ଦେଓଘରର ସମସ୍ତ ଦର୍ଶନୀୟ ସ୍ଥାନ ଦେଖି ଯେତେବେଳେ ବଜାରକୁ ଆସିଲୁଁ ସେତେବେଳକୁ ହୋଟେଲ ବନ୍ଦ ହୋଇଯାଇଛି । ଏଆଡ଼େ ଭୋକ ମଧ୍ୟ ଲାଗିଛି ଖୁବ୍ । ଜଳଖିଆ ଖାଇବୁଁ, କିନ୍ତୁ ସକାଳଠାରୁ ମିଠା ଖାଇ ଖାଇ ବର୍ତ୍ତମାନ ମିଠା ବା ଦୋକାନର ଜଳଖିଆ କଥା ମନେ ପଡ଼ିଲେ ମଧ୍ୟ ବାନ୍ତି ଆସୁଛି । କଣ କରିବା । ତେବେ ଅଳ୍ପ ଜଳଖିଆ ଖାଇ ଭାବିଲୁ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ସାରିନେବା । କିନ୍ତୁ ରାସ୍ତାରେ ରିକ୍ସାରେ ଆସୁ ଆସୁ ଆମ୍ଭେ ଭାତ କଥା ଭାବୁଥିଲୁଁ । ଆଉ ଆଶ୍ଚର୍ଯ୍ୟ ହେଲୁଁ, ଏଠାକୁ ଆସିବା ସଙ୍ଗେ ସଙ୍ଗେ ଏତେ ଲୋକଙ୍କ ମଝିରେ ମଧ୍ୟ ଠାକୁର ଆମ୍ଭକୁ ହିଁ ଖାଇବା କଥା କହିଲେ । ତାହା ପୁଣି ଆଉ କିଛି ନୁହେଁ ଭାତ । ସତରେ କଣ କହିବ, ଯେ ମହାପୁରୁଷ, ଅନ୍ତର୍ଯ୍ୟାମୀ ।" ସମସ୍ତେ ଯାଇ ଉପସ୍ଥିତ ହେଲୁଁ ତାଙ୍କ (ଠାକୁରଙ୍କ) ସମ୍ମୁଖରେ । ମୁଁ କହିଲି, "ଠାକୁର ! ସେମାନେ ଆନନ୍ଦ ବଜାରରେ ଖାଇଛନ୍ତି ।" ଠାକୁର କହିଲେ, "ଖୁବ୍ ଭଲ ।" ଘରପୁଅ ଘରକୁ ଆସି ନ ଖାଇବା ପର୍ଯ୍ୟନ୍ତ ଯେପରି

Scanned by CamScanner

ବାପା ମା ଉକ୍ରଣ୍ଠାରେ ବୁଝନ୍ତି, ପୁଣି ଖାଇଲେ ହିଁ ତୃପ୍ତ ହୁଅନ୍ତି, ଶ୍ରୀଶ୍ରୀ ଠାକୁରଙ୍କର ମଧ୍ୟ ସେହି ଭାବ ।

୧୯୫୪ ସାଲର ଏକ ଶୀତ ରାତ୍ରିରେ ମୋର ପ୍ରିୟ ବନ୍ଧୁ ଓ ଭଣଜା ସମରବାବୁଙ୍କୁ ଷ୍ଟେସନରେ ଛାଡ଼ିଦେଇ ଆସିଲି । ରାତ୍ରି ସେତେବେଳେ ପ୍ରାୟ ୧୧ଟା । ମୋର ସଙ୍ଗୀ ଶାନ୍ତି କୁମାର ସହିତ ମୁଁ କଥାବାର୍ତ୍ତା କରୁଛି । ଶ୍ରୀଶ୍ରୀ ଠାକୁରଙ୍କ କଥା ହିଁ ହେଉଛି । କିଛି ସମୟ ପରେ ଯେତେବେଳେ ରାତ୍ରି ପ୍ରାୟ ୨ଟା ସେତେବେଳେ ଶାନ୍ତି ଶୋଇ ପଡ଼ିଲା । ମୁଁ ମଧ୍ୟ ଶୋଇବା ବ୍ୟବସ୍ଥା କରୁଛି । ଏହି ସମୟରେ ପାଖ ବିଛଣାରୁ ଜଣେ ଭଦ୍ରଲୋକ ଉଠିଆସି ମୋ ପାଖରେ ହାତ ଯୋଡ଼ି କହିଲେ, "ଭାଇ, ଆପଣମାନଙ୍କ ଦୁଇ ଜଣଙ୍କର କଥା ଏତେ ସମୟ ଧରି ଶୁଣୁଥିଲି । ବର୍ତ୍ତମାନ ଆପଣ ଶୋଇବାକୁ ଯାଉଛନ୍ତି । କିନ୍ତୁ ମୋର କେତେ ଗୁଡ଼ିଏ କଥା ଅଛି । ତାହା ଯଦି ଦୟାକରି ଶୁଣନ୍ତି ତାହେଲେ ଭଲ ହୁଅନ୍ତା ।" ମୁଁ ଶୁଣିବା ପାଇଁ ପ୍ରସ୍ତୁତ ହେଲି । ସେ କହିବାକୁ ଲାଗିଲେ—ସେ ଆସାମରୁ ଆସିଛନ୍ତି, ନାମ ଫଣୀଦା । ଠିକାଦାରି କରନ୍ତି । ଟଙ୍କାର ଅଭାବ ନାହିଁ । ଆସିଛନ୍ତି ଆଜକୁ ପ୍ରାୟ ୧୫ଦିନ ହେବ । ତାଙ୍କ ଦେଶରୁ ଶ୍ରୀଶ୍ରୀ ଠାକୁରଙ୍କ କଥା ଶୁଣିଛନ୍ତି । ଏଠାକୁ ଆସିଥିଲେ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରି ଦୀକ୍ଷା ନେବେ ବୋଲି । କିନ୍ତୁ ଆସି କିଛି ବୁଝିପାରୁ ନାହାନ୍ତି । ଅଥଚ ଫେରିଯିବାକୁ ମଧ୍ୟ ମନ ଚାହୁଁ ନାହିଁ । ଶ୍ରୀଶ୍ରୀ ଠାକୁରଙ୍କୁ ଭଲ ଲାଗୁଛି । କିନ୍ତୁ ଫଣୀଦା କହିଲେ, "ମୋର ମନସ୍କାମନା କୌଣସି ପ୍ରକାରରେ ପୂର୍ଣ୍ଣ ହେଉ ନାହିଁ ।" କଣ ସେ ମନସ୍କାମନା ପଚାରିବାରୁ ସେ କହିଲେ, "ମୁଁ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀପଦ ଯୁଗଳ ଦର୍ଶନ କରିବାକୁ ଚାହେଁ ।" ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁ ଆଡ଼କୁ ଅନାଇଲି । ଲୋକଟା କଣ କହୁଛି ? ଠାକୁରଙ୍କର ପାଦ ଦର୍ଶନ କରିବାକୁ ଚାହାନ୍ତି । ତାହା ତ ଯେ କୌଣସି ସମୟରେ ହିଁ ସମ୍ଭବ । ଠାକୁର ଚାଲୁଛନ୍ତି, ବୁଲୁଛନ୍ତି, ତା ଛଡ଼ା ଦ୍ୱିପ୍ରହରେ ଗାଧୋଇବାକୁ ଯା'ନ୍ତି । ଶୀତଦିନ ହେଲେ ମଧ୍ୟ ସର୍ବଦା ଯେ ପାଦ ତାଙ୍କି ବସି ରହିଛନ୍ତି ତାହା ନୁହେଁ । ତା ଛଡ଼ା ଶ୍ରୀମୁଖ ଥାଉଁ ଥାଉଁ ପଦ ଯୁଗଲ ଉପରେ ଏତେ ଲୋଭ କାହିଁକି ? ଫଣୀଦା କହିଲେ, "ମୋର ଖାଲି ମନେ ପଡ଼େ ଜୟଦେବଙ୍କର ସେହି କଥା—ଦେହି ପଦପଲ୍ଲବମୁଦାରମ୍ । କିନ୍ତୁ ସେହି ଶ୍ରୀଚରଣ ଦର୍ଶନ ମୋର ହେଲା ନାହିଁ । ସେଥିପାଇଁ ତାଙ୍କୁ ପାଇବା ହେଲା ନାହିଁ । ଠାକୁର ମୋତେ ବିମୁଖ

Scanned by CamScanner

କରିଦେଲେ ।" ମୁଁ କହିଲି, "କାହିଁକି, ଠାକୁରଙ୍କୁ କହୁ ନାହାନ୍ତି ? ଠାକୁର, ଆପଣଙ୍କର ଶ୍ରୀଚରଣ ଯୁଗଳ ମୁଁ ଦର୍ଶନ କରିବି, ମୋତେ ଦେଖାନ୍ତୁ ।" ଫଣୀଦା କହି ଉଠିଲେ, "କଣ ଯେ କହୁଛନ୍ତି ? ଠାକୁରଙ୍କ ସହିତ ପୁଣି କଥା କହି ହୁଏନା କଣ ?" ମୁଁ ବୁଝିଲି ଏ ଅନ୍ୟ ପ୍ରକୃତିର । ତେଣୁ କହିଲି, "ବେଶ୍, ଠାକୁର ଯେତେବେଳେ ସ୍ନାନ କରିବାକୁ ଯା'ନ୍ତି ସେତେବେଳେ ସାମନାରେ ରହିଲେ ତ ଦେଖିବାକୁ ପାଇବେ ।" ଫଣୀଦା ତାହା ମଧ୍ୟ ଚେଷ୍ଟା କରିଛନ୍ତି ବୋଲି କହିଲେ, "ମୁଁ ଯେତେ ପର୍ଯ୍ୟନ୍ତ ରହେ ସେ ଆଦୌ ଉଠନ୍ତି ନାହିଁ । ଏହା ଭିତରେ ଦିନେ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲି । ଠାକୁର ଗାଧୋଇବା ପାଇଁ ମଧ୍ୟ ଉଠିଲେ ନାହିଁ । ତେଣୁ ଘୁଞ୍ଚିଗଲି । ଭାବିଲି, ମୁଁ ଚରଣ ଦର୍ଶନ କରିବି ବୋଲି ବସି ରହିଛି । ମୁଁ ଏତେ ସ୍ୱାର୍ଥପର । ଆଉ ମୋ ପାଇଁ ସେ ଉଠୁ ନାହାନ୍ତି, ନ ଖାଇ ବସି ଅଛନ୍ତି । ଅବଶ୍ୟ ଲୋକମାନେ ଥିଲେ । ସେମାନଙ୍କ ସହିତ କଥା ହେଉଥିଲେ ! କିନ୍ତୁ ଅନ୍ୟାନ୍ୟ ଦିନ ଶୁଣିଛି, ଘଡ଼ି ସମୟ ମୁତାବକ କଣ୍ଟାରେ କଣ୍ଟାରେ ଗାଧୋଇବାକୁ ଯା'ନ୍ତି । ଯାହାହେଉ ମୁଁ ଘୁଞ୍ଚି ଆସିବା ସଙ୍ଗେ ସଙ୍ଗେ ସେ ଗାଧୋଇବା ପାଇଁ ଗଲେ ।" ଫଣୀଦାର ଏହି ଅତ୍ୟାଶ୍ଚର୍ଯ୍ୟ ଘଟଣା ଶୁଣୁ ଶୁଣୁ ଘଡ଼ି ୪ଟା ବାଜିଗଲା । ନିଦ ଆଉ ହେଲା ନାହିଁ । ଗାଧୋଇବାକୁ ଗଲି । ଫଣୀଦା ମଧ୍ୟ ମୋ ସହିତ ସ୍ନାନ ଇତ୍ୟାଦି ସାରିଲେ । ମୁଁ ମୋର ନିତ୍ୟକର୍ମ ପୂଜା ଇତ୍ୟାଦି ଶେଷ କରି ଶ୍ରୀଶ୍ରୀ ଠାକୁରଙ୍କ ପାଖକୁ ବାହାରିଲି । ସେତେବେଳେ ଭୋର ୭ଟା । ଫଣୀଦାକୁ ସାଙ୍ଗରେ ନେଇଗଲି, ଅନ୍ଧକାର ସେତେବେଳେ ମଧ୍ୟ ରହିଛି । ଟିକିଏ ପାଖକୁ ଯାଇ ଫଣୀଦା ଆଙ୍ଗୁଳି ଦେଇ ମୋତେ ଦେଖାଇଲେ, "ଏହି ଦେଖନ୍ତୁ, ଠାକୁର ପାଦ ଢାଙ୍କି ବସି ରହିଛନ୍ତି ।" ମୁଁ ଯାଇ ତାଙ୍କ ଚରଣରେ ଦୂରରୁ ପ୍ରଣାମ ଜଣାଇ ପାଖରେ ଯାଇ ବସିଲି । ଫଣୀଦାକୁ ସାଙ୍ଗରେ ଡାକି ନେଇ ଘରେ ପଶିଲି । ଫଣୀଦାର ହାତ ମୋ ହାତରେ । ତେଣୁ ମୁଁ ଅନୁଭବ କରୁଛି ସେ କମ୍ପୁଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ଆଡ଼କୁ ଅନାଇ ଦେଖୁଛି, ସେ ଆହୁରି ଭଲ ଭାବରେ ପାଦ ଦୁଇଟି ଢାଙ୍କି ବସିଲେ । ଫଣୀଦା ଫୁସ୍ ଫୁସ୍ କରି କହିଲେ, "ଏହି ଦେଖନ୍ତୁ, ସେ ଆହୁରି ଭଲ ଭାବରେ ପାଦ ଢାଙ୍କି ଦେଉଛନ୍ତି ।" ମୁଁ ଅବଶ୍ୟ ତାହା ଦେଖିଲି । ତେବେ ଫଣୀଦାଙ୍କ ବୁଝିବା ଓ ମୋ ବୁଝିବା ମଧ୍ୟରେ ଅନେକ ତଫାତ ରହିଲା । ଫଣୀଦା କମ୍ପୁ କମ୍ପୁ ବାହାରିଗଲେ । ମୁଁ ଠାକୁରଙ୍କୁ ବିସ୍ତାରିତ ସମସ୍ତ ଖୋଲି କହିଲି । ଆହୁରି ପ୍ରାର୍ଥନା ଜଣାଇଲି, "ଆପଣଙ୍କ ଚରଣ ଯୁଗଳ ତାଙ୍କୁ ଦେଖାଇ ଦିଅନ୍ତୁ ।"

ଠାକୁର ମୋ ମୁହଁ ଆଡ଼କୁ ଅନାଇ ରହିଲେ । କିଛି କହିଲେ ନାହିଁ । ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ତାଙ୍କ ଶ୍ରୀମୁଖ ମଣ୍ଡଳକୁ ଅନାଇ ରହିଛି । କୌଣସି ଜବାବ ପାଇଲି ନାହିଁ । କିଛି ସମୟ ପରେ ପୁଣି ଫମୀଦାକୁ ନେଇ ଘରେ ପଶିଲି । ଏଥର ଠାକୁର ତାଙ୍କୁ ଦେଖି ମୁହଁ ବୁଲାଇ ଘୂରି ବସିଲେ । ଫମୀଦା ଖାଲି ମୋତେ କହୁଛନ୍ତି, "ଏହି ଦେଖନ୍ତୁ । ନା, ନା, ହେବ ନାହିଁ । ଆପଣ ହଜାର ଚେଷ୍ଟା କଲେ ମଧ୍ୟ ହେବ ନାହିଁ ।" ମୁଁ ଏକା ଶ୍ରୀଶ୍ରୀ ଠାକୁରଙ୍କ ପାଖକୁ ଯାଇ କହିଲି, "ଠାକୁର, ତାଙ୍କ ଉପରେ ଟିକେ ଦୟା କରନ୍ତୁ ।" ଠାକୁର ଚୁପ ହୋଇ ରହିଲେ । ଏକବାରେ ନିର୍ବାକ । ମୋର ସେହି "ମନର ମଣିଷ" ଯାହାଙ୍କ ସହିତ ରାତ୍ରିଦିନ କେତେ କଥା ହିଁ କହେ, ଆଜି ତାଙ୍କର ଏ କଣ ହେଲା ? ମୋର କୌଣସି କଥାର ମଧ୍ୟ ଜବାବ ଦେଉ ନାହାନ୍ତି । ଅଥଚ ଫମୀଦା କଥା ବ୍ୟତୀତ ମୋର କୌଣସି କଥା ଥିଲେ ତତ୍‌କ୍ଷଣାତ୍ ତାହାର ଜବାବ ଦେଉଛନ୍ତି । ପୁଣି ଫମୀଦା ବାହାରି ଗଲେ । କିଛି ସମୟ ପରେ ଠାକୁର ମୋତେ କହିଲେ, "ତାକୁ କହିବୁ ମୋର ସ୍ନାନ ସମୟରେ ଯେପରି ପାଖରେ ରହେ ।" ମୁଁ ସଙ୍ଗେ ସଙ୍ଗେ ଦୌଡ଼ିଯାଇ ଫମୀଦାକୁ କହିଲି, ଆଜି ଆଉ କୌଣସି କଥା ନାହିଁ । ସ୍ନାନ ସମୟରେ ପାଖରେ ରହିବେ, ଠାକୁର ନିର୍ଦ୍ଦେଶ ଦେଇଛନ୍ତି । ଫମୀଦା ଶୁଣି ସେତେବେଳେ ହିଁ ଆସି ବାହାରେ ବସିଲେ । ଠିକ୍ ବେଳ ୧୦ଟାରେ ଠାକୁର ଉଠି ଗାଧୋଇବା ପାଇଁ ଗଲେ । ଏ କଣ ? ଚାହିଁ ଦେଖେ ଫମୀଦା ତ ନାହାନ୍ତି । ମୁଁ ଶ୍ରୀଶ୍ରୀ ଠାକୁରଙ୍କ ସାଙ୍ଗେ ସାଙ୍ଗେ ଯାଉଛି । ଯାହାହେଉ, ଗାଧୁଆ ଘର ପାଖାପାଖି ଯାଇ ଦେଖେ ଫମୀଦା ଛିଡ଼ା ହୋଇଛନ୍ତି । ଏତେଦିନ ପରେ ତାଙ୍କର ଶ୍ରୀଚରଣ ଦର୍ଶନ ହେଲା । ଠାକୁର bathroom ରେ ପଶିଲେ । ଫମୀଦା କ୍ରମାଗତ ତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇବାକୁ ଲାଗିଲେ । ଆଉ ଦୀକ୍ଷା ନେବାପାଇଁ ଆକୁଳ ହେଲେ । ଗାଧୁଆ ଘରକୁ ପଶି ଠାକୁରଙ୍କୁ ପଚାରିଲି ଦୀକ୍ଷାର କଥା । ଠାକୁର ନିର୍ଦ୍ଦେଶ ଦେଲେ ଦୀକ୍ଷା ଦେବାକୁ । ସେହି ଦ୍ୱିପ୍ରହରରେ ହିଁ ଫମୀଦାଙ୍କର ଦୀକ୍ଷା ହେଲା । ଦ୍ୱିପ୍ରହରରେ ଶୋଇ ପଡ଼ିଛି । ଗତକାଲି ସାରାରାତ୍ରି ଉଜାଗର । ଉଠି ଦେଖିଲି, ଉପରଓଳି ଚାରିଟା ହୋଇ ଯାଇଛି । ଶୀତଦିନ, ଘରେ କେହି ନାହାନ୍ତି । ଦୌଡ଼ି ଚାଲିଗଲି ଶ୍ରୀଶ୍ରୀ ଠାକୁରଙ୍କ ପାଖକୁ । ଯାଇ ଦେଖିଲି, ସେହି ଫମୀଦା ଶ୍ରୀଶ୍ରୀ ଠାକୁରଙ୍କ ସହିତ ବସି ବସି କଥା କହୁଛନ୍ତି ଏକା, କେହି ନାହାନ୍ତି । ଆଶ୍ଚର୍ଯ୍ୟ ହେଲି, ଏ କି ବ୍ୟାପାର ? ସକାଳେ ଯେ ଶ୍ରୀଶ୍ରୀ ଠାକୁରଙ୍କୁ ଦେଖି

Scanned by CamScanner

କମ୍ପୁଥିଲେ, କହୁଥିଲେ ଭୟ ଲାଗୁଛି, ଗଳା ଶୁଖି ଯାଉଛି, ସେହି ଲୋକଟି ଏହି କେତେ ଘଣ୍ଟା ବ୍ୟବଧାନରେ ଏତେ ସହଜ ହୋଇଗଲେ ଠାକୁରଙ୍କ ପାଖରେ । ସେତେବେଳେ ହିଁ ଭାବିଲି ଏଠାରେ ଫମ୍ପାଦା ନୁହଁନ୍ତି, ସବୁ ହିଁ ସେହି ସର୍ବଭାବେ ଭାବୀ ମୋର "ମନର ମଣିଷ" ର କାଣ୍ଡ । ସେ ଯେତେବେଳେ ଯାହା ଚାହାନ୍ତି ତାହା ହିଁ କରନ୍ତି । ଅସଲ କଥା ହେଲା, କେତେବେଳେ କେତେ ଭଙ୍ଗୀରେ କାହା ପାଇଁ କଣ କରିବେ ତାହା ସେ ହିଁ ଜାଣନ୍ତି । ଆମ୍ଭେମାନେ ନିମିତ୍ତ ମାତ୍ର । ଆମ୍ଭେ ଯନ୍ତ୍ର ସେ ଯନ୍ତ୍ରୀ । ଖୁସି ହୋଇ ଯେତେବେଳେ ବଜାନ୍ତି ସେତେବେଳେ କେତେ ବାଦ୍ୟ ବାଜି ଉଠେ ଆମ୍ଭ ଭିତରେ । ତାଙ୍କ ବ୍ୟତୀତ କଣ ବା ମୂଲ୍ୟ ଆମ୍ଭମାନଙ୍କର । ସେ ଯେ ସର୍ବଭାବର ଭାବୀ । ତେଣୁ ଅନ୍ତର ଗାଇ ଉଠେ—

"ଗାଓ ତାଁ'ର ଗାନ କଲତାନେ ଆପନ ସୁରେ
ଅନ୍ତରେ ତ ଧନ ଆଛେନ ବସେ ନୟତ ଦୂରେ ।"

Scanned by CamScanner

॥ ସାତ ॥

ଦିନେ ପହିଲା ବୈଶାଖ ଭୋରରେ ଖୁବ୍ ଆନନ୍ଦିତ ମନରେ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରେ ଯାଉଛି । ଶ୍ରୀଶ୍ରୀ ଠାକୁରଙ୍କ ସମୀପରେ ବସି ତାଙ୍କ ଆଶୀର୍ବାଦରେ ନିଜେ ସ୍ନାତ ହୋଇ ଧନ୍ୟ ହେବି । ଯାଇ ଦେଖିଲି ଶ୍ରୀଶ୍ରୀଠାକୁର କେତେ ହଜାର ଲୋକ ଦ୍ୱାରା ପରିବେଷ୍ଟିତ ହୋଇ ବସି ଅଛନ୍ତି । ତାଙ୍କ ନିକଟକୁ ଯିବା ଆଦୌ ସମ୍ଭବ ନୁହେଁ । ତେବେ ହଁ, ଗୋଟିଏ ପଥ ଅଛି । ଯେଉଁ ଲୋକମାନେ ଠାକୁରଙ୍କର ସେବା ଇତ୍ୟାଦି କରନ୍ତି, ସେମାନଙ୍କ ପାଇଁ ଗୋଟିଏ ରାସ୍ତା ଅଛି । ତାହା ଶ୍ରୀଶ୍ରୀ ଠାକୁରଙ୍କର ରାତ୍ରିରେ ରହିବା ଘର ମଧ୍ୟ ଦେଇ । ଏହି ପଥ ସମସ୍ତଙ୍କ ପାଇଁ ନୁହେଁ । ମୁଁ ଠାକୁରଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେବା ପାଇଁ ସେହି ପଥ ଦେଇ ଯିବାର ସଂକଳ୍ପ ନେଇ ଯେତେବେଳେ ଘରେ ପଶିବାକୁ ଯାଉଛି, ଗୋଟିଏ ଲୋକ ଆସି ମୁହଁ ଉପରେ ଦରଜା ବନ୍ଦ କରିଦେଲେ । ଏ ଘଟଣାଟା ଏପରି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କଲା, ମୋର ମନଟା ତିକ୍ତ ହୋଇଗଲା । ଆଜି ବର୍ଷର ପ୍ରଥମ ଦିନ । ଟିକିଏ ଠାକୁରଙ୍କ ପାଖକୁ ଯାଇ ବସି ମଧ୍ୟ ପାରିବି ନାହିଁ ? ତା ଛଡ଼ା, ଏହି ରକମ ଦୌଡ଼ି ଆସି ମୁହଁ ଉପରେ ରାସ୍ତା ବନ୍ଦ କରିଦେବା ...... ! ସମସ୍ତେ ମୋତେ ଚିହ୍ନନ୍ତି । ଅଭିମାନ ହେଲା ମନେ ମନେ । ନା, ନା, ଯିବି ନାହିଁ । ଏଠାରୁ ଦୂରରୁ ହିଁ ଦେଖିବି । ଆଉ ଯିବି ବା କିପରି ? ଛିଡ଼ା ହୋଇ ହୋଇ କେତେ କଣ ଭାବୁଛି । ଗୋଟିଏ କଥାରେ ମନର ସୌମ୍ୟ ଶାନ୍ତଭାବ କଟି ଯାଇଛି । ଆହୁରି ଦୂରକୁ ଘୁଞ୍ଚିଗଲି । ଅଭିମାନ ଆସିଲା ଠାକୁରଙ୍କ ଉପରେ । ତୁମେ ନା ଦିନେ କହିଥିଲ, 'ସର୍ବଦା ଆସି ମୋ ପାଖରେ ବସିବୁ ।' ଅଥଚ ଯେପରି ପାଖକୁ ଯାଇ ନ ପାରେ ତାର ସମସ୍ତ ବ୍ୟବସ୍ଥା କରି ରଖିଛ । ଠିକ୍ ଅଛି, ଯିବି ନାହିଁ, ଯିବି ନାହିଁ । ଆହୁରି ଆହୁରି ଦୂରକୁ ଘୁଞ୍ଚିଯିବି । ଅଭିମାନୀ ମନ ଯେତେବେଳେ

Scanned by CamScanner

ମୋତେ ଆହୁରି ଦୂରକୁ ନେଇଗଲା ସେହି ସମୟରେ ସତ୍ସଙ୍ଗ ପ୍ରେସିଡେଣ୍ଟ ବିଶେଷ କରି ଋତ୍ୱିଗାଗ୍ରଣୀ, ଯେ ମୋତେ ଖୁବ୍ ସ୍ନେହ କରୁଥାନ୍ତି, ସେ ଯାଉଥିଲେ । ମୋତେ ଡାକିଲେ, "କିଣ ସୁଶୀଲ ଦା ! ଛିଡ଼ା ହୋଇଛନ୍ତି ଯେ ? ଚାଲନ୍ତୁ ଠାକୁରଙ୍କ ପାଖକୁ ଯିବା ।" ତାଙ୍କ ସହିତ ସେହି ପୂର୍ବୋକ୍ତ ଘରର ଦରଜା ପାଖରେ ଆସି ପହଞ୍ଚିଲି । ଶୀଘ୍ର ସମସ୍ତେ ଆସି ଦରଜା ଖୋଲି ଦେଲେ । କେଷ୍ଟଦା (President) ମୋତେ ଡାକିଲେ ଭିତରକୁ ଯିବା ପାଇଁ । ମୁଁ ଭିତରକୁ ନ ଯାଇ ବାହାରେ ହିଁ ଜନସମୁଦ୍ର ମଝିରେ ଛିଡ଼ା ହୋଇ ରହିଲି । ମୁଁ କାହାରି ଦୟାର ଭିକାରୀ ନୁହେଁ । ଅନ୍ୟର ବ୍ୟକ୍ତିତ୍ୱ ଉପରେ ଛିଡ଼ାହୋଇ ଠାକୁରଙ୍କ ସହିତ ସମ୍ପର୍କ ରଖିବା, ଏହା ମୋତେ ଭଲ ଲାଗେ ନାହିଁ । ଏହା ଗୈରିବାଲରେ ଘର କିଣିବା ପରି । ଛିଡ଼ା ହୋଇଛି । ବସିବାର ମଧ୍ୟ ଜାଗା ନାହିଁ । ଭାବୁଛି ଏହିପରି ରହିବି । ବହୁ ଦୂରରୁ ଠାକୁରଙ୍କୁ ଦେଖୁଛି । ଶୁଭ୍ର ବେଶରେ ଖଟ ଉପରେ ବସିଛନ୍ତି । ବର୍ତ୍ତମାନ ପ୍ରାର୍ଥନା ଆରମ୍ଭ ହେବ । ଜନ ସମାଗମ ପ୍ରାୟ ୬୦ ହଜାରରୁ ୭୫ ହଜାର ଭିତରେ । ହଠାତ୍ ମୋର ଶରୀରରେ ଶିହରଣ ଖେଳିଗଲା । ଏ କଣ ? ଠାକୁର ଇଙ୍ଗିତରେ ଯେପରି ମୋତେ ଡାକୁଛନ୍ତି ପରି ମନେ ହେଉଛି । ପୁଣି ଭାବିଲି, ନା, ନା, ଭୁଲ । ଏହି ଜନସମୁଦ୍ର ମଧ୍ୟରେ ବୋଧେ ଅନ୍ୟ କାହାକୁ ଇଙ୍ଗିତ କରୁଛନ୍ତି । କିନ୍ତୁ, ନା, ନା, ମନେ ହେଉଛି ତାଙ୍କର ଇଙ୍ଗିତର ଡାକ ଯେପରି ମୋ ଉପରେ ହିଁ ନିବଦ୍ଧ । ଏହା ମଧ୍ୟରେ ସହସ୍ର ସହସ୍ର ଆଖି ମୋ ଉପରେ ପଡ଼ୁଛି । ଜଣେ ଦୌଡ଼ି ଆସୁଛି ଜନମଣ୍ଡଳୀକୁ ଘୁଞ୍ଚାଇ ଘୁଞ୍ଚାଇ । କିଛି ଦୂର ଆସି ଚିତ୍କାର କରି କହିଲେ, "ସୁଶୀଲ ଦା ! ଠାକୁର ଆପଣଙ୍କୁ ଡାକୁଛନ୍ତି ।" ଏତେ ଗୁପା-ଗୁପି ମଧ୍ୟରେ ମଧ୍ୟ ସମସ୍ତେ ମୋର ରାସ୍ତା ଛାଡ଼ିଦେବା ପାଇଁ ବ୍ୟସ୍ତ ହେଲେ । ମୋ ମଧ୍ୟରେ ସେତେବେଳେ ଶିହରଣର କମ୍ପନ ଉଠିଛି । ଯାଇ ଉପସ୍ଥିତ ହେଲି ତାଙ୍କ ନିକଟରେ । ସେ କହିଲେ, "ତୁ ସେଠାରେ କାହିଁକି ? ମୁଁ ଖୋଜୁଛି ତୋତେ, ଦେଖିବାକୁ ପାଉ ନାହିଁ ।" ମୁଁ କିଛି କହିବା ପୂର୍ବରୁ ସେ ମୋତେ କହିଲେ, "ବସ୍ ।" ସମସ୍ତେ ମୋତେ ଜାଗା ଛାଡ଼ି ଦେଲେ । ବସିବା ସଙ୍ଗେ ସଙ୍ଗେ ଆହ୍ୱାନୀ ଆରମ୍ଭ ହେଲା— "ତମସାର ପାର ଅଚ୍ଛେଦ୍ୟ ବର୍ତ୍ତି ମହାନ ପୁରୁଷ ! ଇଷ୍ଟ ପ୍ରତୀକେ ଆବିର୍ଭୂତ......... ।" ଏ ଭିତରେ କିନ୍ତୁ ମୁଁ ମନେ ମନେ ମୋର ମନ ଖାତା ଖୋଲି ବସି ତାର ଡାଇରି ଦେଖୁଛି । ଦଶବର୍ଷ ପୂର୍ବେ ମୋତେ କହିଥିଲେ, 'ଆମି ଯା ବଲି ତା କରି କି ନା ଦେଖି ନିଓ ।

କଥାସ୍ତୁ କାଳେ ଅମିଲ ଥାକଲେ ହେବେତୋ ନା ଆମାସ୍ତୁ, ଆବାର ମିଲ ଥାକଲେଓ ହେବେତୋନା ଆମାସ୍ତୁ ।" (ଅର୍ଥାତ୍—ମୁଁ ଯାହା କହେ, ତାହା କରେ କନା ଦେଖି ନଅ । କଥା ଓ କାମରେ ପାର୍ଥକ୍ୟ ଥିଲେ ମୋତେ ଗ୍ରଡ଼ ନାହିଁ, ପୁଣି ସମତା ଥିଲେ ମଧ୍ୟ ମୋତେ ଗ୍ରଡ଼ ନାହିଁ ।) ସେଦନ ସେ କହଥିଲେ, "ଯେତେ-ବେଳେ ଏଠାକୁ ଆସିବ, ମୋ ପାଖରେ ଆସି ବସିବ ।" ଏ କଥା ମୁଁ ଅକ୍ଷରେ ଅକ୍ଷରେ ପାଳନ କରୁଛି ବଗତ ଦଶବର୍ଷ । ଆଜ୍ଞ ଯେତେବେଳେ ମନରେ ଆଘାତ ପାଇ ଶ୍ରାନ୍ତ କ୍ଲାନ୍ତ ହୋଇ, ଅଭିମାନ କ୍ଷୁବ୍ଧ ହୋଇ ଦୂରେଇ ଛଡ଼ି ହୋଇଥିଲି, ଆଉ ଭାବୁଥିଲି, ଠାକୁର ଏଥର ଆଉ ତୁମ କଥା ରଖି ପାରିଲି ନାହିଁ, ଦୂରରେ ହିଁ ରହିଲି ! ଚେଷ୍ଟା ମୁଁ କରୁଛି । ହୁଏତ କେଷ୍ଟଦା ମାଧ୍ୟମରେ ସୁଯୋଗ ମଧ୍ୟ ଦେଇଛ ତୁମ ପାଖକୁ ଯିବା ପାଇଁ । କିନ୍ତୁ ତୁମ ପାଖକୁ ଯିବ, ତାହା କାହାର ପକ୍ଷେ ପକ୍ଷେ କାହିଁକି ? ତେଣୁ ତୁମେ ସମସ୍ତଙ୍କ ସମ୍ମୁଖରେ ଡାକି ନେଇ ପ୍ରମାଣ କରିଲ, ତୁମେ ଅନ୍ତର୍ଯାମୀ । କେବଳ ତାହା ନୁହେଁ ଦଶବର୍ଷର ସେହି ଶ୍ରେଷ୍ଠ କଥାଟି ମଧ୍ୟ ବାସ୍ତବରେ ପରିଣତ କରିଲ । ମୁଁ ଯେତେବେଳେ ବ୍ୟସ୍ତ, ମୋର ଗୁରୁ ପଥ ପ୍ରଦର୍ଶକ । ପଥ ଦେଖାଇଲେ ହାତ ଧରି ନେଇଯାଇ, ଚାଲିବାର କୌଶଳ ଶିଖାଇ ଦେଲେ, ଶ୍ରାନ୍ତ ଦୂର କରିଦେଲେ । ମନେ ପଡ଼ିଲା—ଛି, ମୁଁ ଯେ ପ୍ରାର୍ଥନାରେ ବସିଛି । ସମସ୍ତେ ସେତେବେଳେ ସହସ୍ର କଣ୍ଠରେ ଗାଇ ଚାଲିଛନ୍ତି—

ବ୍ରହ୍ମାନନ୍ଦଂ ପରମ ସୁଖଦଂ କେବଳଂ ଜ୍ଞାନ ମୂର୍ତ୍ତିମ୍
ଦ୍ୱନ୍ଦାତୀତଂ ଗଗନ ସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍ ।
ଏକଂ ନିତ୍ୟଂ ବିମଳମଚଳଂ ସର୍ବାଧି ସାକ୍ଷୀ ଭୂତମ୍
ଭାବାତୀତଂ ତ୍ରିଗୁଣ ରହିତଂ ସଦ୍‌ଗୁରୁଂ ତ୍ୱାଂ ନମାମି ।

ପୂର୍ବୋକ୍ତ କୌଣସି କଥା ମୁଁ କହି ନାହିଁ । କିନ୍ତୁ ଏ କଥା କେତୋଟି ଯେପରି ମୋ କଣ୍ଠରେ ଗାଇ ଉଠିଲି ସମସ୍ତ ସତ୍ତା ଦେଇ । ଛୋଟ ଗୋଟିଏ ଘଟଣା । କି ବିରାଟ ଆଲୋଡ଼ନ ସୃଷ୍ଟି କଲା ତାହା ମୋର ଜୀବନରେ, ତାହା ପ୍ରକାଶ କରି ହୁଏ ନାହିଁ ଭାଷାରେ ।

ଦିନେ ମୁଁ 'ଅମ୍ବିକା କାଲ୍ନା'ରୁ ଟ୍ରେନର ଫାଷ୍ଟ କ୍ଲାସରେ ଉଠିଛି, ଜଣେ ମା' ପୂର୍ବରୁ ଗାଡ଼ିରେ ବସିଛନ୍ତି । ମୋତେ ଦେଖିବା ମାତ୍ରେ ଉଠି ଛିଡ଼ାହେଲେ ଏବଂ ସାଦର ସମ୍ଭାଷଣ କରି କହିଲେ, "ଆସନ୍ତୁ, ଆସନ୍ତୁ, କି ସୌଭାଗ୍ୟ ମୋର ଆପଣଙ୍କ ସହିତ ଦେଖା ହେଲା ।" ମୁଁ ତ ଆଶ୍ଚର୍ଯ୍ୟ । କିଏ ଏହି ମା'ଟି ? କପାଳରେ ଚନ୍ଦନର ତିଳକ, ଗଳାରେ କଣ୍ଠି, ଗେରୁଆ ବସନ ପରିହିତା, ଶାନ୍ତ ସମାହିତ ଭାବ, ସ୍ଥୂଳକାୟ କିଏ ଏହି ସାଧିକା ? ମୋ ସହିତ ପୂର୍ବରୁ କେତେବେଳେ କେଉଁଠି ପରିଚୟ ହୋଇଛି ବୋଲି ତ ମନେ ହେଉ ନାହିଁ । ତତ୍କ୍ଷଣାତ ଜଣେ ସାହେବ ଅର୍ଥାତ୍ ପାଶ୍ଚାତ୍ୟ ବେଶଧାରୀ ଭାରତୀୟ ଆସି ମୋତେ କହିଲେ, ଏହି ଗାଡ଼ି reserved, ଆପଣ ଓହ୍ଲାଇ ଯାଆନ୍ତୁ । କିନ୍ତୁ ସେହି ସାଧିକା ସନ୍ନ୍ୟାସିନୀ କହି ଉଠିଲେ, "ନା, ନା, ଆପଣ ରହନ୍ତୁ" ଏବଂ ସେହି ଭଦ୍ରଲୋକଙ୍କୁ କହିଲେ, "ତୁମ୍ଭେମାନେ ପାଖ compartmentକୁ ଯାଅ । ଏ ଏଇଠି ରହିବେ । ମୋର ପରମ ସୌଭାଗ୍ୟ ଯେ ଏହାଙ୍କ ସଙ୍ଗଲାଭ କରିପାରିଲି ଏହି ସମୟରେ ଏଇଠି ।" ମୁଁ ବିସ୍ମିତ ହୋଇଯାଇଛି । କିଏ ଏହି ପରମ ଆତ୍ମୀୟା ? ଏପରି ଭାବ ଯେପରି ବହୁକାଳ ହେଲା ଚିହ୍ନନ୍ତି ମୋତେ । ଅଥଚ ଏହି ସମୟରେ ମା'ଟି କହି ଉଠିଲେ, "ଆପଣ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଋତ୍ୱିକ ତ ? ଏବଂ ଆପଣ ହିଁ ତ ସୁଶୀଲଦା ?" ମୁଁ କହିଲି, "ହଁ, ଠିକ୍ ହଁ । ମୁଁ ଋତ୍ୱିକ୍, ଆଉ ମୋର ନାମ ମଧ୍ୟ ସୁଶୀଲ, କିନ୍ତୁ ଆପଣ ଯାହାଙ୍କୁ ଭାବୁଛନ୍ତି ମୁଁ ସେ ନୁହେଁ । ଆମର ସତ୍ସଂଗରେ ସୁଶୀଲଦା ନାମରେ ଯେ ଖ୍ୟାତ ସେ ହେଲେ Vice President, Satsong" ସନ୍ନ୍ୟାସିନୀ ମା'ଟି କହି ଉଠିଲେ, "ତାଙ୍କୁ ମୁଁ ଜାଣେ । ଆପଣ ଓଡ଼ିଶାର ସୁଶୀଲ ରଞ୍ଜନ ଦାସ, ଏହା ନୁହେଁ କି ?" ମୁଁ ସ୍ୱୀକାର କରିବାରୁ ସେ କହି ଉଠିଲେ, "କହନ୍ତୁ, ଶ୍ରୀଶ୍ରୀ ଠାକୁର କିପରି ଅଛନ୍ତି ?" ମୁଁ ଶ୍ରୀଶ୍ରୀ ଠାକୁରଙ୍କର କୁଶଳ ସମ୍ବାଦ ଦେଇ ତାଙ୍କୁ ପଚାରିଲି, "ଶ୍ରୀଶ୍ରୀ ଠାକୁରଙ୍କ ସାନ୍ନିଧ୍ୟକୁ ଆପଣ ଯାଇଛନ୍ତି ?" ସେ କହିଲେ, "ହଁ, ଯାଇଛି ।" ମୁଁ କହିଲି, "କିପରି ଲାଗିଲା ତାଙ୍କୁ ?" ସେ କହିଲେ, "କିପରି ଲାଗିଲା ତାହା ଆଉ କିଣ କହିବ ? ଭଗବାନ ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି ଏହା ଆମ୍ଭମାନଙ୍କର ଅତି ସୌଭାଗ୍ୟର ସମୟ ।" ମୁଁ ପଚାରିଲି, "ଆପଣ ତାଙ୍କ ପାଖରେ ଦୀକ୍ଷିତ ?" ସେ ଗୋଟିଏ ଦୀର୍ଘଶ୍ୱାସ ପକାଇ କହିଲେ, "ନା, ସେ ସୌଭାଗ୍ୟ ହୋଇ ନାହିଁ । ତେବେ ତାଙ୍କ ଦର୍ଶନ ଓ ମୁଖ ନିଃସୃତ ବାଣୀ ପାଇଛି । ମୋତେ ସେ ଅନେକ କରୁଣା

କରିଛନ୍ତି । ବହୁତ ଦିନ ପୂର୍ବେ ମୁଁ ପାବନା ଆଶ୍ରମକୁ କେତେଥର ଯାଇଛି । ଦୀକ୍ଷା ନେବାର ମଧ୍ୟ ଇଚ୍ଛା ହୋଇଥିଲା । କିନ୍ତୁ ସମ୍ଭବ ହେଲା ନାହିଁ । କଣ କହିବି ଆପଣଙ୍କୁ ? ସ୍ୱୀକାର କରୁଛି ମୋର ଦୁର୍ବଳତା । ମୁଁ ଗୋଟିଏ ମଠର ମହନ୍ତ, ସର୍ବେସର୍ବା । ବହୁତ ଲୋକଙ୍କୁ ମୁଁ ଦୀକ୍ଷା ଦେଇଛି । ସେହି ଗଣ୍ଡିରୁ ବେଢ଼ାକାଟି ଆଉ ବାହାରି ପାରିଲି ନାହିଁ । କିପରି ସେ ମନେ ହେଲା ଯେଉଁ-ମାନେ ମୋତେ ଆଶ୍ରୟ କରି ଚାଲିଛନ୍ତି ସେମାନଙ୍କୁ କଣ କହିବି ? ଠାକୁରଙ୍କ ପାଖରେ ଅନ୍ତରରୁ ଜଣାଇଲି, ହେ ପ୍ରଭୁ ! ତୁମେ ଏ ଜନ୍ମରେ ମୋତେ ଫାଙ୍କି ଦେଲ । ବିଭବ ବୈଭବ ଦେଇ ମୋତେ ଦୂରେଇ ରଖିଲ । ମୋର ଆଉ ତାଙ୍କ ପାଖରେ ରହିବା ହେଲା ନାହିଁ ।" ଯାହାହେଉ କଥା ପ୍ରସଙ୍ଗେ ଜାଣିଲି ସେ ଗୋଟିଏ ବୈଷ୍ଣବ ମଠର ମହନ୍ତ । ମୁଁ ପୁଣି ପଚାରିଲି, "ଆପଣ ଜାଣିଲେ କିପରି ସେ ଭଗବାନ ବୋଲି ?" ବୈଷ୍ଣବ ସନ୍ନ୍ୟାସିଜୀ କହି ଉଠିଲେ, "ଦେଖନ୍ତୁ, କଣ ଦେଖି କହୁଛି କହି ପାରିବି ନାହିଁ । ମୋର ମନ କହୁଛି । ଆଉ ଗୋଟିଏ କଥା —ଭଗବାନଙ୍କର ଯେ ଷଡ଼ ଐଶ୍ୱର୍ଯ୍ୟ, ତାହା ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ପୂର୍ଣ୍ଣ ମାତ୍ରାରେ ଦେଖାଯାଏ । ଶ୍ରୀ, ବୀର୍ଯ୍ୟ, ଯଶ, ଐଶ୍ୱର୍ଯ୍ୟ, ତ୍ୟାଗ, ବୈରାଗ୍ୟ ମଧ୍ୟରୁ ପ୍ରଥମ ଚାରୋଟି ଦେଖିଥିଲି ପୂର୍ବରୁ ହିଁ । କିନ୍ତୁ ୧୯୪୭ ସାଲରେ ଯେତେବେଳେ ସେ ପାବନା ଛାଡ଼ି ଦେଓଘର ଚାଲିଗଲେ ସେତେବେଳେ ତାଙ୍କର ଯେଉଁ ତ୍ୟାଗ ଓ ବୈରାଗ୍ୟ ଦେଖିଲି ସେଥିରେ ଚମକି ଉଠିଲି । Rail Station ରୁ ହିମାଇତପୁର ପର୍ଯ୍ୟନ୍ତ ବସରେ ଯାଉଁ ଯାଉଁ ଯେଉଁଠି ଯାହା ଦୃଷ୍ଟିଗୋଚର ହୁଏ ସବୁ ଗୁଡ଼ିକ ଥିଲା ଶ୍ରୀଶ୍ରୀ ଠାକୁରଙ୍କର ଜମି, ସତ୍ସଙ୍ଗର । ତା ଛଡ଼ା ସ୍କୁଲ, କାରଖାନା, କଳାକେନ୍ଦ୍ର, -ବିଶ୍ୱବିଜ୍ଞାନ କଲେଜ, ପ୍ରେସ ଆହୁରି କେତେ କଣ । ଏ ସବୁ କିଛିକୁ ଛାଡ଼ିଦେଇ ଚାଲିଗଲେ ପାବନା ଛାଡ଼ି ଦେଓଘରକୁ । ସାଙ୍ଗରେ କିଛି ନେଲେ ନାହିଁ । ସେତେବେଳେ ମଧ୍ୟ ପାକିସ୍ଥାନ ହୋଇ ନାହିଁ । ଇଚ୍ଛା କରିଥିଲେ ସବୁ ହିଁ ଆଣି ପାରିଥାନ୍ତେ । କିନ୍ତୁ କୋଟି କୋଟି ଟଙ୍କାର ସମ୍ପତ୍ତି ଛାଡ଼ି ଦେଇ ଚାଲି ଆସିଲେ । ଯେପରି ପିଲା ଖେଳୁ ଖେଳୁ ଭୋକ ଲାଗିଲେ ସବୁ ଛାଡ଼ି ଚାଲିଯାଏ ମା' ପାଖକୁ, ଥରେ ଫେରି ଚାହେଁ ନାହିଁ ସେହିପରି ଠାକୁର ମଧ୍ୟ ଫେରି ଚାହିଁଲେ ନାହିଁ କୌଣସି କିଛି ଆଡ଼କୁ । ଦେଓଘରକୁ ଯାଇ ଶୁଣିଛି, ଭିକ୍ଷା କରି ପ୍ରତ୍ୟହ ଚାଲିଛନ୍ତି । କି ତ୍ୟାଗ ? ଏହି ତ୍ୟାଗ ଓ ବିଷୟ ଅନାସକ୍ତି, ବୈରାଗ୍ୟ ଦେଖି ସ୍ତମ୍ଭିତ ହୋଇଗଲି । ପୁରୁଷ ଶ୍ରେଷ୍ଠ ଏହାଙ୍କୁ କହନ୍ତି । କୌଣସି ପ୍ରଲୋଭନ ଏହାଙ୍କ ପାଖରେ ଜୟୀ

Scanned by CamScanner

ହୋଇ ପାରେ ନାହିଁ । ଆମ୍ଭର ପୋଖରୀରେ ଗୋଟିଏ ଗାମୁଛା ହଜିଗଲେ ତା ପାଇଁ ବୁଡ଼ି ବୁଡ଼ି ଆଖି ଲାଲ କରି ପକାଉଁ । ଆଉ ଏହା ତ କଳ୍ପନା ହିଁ କରି ହୁଏ ନାହିଁ । ଇତିମଧ୍ୟେ ଗାଡ଼ି ହାଓଡ଼ା ପହଞ୍ଚି ଯାଇଛି । ଏଇ ମାତାଜୀଙ୍କର ଗୁଣମୁଗ୍ଧ ମନ୍ତ୍ର ଶିଷ୍ୟଶିଷ୍ୟାମାନେ ଆସି Compartment ସମ୍ମୁଖରେ ଛିଡ଼ା ହୋଇଛନ୍ତି । ମା'ଟି ମୋତେ କଲିକତାରେ ତାଙ୍କର ଅବସ୍ଥାନର ଠିକଣା ଦେଲେ ଏବଂ ତାଙ୍କର କଲିକତା ମଠକୁ ଓ ନବଦ୍ୱୀପର ମଠକୁ ଯିବାପାଇଁ ସନିର୍ବନ୍ଧ ଅନୁରୋଧ କଲେ । Stationରୁ ବିଦାୟ ନେଇ ଏହି ସନ୍ନ୍ୟାସିନୀଙ୍କ କଥା ଭାବିବାକୁ ଲାଗିଲି । ନୂତନ ଭାବରେ ଶ୍ରୀଶ୍ରୀ ଠାକୁରଙ୍କ ସମ୍ବନ୍ଧରେ ଯେଉଁ ଦର୍ଶନ, ଯେଉଁ ବୋଧ ମୋତେ ଦେଇଗଲେ କିଏ ଏହି ସନ୍ନ୍ୟାସିନୀ ? ମୋର ମନର ମଣିଷ ଶ୍ରୀଶ୍ରୀ ଠାକୁର । କେତେ ସମୟ ତାଙ୍କ ସହିତ ବସି କେତେ କଥା ବୁଝେ । ସାଧନ ଭଜନ ହୀନ ମୁଁ । ଅଥଚ ଏମାନେ ସାଧନାରେ କେତେ ଉନ୍ନତ । ଶ୍ରୀଶ୍ରୀ ଠାକୁର ଏମାନଙ୍କର ମଧ୍ୟ ମନର ମଣିଷ, ଆରାଧ୍ୟ ଭଗବାନ । ଶତ ଶତ ମାଇଲ ଦୂରରୁ ପ୍ରଣତି ଜଣାଇଲି ଶ୍ରୀଶ୍ରୀ ଠାକୁରଙ୍କ ଚରଣ ଉଦ୍ଦେଶ୍ୟ ।

Scanned by CamScanner

॥ ଆଠ ॥

ଦିନକର କଥା ମନେ ପଡ଼େ । ଦୁଇଦିନ ହେଲା ଖାଇ ନାହିଁ । କ୍ଷୁତ୍ ପିପାସାରେ କାତର ହୋଇ ପଡ଼ିଛି । ଯେଉଁଠି ଯାଇଥିଲି ସେ ଗୋଟିଏ ସ୍ଥାନ, ଯେଉଁଠି କିଛି ମିଳେ ନାହିଁ । ଯଦି ଖାଇବାକୁ ହୁଏ ଭାତ ଖାଇବାକୁ ହେବ । ମୁଁ ନିଜେ ରୋଷେଇ କରି ଖାଏ । କିନ୍ତୁ କ୍ରମାଗତ ଜଣକ ପରେ ଜଣେ ଲୋକ ଆସୁଛନ୍ତି । ଆଉ ମୋତେ ଡାକିନେଇ ଯାଉଛନ୍ତି । କେଉଁଠି ରୋଷେଇ କରିବାର ସମୟ ପାଉ ନାହିଁ । କେତେବେଳ ଟିକିଏ ଦୁଧ, କେତେବେଳେ ସର୍ବତ୍, ଏହାହିଁ ଦୁଇଦିନ ଧରି ଖିଆ ହେଉଛି । ତା ମଧ୍ୟ ନିଜର ଇଚ୍ଛା ମୁତାବକ ନୁହେଁ, ସେମାନଙ୍କର ଇଚ୍ଛାନୁଯାୟୀ । ଖାଇବା ନ ଖାଇବା ମୋ ଉପରେ ନିର୍ଭର କଲେ ମଧ୍ୟ ଦେବାଟା ଥିଲା ସେମାନଙ୍କ ହାତରେ । ତା ଛଡ଼ା ଗୋଟିଏ ପରୀକ୍ଷା ନିରୀକ୍ଷା ମଧ୍ୟ ହୁଏତ ଚାଲୁଥିଲା । ଧାର୍ମିକ ମଣିଷ, ଦେଖାଯାଉ ନ ଖାଇ ରହି ପାରନ୍ତି କି ନା । ଆଉ ଆଶ୍ଚର୍ଯ୍ୟ କଥା ହେଲା ଭୋକ ମୋତେ ଲାଗୁ ନ ଥିଲା । କେମିତି ଗୋଟିଏ ନିଶାରେ ଯେପରି ମାତି ରହିଥିଲି । କେହି କେହି ଯେପରି ଆସି କହନ୍ତି "ସେ ବର୍ତ୍ତମାନ ପର୍ଯ୍ୟନ୍ତ ଖାଇ ନାହାନ୍ତି । ଆଗେ ଖାଇବାର ବ୍ୟବସ୍ଥା କରେ ।" ସଙ୍ଗେ ସଙ୍ଗେ ଅନେକେ କହି ଉଠନ୍ତି, "ସେ କିଛି ଖାଆନ୍ତି ନାହିଁ । ଆମ୍ଭେମାନେ ଜୋର କରି ଟିକିଏ ସର୍ବତ୍ କିମ୍ବା ଦୁଧ ଦେଉଁ । ତା ମଧ୍ୟ ଖାଇବାକୁ ଚାହାନ୍ତି ନାହିଁ ।" ମୁଁ କ୍ଷୀଣ ପ୍ରତିବାଦ କରେ । "ତାହା ନୁହେଁ; ଖାଏ ମୁଁ ଟିକିମତ ହିଁ ।" ପୁଣି ସେହି କଥା, "ହଁ ହଁ, ଟିକିମତ ହିଁ ଖାଆନ୍ତି, ସେ ଆପଣଙ୍କର ହିଁ ମତରେ । ଆମେ ତ ଦେଖୁଛୁ ଖାଇବା ନାହିଁ, ନିଦ୍ରା ମଧ୍ୟ ନାହିଁ ଇତ୍ୟାଦି ଇତ୍ୟାଦି ।" ଏପରି ପରିବେଶ ଯେ ମୋର ନିଜର କରିବାର କିଛି ନାହିଁ । ବେଶ ଆନନ୍ଦରେ ଦୁଇଦିନ କଟିଗଲା । ତୃତୀୟ ଦିନ ସେଠାରୁ ବାହାରିଲି । ବେଶ ଗୋଟିଏ ଆନନ୍ଦମୟ ପରିବେଶ । କିନ୍ତୁ local train ରେ

Scanned by CamScanner

ଉଠିବା ମାତ୍ରେ ଧୀରେ ଧୀରେ ମନ ଯେପରି କ୍ରମାଗତ ଧକ୍କା ଖାଇ ଓହ୍ଲାଇ ଆସିଲା ଷ୍ଟେସନ ପରିବେଶକୁ । ଯେଉଁଠି ବସିବାର ନେଇ ଝଗଡ଼ା, ହକରର ଚେନାଚୁର, ଚିନାବାଦାମ, ହାତକଟା ତେଲ, ଲଜେନ୍ସ ଓ ଅଫିସର ବଡ଼ବାବୁର ନିନ୍ଦା ବା କେଉଁଠି ସୁଖ୍ୟାତିରେ ପଞ୍ଚମୁଖ । କେଉଁଠି ବା ତାସ୍ ଖେଳ ଚାଲିଛି. ତା ପୁଣି କେତେ ରକମାରି ଢଙ୍ଗର । ତା'ଛଡ଼ା ପରିବା ଝୁଡ଼ି, ମାଛ ଝୁଡ଼ିନେଇ ଚାଲିଛନ୍ତି କେତେ ପସାରି, ଯାତ୍ରୀମାନଙ୍କ ସହିତ ସେମାନଙ୍କର କେତେ ବିଚିତ୍ର କଥାବାର୍ତ୍ତା । ଏସବୁ ପ୍ରଭାବରେ ସେମାନଙ୍କ ସହିତ ଓହ୍ଲାଇ ଆସିଲି ପ୍ରକୃତିର ସ୍ୱାଭାବିକ ନିୟମକୁ । ସେତେବେଳେ ହିଁ ଧୀରେ ଧୀରେ ଏକ ପ୍ରଚଣ୍ଡ କ୍ଷୁଧାର ତାଡ଼ନା ଉପଲବ୍ଧି କରିବାକୁ ଲାଗିଲି । କେତେବେଳେ କଲିକତାରେ ଯାଇ ଉପସ୍ଥିତ ହେବ । ହାଓଡ଼ା ଷ୍ଟେସନ୍‌ରେ ଓହ୍ଲାଇ ପକେଟରେ ଦେଖିଲି କେତେ ଅଣା ପଇସା ଅଛି । କିନ୍ତୁ ଏହାକୁ ସମ୍ବଳ କରି ମୋତେ ବୁଲିବାକୁ ହେବ ବହୁତ ସ୍ଥାନ, ତଥାପି ପେଟ କୌଣସି କଥା ଶୁଣିବାକୁ ଚାହୁଁ ନାହିଁ । Stationର ପାଖାପାଖି ଯେଉଁସବୁ ଜଳଖିଆ ଦୋକାନ ସେସବୁ ଅପରିଷ୍କାର ଓ ଆବର୍ଜନାମୟ । ଖାଇବାକୁ ମନ ବିଶେଷ ଚାହୁଁ ନାହିଁ । ଫଳ କମ୍ବା ଛେନା ଜିନିଷ ଇତ୍ୟାଦି ଖାଇବା ପାଇଁ ପଇସା ମଧ୍ୟ ନାହିଁ । ସେତେବେଳେ ତୀବ୍ର କ୍ଷୁଧା ଜ୍ୱାଳାରେ ମନେକଲି ରାସ୍ତାର ସେପାଖରେ ବୁଟ-ଭଜା ମିଳେ, ସେଥିରୁ କିଣି ଗୁଡ଼ ଦେଇ ଖାଇବି । ପୁଣି ଭାବୁଛି ଦୋକାନରୁ କିଣିବି ? ଖୁବ୍ ଅପରିଷ୍କାର । ରାସ୍ତା ପାଖରେ ଖୋଲା ଦୋକାନ । କେତେ କଣ ପଡ଼ୁଛି । କିନ୍ତୁ ସମସ୍ତ ଯୁକ୍ତି ପରାସ୍ତ ହେଲା ପେଟର ଯୁକ୍ତି ନିକଟରେ । ପାଦ ବଢ଼ାଇଲି ସେହି ବୁଟଭଜା ଦୋକାନ ଉଦ୍ଦେଶ୍ୟରେ । ରାସ୍ତା ପ୍ରାୟ ଅତିକ୍ରମ କରୁଛି ଏହି ସମୟରେ ଗୋଟିଏ ମୋଟର କାର ଆସି ପାଖରେ ଛିଡ଼ା ହେଲା । ଭିତରୁ କେହି ଜଣେ କହି ଉଠିଲେ, " ସୁଶୀଲଦା ଯେ ! ଆସନ୍ତୁ ଆସନ୍ତୁ ।" ଚାହିଁ ଦେଖିଲି ଦାଶୁଦା ମୋଟର ଦରଜା ଖୋଲି ଅପେକ୍ଷା କରୁଛନ୍ତି ରାସ୍ତା ମଝିରେ । କଥା କହିବାର ସମୟ ନାହିଁ । ଉଠି ପଡ଼ିଲି ତାଙ୍କ ଗାଡ଼ିରେ । ବାଟରେ ଯାଉଁ ଯାଉଁ ସେ କହିଲେ, "ଆଜିକୁ ଦୁଇଦିନ ହେଲା କେତେ ଖୋଜୁଛୁ । କେଉଁଠି ଥିଲେ ? ଏହିପରି ବୁଡ଼ିଗଲେ କଣ ଚାଲିବ ? ତା' ଛଡ଼ା ସେ ରାସ୍ତା ପାର ହୋଇ କେଉଁଠି ଯାଉଥିଲେ ?" ମୁଁ କହିଲି, "ଭୋକ ଲାଗିଥିଲା ତେଣୁ ଦେଖିବାକୁ ଯାଉଥିଲି କିଛି ଖାଇବାର ବ୍ୟବସ୍ଥା କରି ହୁଏ କି ନାହିଁ । କିନ୍ତୁ ଠାକୁରଙ୍କର ବୋଧହୁଏ ତାହା ଇଚ୍ଛା ନାହିଁ । ତା ନ ହେଲେ ଏ ହାଓଡ଼ା

ଷ୍ଟେସନର ଜନସମୁଦ୍ର ମଧ୍ୟରେ, କେତେ ସହସ୍ର, ସହସ୍ର trafficରେ ଥିବା ଆସିବା ମଧ୍ୟରେ ମୋଟର ଯାନୀ ଆପଣଙ୍କ ସମ୍ମୁଖରେ କିପରି ପଡ଼ିଲ ?" ଦାଶୁଦା ଅଫିସରେ ପହଞ୍ଚି ଲୋକ ପଠାଇ ଭୀମନାଗ ଦୋକାନରୁ ପ୍ରଚୁର ସନ୍ଦେଶ ଆଣି ପେଟ ଭରି ଖୁଆଇଲେ । ତା ସହିତ ଦେଲେ ଦାରୁଣ ଗ୍ରୀଷ୍ମ ମଧ୍ୟରେ ରେଫ୍ରିଜେଟରର ଥଣ୍ଡା ପାଣି । ଦାଶୁଦା ସବୁକିଛି ହିଁ କଲେ । ମୁଁ କିନ୍ତୁ ଉପଲବ୍ଧି କଲି ମୋର 'ମନର ମଣିଷ' ର ଅଦୃଶ୍ୟ ହସ୍ତର ଅଫୁରନ୍ତ ଦାନ, ଆଉ ତାଙ୍କର ଅଯାଚିତ କରୁଣା ମୋ ଉପରେ । ଉପଲକ୍ଷ, ତାହା ବୋଲି ଉପେକ୍ଷଣୀୟ ନୁହେଁ । ତେବେ ସେହି ଉପଲକ୍ଷ ସ୍ୱରୂପ ଦାଶୁଦା, ସେ ମଧ୍ୟ ତାଙ୍କର ସନ୍ତାନ, ତାଙ୍କର ପ୍ରେମରେ ମାତୁଆର ।

ଶ୍ରୀଶ୍ରୀ ଠାକୁର ମୋତେ କଲିକତାରେ ରହିବାକୁ କହିଛନ୍ତି । କପର୍ଦ୍ଦକହୀନ ଜଣେ ମନୁଷ୍ୟ ପକ୍ଷରେ କଲିକତାରେ ରହିବା କିପରି ତାହା ଭୁକ୍ତଭୋଗୀ ଯେ ସେ ହିଁ ଜାଣେ । ତାହା ସହିତ ଠାକୁର କହିଦେଲେ, "କାହାରିକୁ କିଛି ମାଗିବ ନାହିଁ । କେହି ଯଦି ଶ୍ରଦ୍ଧାଭରେ କିଛି ଦିଏ ତାକୁ କେତେବେଳେ ହେଲେ ଉପେକ୍ଷା ମଧ୍ୟ କରିବ ନାହିଁ ।" କଲିକତା ମହାନଗରୀ, ଯେଉଁଠି ଭୋଗ ବିଳାସର ରାଜତ୍ୱ, ପଇସା ବ୍ୟତୀତ ଗୋଟିଏ ପାଦ ମଧ୍ୟ ଚାଲିହୁଏ ନାହିଁ, ମୁଣ୍ଡ ଗୁଞ୍ଜିବାର ମଧ୍ୟ କୌଣସି ସ୍ଥାନ ନାହିଁ । କର୍ମବ୍ୟସ୍ତ ସଦା ଚଞ୍ଚଳ ମଣିଷ ଛୁଟି ଚାଲିଛି ସମତାଳରେ ରିକ୍ସା, ଟ୍ରାମ, ବସ୍, ଟେକ୍ସି, ଏରୋପ୍ଲେନ୍ ସାଙ୍ଗରେ ; କଲିକତାର ଲୋକମାନଙ୍କୁ ଟିକିଏ ସୁଖ ସୁବିଧା ଦେବା ପରିବର୍ତ୍ତିରେ ଅର୍ଥ ରୋଜଗାର ପାଇଁ ସାରାରାତି, ସମସ୍ତେ ଯେତେବେଳେ ନିଦ୍ରିତ, ସେତେବେଳେ କ୍ରମାଗତ ଛୁଟି ଚାଲିଛି ମୋଟର ଗାଡ଼ି, ବାହାରରୁ ନେଇ ଆସୁଛି ବିଭିନ୍ନ ପସରା, କେତେ ପନିପରିବା, ଦୁଧ, ମାଛ ଏବଂ ନିତ୍ୟ ପ୍ରୟୋଜନୀୟ ସାମଗ୍ରୀ । ସମସ୍ତ ରାତ୍ରି ଜଗି କେତେ କଲକାରଖାନାର ମଣିଷ ଅବିଶ୍ରାନ୍ତ ପରିଶ୍ରମ କରି କେତେ କଣ କରି ଚାଲିଛନ୍ତି ରାତ୍ରିର ନିଦ୍ରିତ ମନୁଷ୍ୟମାନଙ୍କ ଦିନର ଖୋରାକ ଯୋଗାଇବା ପାଇଁ, କେତେ ନାରୀ ଦେହ ପସରା ନେଇ ଟେକ୍ସି କରି ଛୁଟି ଚାଲିଛନ୍ତି ଘୃଣ୍ୟ କାମୁକ ପୁରୁଷ ଦେହଧାରୀ ପଶୁ ସହିତ । ରାତ୍ରିର କଲିକତା, କେତେ ତାର ବିଚିତ୍ର ରୂପ । ଏହାରି ମଧ୍ୟକୁ ଠାକୁର ମୋତେ ଠେଲି ପଠାଇଲେ ସାଧନା କରିବା ପାଇଁ । ସାଧନାର ଉପଯୁକ୍ତ ସ୍ଥଳ ହିଁ ଅବଶ୍ୟ ! ନିର୍ଦ୍ଦେଶ ଦେଲେ ନାହିଁ ନିର୍ଜନରେ କୌଣସି ବଟବୃକ୍ଷ ମୂଳରେ ବସି ତପସ୍ୟା

କରିବାକୁ, ଅଥବା କୌଣସି ଗହନ ଅରଣ୍ୟରେ ଭଗ୍ନ ମନ୍ଦିରରେ କିମ୍ବା ଗୁମ୍ଫା ମଧ୍ୟରେ ଧ୍ୟାନମଗ୍ନ ହେବାକୁ । କହିଲେ ନାହିଁ ଜନ କୋଳାହଳଠାରୁ ଦୂରରେ ରହିବା ପାଇଁ, ଯଦିଓ ମୋର ମନ ସେତେବେଳେ ନୀରବତା ହିଁ ଚାହୁଁଥିଲା । ସେ ପଠାଇଲେ ଅସରନ୍ତି ଜନସମୁଦ୍ର ମଧ୍ୟକୁ । କହିଥିଲେ, "ମାନୁଷଇ ସମ୍ପଦ, ସବାର ମାଝେ ଦେଖିବେ ଆମାରେ, ଆମି ତୋମାର ସାଥେ ଥାକବୋ ତାଦେରଇ ମାଝେ । (ଅର୍ଥାତ୍ ମଣିଷ ହିଁ ସମ୍ପଦ, ସମସ୍ତଙ୍କ ମଧ୍ୟରେ ମୋତେ ଦେଖିବ ଓ ମୁଁ ସେମାନଙ୍କ ମଧ୍ୟରେ ତୁମ ସହିତ ରହିବ ।) ମାନ ଯଶ, କାମିନୀ କାଞ୍ଚନ କୌଣସିଠାରେ ଭୁଲିବ ନାହିଁ । ସାତ୍ତ୍ୱିକଭାବରେ ରହିବ । ତୁମ ସହିତ ଯେଉଁ-ମାନଙ୍କର ଯୋଗାଯୋଗ ସ୍ଥାପିତ ହେବ ସେମାନେ ଯେପରି ଉପଲବ୍ଧି କରନ୍ତି ଈଶ୍ୱରଙ୍କୁ, ସେମାନେ ଯେପରି ପ୍ରଲୁବ୍ଧ ହୁଅନ୍ତି ଧର୍ମ ଜୀବନ ଯାପନ ପାଇଁ । ଆନନ୍ଦରେ ସେମାନେ ଯେପରି ଉଚ୍ଛୁଳି ଉଠନ୍ତି । ଆଉ ମନେ ରଖିବ ଏ ସବୁ ହେବ ତୁମର ନିଷ୍ଠା ଓ ସାଧନା ଯଦି ଅତୁଟ ଥାଏ । କୌଣସି ପ୍ରଲୋଭନରେ ପ୍ରଭାବିତ ହେବ ନାହିଁ ।"

ସନ୍ତରଣ ନ ଜାଣିବା ଲୋକକୁ ସମୁଦ୍ର ମଧ୍ୟରେ ନିକ୍ଷେପ କଲେ ଯାହା ହୁଏ ମୋର ମଧ୍ୟ ସେହି ଅବସ୍ଥା । କଲିକତା ସହର ନିର୍ଦ୍ଧାରିତ ହେଲା ମୋର ତପସ୍ୟାର ସ୍ଥାନ ହିସାବରେ । ଯାଇ ଉପସ୍ଥିତ ହେଲି ବିରୁଦ୍ଧ ପରିବେଶ ମଧ୍ୟରେ । ସେ କି ବିରାଟ ସଂଘାତ । କଲିକତା ମୋର ଅଚିହ୍ନା ନୁହେଁ । କେତେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, ବୈଷୟିକ ଜୀବନରେ ଯେତେବେଳେ ଥିଲି, ବ୍ୟବସାୟ ଯୋଗାଯୋଗରେ କେତେ ମଣିଷ ସହିତ ହୋଇଥିଲା ପରିଚୟ । ଆଜି ସେମାନେ ସମସ୍ତେ ଆକ୍ରମଣ କଲେ, ସେମାନଙ୍କର ଯେତେ ଯେତେ ଅସ୍ତ୍ର ଥିଲା ସବୁ ନେଇ । ତାହାରି ମଧ୍ୟରେ ଦେଖିଲି କିଏ ଯେପରି ଅଦୃଶ୍ୟ ହସ୍ତରେ ମୋର ହାତ ଧରି ଧରି ଆଗେଇ ନେଇ ଚାଲିଛନ୍ତି । ତାହା ଗୋଟିଏ ବିରାଟ ବିଚିତ୍ର ଇତିହାସ । ଏହା ଭିତରେ ଯେଉଁମାନେ ବିଶେଷ ଭାବରେ ଆସିଲେ ମୋର ଜୀବନରେ ଇଷ୍ଟ ନିର୍ଦ୍ଦେଶ ପାଳନରେ ସାହାଯ୍ୟ କରିବାପାଇଁ ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଦାଶରଥି ମୁଖାର୍ଜୀ, ଶ୍ରୀ ବାଲକୃଷ୍ଣ କାପୁର, ଶ୍ରୀ ହେମଚନ୍ଦ୍ର ଦେବ, ଶ୍ରୀ ସମର ବୋଷ, ଶ୍ରୀ ଶାନ୍ତ ସୋମ ଆଦି ପ୍ରଧାନ ଭୂମିକା ନେଇ ଛିଡ଼ା ହୋଇଥିଲେ । ଆହୁରି କେତେ ଲୋକ ଆସିଲେ କିଏ ବା କ୍ଷଣିକ ପାଇଁ, କିଏ ବା କିଛିଦିନ ପାଇଁ କିଏ ବା ମାସକ ପାଇଁ । ଆହୁରି ମଜା ହେଲା, ଆଜି ୧୯ । ୧୦ । ୭୭

Scanned by CamScanner

ଡାଇଖଟର ଯେତେବେଳେ ଏହି ଇତିହାସ ଲେଖିବାକୁ ବସିଛି ପୂର୍ବୋକ୍ତ କେହି କିନ୍ତୁ ମୋର ସାଥୀ ନାହାନ୍ତି । କିନ୍ତୁ ସେହି ସମୟରେ କି ଭାବରେ କାହିଁକି ଯେ ଏମାନେ ମୋ ପାଇଁ ଉଦ୍‌ବେଳିତ ଅନ୍ତର ହୋଇଥିଲେ ଆଜି ପର୍ଯ୍ୟନ୍ତ ତାହା ଭାବେ, କିନ୍ତୁ ସତ୍ ଉତ୍ତର କିଛି ଖୋଜି ପାଏ ନାହିଁ । ଖାଲି ଗୋଟିଏ କଥା ମନେହୁଏ— ସେ (ଠାକୁର) କହିଥିଲେ ମୁଁ ସର୍ବଦା ରହିବ ତୋ ସଙ୍ଗରେ । ତେଣୁ ବୋଧହୁଏ ସେ ଥିଲେ ଏମାନଙ୍କ ମାଧ୍ୟମରେ ।

Scanned by CamScanner

॥ ନଅ ॥

ଦିନେ ସକାଳ ଆଠଟାରେ ବସି ରହିଛି ଶ୍ରୀଶ୍ରୀ ଠାକୁରଙ୍କ ପାଖରେ, ଗେଟ୍ ପାଖରେ ଥିବା ନିଭୃତ ନିବାସରେ । ଭଗୀରଥଦାଙ୍କ ଡିସ୍‌ପେନ୍‌ସାରି ସାମନା ଦେଇ ଜଣେ ଭଦ୍ରଲୋକ ଖୁବ୍ ବ୍ୟସ୍ତ ହୋଇ ଚାଲିଯାଉଛନ୍ତି । ଶ୍ରୀଶ୍ରୀ ଠାକୁର ଆଙ୍ଗୁଳି ନିର୍ଦ୍ଦେଶ କରି ତାଙ୍କୁ ଦେଖାଇ ମୋତେ କହିଲେ— ଏହି ଯେ ଲୋକଟି ଯାଉଛି ତାଙ୍କୁ ଚିହ୍ନିଛୁ ? ମୁଁ କହିଲି— ନା ଠାକୁର, ମୁଁ ତାଙ୍କୁ ଚିହ୍ନି ନାହିଁ । ଶ୍ରୀଶ୍ରୀ ଠାକୁର ମୋତେ କହିଲେ— ତୁ ଯା', ତାଙ୍କ ସାଙ୍ଗରେ ଯାଇ କଥା କହି । ଠାକୁରଙ୍କ ଆଦେଶରେ ମୁଁ ତାଙ୍କ ପାଖରୁ ବାହାରି ଆସି ଅତି ଦ୍ରୁତ ପଦକ୍ଷେପରେ ଯାଇ ସେହି ଲୋକଟି ପାଖରେ ହାଜର ହେଲି । ସେ ଯେତେବେଳେ ଠାକୁର-ବାଙ୍ଗଲା ପାର ହୋଇ 'ଓ୍ୱେଷ୍ଟେଣ୍ଡ ହାଉସ୍'ର ପ୍ରାଙ୍ଗଣରେ ପଶୁଛନ୍ତି ମୁଁ ଯାଇ ତାଙ୍କୁ 'ଜୟଗୁରୁ' ବୋଲି କହି ଠାକୁରଙ୍କୁ ସ୍ମରଣ କରି କହିଲି— ଆପଣ କିଛି ମନେ କରିବେ ନାହିଁ । ମୁଁ ଜାଣିପାରେ କି ଆପଣ କେଉଁଠାରୁ ଆସିଛନ୍ତି ? ଉକ୍ତ ଭଦ୍ରଲୋକ ବ୍ୟସ୍ତତା ସହକାରେ କହି ଉଠିଲେ— ମୋର ମନେ କରିବାର କିଛି ନାହିଁ । କିନ୍ତୁ ମୁଁ ବର୍ତ୍ତମାନ ଏଠାରୁ ଚାଲିଯିବି । ବିଛଣାପତ୍ର ବାନ୍ଧିବାର ଅଛି, ଟ୍ରେନ୍ ଟାଇମ୍ ହୋଇ ଆସୁଛି ତେଣୁ ଆପଣଙ୍କ ସଙ୍ଗରେ ଠିଆହୋଇ କଥା କହିବାର ବେଳ ନାହିଁ । ମୁଁ ତାଙ୍କୁ କହିଲି — ଚାଲନ୍ତୁ, ମୁଁ ଆପଣଙ୍କ ସଙ୍ଗରେ ଯିବି । ଯେଉଁଠାରେ ଆପଣଙ୍କ ବିଛଣା ଅଛି, ଚାଲନ୍ତୁ ସେଠାକୁ ଯିବା । ଭଦ୍ରଲୋକ ମୋତେ ସାଙ୍ଗରେ ନେଇ ଗେଷ୍ଟ ହାଉସ୍‌ର ଗୋଟିଏ ପ୍ରକୋଷ୍ଠରେ ପଶିଲେ ଏବଂ ତାଙ୍କର ଜିନିଷପତ୍ର, ବିଛଣା ଏକତ୍ରିତ କରି ବାନ୍ଧିବାକୁ ଲାଗିଲେ । ମୁଁ ତାଙ୍କର ଏହି କର୍ମରେ ସାହାଯ୍ୟ କରିବାକୁ ଲାଗିଲି । ଏହାରି ମଧ୍ୟରେ ମୁଁ ତାଙ୍କୁ ପ୍ରଶ୍ନ କରି ଚାଲିଛି ଏବଂ ସେହି କର୍ମରତ ଭାବଟି ଉତ୍ତର ଦେଇ ଚାଲିଛନ୍ତି ।

Scanned by CamScanner

ପ୍ରଶ୍ନୋତ୍ତରରେ ଜାଣିଲି ଆଜକୁ ତିନଦିନ ହେଲା ହୃଷୀକେଶର ଗୋଟିଏ ଦଶନାମୀ ସଂପ୍ରଦାୟ ଆଶ୍ରମରୁ ଏହି ଭଦ୍ରଲୋକ ଆସିଛନ୍ତି । କଥା ପ୍ରସଙ୍ଗରେ ମୋତେ କହିଲେ—ଠାକୁରଙ୍କର ବହୁତ କିଛି ବହି ମୁଁ ପଢ଼ିଛି ଏବଂ ସେହି ବହିରେ ଠାକୁରଙ୍କର କଥା ସବୁ ପ୍ରଶ୍ନୋତ୍ତର ଇତ୍ୟାଦି ଦେଖି ମୋର ମନ ଉଦ୍‌ବେଳିତ ହୋଇ ଉଠିଥିଲା ତାଙ୍କ ଦର୍ଶନ ନିମନ୍ତେ ! ବହୁ କଷ୍ଟରେ ଅର୍ଥ ସଂଗ୍ରହ କରି ମୋର ମାନସ ଭଗବାନ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ କରିବା ପାଇଁ ଆସିଥିଲି । ଆଜକୁ ତିନଦିନ ହେଲା ଶ୍ରୀଶ୍ରୀ ଠାକୁରଙ୍କୁ ଚିହ୍ନିବାର କୌଣସି ଶକ୍ତି ମୋର ନାହିଁ ବୋଲି ମନେ କରି ଏଠାରେ ରହିଥିବା ଶ୍ରୀଶ୍ରୀ ଠାକୁରଙ୍କର ଭକ୍ତ-ମାନଙ୍କ ସଙ୍ଗରେ ସଙ୍ଗ କରି ତାଙ୍କୁ ଚିହ୍ନିବାର ଚେଷ୍ଟା କଲି । କିନ୍ତୁ ଆଜି ଅତି ଦୁଃଖର ସହିତ କହୁଛି ମୋର ସେ ଆଶା ପୂର୍ଣ୍ଣ ହେଲା ନାହିଁ । ଏଠାକାର ବଡ଼ ବଡ଼ ଭକ୍ତ କହିବାକୁ ଗଲେ ଯେଉଁମାନେ ସେମାନଙ୍କ ସଙ୍ଗରେ ମୁଁ କ୍ରମାଗତ ଆଲୋଚନା କରି ହତାଶ ହୋଇ ପଡ଼ୁଛି, ଶ୍ରୀଶ୍ରୀ ଠାକୁର କିଏ ମୁଁ ବୁଝି ପାରୁ ନାହିଁ । ମୋର ମନ ଭିତରେ ସନ୍ଦେହ ଜାଗି ଉଠିଛି, ଏ ଠାକୁର ନା ଆଉ କିଛି ? ତାଙ୍କର ଯେଉଁସବୁ କଥା ବହିରେ ପଢ଼ିଛି ତାହା ସାଙ୍ଗରେ ଏଠାକାର ପରିସ୍ଥିତିର କୌଣସି ପ୍ରକାରେ ମେଳ ଦେଖି ପାରିଲି ନାହିଁ । ମୁଁ ପଚାରିଲି —ଆପଣ ଶ୍ରୀଶ୍ରୀ ଠାକୁରଙ୍କ ସାଙ୍ଗରେ କଥା କହିଛନ୍ତି କି ? ସେ କହିଲେ – ନା, ମୋର ମନ ଆଉ ଚାହୁଁ ନାହିଁ ତାଙ୍କ ସାଙ୍ଗରେ କଥା କହିବାକୁ । ଆସିବା ଦିନ ମୋର ମନ ଭିତରେ ଯେଉଁ ଆଗ୍ରହ ଥିଲା ଆଜି ତାହା ସ୍ତିମିତ ହୋଇ ଲିଭିଯିବାକୁ ବସିଛି । ମର୍ମରେ ମର୍ମରେ ମନେ ହେଉଛି — ଠାକୁର ଯଦି ଭଗବାନ ହୁଅନ୍ତି ମୋତେ ଫାଙ୍କି ଦେଇ ଫେରାଇ ଦେଲେ, ନଚେତ୍ ଲୁଚି ରହିଲେ, ମୋତେ ଧରା ଦେଲେ ନାହିଁ । ଏତେ ବାଟ ଆସି ମୁଁ ବ୍ୟର୍ଥ ହୋଇ ଫେରି ଯାଉଛି । ପୁଣି ମନେ ହେଉଛି—ହୁଏତ ଭଗବାନ ମୋତେ ରକ୍ଷା କଲେ ଏହି ଶୟତାନମାନଙ୍କର ପାଲାଠାରୁ ମୋତେ ବଞ୍ଚାଇ, ତାଙ୍କର ସଜାଇ ରଖିଥିବା ଠାକୁରଙ୍କ ପାଖକୁ ନ ଯିବାକୁ ଦେଇ । ଆଉ ନ ହେଲେ ଠାକୁର ସ୍ୱୟଂ ଭଗବାନ, ତାଙ୍କର ଆଖପାଖରେ ଏପରି କଣ୍ଟାର ଜାଲବାଡ଼ ଘେରି ରଖିଛନ୍ତି, ସେ କଣ୍ଟାକୁ ଆଡ଼େଇ ଦେଇ ମୁଁ ତାଙ୍କ ପାଖରେ ଉପସ୍ଥିତ ହୋଇ ପାରିଲି ନାହିଁ । ମୁଁ ଏ ସମ୍ବନ୍ଧରେ କିଛି ଜାଣେନା । ଈଶ୍ୱରଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେଉ । ମୁଁ ସେହି ସାଧୁବ୍ୟକ୍ତି ପାଖରୁ ଏ କଥା ଶୁଣି ଏଠାରେ ତାଙ୍କ ପାଖକୁ ମୋର ଆସିବାର କାରଣ ବର୍ଣ୍ଣନା କଲି ।

Scanned by CamScanner

କହିଲି—ଆପଣ ଯେତେବେଳେ ଠାକୁରଙ୍କର ଘର ସମ୍ମୁଖ ଦେଇ ଯନ୍ତ୍ର ପଦରେ ଚାଲି ଆସୁଥିଲେ ବାହାରକୁ ଯେତେବେଳେ ଠାକୁର ଆପଣଙ୍କୁ ଦେଖାଇ ମୋତେ କହିଲେ—ଯାଅ, ଏହାଙ୍କ ସଙ୍ଗରେ କଥା କହିବୁ । ଠାକୁରଙ୍କ ସେହି ଆଦେଶରେ ମୁଁ ଆସିଛି ଆପଣଙ୍କ ପାଖକୁ, ଆଉ ଏତେ ସମସ୍ତ ଧରି ଆପଣଙ୍କୁ ବିରକ୍ତ କରୁଛି । ମୋର ଏହି କଥା ଶୁଣି ଉକ୍ତ ହୃଷୀକେଶର ଆଶ୍ରମବାସୀ ସାଧକ କହି ଉଠିଲେ— ଏହା କଣ ସତ୍ୟ ସତ୍ୟ ? ଠାକୁର ମୋତେ ଦେଖାଇ ଆପଣଙ୍କୁ ପଠାଇଛନ୍ତି ମୋ ପାଖକୁ । ଏ କଥା କହିବା ସଙ୍ଗେ ସଙ୍ଗେ ତାଙ୍କର ଆଖିରୁ ଲୁହ ଗଡ଼ି ଆସିଲା, କାନ୍ଦି ପକାଇଲେ । ସେ କହି ଉଠିଲେ— ଠାକୁର, ଠାକୁର, ତୁମେ ଭଗବାନ, ନିଶ୍ଚୟ ତୁମେ ଅନ୍ତର୍ଯ୍ୟାମୀ । ନ ହେଲେ କିପରି ଜାଣିଲ ମୋ ଅନ୍ତରର ବ୍ୟଥା ? ମୁଁ ତ ତୁମ୍ଭ ଦେହ ପାଖକୁ ଯାଇ ନାହିଁ । ନିଭୃତରେ ଜଣାଉଥିଲି ମୋର ଅନ୍ତରର କଥା ତୁମ୍ଭ ଆଗରେ । ଫେରି ଯାଉଥିଲି ଅଭିମାନରେ । ହେ ପ୍ରାଣନାଥ ଠାକୁର ମୋର, ମୋତେ ରକ୍ଷାକର, ରକ୍ଷାକର । ମୁଁ ତାଙ୍କୁ କହିଲି— ଚାଲନ୍ତୁ, ଠାକୁରଙ୍କ ପାଖକୁ ଚାଲନ୍ତୁ, ଦର୍ଶନ କରିବେ । ଉକ୍ତ ସନ୍ନ୍ୟାସୀ (ସତ୍ ଅନ୍ୱେଷୀ) କହି ଉଠିଲେ— ମୁଁ ଯାହା ଉପରେ ଅଭିମାନ କରି ଚାଲି ଯାଉଥିଲି କେଉଁ ମୁହଁ ନେଇ ତାଙ୍କ ପାଖକୁ ଯିବି ? ଶିବଙ୍କ ପାଖରେ ଥିବା ଭୂତକୁ ଦେଖି ମୁଁ ଭୂତନାଥଙ୍କୁ ଭୁଲି ବିଭ୍ରାନ୍ତ ହୋଇ ଚାଲିଯାଉଥିଲି । କେଉଁ ମୁହଁ ନେଇ ମୁଁ ବର୍ତ୍ତମାନ ତାଙ୍କ ପାଖକୁ ଯିବି ? ତାଙ୍କ ଅନ୍ତରର ସାମାନ୍ୟ ବାଧାଟିକୁ କଟାଇବା ପାଇଁ ମୁଁ ତାଙ୍କ ହାତଧରି ଏକ ଝଟ୍‌କାରେ ଟାଣିଆଣି କହିଲି—ଏତେ ଦୁର୍ବଳ ମନନେଇ କ'ଣ ସାଧନା କରୁଛନ୍ତି? ଚାଲନ୍ତୁ ଯିବା ଠାକୁରଙ୍କ ପାଖକୁ । ସେ ତାଙ୍କର ଦେହଟି ମୋ ହାତରେ ଛାଡ଼ିଦେଲେ, ମନ୍ତ୍ରମୁଗ୍ଧବତ୍ ମୋ ପଛେ ପଛେ ଆସି ଶ୍ରୀଶ୍ରୀ ଠାକୁରଙ୍କ ଆଗରେ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ପଡ଼ିଲେ । ମୁଁ ଶ୍ରୀଶ୍ରୀ ଠାକୁରଙ୍କୁ କହିଲି —ଠାକୁର ! ଏହି ସେହି ଦାଦା ଯାହାଙ୍କ ପାଖକୁ ଆପଣ ମୋତେ ପଠାଇଥିଲେ । ବର୍ତ୍ତମାନ ଏହି ଗାଡ଼ିରେ ଚାଲିଯିବେ ବୋଲି ବିଛଣାପତ୍ର ସବୁ ବାନ୍ଧିଛନ୍ତି । ଶ୍ରୀଶ୍ରୀ ଠାକୁର ମୋତେ କିଛି ନ କହି ସତ୍ ଅନ୍ୱେଷୀ ବା ସନ୍ନ୍ୟାସୀ ବ୍ୟକ୍ତିଙ୍କୁ କହିଲେ— କୁଆଡ଼େ ଯିବ ? ଆସିଲ, ମୋ ସାଙ୍ଗରେ ଗୋଟିଏ କଥା ବି ହେଲା ନାହିଁ ? ଆଉ ଚାଲିଯାଉଛ କିପରି ? ଲୋକଟି ଆଖିଲୋତକରେ ଭାସି ଠାକୁରଙ୍କୁ କହିଲେ— ଠାକୁର ! ଅଜ ଛନ୍ନଛନ ଆସିଛି । ଆପଣଙ୍କୁ ଛାଡ଼ି ଆଉ ସବୁ ଲୋକଙ୍କ ଦ୍ୱାରେ ଦ୍ୱାରେ ଘୂରିଛି

ଆପଣଙ୍କୁ ପାଇବା ପାଇଁ, ଆପଣଙ୍କୁ ଚିହ୍ନିବା ପାଇଁ । କିନ୍ତୁ ସମସ୍ତେ ମୋତେ ହଇରାଣ କରି ଫେରାଇ ଦେଇଛନ୍ତି । ମୋତେ ଦେଖାଇ କହିଲେ— ଏହି ମୁହୂର୍ତ୍ତରେ ଉକ୍ତ ଦାଦା ମୋ ପାଖରେ ଉପସ୍ଥିତ ହେଲେ ସ୍ୱର୍ଗର ଦୂତ ପରି । କହିଲେ ଆପଣଙ୍କର ବାରତା, ଟାଣି ଆଣିଲେ ଆପଣଙ୍କ ପାଖକୁ । ଶ୍ରୀଶ୍ରୀ ଠାକୁର କହିଲେ —ମୁଁ ଯେ ଅପେକ୍ଷା କରି ବସି ରହିଛି ତୋ ପାଇଁ, ତୋର ଆସିବା ପଥ ଚାହିଁ । ଉକ୍ତ ଦାଦାଟି କହିଲେ— ମୋତେ ରକ୍ଷା କରନ୍ତୁ ଠାକୁର ! ମୋର ଦୋଷକୁ ଭୁଲି ମୋତେ ଗ୍ରହଣ କରନ୍ତୁ । ମୋତେ ଦୀକ୍ଷା ଦିଅନ୍ତୁ । ଶ୍ରୀଶ୍ରୀ ଠାକୁର କହିଲେ — ଦୀକ୍ଷା ତୁମ୍ଭର ହେବ । ଆଜି ରୁହ, ବହୁତ କଥା କହିବାର ଅଛି । ସେ ଦାଦାଟି ରହିଗଲେ । ତାଙ୍କର ଦୀକ୍ଷା ହେଲା । ଖାଲି ଦିନେ ନୁହେଁ, ଆହୁରି ୪।୫ ଦିନ ଧରି ଆଶ୍ରମରେ ରହିଲେ । ଠାକୁରଙ୍କର ପାଖଛଡ଼ା କେତେବେଳେ ହେଲେ କୁଆଡ଼େ ଯାଉ ନାହାନ୍ତି । ମୁହଁରେ କାହାରି ବିଶେଷ କିଛି କଥା ନାହିଁ, ଠାକୁର ତାଙ୍କ ନୟନରେ ନୟନ ଦେଇ ଅବ୍ୟକ୍ତ ଭାଷାରେ କଥା କହି ଚାଲିଛନ୍ତି । ଆଉ ତାଙ୍କର ଅଯାଚିତ କରୁଣାରେ ସ୍ନାତ ଶିଷ୍ୟସନ୍ତାନ ତାଙ୍କୁ ଗ୍ରହଣ କରୁଛନ୍ତି ଅପୂର୍ବ ଆଗ୍ରହ ସହକାରେ । ଭକ୍ତ ଓ ଭଗବାନଙ୍କୁ ବସି ବସି ଦେଖୁଛି । ଆଉ ମୁଁ ଭାବୁଛି —କିଏ କୁହେ ତୁମ୍ଭେ କିଛି ଜାଣି ନାହିଁ ? ତୁମ୍ଭେ କିଛି ବୁଝ ନାହିଁ ? ଇଚ୍ଛା କରି ଲୋକ ସମକ୍ଷରେ ଯେଉଁ ଭୂମିକା ତୁମ୍ଭେ ଗ୍ରହଣ କରି ଚାଲିଛ ତାହା ସତ୍ୟ ନା ଏହା ସତ୍ୟ ? ସର୍ବଜ୍ଞ ହୋଇ, ତୁମ୍ଭେ ସବୁକିଛି ଜାଣିଛ ବୋଲି ରହିଛ ଅଜ୍ଞ ରୂପେ, ସବୁଠାରୁ ନିକୃଷ୍ଟ ଯେ, ସବୁଠାରୁ ଅଜ୍ଞ ଯେ ସେ ମଧ୍ୟ ଯେପରି ଗ୍ରହଣ କରିପାରେ ତୁମ୍ଭଙ୍କୁ ତାଙ୍କର ନିଜର ଜଣେ ବୋଲି । ତୁମ୍ଭେ ଅଜ୍ଞ ପାଖରେ ଅଜ୍ଞ, ବିଜ୍ଞ ପାଖରେ ବିଜ୍ଞ, ପ୍ରାଜ୍ଞ ପାଖରେ ପ୍ରାଜ୍ଞ । କିଏ ବା ଚିହ୍ନିପାରିବ ତୁମ୍ଭଙ୍କୁ ଯଦି ତୁମ୍ଭେ ନିଜେ ଚିହ୍ନା ନ ଦିଅ ପ୍ରଭୁ ? ଉଲ୍ଲେଖ ଥାଉ କି ଉକ୍ତ ଦାଦାଟି ସଂସ୍କୃତରେ ଏମ୍. ଏ. ପାଶକରି ଗୃହ ସଂସାରରେ ପ୍ରବେଶ ନ କରି ହୃଷୀକେଶର ଜଣେ ସନ୍ନ୍ୟାସୀ ଆଶ୍ରମରେ ରହି ସନ୍ନ୍ୟାସୀ ଜୀବନ ଯାପନ କରୁଥିଲେ । ଦିନେ ତାଙ୍କର ମନେ ହେଲା ଠାକୁର ତାଙ୍କୁ ଡାକୁଛନ୍ତି ଏବଂ ଠାକୁରଙ୍କର ସେହି ଡାକ ଶୁଣି ହୃଷୀକେଶ ଆଶ୍ରମରୁ ଛୁଟି ଆସିଛନ୍ତି ଠାକୁରଙ୍କ ପାଖକୁ । ଏ କଥା ଗୁଡ଼ିକ ସେ ମୋତେ କହିଥିଲେ ଦୀକ୍ଷା ପରେ ଏବଂ ଏଠାରୁ ଫେରି ହୃଷୀକେଶ ଯାଇ ମଧ୍ୟ ସେ ଆଶ୍ରମରେ ରହିଥିବା ସମୟରେ ମୋ ପାଖରେ ଚିଠି ପତ୍ର ଆଦାନ ପ୍ରଦାନ କରୁଥିଲେ ।

॥ ଦଶ ॥

ଦିନେ ଶ୍ରୀଶ୍ରୀ ଠାକୁରଙ୍କୁ ପଚାରିଲି, "ଠାକୁର, ବହୁତ୍ ଜାଗାରେ ଦେଖେ କୌଣସି କୌଣସି ମନ୍ଦିରରେ ମଣିଷ ବିଭିନ୍ନ ରୋଗ ପାଇଁ ଧାରଣା ବା ଅଧିଆ ପଡ଼ନ୍ତି । ଦିନେ, ଦୁଇଦିନ, ତିନିଦିନ, ପାଞ୍ଚ, ସାତଦିନ ମଧ୍ୟ ନ ଖାଇ ନ ପିଇ ପଡ଼ି ରହନ୍ତି ଏବଂ ତା ପରେ ସେଠାରୁ ଆଦେଶ ପାଆନ୍ତି କୌଣସି କୌଣସି ଔଷଧର ବ୍ୟବହାର ପାଇଁ । ତାହା ଖାଇ ବା ବ୍ୟବହାର କରି ସେ ଲୋକ ଭଲ ହୋଇ ଯାଆନ୍ତି । ଏହାର କାରଣ କଣ? ଆଉ ପ୍ରାୟ ହିଁ ଦେଖାଯାଏ ସେ ସବୁ ହୁଏ ଶିବ ମନ୍ଦିରରେ ।" ଶ୍ରୀଶ୍ରୀ ଠାକୁର କହିଲେ, "ଏହାର କାରଣ ହେଲା, ମନୁଷ୍ୟ ପୂର୍ବରୁ ହିଁ ମନେ ମନେ ଗୋଟିଏ ବୁଦ୍ଧି ସ୍ଥିର କରିନିଏ ଯେ ସେଠାକୁ ଗଲେ ସବୁ ଭଲ ହୋଇଯିବ । ତା' ଛଡ଼ା ସେ ଯିବା ପୂର୍ବରୁ ଯେଉଁମାନେ ଯାଇଥିଲେ ସେମାନଙ୍କଠାରୁ ବିଭିନ୍ନ କାହାଣୀ ଶୁଣି ମନ ଭିତରେ ଗୋଟିଏ ଦୃଢ଼ ବିଶ୍ୱାସର ଭାବ ବଢ଼ି ଉଠେ ଏବଂ ଯେଉଁ ପ୍ରକାର କାହାଣୀ ପୂର୍ବରୁ ଶୁଣିଥାଏ ମନେ ମନେ ସେହି ପ୍ରକାର ଚିନ୍ତା କରି ଶିବ ମନ୍ଦିରରେ ଅଧିଆ ବା ଧାରଣା ପଡ଼େ । ଏହି ଭାବରେ ସ୍ଥିର ମନରେ ଦୃଢ଼ ପ୍ରତ୍ୟୟ ନେଇ ରହୁ ରହୁ ଅନ୍ତର ଭିତରୁ ସେହି ପ୍ରକାରର ଗୋଟିଏ କିଛି ପ୍ରତ୍ୟାଦେଶ ପରି ଶୁଣିବାକୁ ପାଏ । ଏହି ପ୍ରତ୍ୟାଦେଶଟି ସେଠାରେ ଉପସ୍ଥିତ ଥିବା ଆଉ କେହି ଶୁଣିବାକୁ ପାଆନ୍ତି ନାହିଁ । ଯାହାର ନିଜର ସେ ଶୁଣିବାକୁ ପାଏ ଏବଂ ପୂର୍ବରୁ ଏହା ପାଇଁ ମାନସିକ ପ୍ରସ୍ତୁତି ନେଇ ରହିଥାଏ ବୋଲି ଏହି ପ୍ରତ୍ୟାଦେଶର ପ୍ରତିଟି କଥାକୁ ବିଶ୍ୱାସ କରେ ଓ ମାନି ଚାଲେ । ତାହା ଅନ୍ୟ ଲୋକ ଦୃଷ୍ଟିରେ ଯେତେ ଅସମ୍ଭବ ବୋଲି ପ୍ରତୀୟମାନ ହେଲେ ମଧ୍ୟ ତା ନିକଟରେ ଆଦୌ କଠିନ ନୁହେଁ । ଉପବାସରେ ରହିବା, ଗଛର ମୂଳ ଖାଇବା, ଏପରି କି ଅନେକ ସମୟରେ ବିଷ୍ଠା ପର୍ଯ୍ୟନ୍ତ ଖାଏ । ଆଉ ମଜା ହେଲା ଯେତେବେଳେ ଖାଏ ସେତେବେଳେ

Scanned by CamScanner

କିନ୍ତୁ ଅନ୍ୟ ଚକ୍ଷୁରେ ତାହା ତିକ୍ତା ହେଲେ ମଧ୍ୟ ତା ନିକଟରେ ତିକ୍ତା ବୋଲି ପ୍ରତୀତ ହୁଏ ନାହିଁ । କାରଣ ସେ ଜାଣେ ଯେ ଏଟା ତାର ଔଷଧ ଏବଂ ଖାଇବାକୁ ମଧ୍ୟ ଭଲ ଲାଗେ । ଶରୀରର ସମସ୍ତ cell ଗୁଡ଼ିକ ଏହାକୁ ମାନି ନେବାରୁ ଯେଉଁ କାରଣରେ ରୋଗ ହୋଇଥାଏ ସେହି କାରଣଟା ଆଉ prominent ହୋଇ ରହିପାରେ ନାହିଁ । ତେଣୁ ରୋଗୀ ଭଲ ହୋଇଯାଏ । ତେବେ ସାଧାରଣତଃ ଏଥିରେ ମାନସିକ ବ୍ୟାଧିର ହିଁ ବେଶୀ ଉପକାର ଦେଖାଯାଏ । ଅର୍ଥାତ୍ ସେ ସବୁ ରୋଗରେ ମାନସିକ ଦିଗଟା ଆକ୍ରାନ୍ତ ହୋଇପଡ଼େ । କାହିଁକି ନା ହିଷ୍ଟିରିଆ, ମୁଣ୍ଡ ଖରାପ, ପାଗଳ ଯାହାର ମନର ଅଶାନ୍ତି ପାଇଁ ପେଟର ବେରାମ୍, ହଜମ ହୁଏ ନାହିଁ, କେତେବେଳେ temperature ମଧ୍ୟ ବେଶୀ ହୁଏ, ଅର୍ଥାତ୍ ଜ୍ୱର ବୋଲି ମନେକରେ ଏବଂ ସବୁ ସବୁ ଶରୀରର ତାପମାତ୍ରା ମଧ୍ୟ ବଢ଼ିଯାଏ, ଏହିପରି ବହୁତ ବ୍ୟାଧି ଅଛି ଏହି ଉପାୟରେ ଭଲ ହୁଏ । ଅସଲରେ ହେଲା 'ମନ' । ଏଥିପାଇଁ ଭଲ ଭଲ ଡାକ୍ତରମାନେ ରୋଗୀକୁ ଚିକିତ୍ସା କରିବା ପୂର୍ବରୁ ମାନସିକ ପ୍ରସ୍ତୁତ କରି ନିଅନ୍ତି । ଏପରି ଭାବଭଙ୍ଗୀ କରନ୍ତି ବା ରୋଗୀ ସାଙ୍ଗରେ କଥା କୁହନ୍ତି, ରୋଗୀ ମନେକରେ ଏହି ଡାକ୍ତରବାବୁ ଔଷଧ ଦେଲେ ନିଶ୍ଚୟ ଭଲ ହୋଇଯିବ ଏବଂ ଔଷଧ ଖାଇ ଭଲ ହୋଇଯାଆନ୍ତି । ଔଷଧ ଶରୀରର system ପାଇଁ ଦରକାର । ତା' ଠାରୁ ବେଶୀ ଦରକାର ମନର ଜୋର ବା ମାନସିକ ପ୍ରସ୍ତୁତି । ବହୁତ ଲୋକର ଏହି ମାନସିକ ପ୍ରସ୍ତୁତିଟା ତିଆରି କରିବାକୁ ସାହାଯ୍ୟ କରେ ଦେବୀର ମନ୍ଦିର ଆଉ ଏହିସବୁ ପ୍ରାୟ ହିଁ ହୁଏ ଶିବ ମନ୍ଦିରରେ । କାରଣ ଶିବଙ୍କର ଆଉ ଗୋଟିଏ ନାମ ବୈଦ୍ୟନାଥ । ମଣିଷ ବିଶ୍ୱାସ କରେ ଯେ ଶିବ ଯେତେବେଳେ ବୈଦ୍ୟମାନଙ୍କର ରାଜା ବା ନାଥ ସେତେବେଳେ ତାଙ୍କର ଶରଣାପନ୍ନ ହେଲେ ଆଉ ଭୟ ନାହିଁ । ଆଉ ଏହାଦ୍ୱାରା ଫଳ ମଧ୍ୟ ଭଲ ହୁଏ । ତା' ଛଡ଼ା କିଛି ଲୋକ ଅଛନ୍ତି ଯେଉଁମାନେ ଜାଗତିକ ଯାହାକିଛି ଦେଖାଯାଏ ତା' ମଧ୍ୟରେ ବିଶେଷ କିଛି impulse ପାଆନ୍ତି ନାହିଁ । ଅଲୌକିକ କିଛି ଚାହାନ୍ତି । ଆଉ ଏହି ଅଲୌକିକ କୌଣସି ଶକ୍ତିର କୌଣସି କିଛିର ପ୍ରକାଶ ଦେଖିଲେ ହିଁ ତାହା ସମସ୍ତ କିଛି ମାନି ନିଅନ୍ତି ।" ଶ୍ରୀଶ୍ରୀ ଠାକୁର କହିଲେ, "ଏହାଦ୍ୱାରା ଯେପରି ଭଲ ହୁଏ ଅନେକ ସମୟରେ ଖରାପ ମଧ୍ୟ ହୁଏ । ସାଧାରଣତଃ ମଣିଷ ହୁଏ କଳ୍ପନା ବିଳାସୀ । ଯେଉଁମାନେ ଜୀବନ୍ତ ଆଦର୍ଶ ନେଇ ଚାଲନ୍ତି ନାହିଁ ଅର୍ଥାତ୍ ଜୀବନ୍ତ ଗୁରୁ ବା Guide ନେଇ ଚାଲନ୍ତି ନାହିଁ

Scanned by CamScanner

ସେମାନଙ୍କର ହିଁ ବିପଦ ବେଶୀ । ସେମାନେ କଳ୍ପିତ ଭଗବାନ ସୃଷ୍ଟି କରନ୍ତି, ଯାହା ସହିତ ଅନେକ ସମୟରେ ବାସ୍ତବର କୌଣସି ମେଳ ହୁଏ ନାହିଁ । ଅଥଚ ଏହି କାଳ୍ପନିକ ଚିନ୍ତା କରି କରି ନିଜେ ମଧ୍ୟ ସେହିପରି ହୋଇଯାନ୍ତି । ସେମାନେ ସମସ୍ତ ସତ୍ତା ଦେଇ ସେହି କଳ୍ପିତ ବସ୍ତୁକୁ ହିଁ ବିଶ୍ୱାସ କରନ୍ତି । ଏମାନଙ୍କ ମଧ୍ୟରେ ଅନେକ ଭଲ ଥାଏ, ଅର୍ଥାତ୍ ଯେତିକି ଟିକିଏ ସତ୍ୟ ଥାଏ ତାହା ହିଁ ଭଲ । ଯେତେ ପର୍ଯ୍ୟନ୍ତ କାଳ୍ପନିକ ମନଗଢ଼ା ଅବାସ୍ତବ ଚିନ୍ତା ଥାଏ ସେତେ କ୍ଷତିକାରକ । ସାଧାରଣତଃ ଲୋକ ଏହିସବୁ କଳ୍ପନା ବିଳାସୀ ଲୋକମାନଙ୍କୁ ଉଚ୍ଚ ସ୍ତରର ମହାପୁରୁଷ ବା ସାଧକ ବୋଲି ଭାବି ଭୁଲ କରନ୍ତି । କାରଣ ଏମାନେ ଅନେକ ଭଲ ଭଲ କଥା ବି କହନ୍ତି । ପୁଣି ଖରାପ ଯାହା କହନ୍ତି ସେ ଗୁଡ଼ିକୁ ମଣିଷ ଧର୍ତ୍ତବ୍ୟ ଭିତରକୁ ଆଣନ୍ତି ନାହିଁ । ଅନେକ ଶ୍ରୋତା ଭୁଲଠାକୁ ଭୁଲବୋଲି ମଧ୍ୟ ବୁଝନ୍ତି ନାହିଁ । ଏହି ତଥାକଥିତ ସାଧୁ ସନ୍ନ୍ୟାସୀଙ୍କର ଅନେକ admirer ବି ଦେଖାଯାଆନ୍ତି । ଅସଲରେ ଯେତେ ଟିକିଏ ସତ୍ୟ ଥାଏ ତାହାଦ୍ୱାରା ଲୋକମାନଙ୍କର ବା ସେହି admirerମାନଙ୍କର ମଙ୍ଗଳ ହିଁ ହୁଏ । ଆଉ ଯାହା ଯାହା ଭୁଲ ଥାଏ ତାହାଦ୍ୱାରା କ୍ଷତି ମଧ୍ୟ ଯଥେଷ୍ଟ ହୁଏ । " ମୁଁ କହିଲି "ଠାକୁର, ଏପରି ମଧ୍ୟ ଦେଖାଯାଇଛି, ରାମକୃଷ୍ଣ ଠାକୁର ଦେହ ଧାରଣ କରି ତାଙ୍କର ଦେହତ୍ୟାଗ ପୂର୍ବରୁ ଯାହା କହି ଯାଇଛନ୍ତି ତାକୁ କୌଣସି ମୂଲ୍ୟ ନ ଦେଇ ତାଙ୍କର ତିରୋଧାନ ପରେ ସ୍ୱପ୍ନରେ କୌଣସି ଭକ୍ତଙ୍କୁ ଦେଖା-ଦେଇ ତାଙ୍କ ବଞ୍ଚିଥିବା ବେଳର ବିପରୀତ କଥା କହିଥିବା କହି କେହି କେହି ପ୍ରଚାର କରନ୍ତି । ଯାହାର ଯାହାର କଳ୍ପନା ମୁତାବକ ଧର୍ମ ପ୍ରଚାର କରନ୍ତି, ଏହା କଣ ଠିକ ? " ଶ୍ରୀଶ୍ରୀ ଠାକୁର କହିଲେ, "ରାମକୃଷ୍ଣ ଠାକୁର ଦେହ ଥାଉଁ ଥାଉଁ ଯାହା କହି ଯାଇଛନ୍ତି ତାହା ସତ୍ୟ । ତା ମଧ୍ୟରେ କୌଣସି ସ୍ଥାନରେ କିଛିମାତ୍ର ଭୁଲ ନାହିଁ, ଯଦି ଶୁଣିବାରେ ବା ଲେଖିବାରେ କେହି ଭୁଲ କରି ନ ଥାଏ । ଅସଲରେ ମହାପୁରୁଷମାନେ ଏପରି କୌଣସି କଥା କହନ୍ତି ନାହିଁ ଯାହା ସଙ୍ଗରେ ବାସ୍ତବର କୌଣସି ଯୋଗ ନ ଥାଏ, ଆଉ ନିଜେ ତାହା କରି ବା ବୁଝାଇ ପାରନ୍ତି ନାହିଁ । ଗୋଟିଏ କଥାରେ ସେମାନଙ୍କର ଚରିତ୍ର, ଚଳନ, କଥା ଓ କର୍ମଗୁଡ଼ିକ **meaningfully adjusted."** ଶ୍ରୀଶ୍ରୀ ଠାକୁର ଆହୁରି କହିଲେ, "ମହାପୁରୁଷ କହିଲେ ଏହା ବୁଝ ନାହିଁ ଯେ ସେ ତୁମର ମନର କଥାଗୁଡ଼ିକ କହିଦେବେ, ଅଲୌକିକ କିଛି

Scanned by CamScanner

ଦେଖାଇ ଦେବେ । ତାଙ୍କ ମୁଣ୍ଡରେ ସେ ସବୁ ଧନ୍ଦା ନାହିଁ । ଯଦିଓ ତୁମର ମଙ୍ଗଳ ପାଇଁ କେତେବେଳେ କେମିତି ଏମିତି କିଛି କରି ପାରନ୍ତି, ଯାହା ତୁମର ଅଜଣା ବୋଲି ତୁମ ନିକଟରେ ତାହା ଅଲୌକିକ ପ୍ରତୀୟମାନ ହୋଇପାରେ, ତାହାବୋଲି ତାହା କଦାପି ଅବାସ୍ତବ ନୁହେଁ । ତେବେ ଏହା ହେଲା ମହାପୁରୁଷଙ୍କ କଥା । କିନ୍ତୁ କେତେଗୁଡ଼ିଏ ଲୋକ ଅଛନ୍ତି ଯେଉଁମାନଙ୍କର ବାସ୍ତବ ଠାରୁ ଅବାସ୍ତବ ଆଡ଼କୁ ଝୁଙ୍କ ବେଶୀ । ନିଜର କାନରେ ଶୁଣିବା ଓ ଆଖିରେ ଦେଖିବା ଠାରୁ ମଧ୍ୟ ସ୍ୱପ୍ନରେ ଦେଖିବା ଓ ଶୁଣିବାକୁ ବେଶୀ ଦାମ ଦିଅନ୍ତି । ଏହାଦ୍ୱାରା ବହୁତ କ୍ଷେତ୍ରରେ ଶୁଭ ଠାରୁ ଅଶୁଭ ହିଁ ବେଶୀ ହୁଏ । ଏଠାରେ ମଧ୍ୟ କିଛି ମିଥ୍ୟା ଓ ସତ୍ୟର ଲୁଚକାଳି ଖେଳ ଚାଲିଥାଏ । ଅସଲରେ ନିଜର କଳ୍ପନା ହିଁ ପ୍ରାଧାନ୍ୟ ପାଏ । ଆଉ କଳ୍ପନା ପ୍ରବଣତା ଅନେକ ସମୟରେ କିଛିଦୂର ଆଗେଇ ନେଇଗଲେ ମଧ୍ୟ କୌଣସି ଶୁଭ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦିଏ ନାହିଁ ।" ଭାବି ଦେଖିଲି, ଠିକ୍ ହିଁ ତ କଥା । ଆମେ ମନୁଷ୍ୟ । ଆମକୁ ଯେ ପରିଚାଳିତ କରେ ସେ ହେଲା ମନ । କିନ୍ତୁ ଏ ମନକୁ ଯଦି ପରିଚାଳିତ କରିବା ପାଇଁ କେହି ନଥାଏ ତେବେ ଅସ୍ଥିର ମନ କଳ୍ପନାର ହିଁ ଆଶ୍ରୟ ନେବ ଏବଂ ତାହାର ଅସମ୍ଭବ ଶକ୍ତିଶାଳୀ ପ୍ରଭାବରେ ସେ ସମସ୍ତ ଇନ୍ଦ୍ରିୟକୁ ଯେତେବେଳେ ଯେପରି ଖୁସି ବ୍ୟବହାର କରିବ । ଏହି ଅବସ୍ଥାରେ ଗୋଟିଏ ଶକ୍ତିର ପ୍ରକାଶ ହୁଏ, ଅବଶ୍ୟ ତାହା ଆସୁରିକ ଶକ୍ତି ବା ଅନିୟନ୍ତ୍ରିତ ଶକ୍ତିରୂପୀ । ତାହାଦ୍ୱାରା ନିଜର ଓ ପାରିପାର୍ଶ୍ୱିକର ଶେଷ ପର୍ଯ୍ୟନ୍ତ କ୍ଷତି ହିଁ ଡାକି ଆଣେ । ଯେପରି ଆଣିଥିଲେ ଦୁର୍ଯ୍ୟୋଧନ, କଂସ, ରାବଣ, ହିଟଲର ଇତ୍ୟାଦି । ସାଧନା କ୍ଷେତ୍ରରେ ମଧ୍ୟ ଏହିପରି ଅନେକେ ନିଜେ ବିଭ୍ରାନ୍ତ ହୋଇଛନ୍ତି ଓ ସମାଜର ବହୁ ଲୋକଙ୍କୁ ବିଭ୍ରାନ୍ତ କରିଛନ୍ତି । ତେଣୁ ସବୁ ମହାପୁରୁଷମାନେ କହିଛନ୍ତି, ଆଦର୍ଶେ ଅନୁରାଗ ଆଣେ ବୃତ୍ତି ନିୟନ୍ତ୍ରଣ, ବୃତ୍ତି ନିୟନ୍ତ୍ରଣ ଠାରୁ ଆସେ ଧୃତି, ଧୃତି ଠାରୁ ଆସେ ସହାନୁଭୂତି, ସହାନୁଭୂତିରୁ ଆସେ ସଂହତି, ସଂହତିରୁ ଆସେ ଶକ୍ତି । ଏହି ସୁସଂହତ ଶକ୍ତି ହିଁ ମନୁଷ୍ୟକୁ ଯଥାଯଥୋଚିତ ଊର୍ଦ୍ଧ୍ୱଗତି ଆଡ଼କୁ ନେଇଯାଏ । ମୂଳରେ କିନ୍ତୁ ସେହି ଆଦର୍ଶ ଯେଉଁ ଆଦର୍ଶରେ ଧର୍ମ ମୂର୍ତ୍ତି ହୋଇଅଛି, ରୂପ ପରିଗ୍ରହ କରିଛି । ସଙ୍ଗେ ସଙ୍ଗେ ମନରେ ଆନନ୍ଦର ଗୋଟିଏ ଧକ୍କା ଆସି ଲାଗିଲା । ଯାହାଙ୍କ ସମ୍ମୁଖରେ ବସି କଥା କହୁଛି . ଏହି ତ— ଏହି ତ ସେହି ଆଦର୍ଶ ପୁରୁଷ । କିଏ ଯେପରି ଭିତରୁ ଗାଇ ଉଠିଲା—

Scanned by CamScanner

"ଓଗୋ ପେୟେଛି ତୋମାୟ, ଛାଡ଼ବୋନା ଆର
ପତିତପାବନ ଦୟାଲ ଆମାର,
କେବା ଆମି, କୋଥା ଶକ୍ତି ମୋର
ତୁମି ତୋମାର ଆମି ଏଇତ ମଧୁର ।"

କୋଳାହଳମୟ ଗଡ୍‌ଡ଼ଳିକା ପ୍ରବାହିତ ସମାଜ ମଧରେ ଉଲ୍‌କା ବେଗରେ ଛୁଟି ଚାଲିଛି ମାନବ । ମଣିଷ ସମାଜ ବକ୍ଷରେ ବସି ସମସ୍ତ ଜନ କୋଳାହଳକୁ ନିସ୍ତବ୍ଧ କରି ବିଶ୍ୱ ଜନମଣ୍ଡଳକୁ ଗୋଟିଏ ସ୍ଥାନରେ ସୁସଂବଦ୍ଧ ଅର୍ଥାନ୍ୱିତ ଭାବରେ ଗଢ଼ି ତୋଳୁଛ—କିଏ ତୁମେ ଶିଳ୍ପୀ ? କେହି ତୁମକୁ ବୁଝି ପାରନ୍ତି ନାହିଁ, ଯଦି ତୁମେ ନିଜକୁ ବୁଝିବାକୁ ନ ଦିଅ ।

॥ ଏଗାର ॥

ଦୈନନ୍ଦିନ ଜୀବନର ଅନେକ କ୍ଷୁଦ୍ର କ୍ଷୁଦ୍ର ଘଟଣା, ଯାହାକି ସାଧାରଣତଃ ଆମେ ସର୍ବଦା ଉପେକ୍ଷା କରୁଁ, ମୁଁ ସେଇଠି ଶ୍ରୀଶ୍ରୀ ଠାକୁରଙ୍କୁ ଦେଖେ; ସେ କୌଣସି ରକମର କ୍ଷୁଦ୍ର ଘଟଣାକୁ କେବେ ଉପେକ୍ଷା କରନ୍ତି ନାହିଁ। ବରଂ ଆମର ଉପେକ୍ଷିତ ଜାଗାରେ ହିଁ ତାଙ୍କର ବିଶେଷ ନଜର ବା ଲକ୍ଷ୍ୟ ଥାଏ। କ୍ଷୁଦ୍ର ମଞ୍ଜିଟିଏ ପୋତିଲାବେଳେ ମଧ୍ୟ ସେ ବିଶେଷ ଦୃଷ୍ଟି ଦିଅନ୍ତି ମଞ୍ଜିଟି ପ୍ରତି—କି ମଞ୍ଜି, କେଉଁଠାରୁ ଆସିଲା, ତାର ପରିଣତି କଣ, କି ଭଳି ମାଟିରେ ପୋତିଲେ, କି ଫଳ ହେବ ? ସେହିପରି ଚାରାଟିଏ ରୋପିଲା ପରେ ସେ ବରାବର ଲକ୍ଷ୍ୟ ରଖନ୍ତି, ଯେପରି ତାର ଜୀବନ ବର୍ଦ୍ଧନ ବ୍ୟାହତ ନ ହୁଏ। ବେଶ, ତା' ପରେ ଆଉ କିଛି ନାହିଁ। ମଞ୍ଜି ଓ ମାଟିର ସମନ୍ୱୟରେ ଗଛ ନିଜେ ବଢ଼ି ଉଠିବ। ଖାଲି ଲକ୍ଷ୍ୟ ରଖିବାକୁ ହେବ, ବାହାରର ଉପଦ୍ରବରେ ତାହା ଯେପରି ନଷ୍ଟ ହୋଇ ନ ଯାଏ, ଗୋରୁ, ଛେଳି ଖାଇ ନ ଯାଆନ୍ତି। ଠାକୁର ସେହିଭଳି ମଣିଷର ସତ୍ତା ଓ ବୈଶିଷ୍ଟ୍ୟକୁ ଧରି ଠିକ୍ ଜାଗାରେ ଲଗେଇ ଦିଅନ୍ତି। ତା ପରେ ମଣିଷ ଆଗେଇ ଚାଲେ ତା'ର ସହଜାତ ସ୍ୱାଭାବିକ ପଥରେ। ଏଇ ଭିତରେ ଯଦି କିଏ କେଉଁଠି ଶ୍ରାନ୍ତ କ୍ଲାନ୍ତ ହୋଇ ଅଟକି ପଡ଼େ, ସେତେବେଳେ ସେ ଆଗେଇ ଆସି ବାଧାର କାରଣ ଗୁଡ଼ିକ ଘୁଞ୍ଚାଇ ଦିଅନ୍ତି। ମଣିଷ ପୁଣି ସ୍ୱାଭାବିକ ଭାବେ ଆଗେଇ ଚାଲେ ତା' ବାଟରେ। ପୁଣି ସର୍ବାବସ୍ଥାରେ ସେ ସମସ୍ତଙ୍କର ସ୍ୱବୈଶିଷ୍ଟ୍ୟ ବର୍ଦ୍ଧନ ପ୍ରତି ବରାବର ଦୃଷ୍ଟି ଦେଇଥାନ୍ତି। ସେ ଚାହାନ୍ତି, ପ୍ରତ୍ୟେକର ନିଜ ନିଜ ଜାଗାରେ ତାକୁ ପ୍ରତିଷ୍ଠିତ କରିବାକୁ, ଆଉ ସେଥିପାଇଁ ଆଉ କିଏ ଯେପରି ଧ୍ୱଂସ ନ ହୁଏ। ପୁଣି ପ୍ରକୃତିର ନିୟମକୁ ବି କୌଣସିଠାରେ ସେ ଭାଙ୍ଗନ୍ତି ନାହିଁ। ପ୍ରତ୍ୟେକର "ସ୍ୱବୈଶିଷ୍ଟ୍ୟ ସହାବସ୍ଥାନ"

Scanned by CamScanner

—(ଏକର ଅନ୍ୟ ସହ ବିରୁଦ୍ଧଭାବ ଥିଲେ ମଧ୍ୟ) ଏହି ହେଉଛି ଠାକୁରଙ୍କ ଜୀବନାଦର୍ଶ । ମୁଁ ପାରେନା—ମୋର ଭାଷା ତାଙ୍କୁ ପ୍ରକାଶ କରିବାକୁ ଯାଇ ପରାଜିତ ହୁଏ । ତେବେ ସର୍ବଦା ଗୋଟିଏ କଥା ମନେହୁଏ, ସେ ମୋର ମନର ମଣିଷ, ମନ ତାଙ୍କୁ ଛାଡ଼ି ଅନ୍ୟ କିଛି ଭାବିବାକୁ ଚାହେଁନା । ଅନେକ ସମୟରେ ମନକୁ ପଚାରେ—“ରେ ମନ, ତୁ କଣ ପାଇଛୁ ତାଙ୍କଠାରୁ, ଯେଉଁଥି ପାଇଁ ସର୍ବଦା ତାଙ୍କର କଥା ହିଁ ଭାବୁଛୁ ?”

ଜୀବନର ଆରମ୍ଭରୁ ମନର ମଣିଷ ଖୋଜି ଚାଲିଥିଲି । ସମାଜରେ ଲୋକ ଯାହାଙ୍କୁ ମନର ମଣିଷ କହନ୍ତି, ସେମିତି ଅନେକଙ୍କୁ ଆଗରୁ ଦେଖିଥିଲି । କିନ୍ତୁ ସେ ଭିତରୁ ଯାହାକୁ ମନ ଦେଇଛି, ସେ ବ୍ୟବସାୟୀ ବୁଦ୍ଧି ଦେଇ ହିସାବ କରିଛନ୍ତି— କଣ ପାଇଲି, କଣ ପାଇଲି ନାହିଁ ଏବଂ ଦେବା ନେବାର ଆଘାତରେ ମୋତେ ଜର୍ଜରିତ କରିଛନ୍ତି । ଯେତେ ଲୋକ ବନ୍ଧୁ ହେଲେ, ସେମାନେ ଜଣ ଜଣ କରି ପ୍ରତ୍ୟେକେ ପ୍ରମାଣ କଲେ—

When I had my money, I had my friends; when I lost my money, I lost my friends.

“ମୋର ଯେତେବେଳେ ଟଙ୍କା ଥିଲା, ସେତେବେଳେ ବନ୍ଧୁ ଥିଲେ ; ମୋର ଟଙ୍କା ଚାଲିଗଲା ପରେ ବନ୍ଧୁ ବି ଚାଲିଗଲେ ।” ଖାଲି ଟଙ୍କା ପାଇଁ ଏହା ହୁଏ ନାହିଁ — ଯେ କୌଣସି ସ୍ୱାର୍ଥପାଇଁ ବି ଏହା ହୋଇ ପାରେ । ସର୍ବଦା ଦେଖିଛି, ଭଲ ପାଇବା କୌଣସି ସ୍ୱାର୍ଥର ବିନିମୟରେ ମିଳେ । ଯେତେବେଳେ ସ୍ୱାର୍ଥ ଉପରେ ଆଘାତ ବାଜିଛି, ସେ ଭଲ ପାଇବା କର୍ପୂର ପରି ଉଡ଼ିଯାଇଛି । ନାରୀର ଭଲ ପାଇବା ବି ଦେଖିଛି,— ଯେହିପରି ଶରୀରସ୍ୱାର୍ଥୀ; ଦୁଇ ଦିନର ମାଦକତାରେ ସେ ଯେତେବେଳେ ଯଥାସର୍ବସ୍ୱ ଅର୍ପଣ କରେ, ଦେହ, ମନ ଓ ପ୍ରାଣ ମଧ୍ୟ— ଦେହ ତା'ର ପ୍ରଥମ ଉଦ୍ଦାମତାର ମୋହ କଟିଲା ପରେ ସେ ଖୋଜି ବୁଲେ, ତା'ର ନିଜ ସ୍ୱାର୍ଥ କେତେଦୂର ସୁରକ୍ଷିତ । ନାରୀ ଏହି ସ୍ୱାର୍ଥ ଖୋଜି ଖୋଜି ଗଲେ ହିସାବ କରି ପ୍ରେମଦାନ କରେ ଏବଂ ପରେ ସାମାନ୍ୟ ଆଶଙ୍କାରେ ବିଚ୍ଛୁରିତ ପ୍ରେମର ଜାଲକୁ ଧୀରେ ଧୀରେ ସଂକୁଚିତ କରେ । ଯେ ଭଲ ପାଇବା ଜୁଆରରେ ମୁଁ ଭାସି ଚାଲିଥିଲି— ମନ କହୁଥିଲା, ଏହି

Scanned by CamScanner

ବୋଧହୁଏ ସ୍ୱର୍ଗ — ତା' ଧୀରେ ଧୀରେ କ୍ଷୁଦ୍ର ସ୍ୱାର୍ଥର ବେଢ଼ା ଭିତରେ ଆବଦ୍ଧ ହୋଇ ଏକ ପୈଶାଚିକ ରୂପ ଧାରଣ କଲା । ଓଃ, ସେ କି ବ୍ୟଥା, ସେ କି କଷ୍ଟ !

"ପାଇବାର ଲୋଭେ ଆସିଲେ ସମସ୍ତେ
କିଛି କେହି ଦେଲେ ନାହିଁ,
ମୁହିଁ ବି ପାଇବା ଲୋଭେ ସଭିଙ୍କର
ପଛେ ବୁଲେ ଧାଇଁ ଧାଇଁ ।

ଏଇଭଳି ସମୟରେ ଏଇ ମନର ମଣିଷଟି ଦେଖା ଦେଲେ କି ଶୁଭ ଲଗ୍ନରେ ! — ଅଥବା ମୋର ଅନ୍ତରର ଡାକ ଶୁଣି ଅନ୍ତର୍ଯାମୀ ବା ବିଶ୍ୱନିୟନ୍ତା ଯଦି କେହି ଥା'ନ୍ତି, ସେ ଯୁଟାଇ ଦେଲେ ଏଇ ରକ୍ତମାଂସ ସମ୍ବଳିତ ମଣିଷଟିକୁ । ଦୋଷ ଗୁଣ ବିଗ୍ଭର କରିବାର କ୍ଷମତା ମୋର ନାହିଁ— କିନ୍ତୁ ଜାଣେ ଏଭଳି ମଣିଷ ଜୀବନରେ ଦେଖି ନାହିଁ । ଶତସହସ୍ର ଦୋଷ, ଦୁର୍ବଳତା ଥିବା ସତ୍ତ୍ୱେ ବି ମୋତେ ସେ ଭଲ ପାଇଛନ୍ତି । ଜୀବନରେ ସର୍ବଦା ସର୍ବାବସ୍ଥାରେ ଲୋକେ ମୋତେ ଫିଙ୍ଗି ଦେଇଛନ୍ତି, ଘୃଣା କରିଛନ୍ତି— କିନ୍ତୁ ଏଇଠି ଏଇ ମଣିଷଟି ମୋତେ କୋଳକରି ନେବା ପାଇଁ ସବୁବେଳେ ବାହୁ ବିସ୍ତାର କରି ରହିଛନ୍ତି । ଧୂଳି, କାଦୁଅ, ଗଳିତ କୁଷ୍ଠ— ଯେଉଁଥିରେ ବି ମୋ ଅଙ୍ଗ କଳୁଷିତ ଥାଉ ନା କାହିଁକି ସେ ଆଜାନୁଲମ୍ବିତ ବାହୁ ବିସ୍ତାର କରି କହିଛନ୍ତି— ଆ, ତୁ ଯେ ମୋର, ମୁଁ ଯେ ତୋର, ତୋପାଇଁ ବୁଭୁକ୍ଷିତ ଅନ୍ତରର ଦ୍ୱାର ଉନ୍ମୁକ୍ତ କରି ରଖିଛି । ସେ ଯେ କି ଭାବ, ଯେପରି କି ଅନ୍ତରର ଧନ ବହୁକାଳ ପରେ ଘରକୁ ଫେରିଛି ।

ଯେଦିନ ତାଙ୍କ ସହିତ ପ୍ରଥମେ ମୋର ଦେଖା ହୋଇଥିଲା, ସେ କଥା ବରାବର ମନେ ପଡ଼େ । ଆନୁଷ୍ଠାନିକ କ୍ରିୟା ଶେଷ କରି ଅର୍ଥାତ୍ ଦୀକ୍ଷା ନେଇ ତାଙ୍କୁ ଦେଖିବାକୁ ଯାଇଥିଲି । ମୁଁ ଜୀବନରେ ବହୁଥର ଠକି ଯାଇଛି, ହୁଏତ ଆଉ ଥରେ ବି ଠକି ଯିବି— ଏହି ଆଶଙ୍କାରେ ସତ୍ସଙ୍ଗ ଆଶ୍ରମରେ ଉପସ୍ଥିତ ହେଲି, ଆଶ୍ରମୀମାନଙ୍କ ସନ୍ଧିତ ଠାକୁରଙ୍କୁ ଦେଖିବା ପାଇଁ । ପ୍ରାଣର କଥା କହିବାର ସୁଯୋଗ ପାଇଲା ମାତ୍ରେ କହି ପକାଇଲି, "ଦୀକ୍ଷା ମୁଁ ନେଇଛି; କେବଳ ଆପଣଙ୍କୁ ଦେଖିବି ଓ ଏକାନ୍ତରେ କଥାବାର୍ତ୍ତା କରିବି ବୋଲି ।

Scanned by CamScanner

ପ୍ରକୃତରେ ଆପଣଙ୍କ ଉପରେ ବା ଆପଣଙ୍କ ପ୍ରବର୍ତ୍ତିତ ପନ୍ଥା ଉପରେ ମୋର ବିଶ୍ୱାସ ନାହିଁ ।" ଶ୍ରୀଶ୍ରୀ ଠାକୁର କହିଲେ, "ବିଶ୍ୱାସ କରିବାକୁ ହେଲେ, ଯାହା କଲେ ବିଶ୍ୱାସ ହୁଏ, ତା କରିବା ଆବଶ୍ୟକ । ଜୋରକରି ବିଶ୍ୱାସ ହୁଏନା । ତୁମେ ଠିକ୍ କରିଛ ।" ମୁଁ କହିଲି, "ଲୋକେ ଆପଣଙ୍କ ସମ୍ପର୍କରେ ଏଭଳି ଅଦ୍ଭୁତ ପ୍ରଚାର କରନ୍ତି ଯେ ଶୁଣିଲେ ହସ ମାଡ଼େ ଓ ମିଥ୍ୟା ପ୍ରଚାର ପାଇଁ ଆପଣଙ୍କ ଲୋକଗୁଡ଼ିକ ଉପରେ ରାଗ ହୁଏ ।" ସେ ମିଷ୍ଟହାସ୍ୟ ସହ କହିଲେ, "ଏଥର ତୁମେ ତ ମୋତେ ଦେଖିଲ, ତୁମର ଦୃଷ୍ଟି ଓ ବୋଧ ଶକ୍ତି ଦେଇ ଯାହା ବୁଝିବାର କଥା ବୁଝିନିଅ । ଏଣିକି ଯାହା ସତ୍ୟ, ତାହା ଲୋକଙ୍କୁ କହିବ । ମିଥ୍ୟାକୁ କେତେବେଳେ ପ୍ରଶ୍ରୟ ଦିଅ ନାହିଁ ।" ମୁଁ ପୁଣି ପଚାରିଲି, "ଭାରତର ଲୋକେ ସହଜାତ ଧାର୍ମିକ । ଧର୍ମ ଭୟରେ ଭାରତର ସାଧାରଣ ଜନଙ୍କୁ ତଥାକଥିତ ସାଧୁ, ସନ୍ନ୍ୟାସୀ, ବା ଧାର୍ମିକମାନଙ୍କ ବିରୁଦ୍ଧରେ କିଛି କହନ୍ତି ନାହିଁ । ତେଣୁ ନାନା ଭେକଧାରୀ ବା ମତଲବବାଜ ଲୋକେ ନିଜକୁ ସନ୍ନ୍ୟାସୀ, ସାଧୁ କେହି କେହି ବା ନିଜକୁ ଅବତାର ବୋଲି ଅବାଧରେ ପ୍ରଚାର କରିଥାନ୍ତି ।" ଶ୍ରୀଶ୍ରୀ ଠାକୁର କହିଲେ, "ତା କହନ୍ତୁ । ତୁମେ କିନ୍ତୁ ଜୀବନରେ କେତେବେଳେ ସତ୍ୟରୁ ବିଚ୍ୟୁତ ହୁଅ ନାହିଁ । ଯାହା ସତ୍ୟ ବୋଲି ଜାଣିଛ, ତା କୁହ । ଭୀରୁ ବା ଦୁର୍ବଳର ଧର୍ମଜଗତରେ ସ୍ଥାନ ନାହିଁ । ନିଜେ ଯାହା ବୁଝିବ, ତା କହିବ । ପର ମୁହଁରୁ ଶୁଣି ମିଠା ବା ଖଟା କହିବା ଠିକ୍ ନୁହେଁ । ତେବେ ନିଜେ ଚାଖି ଯଦି ଦେଖ— ମିଠା ଏବଂ ଅନ୍ୟ ଲୋକ ମଧ୍ୟ କହେ ମିଠା, ତାକୁ ଅସ୍ୱୀକାର କଲେ, ନିଜେ ଠକାମିରେ ପଡ଼ିବ । ଯା କେତେବେଳେ ହେଲେ କରିବ ନାହିଁ ।

ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲି । ନିଜକୁ ପ୍ରତିଷ୍ଠା କରିବାର ଟିକେ ମାତ୍ର ଚେଷ୍ଟା ନାହିଁ; ପୁଣି ସତ୍ୟ ଯଦି କିଛି ଥାଏ, ସେଥିରୁ ନିଜକୁ ଅପସାରିତ କରିବାର ଅବାସ୍ତବ ବିନୟ ବି ନାହିଁ । ପୁଣି ପଚାରିଲି, "ଆପଣଙ୍କ ଆଶ୍ରମରେ ଏଇ କେତେଦିନ ଭିତରେ ଦେଖିଲି, ଯେ ଯାହା ମନ ଖୁସିରେ ଚଳୁଛି, କାହାର କାହାସହ ସାମଞ୍ଜସ୍ୟ ନାହିଁ । ଆପଣ ଏମାନଙ୍କୁ ଶାସନ କରନ୍ତି ନାହିଁ କାହିଁକି ।" ଶ୍ରୀଶ୍ରୀ ଠାକୁର କହିଲେ — "ମଣିଷ ନିଜ ଖୁସିରେ ଚଳିବା ମୋତେ ଭଲ ଲାଗେ । ତେବେ ଏଇ ଚଳିବା ସହିତ ମଧ୍ୟ ଯଦି ମଣିଷ ଇଷ୍ଟସ୍ୱାର୍ଥୀ ଅର୍ଥାତ୍ ଆଦର୍ଶାନୁରକ୍ତ ହୋଇ ଉଠେ, ତେବେ ନିଜେ ନିଜର

Scanned by CamScanner

ଚଳିବାର ଭିତରେ ହିଁ ମଙ୍ଗଳ ପ୍ରତି ଅଗ୍ରସର ହୁଏ । ଯେପରି ଗୋଟାଏ ଫୁଟବଲ ଖେଳାଳି ଦଳ, ଏଗାର ଜଣ ଏଗାର ରକମର । ଗୋଲ୍‌କିପର ଠାରୁ ସେଣ୍ଟର ଫରଓ୍ୱାର୍ଡ ପର୍ଯ୍ୟନ୍ତ ପ୍ରତ୍ୟେକର ଖେଳିବାର ପଦ୍ଧତି ଅଲଗା । ଏପରି କି କାହାର ଡାହାଣ ପାଦ ଚାଲେ, ବାଁ ପାଦ ଚାଲେନା, କାହାର ବାଁ ପାଦ ଚାଲେ, ଡାହାଣ ଚାଲେନା — କାହାର ଦୁଇ ପାଦ ଚାଲେ କିଏ ହାତରେ ବଲ ଧରିପାରେ ଇତ୍ୟାଦି । ଏକ ଆଭିମୁଖ୍ୟ ଧରି ଖେଳୁଥିଲେ ମଧ୍ୟ ପ୍ରତ୍ୟେକ ଖେଳାଳି ନିଜର ସ୍ୱତନ୍ତ୍ର ବୈଶିଷ୍ଟ୍ୟରେ ବୈଶିଷ୍ଟ୍ୟବାନ ହୋଇଅଛନ୍ତି । କେବଳ ଗୋଟାଏ ଜାଗାରେ ସାମଞ୍ଜସ୍ୟ ଅଛି, ସେଇଟା ହେଲା ଦଳର ସ୍ୱାର୍ଥରେ ସ୍ୱାର୍ଥବାନ ହେବା । ଏଇ ଦଳ ସ୍ୱାର୍ଥ ହେଲା କେନ୍ଦ୍ର । ତାକୁ କେନ୍ଦ୍ର କରି ଗଢ଼ି ଉଠେ ଦଳଗତ ସଂହତି । ଦଳର ବା ଆଦର୍ଶର ସୁନାମ ରକ୍ଷା ପାଇଁ ସମସ୍ତେ ସଂଯତ, ସଂହତ ହୋଇ ଚଳନ୍ତି ନିଜର ବୈଶିଷ୍ଟ୍ୟ ବଜାୟ ରଖି । ଅସଲ କଥା, ଆଦର୍ଶ ପ୍ରତି ଅନୁରାଗ ଥିଲେ ହେଲା । ସେଇଥିରୁ ଧୀରେ ଧୀରେ ସବୁ ନିୟନ୍ତ୍ରିତ ହୁଏ । ଏ ନିୟନ୍ତ୍ରଣ ଦିନକରେ ହୁଏନା । ପ୍ରତ୍ୟେକଙ୍କ ପାଇଁ କିଛି କିଛି ସମୟ ଲାଗେ । ପୁଣି ନିୟନ୍ତ୍ରଣ ଓ ସଂଯମର ସୀମା ନାହିଁ; ତା ଅସୀମ, ଅନନ୍ତ । ନିଜକୁ ବିସ୍ତାରିତ କରିବାର କ୍ଷୁଧା — ଯା ସହଜାତ ଭାବେ ସମସ୍ତଙ୍କର ଅଛି, ତାକୁ ଉଦ୍ଦୀପ୍ତ କରିବା; ତା ସହିତ ଏହି ବିସ୍ତାରକୁ ମଧ୍ୟ ସଂଯମିତ ବା ନିୟନ୍ତ୍ରିତ କରିବା ଆବଶ୍ୟକ । ତା ଦ୍ୱାରା ଏଇ ଶକ୍ତି ବହୁଗୁଣ ବଢ଼ିଯାଏ । ଯେ ନିୟନ୍ତ୍ରଣ କରନ୍ତି, ସେ ଗୁରୁ, ଚାଳକ, ମାଷ୍ଟର ବା ଆଦର୍ଶ । ଏଇ ଆଦର୍ଶ ପ୍ରତି ଟାଣ ରହିଲେ "ନୋଇଲା ଫଟେ" ଅର୍ଥାତ୍ ତାର ଗତିକୁ ଆଉ କେହି ରୋକି ପାରିବେ ନାହିଁ । ଏଇଟା ସମସ୍ତଙ୍କର କି ଭଳି ସମାନ ମାତ୍ରାରେ ହୋଇ ପାରିବ ବୋଲି ଆଶାକର ? ଏଇଟା ପ୍ରତ୍ୟେକଙ୍କର ନିଜ ନିଜ ବୈଶିଷ୍ଟ୍ୟ ଅନୁଯାୟୀ ହୁଏ । ଯେ କେନ୍ଦ୍ର ପୁରୁଷ, ସେ ନିୟନ୍ତ୍ରଣ କରନ୍ତି ଯେ ଯାହାର ବୈଶିଷ୍ଟ୍ୟ ଅନୁଯାୟୀ । ଅବଶ୍ୟ ଏଇ କେନ୍ଦ୍ର ପୁରୁଷଙ୍କର ପ୍ରଥମେ ଶରଣାପନ୍ନ ହେବାକୁ ପଡ଼ିବ । ମାନି ନ ନେଲେ କିଛି ସମ୍ଭବ ହୁଏ ନାହିଁ । ଶାସନ କଥାଟା ଭିତରେ ରହିଛି ଶାଶ୍ ବା ଏଇଭଳି କିଛି ଜିନିଷ ଯାହା ଚିରନ୍ତନ ବା ଶାଶ୍ୱତ, ଯାହା ଯେ କୌଣସି ଅବସ୍ଥାରୁ ଚିରନ୍ତନ ବା ଶାଶ୍ୱତ ଆଡ଼କୁ ଆଗେଇ ନେଇଯାଏ, ତାହା ଶାସନ । ତେଣୁ ଯେଉଁଠି କିଛି ଉର୍ଦ୍ଧ୍ୱଗତିର ସମ୍ଭାବନା ଅଛି, ସେଇଠି ଶାସନ ନିଶ୍ଚୟ ଅଛି ।"

Scanned by CamScanner

ଶ୍ରୀଶ୍ରୀ ଠାକୁର ପୁଣି କହିଲେ—"ମୋର ମନେହୁଏ, ଶାସନ ମାନେ ପୀଡ଼ନ ନୁହେଁ—ମାରଧର ବା ଦଣ୍ଡଦେବା ନୁହେଁ; ବରଂ ଜୀବନ ଯୁଦ୍ଧରେ ବ୍ୟାରପଣ ଅଗ୍ରଗତି କରିବା ଭଳି ଚରିତ୍ର ସୃଷ୍ଟି କରିବାର ପନ୍ଥାକୁ ଶାସନ କୁହାଯାଏ । ଏଇଠି ଶାସକ ଓ ଶାସିତ ଉଭୟେ ଉଭୟଙ୍କର ପରିପୂରକ; କେହି କାହାକୁ ଛାଡ଼ିବାକୁ ଚାହାନ୍ତ ନାହିଁ ।"

ଏସବୁ ଶୁଣି ମୋ ଅନ୍ତରରେ ପୁଲକ ସୃଷ୍ଟି ହେବାକୁ ଲାଗିଲା । ଯା ମୁହଁରୁ ଏକଥା ଶୁଣୁଛି, ସତରେ କଣ ସେ ଏସବୁ ପାଳନ କରନ୍ତି ? ସଙ୍ଗେ ସଙ୍ଗେ ମନେହେଲା—ହଁ, ସେ ନିଶ୍ଚୟ କରନ୍ତି ତା ନ ହେଲେ ମୋ ପରି ଜଣେ ଅକିଞ୍ଚନ ବ୍ୟକ୍ତି ନିକଟରେ ସେ ଏସବୁ କୈଫିୟତ୍ ବା ଦେବେ କାହିଁକି ? ତା ନ ହେଲେ ମୋର ଯେପରି ଦାମ୍ଭିକତାପୂର୍ଣ୍ଣ ଅଶାଳୀନ ବ୍ୟବହାର ଓ ଭାଷା—ସେ ତ ମୋତେ ଘୃଣାରେ ଦୂରକୁ ଠେଲି ଦିଅନ୍ତେ । କାହିଁ, ତା ତ କଲେ ନାହିଁ । ତାଙ୍କର କଥା ଓ କାମରେ ଏଇ ସମନ୍ୱୟ ଦେଖି ମନରେ ଉତ୍ଫୁଲ୍ଲଭାବ ଜାଗ୍ରତ ହେଲା । ଶ୍ରୀଶ୍ରୀ ଠାକୁର ସେଇକ୍ଷଣି କହି ଉଠିଲେ—"ମୁଁ ଯାହା କହେ, ତା କରେ କି ନା ଦେଖି ନେବ । କଥା ସହ କାର୍ଯ୍ୟର ମେଳ ନ ଥିଲେ କେବେ ତାହା ବିଶ୍ୱାସ କରିବ ନାହିଁ ।"

ମୋ ମନ ତାଙ୍କ କଥାରେ ପ୍ରତ୍ୟୟ କଲେ ବି ଅନ୍ତରରୁ କେଉଁଠୁ କେଜାଣି ଗୋଟାଏ ଧାରଣା ଉଙ୍କି ମାରିଲା ଯେ ଏତେ ସହଜରେ ଯା'ଙ୍କୁ ବିଶ୍ୱାସ କରିବ ନାହିଁ । ଅନେକ ଠକି ହୋଇଛୁ, ଆଉ ଠକି ହେବାକୁ ରାଜି ନୁହେଁ । ଯେଉଁଭଳି କି ପୁଅ ନ ଖାଇ ଦୌଡ଼ି ଯାଉଛି— ମା ପଛେ ପଛେ ଧାଇଁଛି— ଛୋଟ ଛୁଆ — ଠିକ୍ ସମୟରେ ନ ଖାଇଲେ ଦେହ ଖରାପ ହେବ, ଶିଶୁ କିନ୍ତୁ ମା'କୁ ଦେଖି ଦୌଡ଼ି ପଳାଉଛି--- ନା, ଧରା ଦେବ ନାହିଁ । ଅର୍ଥାତ୍ ଖାଇଲେ ଯେମିତି ମା'ଙ୍କୁ ଧନ୍ୟ କରିବ । ମା ସବୁ ଜାଣି ମଧ୍ୟ ଯେ କୌଣସି ମତେ ଶିଶୁକୁ ଧରି ଆଣି ଖୁଆଇ ଦିଏ । ମୁଁ ବି ସେଇପରି ଗୁରୁ ଗ୍ରହଣ କରି ତାଙ୍କ ପରୀକ୍ଷା କରିବାକୁ ଯାଉଛି । ଏମ୍. ଏ ପାଶ କରିଥିବା ଶିକ୍ଷକଙ୍କୁ କ, ଖ ଜାଣି ନଥିବା ଛାତ୍ର ପରୀକ୍ଷା କରିବାକୁ ଗଲାଭଳି । ତେବେ, ଏ ଅବିଦ୍ୟା ବା ଅଜ୍ଞାନ ଅଛି ବୋଲି ତ ଆମ ପ୍ରତ୍ୟେକଙ୍କ ଜୀବନରେ ତାଙ୍କର ପ୍ରୟୋଜନ । ରାତି ଅଛି ବୋଲି ଦିନ । ଅନ୍ଧାର ଅଛି ବୋଲି ଆଲୁଅର ଆବଶ୍ୟକତା । ଯେତେବେଳେ ଏକା

ମୋର ଜୀର୍ଣ୍ଣ ଜୀବନ-ତରୀକୁ ରକ୍ଷା କରି ପାରୁ ନ ଥିଲି, ସେତେବେଳେ ଏଇ ସହଜ ମଣିଷଟି କେଉଁଠୁ ଆସି ଦେଖାଦେଲେ ଏପରି ସହଜ ଭାବରେ ଯେ ତାର ମୂଲ୍ୟ ନିରୂପଣ କରାଯାଇ ପାରେ ନା । କିନ୍ତୁ ଯେତେଦିନ ଗଲା, ସେତିକି ଦେଖାଗଲା ଯେ ଏଇ ଅଯାଚିତ ମଣିଷଟିଙ୍କୁ ଆଉ ଯେପରି ଜୀବନରୁ ଛାଡ଼ି ହେଉନି ବୋଲି ନୁହେଁ, ତାଙ୍କ ବ୍ୟତୀତ ଜୀବନ ଧାରଣ ଅସମ୍ଭବ ହୋଇ ଉଠିଲା ।

"ଆସିଥିଲ ସେଇ ସକାଳେ
ଗୋପନରେ,
ମୋହର ଦ୍ୱାରେ
ଆଜି ତୁମ ଶୂନ୍ୟ-ମୋର-ଏ-ଜୀବନ
କ୍ଷଣକ ପାଇଁ,
ଭରିବ ନ ପାରେ ।"

ପ୍ରଥମ ଦର୍ଶନ ପ୍ରଶ୍ନରେ ହିଁ ଶେଷ ହେଲା । ଏଥର ଆସିଲା ତାଙ୍କ କଥା ସହ କାର୍ଯ୍ୟର ମେଳ ଅଛି କି ନାହିଁ, ତା ପରୀକ୍ଷା କରିବା । ମିଳେଇ ମିଳେଇ ଏ ପର୍ଯ୍ୟନ୍ତ ଚାଲିଛି । ଏହାର କିଣ କେବେ ଶେଷ ହେବ ? ଗୋଟାଏ ପ୍ରଶ୍ନ ଶେଷ ହେଲେ, ଆଉ ଗୋଟାଏ ଆସି ପହଞ୍ଚେ । ନଦୀ ଭିତରେ କେତେ ପାଣି ବହିଯାଏ, ଶେଷ ପର୍ଯ୍ୟନ୍ତ ଦେଖାଯାଏ—ପାଣିର ଶେଷ ନାହିଁ, ସ୍ରୋତର ବି ଶେଷ ନାହିଁ । ପ୍ରଶ୍ନ ପରେ ପ୍ରଶ୍ନର ଶେଷ ହୁଏ—ପୁଣି ସେଇ କଥା—ଅତଃ କିଂ ?

ପରୀକ୍ଷାର ଶେଷ ନାହିଁ । ଗୋଟାଏ ପରେ ଗୋଟାଏ ଯେତେବେଳେ ଠିକ୍ ଠିକ୍ ମିଳିଗଲା, ପୁଣି ନୂତନ ପ୍ରଶ୍ନ ମନରେ ଆସି ଜମା ହେଲା । ମନେ କରେ—ଦେଖେ ଆଉ ଥରେ ପରୀକ୍ଷା କରି । ଏ ଯେପରି ଗୋଟାଏ ନିଶା ।

ପୂର୍ବରୁ କହିଛି—ତାଙ୍କ ସଂସ୍ପର୍ଶରେ ଜୀବନର ଏପରି ଏକ ସନ୍ଧିକ୍ଷଣରେ ଆସି ପହଞ୍ଚିଲି ଯେତେବେଳେ ସବୁ ଦିଗରୁ କେବଳ ନିରାଶା, ଅଥଚ ଉପରକୁ ସବୁ ସଜ୍ଜିତ । ମୁଁ କେବଳ ଏକାକୀ,—ସ୍ତ୍ରୀ, ସେ ବି ମୋର ସାଥୀ ନୁହେଁ, ମାତା ବାର୍ଦ୍ଧକ୍ୟର ଭାରରେ ଜୀବନ୍ମୃତା ; ଆତ୍ମୀୟ ବୋଲି କେହି କେଉଁଠି ନାହାନ୍ତି,

Scanned by CamScanner

ନାମକୁ ମାତ୍ର ଆଶ୍ରୀସ୍ତ, ବରଂ ବିପଦ ବେଳେ ସମବେଦନା ବଦଳରେ ସେମାନେ ଉଲ୍ଲସିତ ହୋଇ ଉଠନ୍ତି । ବିରାଟ ବିଶ୍ୱରେ ମୁଁ ଏକାକୀ ଅଥଚ ସଂସାରର ଭାର ମୋ କାନ୍ଧରେ, କିଛି ଭଲ ଲାଗୁ ନ ଥାଏ । ଦୁଇଦିନ ପାଇଁ ଶ୍ରୀଶ୍ରୀ ଠାକୁରଙ୍କ ନିକଟକୁ ଆସିଲି, ଯଦି ମନଟା ସ୍ଥିର କରିପାରେ; ପୁଣି ଜୀବନରେ ଠିଆହେବା ପାଇଁ ଯଦି କିଛି ଶକ୍ତି ସଞ୍ଚୟ କରିପାରେ । ଓଡ଼ିଶା ଛାଡ଼ି ବିହାରର ଦେଓଘରକୁ ଆସିଲି ଠାକୁର ଦର୍ଶନ ପାଇଁ । ଦୁଇଦିନରେ ମନ ଅନେକଟା ଶାନ୍ତ ହେଲା । ତା ପରେ ଦିନେ ସକାଳେ ଅନୁମତି ମାଗିଲି ବାଲେଶ୍ୱରକୁ ଫେରିଯିବା ପାଇଁ । ଶ୍ରୀଶ୍ରୀ ଠାକୁର କହିଲେ, "ତୁ ଏଠି ରହିଲେ ମୋତେ ଖୁବ୍ ଭଲ ଲାଗେ । ଯିବା କଥା କହିଲେ ମନରେ ଭୀଷଣ କଷ୍ଟ ହୁଏ ।" ଏକଥା ଶୁଣିଲା ପରେ ମନ ଭିତରଟା ଯେପରି ଶୀତଳ ହୋଇଗଲା । ଏ ବିଶ୍ୱରେ ତା ହେଲେ ଏଭଳି ଜଣେ ଅଛନ୍ତି ଯେ ମୋର ବିରହ ସହ୍ୟ କରି ପାରନ୍ତି ନାହିଁ ! ଅନ୍ତରରେ ଦୁଃଖ ପାଆନ୍ତି ! ନା, ଆଜି ଆଉ ଯିବନି, ଆଉ କେତେଦିନ ରହିବି ବୋଲି ଠିକ୍ କଲି । ଶ୍ରୀଶ୍ରୀ ଠାକୁର ସର୍ବଦା ତାଙ୍କ ପାଖରେ ବସାନ୍ତି, କେତେ କଥା ପଚାରନ୍ତି, ମୋତେ ସବୁ ସରଳ ଭାବେ ବୁଝାଇ ଦିଅନ୍ତି । ଜ୍ୟୋତିଷ ଶାସ୍ତ୍ର ମୁଁ କିଛି କିଛି ପଢ଼ାଶୁଣା କରିଥିଲି । ସେ ଜ୍ୟୋତିଷ ବିଦ୍ୟାର ମୂଳତତ୍ତ୍ୱ ସମ୍ପର୍କରେ ଆଲୋଚନା କଲେ ଓ ତାଙ୍କ ନିଜ କୋଷ୍ଠୀ ବିଚାର କରିବାକୁ ମୋତେ କହିଲେ । ସଙ୍ଗେ ସଙ୍ଗେ ମୋ କୋଷ୍ଠୀର ବି ବିଚାର ହେଲା । ସେ ଛୋଟ ଛୋଟ କଥାରେ ଗୋଟାଏ ଗୋଟାଏ ସୂତ୍ର ଯେତେବେଳେ ଧରେଇ ଦିଅନ୍ତି, ସେତେବେଳେ ଆଶ୍ଚର୍ଯ୍ୟ ହୋଇ ଦେଖିଲି ଯେ ଶ୍ରୀଶ୍ରୀ ଠାକୁରଙ୍କୁ ଜ୍ୟୋତିଃଶାସ୍ତ୍ରରେ ଅଜଣା କିଛି ନାହିଁ । ଆମେ ଯାହା ଜାଣୁ ତା ତ ସେ ଜାଣନ୍ତି ନିଶ୍ଚୟ, ତା ଛଡ଼ା ଅନେକ କିଛି ଜାଣନ୍ତି ଯାହା ଆମ ଜାଣିବାର ବାହାରେ । କଥା ଛଳରେ ସେ ଜ୍ୟୋତିଷ ଶାସ୍ତ୍ର ଚର୍ଚ୍ଚା ଆରମ୍ଭ କଲେ ଓ ଧୀରେ ଧୀରେ ମୋତେ ନେଇ ତାର ଗଭୀରତାରେ ପ୍ରବେଶ କରାଇଲେ । ଜ୍ୟୋତିଷ ସମ୍ବନ୍ଧରେ ତାଙ୍କର ଗୋଟାଏ ଗୋଟାଏ କଥା କେତେଦୂର ସତ୍ୟ ବୁଝିବା ପାଇଁ ବହୁ ବହି ଘାଣ୍ଟିବାକୁ ପଡ଼େ । ଶେଷ ପର୍ଯ୍ୟନ୍ତ ପ୍ରମାଣ ହୁଏ ଯେ ଶ୍ରୀଶ୍ରୀ ଠାକୁରଙ୍କ କଥା ହିଁ ସତ୍ୟ । ମଝିରେ ଲାଭ ଏତିକ ହେଲା ଯେ ନାନା ପୁସ୍ତକ ଘାଣ୍ଟି ଘାଣ୍ଟି ମୋର ଜ୍ଞାନର ସଂଗ୍ରହଶାଳାରେ ବହୁ କିଛି ସଞ୍ଚିତ ହେଲା । ସେ ମୋ ପାଇଁ ଖଣ୍ଡିଏ ଜ୍ୟୋତିଷର ଖାତା ତିଆରି କରାଇ ଦେଲେ ଏବଂ କହିଲେ କୋଷ୍ଠୀର ବିଚାର ଗୁଡ଼ିକୁ ଲେଖି ରଖିବା ପାଇଁ । ବିଭିନ୍ନ ଲୋକଙ୍କର କୋଷ୍ଠୀ ମୋ ନିକଟରେ ଏକାଠି ହେବାକୁ ଲାଗିଲା । ମୁଁ ଶ୍ରୀଶ୍ରୀ

Scanned by CamScanner

ଠାକୁରଙ୍କ ପାଖେ ବସି କୋଷ୍ଠୀ ବିଚାର କରେ । ସେ ସବୁ ଶୁଣନ୍ତି ଓ ମଝିରେ ମଝିରେ ନୂତନ ଦିଗରୁ ନିର୍ଦ୍ଦେଶ ଦିଅନ୍ତି । ଜଣେ ଜଣେ ଲୋକଙ୍କ କୋଷ୍ଠୀ ଦେଖୁଥିବା ଭିତରେ ଗୋଟିଏ ଗୋଟିଏ ଜୀବନ ଦେଖିବାର ସୁଯୋଗ ମିଳିଲା । ମୋର ନିଜର ଜୀବନ ଏହାସହ ମୁଁ ବିଚାର କରି ଚାଲେ ।

ଏଇଭଳି ଜୀବନ ବହିଚାଲିଛି । ମଝିରେ ମଝିରେ ଘର କଥା, ବ୍ୟବସାୟ କଥା ମନେପଡ଼େ । ଦୌଡ଼ିଯାଇ କହେ—ଠାକୁର, ବାଲେଶ୍ୱର ଫିବି ନାହିଁ ? ଶ୍ରୀଶ୍ରୀ ଠାକୁର ମୋ ଆଡ଼କୁ ଚାହିଁ ଅସହାୟ ଭଳି କହନ୍ତି—ତୋର ଫିବା କଥା ଭାବିଲେ ମୋତେ ଖୁବ କଷ୍ଟ ହୁଏ । ଚିନ୍ତିତ ମନ ପୁଣି ଶାନ୍ତ ହୁଏ । ଭାବେ—ଦିନେ ଠାକୁର କହିଥିଲେ—ମୁଁ ଯାହା କହେ, ତାକୁ କରି ଦେଖିବୁ ପ୍ରକୃତରେ ତା କେତେ ଦୂର ସତ୍ୟ । କଣ କଲେ କଣ ଫଳ ମିଳେ । ଏଣେ ମାସ ପରେ ମାସ କଟି ଚାଲିଲା । ଘରୁ କେତେ ଚିଠି, କେତେ ଟେଲିଗ୍ରାମ୍ ଆସି ପହଞ୍ଚିଲା । ଶ୍ରୀଶ୍ରୀ ଠାକୁରଙ୍କର ସେଇ ଗୋଟାଏ କଥା । ତୋତେ ଛାଡ଼ିବାକୁ ଇଚ୍ଛା ହୁଏନା । ବର୍ଷ ପୂରିବାକୁ ଲଗିଲା । ଖବର ଆସିଲା ଦୋକାନର ମାଲପତ୍ର ଚୋରଖ ହୋଇ ନିଲାମ ହୋଇଯାଇଛି । ଘରବାଲା ଭଡ଼ା ନ ପାଇ ଘରେ ଥିବା ଜିନିଷ ଅଟକାଇ ରଖିଛି । ସ୍ତ୍ରୀ, କନ୍ୟା, ମା ଘର ଛାଡ଼ି ଚାଲିଯିବା ପାଇଁ ବାଧ୍ୟ ହୋଇଛନ୍ତି । ଯେଦିନ ଖବର ଆସିଲା ଯେ ମୋର ଯଥାସର୍ବସ୍ୱ ଅସ୍ଥାବର ସମ୍ପତ୍ତି ନିଲାମ ହୋଇଯାଇଛି ସେଦିନ ବୁକୁଭଙ୍ଗା ଗୋଟାଏ ବେଦନାଭରା ଦୀର୍ଘଶ୍ୱାସ ଭିତରୁ ଉଠି ଆସୁଛି ଯେମିତି । ଦୌଡ଼ିଯାଇ ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ପହଞ୍ଚିଲି—ଝଡ଼ ଆସିଲେ ମଣିଷ ଯେପରି ଘର ଭିତରେ ଆଶ୍ରୟ ନିଏ । ମୁଁ କିଛି କହିବା ପୂର୍ବରୁ ଶ୍ରୀଶ୍ରୀ ଠାକୁର ସ୍ୱାଭାବିକ କଣ୍ଠରେ ପଚାରିଲେ—କିରେ, ଖବର କଣ ? ମୋ ମନରେ ଅଭିମାନ ଜାଗି ଉଠିଲା—କହିଲି ସବୁ ଭଲ । ସେ ପୁଣି କହିଲେ କିପରି ଭଲ ? ପର ମୁହୂର୍ତ୍ତରେ ପଚାରିଲେ—ପକେଟରେ ସେଇଟା କଣ ? ମୁଁ କହିଲି—ଚିଠି, ବାଲେଶ୍ୱରରୁ ଆସିଛି । ସେ ପଚାରିଲେ—କଣ ଲେଖା ଅଛି ସେଥିରେ ? ମୁଁ କିଛି ନ କହି ଚିଠିଟି ପଢ଼ି ଶୁଣାଇଲି । ମୋର ଯଥାସର୍ବସ୍ୱ ଚାଲିଯାଇଛି । ଶ୍ରୀଶ୍ରୀ ଠାକୁର ସବୁ ଶୁଣି ସ୍ଥିର ଦୃଷ୍ଟିରେ ମୋ ଆଡ଼କୁ ଚାହିଁ ରହିଲେ । ନିଷ୍ପଲକ ତାଙ୍କ ଚକ୍ଷୁ—ତାଙ୍କ ଆଡ଼କୁ ମୁଁ ବି ସେଇଭଳି କେତେ ମିନିଟ୍ ଚାହିଁ ରହିଲି । ହଠାତ୍ ସେ କହିଲେ—ଏଇଠି ବସ୍, ବାହାରକୁ କୁଆଡ଼େ ଯାଆ ନାହିଁ । ତା ପରେ ସେ ଶୋଇ ପଡ଼ିଲେ । ଶୋଇବା

ପୂର୍ବରୁ ପୁଣି ଥରେ କହିଲେ,—ଏଠି ବସି ରହିଥିବୁ, ମୁଁ ନ ଉଠିବା ପର୍ଯ୍ୟନ୍ତ କୁଆଡ଼େ ଯିବୁ ନାହିଁ । ତାଙ୍କର ଏଇ ସତର୍କ ବାଣୀ ମୋ ଭିତରେ ଗୋଟାଏ ଚମକ ସୃଷ୍ଟି କଲା । ବସି ରହିଲି, ଆଖିରୁ ଧାର ଧାର ଲୁହ ବହି ଯାଉଥାଏ । କାହିଁକି ଆଖିରୁ ଲୁହ ବହୁଛି, ତା ମୁଁ ବୁଝି ପାରୁ ନ ଥାଏ । କିନ୍ତୁ ତାହା ଯେପରି ବହି ଚାଲିଲା, ବନ୍ଦ କରିବା ମୋର ସାଧ୍ୟାତୀତ । ସବୁ ହରାଇଛି, ସେଥିପାଇଁ ଦୁଃଖ ନାହିଁ—କେବଳ ଚିନ୍ତା, ଯେଉଁମାନେ ମୋ ଉପରେ ନିର୍ଭରଶୀଳ ସେମାନଙ୍କୁ ବଞ୍ଚେଇବି କେମିତି ? ପୁଣି ମନେ ହେଉଥାଏ ନିଜ ଖିଆଲରେ ତ କିଛି କରିନି ! ଯାହାଙ୍କୁ ଗୁରୁ ବୋଲି ଗ୍ରହଣ କରିଛି, ଅନ୍ତର ଯାହାଙ୍କୁ ସର୍ବଜ୍ଞ ବୋଲି ମାନିଛି ତାଙ୍କର ନିର୍ଦ୍ଦେଶ ଅନୁସାରେ ତ ଚାଲିଛି । ମୁଁ ପୂର୍ବେ ଦିଗ୍‌ଭ୍ରାନ୍ତ ଥିଲି, ଏଇକ୍ଷଣି ମୋର ଦିଗ ନିର୍ଣ୍ଣୟ କରିବାକୁ ତ ମାଲିକ ରହିଛନ୍ତି, ତେବେ ଭାବି ମରିବି କାହିଁକି ? ମୁଁ ବା ଜାଣେ କଣ ? ଜାଣେନି ବୋଲି ତ ତାଙ୍କରି ପାଖକୁ ଆସିଛି,—ଯେ ସବୁ ଜାଣନ୍ତି, ଏଇ କଥା ଭାବୁଛି ଆଉ ମୋ ଆଖି ଆଗରେ ନିଦ୍ରାମଗ୍ନ ମୋର ମନର ମଣିଷ ଶ୍ରୀଶ୍ରୀ ଠାକୁରଙ୍କର ଚିର ସୁନ୍ଦର ମୁହଁଟି ଦେଖୁଛି । ଶ୍ରୀଶ୍ରୀ ଠାକୁର କିଛି ସମୟ ପରେ ନିଦରୁ ଉଠି ମୁହଁ ହାତ ଧୋଇଲେ । ତା ପରେ ମୋତେ କହିଲେ—ଚାଲ ଯିବା, ବାହାରକୁ ବୁଲିଯିବା । ମୁଁ ତାଙ୍କ ପଛେ ପଛେ ଆସି ଗୋଟିଏ ଆମ୍ବଗଛ ମୂଳେ ପହଞ୍ଚିଲି । ସେ ସେଇଠି ଖଣ୍ଡିଏ ଚଉକିରେ ବସି ମୋ ଆଡ଼କୁ ଚାହିଁ କହିଲେ—ପରମ ପିତାଙ୍କ ଦୟାରୁ ଭଲ ହେଲା । ତୋର ଯାହା, ତାହା ତୋର ହୋଇ ରହିଲା ; ଯାହା ତୋର ନୁହେଁ, ତାହା ତୋତେ ଛାଡ଼ି ଚାଲିଗଲା । ଏଇକ୍ଷଣି ଆହୁରି ଦେଖିବାର ବାକି ଅଛି ; ଯେଉଁମାନେ ତୋର, ସେମାନେ ତୋ ପାଖରେ ରହିବେ; ଯେଉଁମାନେ ତୋର ନୁହନ୍ତି, ସେମାନେ ତୋତେ ଛାଡ଼ି ଚାଲିଯିବେ । ତା ବୋଲି କାହାକୁ ଶତ୍ରୁ ବୋଲି ଭାବିବୁ ନାହିଁ । ସମସ୍ତଙ୍କ ପାଇଁ କରିବୁ—ଦେଖିବୁ ଭୁଲ, ପ୍ରତ୍ୟାଶା ନ ଥାଏ ଯେପରି । ଆଉ ଗୋଟାଏ କଥା—ଆଜି ତୋର ଶୁଭଦିନ, ଆସୁରିକ ଶକ୍ତି ମଣିଷକୁ ଆଶ୍ରୟ କରିଥାଏ ଏବଂ ମନକୁ ପରିଚାଳିତ କରେ । ଆଜି ତାର ପରାଜୟ ହେଲା । ସେ ଆଜି ତୋ ଭିତରୁ ବାହାରି ଗଲା । ଅବଶ୍ୟ ସୂକ୍ଷ୍ମଭାବେ ତାର ପ୍ରଭାବ ଅଛି—ତେବେ ଯାହା ବାହାରିଗଲା, ତା ଖୁବ୍ ପ୍ରଭାବ-ସମ୍ପନ୍ନ, ଶକ୍ତିଶାଳୀ । ତା ପରେ ସେ କହିଲେ—ଯୀଶୁଖ୍ରୀଷ୍ଟଙ୍କର ଗୋଟାଏ ଛବି ଦେଖିଛୁ ? ସେ ସୟତାନ୍‌କୁ ପାଦତଳେ ଦାବି ରଖି ଠିଆ ହୋଇଛନ୍ତି ? ମୁଁ ସେ ଛବି ଦେଖିନି ବୋଲି କହିବାରୁ ସେ ସେଭଳି ଛବି ଅଛି ବୋଲି କହିଲେ । ଏମିତି

ବୈଶାଖର ପ୍ରଖର ଗର୍ମିବା ଷଣି ପ୍ରତ୍ୟେକର ଦେହରୁ ସଇତାନ ବାହାରି ଯାଏ । ଏଇଭଳି ୩ଥର ବାହାରି ଯାଏ – ତେବେ ପ୍ରଥମ ଥର ଖୁବ କଷ୍ଟ । ତାପରେ ଆଉ କଷ୍ଟ ହୁଏନା । ଏକଥା ଶୁଣିବା ପରେ ମୋ ମନଟା ହାଲୁକା ହୋଇଗଲା । ମନ ତରଳି ଶର ବାଞ୍ଛିତର ପଦ ତଳେ ଲୁଟି ପଡ଼ିଲା । ତତ୍କ୍ଷଣାତ୍ ଗତ ଦେଢ଼ବର୍ଷର କଥା ମନେ ପଡ଼ିଲା । ଶ୍ରୀଶ୍ରୀ ଠାକୁର ଭଜନ ପାଇଁ ବି ମୋତେ ପାଖରୁ ଛାଡ଼ି ନାହାନ୍ତି । ରାତିରେ ପାଖରେ ବସାଇ ନାମଧ୍ୟାନ କରନ୍ତି, ଭଜନେ ଭଜନେ ସାରାରାତି କଟିଯାଏ । ସେ ନିୟମ ବାନ୍ଧି ଦେଇଥିଲେ— କେତେବେଳେ ଖାଇବ, କଣ ଖାଇବ, କେତେ ପରିମାଣରେ ଖାଇବ । ଶୋଇବା ସମୟ, ଉଠିବା ସମୟ, ଧ୍ୟାନର ସମୟ ଏ ସବୁ ତାଙ୍କର ତୀକ୍ଷଣ ଦୃଷ୍ଟି ଏଡ଼େଇ ଯାଏନି । ସେ ଅତି ସହଜଭାବରେ ଏ ସବୁ କରେଇ ନିଅନ୍ତି । ଏଣେ ଜାଗତିକ ସବୁଥିରୁ ମୁଁ ବଞ୍ଚିତ, କିନ୍ତୁ ମୋ ମନରେ ଆନନ୍ଦର କୌଣସି ଅଭାବ ନାହିଁ । ଏଇ ସମୟରେ ଆଉ ଜଣକର କଥା ମନେପଡ଼େ, ସେ ହେଲେ ପୂଜ୍ୟପାଦ ବଡ଼ଦା’ ଶ୍ରୀଶ୍ରୀ ଠାକୁରଙ୍କର ଜ୍ୟେଷ୍ଠ ପୁତ୍ର । ବଡ଼ଦା’ ଏଇ ସମୟରେ ମୋ ପାଖରେ ଦେବଦୂତ ଭଳି ପହଞ୍ଚିଲେ ଯେପରି — ତାଙ୍କର ସତର୍କ ଦୃଷ୍ଟି ମୋତେ ସେତେବେଳେ କେତେଦୂର ଯେ ସାହାଯ୍ୟ କରିଛି, ତା କଥାରେ ପ୍ରକାଶ କରି ହେବ ନାହିଁ । ମଣିଷର ବଞ୍ଚିବା ପାଇଁ ଯାହା ନ୍ୟୂନତମ ପ୍ରୟୋଜନ ତା ସଂଗ୍ରହ କରିବାର ଅବସ୍ଥା ମୋର ସେତେବେଳେ ନାହିଁ । ପ୍ରତ୍ୟହ ପୂଜା କରିବା ପାଇଁ (ଇଷ୍ଟଭୃତି— ଗୀତାର ତୃତୀୟ ଅଧ୍ୟାୟ ୧୨ - ୧୩ ଶ୍ଳୋକ) ପଇସା ମୋତେ ଜୁଟେ ନାହିଁ । ବଡ଼ଦା’ ମଝିରେ ମଝିରେ ଅଯାଚିତଭାବେ ତାଙ୍କ ଟଙ୍କା ପଇସା ଦିଅନ୍ତି ଓ ନୂଆ କେହି ଦୀକ୍ଷା ନେବା ପାଇଁ ଆସିଲେ ମୋତେ ତାଙ୍କ ଦୀକ୍ଷା ଦେବାକୁ କହନ୍ତି । ଏଇ ଦୀକ୍ଷାର ଦକ୍ଷିଣା ଦ୍ୱାରା ହିଁ ମୁଁ ମୋର ପୂଜା ପ୍ରଭୃତି ଅବ୍ୟାହତ ରଖି ପାରିଥିଲି ।

ଅନ୍ୟ ସମୟରେ ଏ ଅବସ୍ଥାରେ ପଡ଼ିଥିଲେ ମୁଁ ନିଶ୍ଚୟ ଆତ୍ମହତ୍ୟା କରିଥାନ୍ତି, କିନ୍ତୁ ଏତେ ସବୁ ଘଟିଗଲା ପରେ ମୋର ମନେ ହେଲା – ସ୍ୱପ୍ନରେ ଯେପରି ଏ ସବୁ ଘଟିଥିଲା । ଆଜି ସ୍ୱପ୍ନ ଭାଙ୍ଗିଲା । ଏ ସମୟରେ ମୋର କୋଷ୍ଠୀ ବା ଜାତକର ଫଳ ଥିଲା ଯେ ଏତିକବେଳକୁ ମୋର ଯଥାସର୍ବସ୍ୱ ଯିବ, ନିନ୍ଦା ଅପମାନ ମିଳିବ । ଆତ୍ମୀୟମାନେ ଶତ୍ରୁ ଭଳି ବ୍ୟବହାର କରିବେ । ନିଜର ବୋଲି ଯାହାକୁ ଭାବିବ, ସେମାନେ ପର ହେବେ ଏବଂ କୌଣସି ଗୋଟିଏ

Scanned by CamScanner

ସ୍ଥାନରେ ଆବଦ୍ଧ ହୋଇ ରହିବ । ଏଇ ଆବଦ୍ଧ ରହିବାକୁ ମୁଁ ଜେଲ ବୋଲି ଆଗରୁ ଧରି ରଖିଥିଲି । ସବୁ ମୋର ଫଳିଲା, ଜିନିଷପତ୍ର ସବୁ ଚାଲିଗଲା, ନିନ୍ଦା ବି କମ୍ ନୁହେଁ—ସ୍ତ୍ରୀ, କନ୍ୟା ଜଏ କୁଆଡ଼େ ଛିଟ୍କି ଗଲେ—କପର୍ଦ୍ଦକହୀନ ହୋଇଗଲି । କେବଳ ଜେଲରେ ନ ରହି ରହିଲି ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଆବଦ୍ଧ । ଦୁଃଖର ଶତ ଶତ କାରଣ ଥିବା ସତ୍ତ୍ୱେ ଦୁଃଖ ବଦଳରେ ପ୍ରଚୁର ଆନନ୍ଦ ପାଇଲି । ପିନ୍ଧିବାକୁ ଲୁଗା ନାହିଁ—ସବୁ ଛିଣ୍ଡି ଯାଉଛି । ଚିରା ଜାମାକୁ ଚାଦରରେ ଘୋଡ଼ାଇ ରଖେ । ଯାହା କୋଷ୍ଠୀରେ ଥିଲା, ସବୁ ଫଳିଗଲା । ଖାଲି ଏସବୁ ମୋତେ ଦୁଃଖ ଦେଇପାରି ନାହିଁ—ଏହା ହିଁ ଶ୍ରୀଶ୍ରୀ ଠାକୁରଙ୍କର ମୋ ପ୍ରତି କରୁଣା । ଏଇ କଥାଟି ସର୍ବଦା ସେତେବେଳେ ମନେ ପଡ଼େ । କିଂ କୁର୍ବନ୍ତି ଗ୍ରହାଃ ସର୍ବେ ଯସ୍ୟ କେନ୍ଦ୍ରେ ବୃହସ୍ପତି—ସମସ୍ତ ଗ୍ରହ ମିଳି ମୋର ଦୁଃଖ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ବି ମୋର କିଛି କରି ପାରିଲେ ନାହିଁ, ଯେହେତୁ ମୋର ଗୁରୁ (ବୃହସ୍ପତି) ମୋର କେନ୍ଦ୍ରରେ ରହି ମୋତେ ନିୟନ୍ତ୍ରିତ କରୁଥିଲେ । ଚତୁର୍ଦ୍ଦିଗରୁ ଶତ୍ରୁଦ୍ୱାରା ପରିବେଷ୍ଟିତ ହୋଇଥିଲେ ହେଁ ଶ୍ରୀଶ୍ରୀ ଠାକୁର ମୋତେ ବିଜୟୀ ବୀର ପରି ଉଦ୍ଧାର କରି ଆଣିଲେ । ଲୋକ ଦୃଷ୍ଟିରେ ଯେଉଁଦିନ ଗୁଡ଼ିକ ମୋ ଜୀବନର ସବୁଠାରୁ ଖରାପ, ସେହିଦିନ ଗୁଡ଼ିକ ମୋ ଜୀବନର ସବୁଠାରୁ ଶୁଭଦିନ ହୋଇ ଧ୍ରୁବ ନକ୍ଷତ୍ର ପରି ଚିରଜାଗ୍ରତ ।

ସେତେବେଳକୁ ଅବଶ୍ୟ ଶୁଭ ସମୟ ସମ୍ପୂର୍ଣ୍ଣଭାବେ ଆସି ନାହିଁ । ତେବେ ସବୁଠାରୁ ଖରାପ ସମୟଟା କଟି ଯାଇଛି । ଶ୍ରୀଶ୍ରୀ ଠାକୁର ପୁଣିକୁ ଗୋଟାଏ କାମରେ ପଠାଇଲେ ଓ ଆସିଲା ବେଳକୁ ବାଲେଶ୍ୱର ବାଟେ ଆସିବାକୁ କହିଲେ । ବାଲେଶ୍ୱରରେ ଆସି ପହଞ୍ଚିଲି । ମନେ ମନେ ଚିନ୍ତା କରି ଯାଉଥାଏ —ମୋ ସ୍ତ୍ରୀ ଏତେ ଦିନ ପରେ ମୋତେ ଦେଖି କେତେ ଖୁସି ନ ହେବ । ମୋର ଧାରଣା ମୋ ସ୍ତ୍ରୀ ମୋର ସୁଖଦୁଃଖର ସାଥୀ, ଆସିଲା ବେଳକୁ ମନେ ମନେ ଆକାଶ କୁସୁମ ଭାବୁଥାଏ । କିନ୍ତୁ ଶ୍ୱଶୁରାଳୟକୁ ଆସିଲା ମାତ୍ରେ ମୋ ସ୍ତ୍ରୀ କଳ୍ପନା ଠାରୁ ପ୍ରଥମେ ଯାହା ଶୁଣିଲି, ତାହା ଖୁବ୍ ମଧୁବର୍ଷଣକାରୀ ନୁହେଁ । ସେ କହିଲା, ଏପରି ଏ ଭାବରେ କାହିଁକି ଆସିଲ ? ଭଲ ଲୁଗାପଟା ନାହିଁ — ତା'ଛଡ଼ା ତୁମ ପାଇଁ ଲୋକଙ୍କ ପାଖରେ ମୁଁ ମୁହଁ ଦେଖାଇ ପାରୁ ନାହିଁ । ମୋତେ ଘରେ ଏକୁଟିଆ ଫିଙ୍ଗି ଦେଇ ଚାଲିଗଲ, ଟଙ୍କା ପଇସା ବି ପଠାଇଲ ନାହିଁ । ବାଧ୍ୟ-ହୋଇ କେତେ ମାସ ରହି ମା ପାଖକୁ ଚାଲି ଆସିଲି । ଘରବାଲା ସବୁ ଜିନିଷପତ୍ର

Scanned by CamScanner

ନେଇଗଲା । ଦୋକାନ ଯେଉଁଦିନ ନିଲାମ ହେଲା, ସମସ୍ତେ ସେଦିନ କହିଲେ—ସୁଶୀଲବାବୁ ବ୍ୟବସାୟରେ ଫେଲ୍ ମାରି ସାଧୁହୋଇ ପଳେଇଛି । ତୁମ ପାଇଁ ମୋ ମୁଣ୍ଡ ସବୁଠି ତଳକୁ ପୋତି ହୋଇଗଲା । ବର୍ତ୍ତମାନ ସବୁ ହରାଇ ରହିବାର ଘର ନାହିଁ, ଆସି ଏଠି ପହଞ୍ଚିଛ, ତୁମକୁ ଲାଜ ଲାଗୁ ନାହିଁ ? ବିସ୍ମୟ, ଏହି କି ମୋର ସହଧର୍ମିଣୀ, ଏ କି ମୋର ସୋହାଗିନୀ ସ୍ତ୍ରୀ, ଯାହାକୁ ଦେଖିବା ପାଇଁ ଝଡ଼ ବୃଷ୍ଟି ଏଭଳି କି ଜୀବନକୁ ତୁଚ୍ଛ କରି ବହିବାର ଧାଇଁ ଯାଇଛି—ମୋର ସବୁଠାରୁ ପ୍ରୟୋଜନୀୟ ମୁହୂର୍ତ୍ତରେ ଏଇ କଣ ମୋର ସ୍ନେହ କଳ୍ପନା ? ମୋତେ ଘରକୁ ବରଣ କରି ନେଲା ନାହିଁ । ନିଭୃତରେ ଗତ ଦେଢ଼ ବର୍ଷର କୌଣସି କଥା ପଚାରିଲା ନାହିଁ । ମୁଁ ସାଧାରଣତଃ ସୌଖୀନ୍ ମଣିଷ— ମୋର ଏ ଜୀର୍ଣ୍ଣ ବସ୍ତ୍ର, ମଳିନ ପୋଷାକ ପରିଚ୍ଛଦ—ତା ଅନ୍ତରରେ କୌଣସି ଆନ୍ଦୋଳନ ସୃଷ୍ଟି କଲା ନାହିଁ ; ଖାଲି ସେ ତାର ହିସାବ ନିକାଶ ନେଇ ବ୍ୟସ୍ତ ରହିଲା । ଭୁଲିଗଲା ଆମର ଏତେ ଦିନର ପରିଚୟ । ଏ ସବୁ କଥା ତ କଳ୍ପନା ଜାଣେ, ତେବେ ଏ କି ବ୍ୟବହାର ? ମନେ ପଡ଼ିଲା ଶ୍ରୀଶ୍ରୀ ଠାକୁରଙ୍କ କଥା । ସେ କହିଥିଲେ—ଏଇ ସୁଯୋଗ, ଏଇ ସମୟ—ମିଳେଇ ନିଅ, କିଏ ପ୍ରକୃତରେ ତୁମର, କିଏ ତୁମର ନୁହେଁ । ତା ବୋଲି କାହାକୁ ଦୂରକୁ ଫିଙ୍ଗି ଦେବ ନାହିଁ, ସମସ୍ତଙ୍କୁ ନେଇ ଚଳିବାକୁ ହେବ । ଶୋଇବା ପାଇଁ ଯେ ଶେଯ ପକାଇଥିଲି, ସେ ବିଛଣାକୁ ବାନ୍ଧି ରାତି ଗୋଟାଏ ବେଳେ ଗାଡ଼ି ଧରି ବାହାରିଲି ଦେଓଘର । ଗାଡ଼ିରେ ବସି ନାମ କରିବାକୁ ଲାଗିଲି । ଆଘାତଟା ବଡ଼ ବେଶି । ମନେ ମନେ ଭାବିଲି, ଠାକୁର, ଏତେଦୂର ତ ଭାବି ନ ଥିଲି । କ୍ଷମତା ଦିଅ, ମୁଁ ଯେପରି ସହି ପାରେ । ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ଯାଇ ପହଞ୍ଚିଲି । ଏ କେତେଦିନ ଅଦର୍ଶନରେ ମନଟା ମୋର ବ୍ୟାକୁଳ ହୋଇ ଉଠିଛି । ଆଶ୍ରମକୁ ଆସିଲି ମାତ୍ରେ ସେ ଦେଖିପକାଇ କହିଲେ—ଆଇଛସ୍ (ଆସିଗଲୁ), ତୁ ନଥିଲେ ମୋତେ ଭଲ ଲାଗେନା । ଏଇ କ୍ଷୁଦ୍ର କଥାଟିରେ ମନର ସମସ୍ତ ଗ୍ଲାନି ଧୋଇ ପୋଛି ହୋଇଗଲା । ତାପରେ ନିଭୃତରେ ଶ୍ରୀଶ୍ରୀ ଠାକୁରଙ୍କ ପାଖେ ମୋ ସ୍ତ୍ରୀର କଥା କହିଲି । ସେ ଶୁଣି କହିଲେ—ଛାଡ଼୍ ସେ କଥା, ଏଥିପାଇଁ କାନ ଦେବୁ ନାହିଁ । ସେ ତୋର ସ୍ତ୍ରୀ, ଭୁଲିଥିଲେ କ୍ଷମା କରିବୁ । ତା ଛଡ଼ା ସାଧାରଣତଃ ଯାହା ଦେଖେ ବା ଶୁଣେ—ମଣିଷର ମନ ସେଇଭଳି ହୁଏ । ତୁ ତୋ କାମ କରିଯା—ସେମାନଙ୍କ ପାଇଁ ଯେତେବେଳେ ଯାହା କରଣୀୟ, ତା କରିବୁ । ଆଉ ଗୋଟାଏ କଥା—ତୋ ସମ୍ପର୍କରେ ତାର ଖୁବ୍ ଉଚ୍ଚ ଧାରଣା—ଯେମିତି କି ସେ ଭାବେ ତୁ ଇଚ୍ଛା

Scanned by CamScanner

କଲେ ଅନେକ କିଛି କରି ପାରନ୍ତି, ଆଉ ପ୍ରକୃତରେ ବି ତ ପାରୁ । ସେ ଗୁରୁଛ ରୁ ତାଙ୍କୁ କେବଳ ଅବହେଳା କରି ତାଙ୍କ ପାଇଁ କିଛି କରୁ ନାହୁଁ । ପ୍ରକୃତ କଥା ଯେ ତା ନୁହେଁ, ସେ ତା ବୁଝେନା । ଯେ ଇଷ୍ଟ ନେଇ ଚଳିପାରେ, ଅନ୍ୟ କାମ ତା ତୁଳନାରେ କିଛି ନୁହେଁ । ତା ଦିନେ ପ୍ରମାଣିତ ହେବ ନିଶ୍ଚୟ । ମୋଟ କଥା—ଏମାନେ ତୋର ସବୁ ଅଙ୍ଗ, ତା ଭୁଲିବୁ ନାହିଁ । ଶରୀରର କୌଣସି ଅଙ୍ଗ ବେଅକ୍ତିଆର ହେଲେ ତାକୁ ଠିକ୍‌ଠାକ୍ କରି ନେବାକୁ ହୁଏ ।

ରାଗ, ଅଭିମାନ ସବୁ ଭାସିଗଲା—ସ୍ତ୍ରୀ ପାଇଁ ମନରେ କରୁଣା ଜାଗ୍ରତ ହେଲା । କେତେ ଦୁର୍ବଳ ସେ । ଆତ୍ମ-ସୁଖରେ ଟିକିଏ ଅନ୍ତରାୟ ହେଲେ ରାଗି ପଡ଼େ ଆଉ ତାହା କ୍ରୋଧ ରୂପରେ ମୋ ଉପରେ ବର୍ଷିତ ହୁଏ । ଏ ଜାଗତିକ ଖାଇବା, ପିନ୍ଧିବା ପାଇଁ କି ଆକର୍ଷଣ ଆଉ ଏଥିପାଇଁ କେତେ ପରିଶ୍ରମ ବା ନ କରେ ସେ ! ଅଥଚ ଏଇଟା ସେ ଭୁଲିଯାଏ ଯେ ଜୀବନଟା କ୍ରମାଗତ ମୃତ୍ୟୁ ଆଡ଼କୁ ଆଗେଇ ଯାଉଛି । ତାକୁ ଏକମାତ୍ର ସାଧନା ଦ୍ୱାରା ହିଁ ଅମରତ୍ୱ ଆଡ଼କୁ ନିଆଯାଇପାରେ । ଅର୍ଥ, ସମ୍ପଦ, ଖାଇବା, ପିନ୍ଧିବା କାହାଦ୍ୱାରା ନୁହେଁ । ତେବେ ଯେ ଅମୃତବାଞ୍ଛା, ଗୁରୁମୁଖୀ, ତା ପାଖକୁ ଏଗୁଡ଼ିକ ନିଜେ ନିଜେ ଆସେ ସେତିକି ପରିମାଣରେ, ଯେତିକି ତାର ବଞ୍ଚିବା ପାଇଁ ଆବଶ୍ୟକ । ମୁଁ ମୋର ଜୀବନୀ ଲେଖିବା ପାଇଁ ବସି ନାହିଁ—ଯେ ମନର ମଣିଷଙ୍କର କାହାଣୀ ଲେଖିବାକୁ ବସିଛି ସେଇ ପ୍ରସଙ୍ଗରେ ଏସବୁ ଆସି ଯାଉଛି । ତେବେ ଏଠା ଠିକ୍ ଯେତେ ତାଙ୍କୁ ପରୀକ୍ଷା ନିରୀକ୍ଷା କରିବାକୁ ଯାଇଛି, ସେତେ ତାଙ୍କୁ ନ ମାନି ରହି ହୁଏନା । ଟିକିଏ ଭୁଲ, ଟିକିଏ ତ୍ରୁଟି ପାଇଲେ ତ ନ ମାନିବାର ଗୋଟାଏ ଯୁକ୍ତି ଠିଆ କରିବ !

ଏହିଭଳି ଅଢ଼େଇ ବର୍ଷ ବିତିଗଲା । ଦିନେ ମୋ ପାଖକୁ ଖଣ୍ଡେ ଚିଠି ଆସି ପହଞ୍ଚିଲା । ମୋ ସ୍ତ୍ରୀ ଲେଖିଛି ବଡ଼ ଝିଅର ଦେହ ଖୁବ ଖରାପ, ଡାକ୍ତର କହୁଛନ୍ତି—ବଞ୍ଚିବ ନାହିଁ । ସମଗ୍ର ଦେହ ଫୁଲି ଯାଇଛି । ଯଦି ଦେଖିବାର ଇଚ୍ଛା ଥାଏ, ତେବେ ଶୀଘ୍ର ଯାଇ ଦେଖି ଆସିବା ଦରକାର । ସେଇଦିନ ତା ପରେ ପରେ ଗୋଟାଏ ଟେଲିଗ୍ରାମ ଆସି ପହଞ୍ଚିଲା, ଶ୍ୱଶୁର କରିଛନ୍ତି—ଝିଅ ମୃତ୍ୟୁ-ଶଯ୍ୟାରେ, ଦେଖିବାର ଥିଲେ ଆସ । ଶ୍ରୀଶ୍ରୀ ଠାକୁରଙ୍କ ପାଖକୁ ଗଲି, କଣ କରିବି ପଚାରିବା ପାଇଁ, କିନ୍ତୁ ଆଶ୍ଚର୍ଯ୍ୟ ଘଟଣା—ତାଙ୍କ ପାଖେ ପହଞ୍ଚିଲା କ୍ଷଣି ସେ କହି

Scanned by CamScanner

ଉଠିଲେ ବୋହୂର (ମୋ ସ୍ତ୍ରୀର) ଖବର ଜଣରେ ? ସେମାନେ ସବୁ କେଉଁଠି ଅଛନ୍ତି ?

ମୁଁ କହିଲି—ତାଙ୍କ ବାପଘରେ ହୁଗୁଳୀରେ ଅଛନ୍ତି । ଆଜି ଚିଠି ଓ ଟେଲିଗ୍ରାମ ପାଇଲି—ବଡ଼ ଝିଅଟିର ଦେହ ଖୁବ୍ ଖରାପ । ଡାକ୍ତର କହିଛନ୍ତି—ବଞ୍ଚିବ ନାହିଁ । ସେମାନେ ମୋ ପାଖକୁ ଲେଖିଛନ୍ତି, ତାକୁ ଯାଇ ଦେଖି ଆସିବା ପାଇଁ ।

ଶ୍ରୀଶ୍ରୀ ଠାକୁର ମୋ ଆଡ଼କୁ ଚାହିଁ ପଚାରିଲେ ଦେଖିବାକୁ ଯିବୁ କି ? ମୁଁ କହିଲି, ମୁଁ ବା କଣ ଜାଣେ ! ଆପଣ ଯଦି ମୋ ଯିବାର ପ୍ରୟୋଜନ ଅଛି ବୋଲି ଭାବନ୍ତି, ତେବେ ଯିବି । ଆଉ ଯଦି ମୋର ଯିବାର ପ୍ରୟୋଜନ ନ ଥାଏ, ଅର୍ଥାତ ମୋର ଯିବା ସହିତ ତାର ବଞ୍ଚିବା ବା ମରିବାର କୌଣସି ସମ୍ପର୍କ ନ ଥାଏ, ତେବେ ମୁଁ ଯାଇ ବା କଣ କରିବି ?''

ଶ୍ରୀଶ୍ରୀ ଠାକୁର ପୁଣି ପଚାରିଲେ, "ତୋର ଦେଖିବାକୁ ଇଚ୍ଛା ହୁଏନା ?" ମୁଁ କହିଲି—"ଇଚ୍ଛା ତ ହେଉଛି । କିନ୍ତୁ ମୋର ଇଚ୍ଛା ବା ଅନିଚ୍ଛାର ଦାମ୍ କେତେ ? ଯାହାହେଲେ ଭଲ ହେବ, ମୋତେ ସେ କଥା କହନ୍ତୁ । ମୁଁ ତାହା କରିବି ।" ଶ୍ରୀଶ୍ରୀ ଠାକୁର ସଙ୍ଗେ ସଙ୍ଗେ କହିଲେ—"ତାହେଲେ ଯିବା ଦରକାର ନାହିଁ, ଏଇଠି ରହ ।" ଅଢ଼େଇ ବର୍ଷକାଳ ସେ ମୋତେ ଆଶ୍ରମରୁ ଛାଡ଼ି ନାହାନ୍ତି, ଆଜି ବି ରହିବାକୁ କହିଲେ । ସଙ୍ଗେ ସଙ୍ଗେ କହିଲେ—ଆଉ ଗୋଟାଏ କାମ କର । "ବୋହୂ ପାଖକୁ ଟ୫୦.୦୦ ପଠାଇ ଦେବୁ ।" କିନ୍ତୁ ମୋ ପାଖରେ ସେତେବେଳକୁ ପଚାଶ ପଇସା ବି ନାହିଁ । ଶ୍ରୀଶ୍ରୀ ଠାକୁର ଶ୍ରୀ ନନ୍ଦଗୋପାଳ ଚକ୍ରବର୍ତ୍ତୀଙ୍କୁ ଡାକି ମୋତେ ଟ ୫୫.୦୦ ଦେବାକୁ କହିଲେ । ସେ ତତ୍‌କ୍ଷଣାତ୍ ମୋତେ ପଞ୍ଚାବନ ଟଙ୍କା ଆଣି ଦେଲେ । ଶ୍ରୀଶ୍ରୀ ଠାକୁର କହିଲେ—"ଶୀଘ୍ରା କରି ବର୍ତ୍ତମାନ ବଡ଼ ପୋଷ୍ଟ ଅଫିସକୁ ଯାଇ ଡେରି ନ କରି ଏଇ ପଚାଶ ଟଙ୍କା ଟେଲିଗ୍ରାମ ମନିଅର୍ଡ଼ର କରି ପଠାଇ ଦେ ।" ଟଙ୍କା ପଠାଇ ଦେଇ ଆସି ମୁଁ କହିଲି—"ଠାକୁର, ଏ ଟଙ୍କା ପଠେଇ କଣ ହେବ ? ଆପଣଙ୍କର ଯେତେବେଳେ ଦୃଷ୍ଟି ଅଛି, ଝିଅ ତ ନିଶ୍ଚୟ ଭଲ ହୋଇଯିବ ।"

ଶ୍ରୀଶ୍ରୀ ଠାକୁର କହିଲେ "ଚିଠି ଲେଖି ଦେ, ଭଲ ଡାକ୍ତର ଦେଖାଇବାକୁ । ଆଉ ଔଷଧ ସହ ପଥ୍ୟ ବି ଆବଶ୍ୟକ । ବୋହୂ ପାଖରେ ଗୋଟିଏ ବି ଟଙ୍କା ନାହିଁ । ତା ହାତରେ କେତୋଟା ଟଙ୍କା ଥିବା ଦରକାର । ଆଉ ଲେଖିବୁ —ଟଙ୍କା ଦରକାର ହେଲେ ତୋତେ ଯେମିତି ଲେଖିବେ, ମୁଁ ଯୋଗାଡ଼ କରି ଦେବି ।" (ଯୋଗାଡ଼ କରିବା ଅର୍ଥ ଭିକ୍ଷା କରିଦେବା) ତିନିଦିନ ପରେ ଚିଠି ଆସିଲା—"ମୋର ବଡ଼ ଝିଅ ବେଦବତୀର ଅବସ୍ଥା ଭଲ ଆଡ଼କୁ ଯାଉଛି । ଡାକ୍ତର ଆଶ୍ୱାସନା ଦେଇଛନ୍ତି ।" ଏକଥା ମୁଁ ଚିଠି ଆସିବା ପୂର୍ବରୁ ଜାଣିଥିଲି—ଏଥର ତାକୁ ଯମ ଛୁଇଁ ପାରିବ ନାହିଁ । ଆଶ୍ଚର୍ଯ୍ୟ କଥା—ଶ୍ରୀଶ୍ରୀ ଠାକୁର କୌଣସି ଦିନ ମୋ ଘର କଥା ପଚାରନ୍ତି ନାହିଁ । କିନ୍ତୁ ଯେତେବେଳେ ବିପଦ କେଉଁଠୁ ମାଡ଼ି ଆସେ, ସେ ନିଜ ଆଡୁ ପଚାରନ୍ତି ଘରର ଖବର କଣ । ପୂର୍ବରୁ ବିପଦ କଥା କହି କେବେ ସାବଧାନ କରନ୍ତି ନାହିଁ । ସବୁ ଯେ ନ ଜାଣନ୍ତି ତା ନୁହେଁ, ସେ ଯେ ସର୍ବଦା ମୋର ପରିବାର ପ୍ରତି ଜାଗ୍ରତ ଦୃଷ୍ଟି ରଖିଛନ୍ତି ତାର କେତେ ଯେ ପ୍ରମାଣ ପାଇଛି ତାର ଇୟତ୍ତା ନାହିଁ । ଏଇ 'ସବ୍‌ଜାନତା' ମଣିଷଟି କିଛି ନ ଜାଣିବାର ଭାବ ଦେଖାଇ ଏଭଳି ସହଜଭାବେ ଥାଆନ୍ତି ଯେ ତାଙ୍କର ବିରାଟତ୍ୱ ମୋଟେ ବୁଝା ଯାଏନା । ଯେଉଁମାନେ ସବୁବେଳେ ତାଙ୍କର ବିଶ୍ୱରୂପ ଦେଖିବାକୁ ପାଆନ୍ତି, ସେଇମାନେ ହିଁ ଭାଗ୍ୟବାନ । ମୁଁ ଅବିଶ୍ୱାସୀ—ତେଣୁ ଦେଖି ବି ଦେଖି ପାରେନା, ଶୁଣି ବି ଶୁଣି ପାରେନା । କେବଳ ସେଇ ଏକ କଳ୍ପିତ ଭଗବାନଙ୍କୁ ଖୋଜି ବୁଲେ, ଯା ସଙ୍ଗେ ବାସ୍ତବତାର କୌଣସି ସମ୍ପର୍କ ନାହିଁ ।

Scanned by CamScanner

॥ ବାର ॥

ଦିନେ ଶୀତଦିନ । ଶ୍ରୀଶ୍ରୀ ଠାକୁର ଆହାରାନ୍ତେ ବିଶ୍ରାମ କରୁଛନ୍ତି । ମୁଁ ଠାକୁର ଘରେ ବସିଥିଲି । ଠାକୁର ଶୋଇ ପଡ଼ିବା ପରେ ସେଠାରୁ ବାହାରି ଆସିଲି । ତାହା ସାଙ୍ଗେ ସାଙ୍ଗେ ବାହାରି ଆସିଲେ ଜଣେ ବ୍ୟକ୍ତି ଯାହାଙ୍କ ନାମ ଧରିଯାଉ ଶଙ୍କର । ଉକ୍ତ ଶଙ୍କରଦା ମୋ ଜୀବନରେ ହଠାତ୍ ଆସି ଉପସ୍ଥିତ ହୋଇଥିଲେ । ଅଚିହ୍ନା ଅଜଣା ଲୋକଟି । ମୋ ଦୀକ୍ଷା ନେବା ପୂର୍ବମୁହୂର୍ତ୍ତରେ ସେଠାରେ ଆସି ଉପସ୍ଥିତ ହେଲେ । ଶୁଣିଲି ଏ ଶ୍ରୀଶ୍ରୀ ଠାକୁରଙ୍କର ଋତ୍ୱିକ୍, ଦୀକ୍ଷା ଦେବାର ଅଧିକାରୀ । ମୋର କିନ୍ତୁ ଦେଓଘରରେ ଯାଇ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରି ତାଙ୍କରି ଆଦେଶରେ ଦୀକ୍ଷା ନେବାର ବାସନା । ସମସ୍ତେ କହିଲେ—ଶ୍ରୀଶ୍ରୀ ଠାକୁରଙ୍କର ବିଧାନ ଅନୁଯାୟୀ ଋତ୍ୱିକ୍ ମାଧ୍ୟମରେ ଦୀକ୍ଷା ହେବ । ସେଠି ଯେଉଁ ଋତ୍ୱିକମାନେ ଥିଲେ ସମସ୍ତଙ୍କୁ ମୁଁ ଚିହ୍ନିଥିଲି । ସେମାନଙ୍କର କାହାରି ଚରିତ୍ର ମୋ ଆଗରେ ସାଧନାଲବ୍ଧ ପରି ଜଣାପଡ଼ି ନାହିଁ । କିନ୍ତୁ ଏଇ ଆଗନ୍ତୁକ ଯୁବକଟିକୁ ମୁଁ ଚିହ୍ନି ନାହିଁ । ସମସ୍ତେ ତାଙ୍କୁ ହିଁ କହିଲେ ମୋତେ ଆନୁଷ୍ଠାନିକ ଭାବରେ ଦୀକ୍ଷା ଦେବାପାଇଁ । ଦୀକ୍ଷା ହେଲି ତାଙ୍କରି ମାଧ୍ୟମରେ । କିନ୍ତୁ ଆଜିକୁ ଗ୍ୱଶଦିନ ହେଲା ଯେଉଁ ଆଧ୍ୟାତ୍ମିକ ପରିବେଶରେ ମୋର ଦିନ ବିତୁଥିଲା ସେହି ଭାବଟି ମୋର କଟିଗଲା । ଏଇ ଅତିଭାଷୀ ଯୁବକ ଦୀକ୍ଷା ସମ୍ପର୍କରେ ଏପରି ଅନେକ କଥା କହିଲା ଯାହାଦ୍ୱାରା ମୋର ମନେ ହେଲା ଏପରି ଲୋକଙ୍କୁ କାହିଁକି ଦୀକ୍ଷା ଦେବାର ଅଧିକାର ଦିଆଯାଇଛି । ସେହିଦିନ ଦୀକ୍ଷା ପରେ ପରେ ଶ୍ରୀଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ ଦେଓଘର ଚାଲିଗଲି ଏବଂ ଶ୍ରୀଶ୍ରୀ ଠାକୁରଙ୍କ ସାଙ୍ଗରେ ଦେଖାହୋଇ ଏକାନ୍ତରେ କଥା କହିବାର ସୁଯୋଗ ଆସିବା ମାତ୍ରକେ ମୁଁ ଏହିକଥା ଠାକୁରଙ୍କୁ ପଚାରିଥିଲି

ଯାହାଙ୍କ ଠାକୁରଙ୍କ ସଙ୍ଗରେ ସାକ୍ଷାତ୍କାର ଘଟଣା ପୂର୍ବେ ମୁଁ ଉଲ୍ଲେଖ କରି ଯାଇଛି । ଶ୍ରୀଶ୍ରୀ ଠାକୁର କହିଲେ, "ଦୀକ୍ଷା ମୁଁ ଦିଏ । ଋତ୍ୱିକ postman ବା peon ପରି ଗୁରୁଙ୍କର ଆଦେଶ ବହନ କରି ନେଇ ତାଙ୍କର ଶିଷ୍ୟସନ୍ତାନମାନଙ୍କ ପାଖରେ ପହଞ୍ଚାଇ ଦିଅନ୍ତି । ଏହି ଆଦେଶ ପାଳନ କରିବା ଯେଉଁ ପାତ୍ର ବା ଋତ୍ୱିକ ସାଧନଭଜନରେ ଉନ୍ନତ ହୋଇ ପାରନ୍ତି ବା ନ ହୋଇ ପାରନ୍ତି । କିନ୍ତୁ କେତେ ଗୁଡ଼ିଏ ଘଟଣାରେ ସେମାନେ ନିଷ୍ଠାବାନ । ଯେଉଁ ଋତ୍ୱିକମାନେ ସାଧନଭଜନ କରି ଇଷ୍ଟ ସାଙ୍ଗରେ ଯୁକ୍ତ ରହି ସର୍ବଦା ତାଙ୍କର ଆଦେଶ ପାଳନ ପାଇଁ ଜୀବନ ପଣକରି ଆଗେଇ ଚାଲନ୍ତି ସେହି ଇଷ୍ଟସ୍ୱାର୍ଥୀ ଋତ୍ୱିକ ପାଖରୁ ଯଜମାନମାନେ ବହୁଭାବରେ ଉପକୃତ ହୁଅନ୍ତି, ଆଉ ଯଜମାନ—ମାନଙ୍କର କର୍ତ୍ତବ୍ୟ ତାଙ୍କୁ ଦେଖାଶୁଣା କରିବା ଯେପରି ସେ ସାଧନା ଜଗତରେ ରହି ପାରିବେ ତା ପାଇଁ ସକ୍ରୀୟ ଚେଷ୍ଟା କରିବା । କିନ୍ତୁ ଯେଉଁ ଋତ୍ୱିକ ସେପରି ସାଧନଭଜନ କରେ ନାହିଁ ଅଥଚ ଇଷ୍ଟ ଉପରେ ଗୋଟିଏ ଟାଣ ଥାଏ, ବହୁତ କିଛି କରିବାର ମାନସିକ ଇଚ୍ଛା ଥିଲେ ମଧ୍ୟ ସେହି ଇଚ୍ଛା କର୍ମରେ ଫୁଟି ଉଠିପାରେ ନାହିଁ, ତାଙ୍କର କୌଣସି ଦାୟଦାୟିତ୍ୱ ବୁଝିବାର ବିଶେଷ ପ୍ରୟୋଜନ ନାହିଁ । ବରଂ ସେହି ଋତ୍ୱିକମାନେ ଯେପରି ଇଷ୍ଟ ପଥରେ ଚାଲି ପାରିବେ, ଇଷ୍ଟନିଷ୍ଠ ହୋଇ ଉଠିବେ ତାହାପାଇଁ ଯଜମାନମାନେ ପ୍ରୟୋଜନ ହେଲେ ନିଜେ ସାଧନଭଜନ କରି ଋତ୍ୱିକଙ୍କୁ ସେ ପଥରେ ଯିବାପାଇଁ ସାହାଯ୍ୟ କରିବେ ।" ଶ୍ରୀଶ୍ରୀ ଠାକୁର ଆହୁରି କହିଲେ, "ମୋର ଏହି ସ୍ଥୂଳ ଶରୀର ନେଇ ମୁଁ ସର୍ବତ୍ର ଯାଇ ପାରୁ ନାହିଁ । ତେଣୁ minimum (ନ୍ୟୂନତମ) କେତେଗୁଡ଼ିଏ ଲକ୍ଷଣ ଦେଖି ମୁଁ ଋତ୍ୱିକ କରେ । ସେମାନେ ବିଭିନ୍ନ ପରିସ୍ଥିତିରେ ପଡ଼ି ପଡ଼ି ଧୀରେ ଧୀରେ ଆଗେଇ ଯାଆନ୍ତି । ଏହା ଭିତରେ ଅନେକ ଅଛନ୍ତି ଯେଉଁମାନେ ସାଧନାରେ ଖୁବ୍ ଉନ୍ନତ ତାହା ତ ପୂର୍ବେ ହିଁ କହିଛି ।" ଠାକୁର ମୋତେ ପୁଣି କହିଲେ, "ମୁଁ ତୁମକୁ ଆଉ ଥରେ ଦୀକ୍ଷା ଦେଇ ଦେଖେଇ ଦେବି କିପରି ନାମଧ୍ୟାନ, ସାଧନଭଜନ ଇତ୍ୟାଦି ସବୁ କରିବାକୁ ହେବ ।" ଶ୍ରୀଶ୍ରୀ ଠାକୁର ତାଙ୍କର କଥାନୁଯାୟୀ ଏବଂ ମୋର ଅନ୍ତରର କଥା ଜାଣି ମୋତେ ଦୀକ୍ଷା ମାଧ୍ୟମରେ ସବୁକିଛି ଦେଖାଇ ଦେଲେ ଠାକୁରଙ୍କ ପାଖରେ ଉପସ୍ଥିତ ହେବାର ସପ୍ତମ ଦିବସ ମଧ୍ୟରେ । କିନ୍ତୁ ଉକ୍ତ ଶଙ୍କରଦା ଯେ ପ୍ରଥମେ ମୋ ପାଖରେ ଶ୍ରୀଶ୍ରୀ ଠାକୁରଙ୍କର ସତ୍‌ମନ୍ତ୍ର ଉପସ୍ଥାପିତ କରିଥିଲେ ତାଙ୍କୁ ମୁଁ ଛାଡ଼ିଲି ନାହିଁ । ପାଖେ ପାଖେ ରଖିବାକୁ ଆରମ୍ଭ କଲି । ଠାକୁର ନିଜେ ମୋତେ ଡାକି

Scanned by CamScanner

କହିଲେ, "ଏହାଙ୍କୁ ଦେଖିବୁ । ଏହାର ବହୁତ ଦୁର୍ବଳତା ଅଛି । ସମ୍ଭାବ୍ୟ କ୍ଷେତ୍ରରେ ସଂଶୋଧନ କରିବୁ । ନଜେ ଅପାରଗ ହେଲେ ମୋତେ ଆସି ସବୁ ପଚ୍ଚାରିବୁ ।" ଯାହାହେଉ ମୁଁ ଠାକୁର ଘରୁ ବାହାରି ଆସିବା ସମୟରେ ସେହି ଶଙ୍କରଦା ମଧ୍ୟ ମୋ ପଛେ ପଛେ ଉଠି ଆସିଲେ । ବାହାରେ ଆସି ମୋତେ କହିଲେ— 'ସୁଶୀଲଦା ! ଆପଣଙ୍କ ସାଙ୍ଗରେ ବହୁତ କଥା ଅଛି ।' ମୁଁ କହିଲି—'କୁହନ୍ତୁ, କଣ କହିବେ' । ଶଙ୍କରଦା କହିଲେ— 'ଚାଲନ୍ତୁ ଏଠି ନୁହେଁ, କୌଣସି ନିର୍ଜନ ସ୍ଥାନ ଦେଖି ବସି ଆମ୍ଭେ କଥା ହେବା' । ଶୀତର ଦ୍ୱି ପ୍ରହର, ଗୋଟାଏ ବାଜି ଯାଇଛି, ଦେହରେ ସୂର୍ଯ୍ୟକିରଣ ପଡ଼ିବାରୁ ଭଲ ଲାଗୁଛି । ଦୁଇଜଣ ଚାଲି ଚାଲି ପୂଜ୍ୟପାଦ ଛୋଟଦାଙ୍କ ବର୍ତ୍ତମାନ ଘର (ସେତେବେଳର ଅତିଥି ହାଉସ୍) ପାର ହୋଇ ଯେଉଁଠି ଆଶ୍ରମର ଓ୍ୱାଟର ପମ୍ପ ବସିଛି, ଦାରୁଆ ନଈ କୂଳରେ ସେଇ ପମ୍ପ ହାଉସ୍ ପାଖରେ ଯାଇ ଉପସ୍ଥିତ ହେଲୁଁ । ବାଟରେ ଯିବା ସମୟରେ ଶଙ୍କରଦା ମୋତେ କହିଲେ—'ସୁଶୀଲଦା ! ଆପଣଙ୍କୁ କେତେ ଗୁଡ଼ାଏ କଥା କହିବି, ହୁଏତ ଆପଣଙ୍କୁ ଭଲଲାଗି ନ ପାରେ । କିନ୍ତୁ କଥା ଗୁଡ଼ିକ ଅତି ସତ୍ୟ ।' ତାଙ୍କର ଏହି ଦୀର୍ଘ ଭୂମିକା ଶୁଣି ମୁଁ କହିଲି— 'ସତ୍ୟ କଥା କହିବେ, ସେଥିରେ ଆଉ ଦୋଷ କଣ ? ମୋତେ ଭଲ ଲାଗିପାରେ, ନ ଲାଗିପାରେ, ସେଥିରେ କିଛି ଯାଏ ଆସେ ନାହିଁ ।'ଶଙ୍କରଦା କହିଲେ—'ମୁଁ ଏବେ ଯାହା କହିବି ତାହା ଆପଣଙ୍କ ପାଖରେ ଇଷ୍ଟବିରୋଧୀ ବୋଲି ମନେ ହୋଇପାରେ । ଆପଣ ଆଉ ମୁଁ ଆମେ ଦୁହେଁ ସବୁବେଳେ ଇଷ୍ଟକଥା, ଇଷ୍ଟ-କୀର୍ତ୍ତନରେ ମାତି ରହି ଆସୁଛୁ । ଆଜି ତାର ଓଲଟା କଥା ଏବଂ ଠାକୁରଙ୍କୁ ଅଲଗା ଦୃଷ୍ଟି କୋଣରୁ ଦେଖିବା ଏବଂ ସେହି ସମ୍ବନ୍ଧରେ ଆଲୋଚନା କରିବା ।' ମୁଁ ଶଙ୍କରଦା'ର ଏତେ ଦୀର୍ଘ ଭୂମିକା ଭଲ ଭାବରେ ବୁଝି ପାରିଲି ନାହିଁ । ମୁଁ କହିଲି—'ଆପଣ ଯାହା କହିବାକୁ ଚାହୁଁଛନ୍ତି ତାହା କୁହନ୍ତୁ, ଶୁଣିବା ।' ଶଙ୍କରଦା ଓ୍ୟାଟର ପମ୍ପ ଘର ବାହାରେ ପକ୍କା ଜାଗାରେ ବସି କହିବାକୁ ଲାଗିଲେ—'ଶ୍ରୀଶ୍ରୀ ଠାକୁରଙ୍କୁ ଆମ୍ଭେ ଭଗବାନ କହୁଛୁଁ, ସର୍ବ ମଙ୍ଗଳମୟ କହୁଛୁଁ, କିନ୍ତୁ ଆପଣ ଭାବି ଦେଖନ୍ତୁ ଆପଣଙ୍କର କେତେ ବଡ଼ ବ୍ୟବସାୟ ଥିଲା, କେତେ ଟଙ୍କା ରୋଜଗାର କରୁଥିଲେ, କେତେ ଲୋକ ଖିଆପିଆ କରୁଥିଲେ ଆପଣଙ୍କ ଘରେ । କିନ୍ତୁ ଠାକୁରଙ୍କ ସଂସ୍ପର୍ଶରେ ଆସିବା ପରେ ଧୀରେ ଧୀରେ ଆପଣଙ୍କର ସେ ସବୁ କୁଆଡ଼େ ଚାଲିଗଲା । ବର୍ତ୍ତମାନ ବ୍ୟବସାୟ ଉଠିଯିବା ଉପରେ । ଘରେ ବୋଉମା ଓ ପୁଅମାନେ ଆର୍ଥିକ ଅନାଟନରେ ଅନାହାରରେ

Scanned by CamScanner

ଓ ଅର୍ଦ୍ଧାହାରରେ ରହିଛନ୍ତି । ଆପଣ କେଉଁଆଡ଼କୁ ଭ୍ରୂକ୍ଷେପ ନ କରି ଠାକୁରଙ୍କୁ ନେଇ ବୁଲୁଛନ୍ତି । ଠାକୁରଙ୍କର କଣ ଉଚିତ ନୁହେଁ ଆପଣଙ୍କୁ ଦଶ ପନ୍ଦର ହଜାର ଟଙ୍କା ଦେଇ ବ୍ୟବସାୟଟିକୁ ବଞ୍ଚାଇ ରଖି ଆର୍ଥିକ ସଙ୍ଗତିର ବ୍ୟବସ୍ଥା କରି ଆପଣଙ୍କ ଘରର ସମସ୍ତଙ୍କୁ ଖୁଆଇ ପିଆଇ ବଞ୍ଚାଇ ରଖିବା ?' ମୁଁ କହିଲି - 'ଶଙ୍କରଦା ! ଏ ଆପଣ କ'ଣ କହୁଛନ୍ତି ? ଆପଣଙ୍କୁ ମୁଁ ବହୁ ପ୍ରକାରେ ବହୁ ଭାବରେ ଦେଖିଛି । କିନ୍ତୁ ସେ ଗୁଡ଼ିକ ଆପଣଙ୍କର ଚରିତ୍ର ଦୋଷ ବୋଲି ମୁଁ ଭାବିଥିଲି । କିନ୍ତୁ ଆଜି ଶ୍ରୀଶ୍ରୀ ଠାକୁରଙ୍କ ସମ୍ବନ୍ଧରେ ଯେଉଁ କଥା କହୁଛନ୍ତି ଏହା ତ ଆହୁରି ଜଘନ୍ୟତର । ଠାକୁରଙ୍କ ବିରୁଦ୍ଧରେ ଅଭିଯୋଗ କରି ଉପରେ ଉପରେ ତାଙ୍କୁ ଭଗବାନ, ଅବତାର ଇତ୍ୟାଦି ବୋଲି କହୁଛନ୍ତି । ଏହା ମୋ ବିଚାରରେ ଧର୍ମ ପଥରେ ଜାଲିଆତି । ମୁଁ ଯେତେବେଳେ ଠାକୁରଙ୍କ ପାଖରେ ଦୀକ୍ଷା ନେଇଥିଲି, ତାଙ୍କୁ ଗୁରୁପଦରେ ବରଣ କରିଥିଲି ସେତେବେଳେ କୌଣସି ବ୍ୟବସାୟିକ ଚୁକ୍ତି କରି ନ ଥିଲି । ମୁଁ ଏହି ମାୟାମୟ ଜଗତରୁ ମୁକ୍ତି ପାଇବା ପାଇଁ, ଆଧ୍ୟାତ୍ମିକ ଜୀବନର ସନ୍ଧାନ ପାଇଁ ତାଙ୍କୁ ଗ୍ରହଣ କରିଛି ଏବଂ ତାଙ୍କ ପାଖରେ ଆସି ମୁଁ ନିଶ୍ଚିତ ଭାବରେ ଜାଣିଛି ଯେ ମୁଁ ଭୁଲ କରି ନାହିଁ । ଜୀବନସାରା ଯେଉଁଠି ଯାହା କିଛି ଭୁଲ କରିଥିଲି ସଦ୍‌ଗୁରୁ ଶ୍ରୀଶ୍ରୀ ଠାକୁର ଦୟାପରବଶ ହୋଇ ମୋର ଜୀବନର ସବୁକିଛି disorderକୁ ସଜାଡ଼ି ଦେଇ ଆଗେଇ ନେଇ ଚାଲିଛନ୍ତି । ଟଙ୍କା-ପଇସା, ମାନ-ସମ୍ମାନ, ଇତ୍ୟାଦି ପାଇବାକୁ ହେଲେ ମୁଁ ଠାକୁରଙ୍କ ପାଖକୁ ଆସି ନଥାନ୍ତି । ଆଉ ଠାକୁର ମଧ୍ୟ ସର୍ବପ୍ରଥମ କହିଛନ୍ତି—"ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଦୀକ୍ଷା ନେଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ, ଠକିଯିବ ।" ଶଙ୍କରଦା କହି ଉଠିଲେ – 'ଆପଣ ଯାହା ବୁଝନ୍ତୁ ନା କାହିଁକି ତଥାପି ମୁଁ ଯାହା କହିବାର ତାହା ଆପଣଙ୍କୁ ନିଶ୍ଚୟ କହିବି' । ଏହାପରେ କହିଲେ—'ଆପଣ ଯେପରି ସବୁକିଛି ବିସର୍ଜନ ଦେଇ ତାଙ୍କୁ ପ୍ରତିଷ୍ଠା କରି ଚାଲିଛନ୍ତି, ମୁଁ ମଧ୍ୟ ସେହିପରି ପିଲାଦିନରୁ ଠାକୁରଙ୍କୁ ପ୍ରତିଷ୍ଠା କରିବା ପାଇଁ ଚାକିରି ଇତ୍ୟାଦି ନ କରି ଏହି ପଥ ବାଛି ନେଇ ଦ୍ୱାରେ ଦ୍ୱାରେ ତାଙ୍କର କଥା କହି କହି ବୁଲୁଛି । ମୋର ମା ବାପା ଜୀବନ ବିତାଇଲେ ଠାକୁରଙ୍କ ପାଖରେ । ତାଙ୍କର ରହିବା ପାଇଁ ଖଣ୍ଡେ ନିଜସ୍ୱ ଘର ନାହିଁ । ସାମାନ୍ୟ କିଛି ଭତ୍ତା (allowance) ଯାହା ଦେଉଛନ୍ତି ସେଥିରେ କୌଣସି ପ୍ରକାର ପେଟ ପୂରି ଯାଉଛି । ଡାଲି ଭାତ ଛଡ଼ା ଆଉ କିଛି ଜୁଟେ ନାହିଁ । ମୋର ସ୍ତ୍ରୀ ଏହି କଷ୍ଟ ସହି ନ ପାରି ତାଙ୍କ ବାପଘରେ

Scanned by CamScanner

ଆସି ରହିଛନ୍ତି । ଏହି ଆଶ୍ରମରେ ରହି ତାଙ୍କର ଭରଣପୋଷଣ ପାଇଁ ଠାକୁର କିଛି allowance ବ୍ୟବସ୍ଥା କରୁ ନାହାନ୍ତି । ମୋତେ ସବୁବେଳେ ଡାକୁଛନ୍ତି, ପାଖରେ ବସାଉଛନ୍ତି, କେତେ କଥା କହୁଛନ୍ତି, କିନ୍ତୁ ମୋର ଘର ସମ୍ବନ୍ଧରେ ତାଙ୍କ ରହୁଛନ୍ତି ଉଦାସୀନ ଓ ନୀରବ । ସୁଶୀଲଦା, ମୁଁ ଆପଣଙ୍କୁ କହୁଛି—ଆପଣ ଆପଣଙ୍କ ନିଜ କଥା ଠାକୁରଙ୍କୁ କୁହନ୍ତୁ ବା ନ କୁହନ୍ତୁ ମୋ କଥା ଠାକୁରଙ୍କ ପାଖରେ କୁହନ୍ତୁ ଯେପରି ମୋ ପୁଅମାନଙ୍କ ପାଇଁ କିଛି allowanceର ବ୍ୟବସ୍ଥା କରିଦେବେ ।' ମୁଁ ଶଙ୍କରଦାଙ୍କୁ କହିଲି—'ଆପଣଙ୍କର ଏକଥା ଶୁଣି ମୋର ଅନ୍ତର ଭିତରଟା ଜଳି ଯାଉଛି । ଯଦି ବୁଝୁଛନ୍ତି ଶ୍ରୀଶ୍ରୀ ଠାକୁର ଆପଣଙ୍କ ଉପରେ injustice କରୁଛନ୍ତି ତାହାହେଲେ ସେ କଥା ଠାକୁରଙ୍କୁ କହୁ ନାହାନ୍ତି କାହିଁକି ? ଏ ଧର୍ମ ଜଗତ ଛାଡ଼ିଦେଇ ସମାଜର ପ୍ରତି ଲୋକଙ୍କପରି ଚାକିରି ଇତ୍ୟାଦି କରୁ ନାହାନ୍ତି କାହିଁକି ? ଆପଣ ତ ଲେଖାପଢ଼ା ଶିଖିଛନ୍ତି, ଠାକୁରଙ୍କର ବାଣୀ, ଭାଷା କଣ୍ଠସ୍ଥ କରିଛନ୍ତି । ତାହା ମାଧ୍ୟମରେ ଲୋକଙ୍କ ପାଖରୁ ମିଥ୍ୟା ଶ୍ରଦ୍ଧା, ଭକ୍ତି ଆଦାୟ କରୁଛନ୍ତି ଠାକୁରଙ୍କ ନାମ କହି । ଏସବୁ କିଛି ଅତି ଘୃଣ୍ୟ ।' ଶଙ୍କରଦା କହିଲେ—'ମୁଁ ଜାଣିଛି ଠାକୁରଙ୍କ ବିରୁଦ୍ଧରେ କିଛି କହିଲେ ଆପଣ ରାଗି ଉଠିବେ । ତଥାପି ମୁଁ କହୁଛି ଶ୍ରୀଶ୍ରୀ ଠାକୁର ତାଙ୍କର ନିଜ ପୁଅମାନଙ୍କ ପାଇଁ କେତେ କଣ କରି ଦେଇଛନ୍ତି । ଘରଦ୍ୱାର, ଗାଡ଼ି ବାଡ଼ି ଇତ୍ୟାଦି ତାଙ୍କ ଜୀବନର କୌଣସି ଦିଗରେ କୌଣସି ଅଭାବ ରଖି ନାହାନ୍ତି । କିନ୍ତୁ ଆମକୁ ଠାକୁର ତାଙ୍କର ସନ୍ତାନ କହିଲେ ମଧ୍ୟ କେବଳ ମାତ୍ର ବଞ୍ଚି ରହିବା ପାଇଁ ଯେତିକ ପ୍ରୟୋଜନ ତାହା ମଧ୍ୟ ଦେବେ ନାହିଁ । ଏହା କିପରି ବିଚାର ? ଯତୀମାନେ ଘରସଂସାର ଛାଡ଼ି ଟିଣ ଘରେ ଶୀତ, ଗ୍ରୀଷ୍ମ ଭିତରେ ଦିନାତି - ବାହିତ କରୁଛନ୍ତି । ସେମାନଙ୍କର ସଂସାରକୁ ଫିବାର ଅନୁମତି ନାହିଁ ଅଥଚ ସେଠାରେ ସ୍ତ୍ରୀ, ପୁତ୍ର, କନ୍ୟା ସବୁ ରହିଛନ୍ତି । ସେମାନେ ଦୁର୍ଦ୍ଦଶାର ନିଷ୍ପେଷଣରେ ଭାଙ୍ଗି ପଡ଼ୁଛନ୍ତି । ଶ୍ରୀଶ୍ରୀ ଠାକୁର ସେ ଦିଗରେ ଅନାଉ ନାହାନ୍ତି । ଅଥଚ ଯତୀମାନଙ୍କୁ ସବୁବେଳେ ଡାକି ଡାକି ପାଖରେ ରଖୁଛନ୍ତି ।' ମୁଁ କହିଲି—'ଶଙ୍କରଦା ! ଆପଣ ଭୁଲିଯିବେ ନାହିଁ ଆମ୍ଭେ ସାଧନାର ପଥକୁ ଆସିଛୁଁ । ଭୋଗ-ଲାଳସା ପରିପୂରଣ କରିବା ପାଇଁ କୌଣସି ଧନ୍ଦା ମୁଣ୍ଡରେ ରଖି ଆସି ନାହୁଁ । ବଣୁଆ ଲୋକପରି ଆମେ ସବୁ ପିତାମାତା ପାଖରୁ ଜନ୍ମନେଇ କୁଶିକ୍ଷା ପାଇ କୁଶିକ୍ଷାରେ ତଥାକଥିତ ଶିକ୍ଷିତ ହୋଇ ଜୀବନଟାକୁ ନେଇ ଧ୍ୱଂସ ଆଡ଼କୁ ଆଗେଇ ଚାଲିଛୁଁ । ଏ ପାର୍ଥିବ ଜଗତର ସବୁକିଛି ଆମ୍ଭ ପାଖରେ

ରହିବା ସତ୍ତ୍ୱେ ଆମେ ପ୍ରତି ପ୍ରତ୍ୟେକେ କ୍ଷତବିକ୍ଷତ । ଆନନ୍ଦ ନାହିଁ କାହାର ଅନ୍ତରରେ ।' ଶଙ୍କରଦା କହି ଉଠିଲେ—'ଆପଣ ଅବିକା ଯେଉଁ କଥା ମୋତେ କହୁଛନ୍ତି ଏସବୁ କଥା ବହୁ ମିଟିଂରେ କହି ମୁଁ ହାତତାଳି ପାଇଛି । ମୋତେ ଆଉ ଏସବୁ ବୁଝାନ୍ତୁ ନାହିଁ ।' ମୁଁ କହିଲି—'ମୁଁ ଆପଣଙ୍କୁ କିଛି ବୁଝାଇବାକୁ ଯାଉ ନାହିଁ । କିନ୍ତୁ ଆପଣ ଯାହା ମୋତେ ବୁଝାଇବାକୁ ଚେଷ୍ଟା କରୁଛନ୍ତି ସେ ସମ୍ବନ୍ଧରେ ମୁଁ ଯାହା ବୁଝିଛି ତା ନିଶ୍ଚୟ ଆପଣଙ୍କୁ କହିବି । ଆଉ ଆପଣଙ୍କୁ ତାହା ଶୁଣିବାକୁ ହେବ ।' ଏହାପରେ ମୁଁ କହିଲି —'ଶ୍ରୀଶ୍ରୀ ଠାକୁର ତାଙ୍କର ପୁଅମାନଙ୍କୁ ଗାଡ଼ି ବାଡ଼ି ଦେଇଛନ୍ତି, କୌଣସି ଅଭାବ ରଖି ନାହାନ୍ତି, ଏହା ହିଁ ତ ହେବା କଥା । ଉପଯୁକ୍ତ ପିତା ପୁତ୍ରମାନଙ୍କ ପାଇଁ ଯାହା ଯାହା କରିବାର କଥା ପିତା ହୋଇ ଠାକୁର ତାହା ହିଁ କରୁଛନ୍ତି । ଏହାକୁ ହିଁ କହନ୍ତି ପିତୃତ୍ୱ । ଆଉ ଯେଉଁମାନେ ତାଙ୍କ ଔରସରେ ଜନ୍ମହୋଇ ପୃଥିବୀକୁ ଆସିଛନ୍ତି ସେମାନେ ଆଉ ଯାହାକିଛି ହୁଅନ୍ତୁ ନା କାହିଁକି ନିଶ୍ଚିତଭାବରେ ଭାଗ୍ୟବାନ ଏବଂ ଯାହାପାଇଁ କି ଏସବୁ ପାଇବାର ସେମାନେ ଜନ୍ମଗତ ଅଧିକାରୀ । ଆଉ ଯେଉଁ କଥା ଆପଣ କହୁଥିଲେ—ଠାକୁରଙ୍କ କୃଷ୍ଟି ସନ୍ତାନ ବା ଶିଷ୍ୟମାନଙ୍କୁ ଠାକୁର କିଛି ଦେଉ ନାହାନ୍ତି ସେ କଥା ସତ୍ୟ ନୁହେଁ । ଠାକୁର ଯାହାକୁ ଯାହା ଦେଲେ ଭଲ ହେବ, ତାଙ୍କର ସାଧନାର ପଥ ଖୋଲି ରହିବ ତାହା ଦେବା ପାଇଁ ମୁହୂର୍ତ୍ତି ମାତ୍ର ଡେରି କରନ୍ତି ନାହିଁ, କାର୍ପଣ୍ୟ ମଧ୍ୟ ନାହିଁ । ଭାବି ଦେଖନ୍ତୁ ଆମ୍ଭେମାନେ କେଉଁ କେଉଁ ପରିବେଶରୁ ଠାକୁରଙ୍କ ପାଖରେ ଆସି ଉପସ୍ଥିତ ହୋଇଛୁ କେତେ unprepared ଅବସ୍ଥାରେ । ଠାକୁର ସେହି ଭ୍ରଷ୍ଟ ଚରିତ୍ରକୁ ଭାଙ୍ଗିଚୂରି ସବୁକିଛି ସଜାଡ଼ି ସମସ୍ତଙ୍କୁ ଠିକ୍ ବାଟରେ ନେଇ ଚାଲିଛନ୍ତି । ସମସ୍ତେ ଆମେ ଅସୁସ୍ଥ ରୋଗୀ । କାହାକୁ ଉପବାସରେ ରଖୁଛନ୍ତି, କାହାକୁ ବାର୍ଲି ଦେଉଛନ୍ତି, କାହାକୁ ଦୁଧସାଗୁ, କାହାକୁ ଚୁଡ଼ାମୁଡ଼ି, କାହାକୁ ବା ଖିଚିଡ଼ି, ପାୟେସ, କାହାକୁ ବା ରାଜସିକ ଭୋଗ । ଠାକୁରଙ୍କ ପାଖରେ ଯେଉଁମାନେ ଆସିଛନ୍ତି ଦୀକ୍ଷିତ ସନ୍ତାନ— ତାଙ୍କ ଭିତରେ ବହୁତ ଲୋକଙ୍କୁ ଠାକୁର ବାଡ଼ିଘର କରିଦେଇଛନ୍ତି । ଖାଇବା ପିଇବାର ଯେପରି କୌଣସି ଅସୁବିଧା ନ ଆସେ ତାହାର ସବୁ ବ୍ୟବସ୍ଥା କରି ଦେଉଛନ୍ତି । ସନ୍ତାନମାନଙ୍କର ଶିକ୍ଷାଦୀକ୍ଷା, ବିବାହ ବ୍ରତ ଇତ୍ୟାଦି ସବୁ କିଛିର ବ୍ୟବସ୍ଥା କରିଛନ୍ତି, ଯେପରି କି ନିଜର ସନ୍ତାନକୁ କରିଯାଏ । ଆପଣ ଜାଣିଛନ୍ତି, ଟିକିଏ ଆଗରୁ ଯେଉଁକଥା କହୁଥିଲେ ସେ ବହୁତ ଲୋକ allowance ପାଉଛନ୍ତି, ଆପଣଙ୍କୁ କାହିଁକି ଦିଆଯିବ ନାହିଁ ?

Scanned by CamScanner

ତାହାହେଲେ ଦେଖନ୍ତୁ ଠାକୁର ପ୍ରତିଦିନ ଭିକ୍ଷାକରି, ଶ୍ରଦ୍ଧାଭରେ ଲୋକ ଯେତେବେଳେ ତାଙ୍କୁ ଯାହାକିଛି ଦିଅନ୍ତି ତାହାର ସବୁକିଛି ମଧ୍ୟ ବାଣ୍ଟି ଦେଉଛନ୍ତି ତାଙ୍କର କୃଷ୍ଟି ସନ୍ତାନମାନଙ୍କୁ, ଯାହାର ଯାହା ସାଧନା ପଥକୁ ଅକ୍ଷୁର୍ଣ୍ଣ ରଖି । ଆଜି ଆପଣ ଯେଉଁକଥା କହୁଛନ୍ତି ଯେ ଆପଣଙ୍କୁ ମଧ୍ୟ ଠାକୁର ଜନ୍ମଠାରୁ ଲାଳନପାଳନ, ପୋଷଣ ଓ ବର୍ଦ୍ଧନ କରି ଉଚ୍ଚଶିକ୍ଷାରେ ଶିକ୍ଷିତ କରିଛନ୍ତି । ଆପଣଙ୍କୁ ବା ଆପଣଙ୍କର ପିତାମାତାଙ୍କୁ ଶ୍ରୀଶ୍ରୀ ଠାକୁର ଆଜି ପର୍ଯ୍ୟନ୍ତ ଯାହାକିଛି ସାହାଯ୍ୟ କରିଛନ୍ତି ତାହା ନେଇ ଯଦି ଆଉ କେହି ଜଣେ ହିଂସା କରେ, ତାହା ସେ କରିପାରେ, କିନ୍ତୁ ତାହା ଆଧ୍ୟାତ୍ମିକ ପଥ ବା ସାଧନାର ପଥ ନୁହେଁ । ମନୁଷ୍ୟର ଲୋଭର ସୀମା ନାହିଁ । କିଛି ପାଇଲେ ହିଁ ଲୋଭର ବଶୀଭୂତ ହୋଇ କ'ଣ ପାଇଲି ନାହିଁ ତାହାର ବିଚାର କରନ୍ତି । ଆଉ ଏହି ଜୀବନରୁ ମୁକ୍ତି ପାଇବା ପାଇଁ ମନୁଷ୍ୟ ଆସେ ସାଧନା ପଥକୁ । ମନେ ରଖନ୍ତୁ – ଆଶ୍ରମରେ ବହୁ ଶିଷ୍ୟ ସନ୍ତାନ ରହିବା ଭିତରେ ଉଦ୍ଦାଳକଙ୍କର ଗୁରୁ ତାଙ୍କୁ ଉପବାସୀ ରଖି ଗୋରୁ ଚରାଇବା ପାଇଁ ଆଶ୍ରମ ବାହାରେ ରଖିଥିଲେ । ଦିନ ପରେ ଦିନ ଉପବାସୀ ଉଦ୍ଦାଳକ ସାଧନାରେ ସିଦ୍ଧିଲାଭ କରି ଦିନେ ମହାପୁରୁଷ ବୋଲି ଲୋକ ସମ୍ମୁଖେ ପ୍ରତିଷ୍ଠିତ ହେଲେ । ଆଉ ଆଶ୍ରମରେ ଭଲ ଖାଇପିଇ ରହିଥିବା ଶତଶତ ଶିଷ୍ୟ ସନ୍ତାନମାନଙ୍କୁ କେହି ଚିହ୍ନନ୍ତି ନାହିଁ । ସେମାନଙ୍କର ଖବର କେହି ଜାଣନ୍ତି ନାହିଁ । ସାଧନଭଜନ ଗୋଟିଏ ଜିନିଷ, ବୃତ୍ତି ପ୍ରବୃତ୍ତିକୁ ଇନ୍ଧନ ଯୋଗାଇବା ଆଉ ଗୋଟିଏ ଜିନିଷ ।'

ଶଙ୍କରଦା' ଚତୁର ଲୋକ । ହଠାତ୍ ପ୍ରସଙ୍ଗ ବଦଳାଇ ମୋତେ କହିଲେ— 'ସୁଶୀଲଦା, ଆପଣ କଣ ମନେ କରୁଛନ୍ତି ମୁଁ ମୋ ଅନ୍ତରରୁ ଏକଥା କହିଲି ? ତାହା ନୁହେଁ ଯେ ମୁଁ ପରୀକ୍ଷା କରି ଦେଖିଲି ଠାକୁରଙ୍କ ଉପରେ ଆପଣଙ୍କର ବିଶ୍ୱାସ କେତେ ପକ୍କା ହୋଇଛି । ଏହାରି ସାଥିରେ ମୁଁ ଆପଣଙ୍କର ଘରକଥା ଭୁଲି ପାରୁ ନାହିଁ । ଶ୍ରୀଶ୍ରୀ ଠାକୁର କିନ୍ତୁ ଇଚ୍ଛାକଲେ କିଛି ଟଙ୍କାପଇସା ଦେଇ ଆପଣଙ୍କର ବ୍ୟବସାୟ ତଥା ଘରଟିକୁ ରକ୍ଷା କରି ପାରି ଥାନ୍ତେ ।' ଅତ୍ୟନ୍ତ ଚୂଲଖ ଶଙ୍କରଦା । ସେ ଯେପରି ମୋର ସ୍ୱାର୍ଥରେ ସ୍ୱାର୍ଥବାନ, ଏହିପରି ଭାବ ଦେଖାଇ ମୂଳରେ ଚାହୁଁଛନ୍ତି ତାଙ୍କର ସ୍ୱାର୍ଥ ଉଦ୍ଧାର କରିବାପାଇଁ । ଅର୍ଥାତ୍ ଯେଉଁ କଥାଟି ନିଜେ ଶ୍ରୀଶ୍ରୀ ଠାକୁରଙ୍କୁ କହି ପାରୁ ନାହାନ୍ତି

Scanned by CamScanner

ଯେ ତାଙ୍କୁ କିଛି allowance ବା ଭତ୍ତା ଦିଆଯାଉ, ତାହା ମୋ ମାଧ୍ୟମରେ ଉପସ୍ଥାପିତ କରିବାକୁ ଚାହୁଁଛନ୍ତି ଶ୍ରୀଶ୍ରୀ ଠାକୁରଙ୍କ ଆଗରେ ।

ଏହିପରି କଥା ଚାଲିଛି । ଦୂରରୁ ଦେଖୁଛି ଜଣେ ଲୋକ ଦଉଡ଼ି ଆସୁଛନ୍ତି । ସେ ଲୋକ ନିକଟକୁ ଆସିଲେ । ଦେଖିଲି ଦେବୀଦା । ଦେବୀଦା ଆସି ମୋତେ ସେଠି ଦେଖି କହିଲେ— 'ସୁଶୀଲଦା, ଆପଣ ଏଇଠି ? ଜଲଦି ଯା'ନ୍ତୁ, ଠାକୁର ଆପଣଙ୍କୁ ଡାକୁଛନ୍ତି । ମୁଁ ବହୁତ ଜାଗାରେ ଖୋଜି ନ ପାଇବାରୁ ଶ୍ରୀଶ୍ରୀ ଠାକୁର ମୋତେ କହିଲେ— ଯା, ଦେଖ, ଦାରୁଆ କୂଳରେ ପମ୍ପ ହାଉସରେ ସୁଶୀଲ ଅଛି କି ? ତାଙ୍କର ଆଦେଶ ପାଇ ମୁଁ ଆସୁଛି । ଆପଣ ଜଲ୍‌ଦି ଯା'ନ୍ତୁ ।' ମୁଁ ଦେବୀଦା ସାଙ୍ଗରେ ତ୍ରସ୍ତ ପଦରେ ଚାଲି ଆସିଲି ଶଙ୍କରଦାଙ୍କୁ ସେଠି ରଖି, ଚାଲିଥିବା କଥାକୁ ଅସମାପ୍ତ ରଖି । ଶ୍ରୀଶ୍ରୀ ଠାକୁର ଜାମ୍‌ତଳ ଘରୁ ବାହାର ବାହାରେ ଖଟରେ ବସିଛନ୍ତି । ସୂର୍ଯ୍ୟ ପ୍ରାୟ ଅସ୍ତଗତ । ବେଶ୍ ଥଣ୍ଡା ପଡ଼ୁଛି । ମୁଁ ଫାଟକ ଦେଇ ଜାମ୍‌ତଳ ପ୍ରାଙ୍ଗଣରେ ପଶିବା ସାଙ୍ଗେ ସାଙ୍ଗେ ଠାକୁର ମୋତେ ଦେଖି କହି ଉଠିଲେ— "ଏ ସୁଶୀଲ, ଶୁଣ୍ ଶୁଣ୍ ।" ଏହି ପ୍ରକାର ସ୍ୱରରେ ମୋତେ ସମ୍ଭାଷଣ କରିବା ଏବଂ ପାଖକୁ ଡାକିବା ଜୀବନରେ ପ୍ରଥମ । ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶାସନ ସ୍ୱର । ଦ୍ରୁତ ପଦରେ ମୁଁ ଯାଇ ଉପସ୍ଥିତ ହେଲି ଠାକୁରଙ୍କ ସମ୍ମୁଖରେ । ଶ୍ରୀଶ୍ରୀ ଠାକୁର କହିଲେ— "କୁଆଡ଼େ ଯାଇଥିଲୁ ? ଚାରିଆଡ଼େ ଖୋଜି ତୋତେ ମିଳି ନାହିଁ ।" ମୁଁ କହିଲି— 'ଠାକୁର ! ମୁଁ ଶଙ୍କରଦା ସାଙ୍ଗରେ ଦାରୁଆ ନଈକୂଳ ପମ୍ପ ହାଉସରେ ବସି କଥା କହୁଥିଲି ।' ଶ୍ରୀଶ୍ରୀ ଠାକୁର ସାଙ୍ଗେ ସାଙ୍ଗେ କହି ଉଠିଲେ— "ଏସବୁ କଥା ଭଲ ନୁହେଁ । ମୁଁ କେଉଁଠି କାହାକୁ କଣ କରୁଛି ତାହାର ବିଚାର କେତେବେଳେ ହେଲେ କରିବାକୁ ଯିବୁ ନାହିଁ । ଆଉ ଯିଏ ଏ ସବୁ ନେଇ କଥାବାର୍ତ୍ତା କରେ ତତ୍‌କ୍ଷଣାତ୍ ସେ ସଙ୍ଗ ପରିହାର କରି ଚାଲିବୁ । ମୋର ଖୁସି କାହାକୁ ମୁଁ ଗାଡି ଦେବି, କାହାକୁ ବାଡ଼ି ଦେବି, କାହାକୁ ଉପବାସରେ ରଖିବି, କାହାକୁ ପ୍ରାସାଦରେ ରଖିବି, କାହାକୁ ବା ଶୀତ ଗ୍ରୀଷ୍ମ ମଧ୍ୟରେ ଗଛ ମୂଳରେ ରଖିବି । ଆଶ୍ରମରେ ମୁଁ ଟିଣ ଚାଲ ଲଗାଇଛି, ସେଥିରେ କାହାର କିଛି କହିବାର ନାହିଁ । ମୁଁ ତୋତେ ସାବଧାନ କରି ଦେଉଛି । ଦୁଷ୍ଟମାନଙ୍କ କଥାରେ ପଡ଼ି କେତେବେଳେ ହେଲେ ମୋର ବିଚାର କରିବାକୁ ଯିବୁ ନାହିଁ । ନିଜେ ଯାହା ନ ବୁଝିବୁ ଉନ୍ମୁକ୍ତ ହୃଦୟରେ ଆସି

Scanned by CamScanner

ତାହା ମୋତେ ପଚାରନ୍ତୁ ।" ଠାକୁର ପୁଣି କହିଲେ—"ମୁଁ ସାବଧାନ କରି ଦେଉଛି - ସାଧନା ଜୀବନରେ ଇଷ୍ଟ-ନିଷ୍ଠା ହିଁ ହେଉଛି ମୂଳଧନ । ସେହି ନିଷ୍ଠାକୁ ଭାଙ୍ଗିବାପାଇଁ ବହୁ ଲୋକ ବହୁ ବହୁ ବେଶରେ ଆସି ଦରଦୀ ସାଜି ଉପସ୍ଥିତ ହେବେ ତୁମ୍ଭ ସାମନାରେ । ଯେ ମୁହୂର୍ତ୍ତିରେ ଏହା ବୁଝିପାରିବୁ ତତ୍‌କ୍ଷଣାତ୍ ତାଙ୍କ ସଂଗ ପରିହାର କରି ସେ ସ୍ଥାନ ପରିତ୍ୟାଗ କରିବୁ ।" ମୋର ମୁହଁରୁ କଥା ବାହାରୁ ନାହିଁ । ଭିତରେ ଭିତରେ ମୋର ଦେହସାରା କମ୍ପିତ ହେଉଛି । ଲୋମକୂପ ଗୁଡ଼ିକ ଛିଡ଼ାହୋଇ ଉଠିଛି, ଠାକୁରଙ୍କର ଏହି ସାବଧାନ ବାଣୀ ଶୁଣି । କେତେ କରୁଣାମୟ ଠାକୁର ! ବହୁତ ଥର ତାଙ୍କ ପାଖରୁ ଶୁଣିଛି, ଠାକୁର କହୁଥିଲେ, ସେ ମୋର ସାଥେ ସାଥେ ଅଛନ୍ତି । ଏହି ମୁହୂର୍ତ୍ତରେ ପାଇଲି ତାର ଅକାଟ୍ୟ ପ୍ରମାଣ । କିପରି ଜାଣିଲେ ଠାକୁର ଯେ ଆମ୍ଭେ ଦୁହେଁ ନିଭୃତରେ ବସି ଆଲୋଚନା କରି ଚାଲିଛୁ ଇଷ୍ଟ ବିରୋଧୀ କଥା ? କେବଳ କଥା ନୁହେଁ, ଯେଉଁ ଯେଉଁ ପ୍ରସଙ୍ଗ ଆଲୋଚନା କରିଥିଲି ସେ ସବୁ କଥା ଗୋଟିଏ ଗୋଟିଏ କରି ଠାକୁରଙ୍କ ମୁହଁରୁ ବାହାରି ଆସିଲା । କେତେ ଦୟା ଠାକୁରଙ୍କର ମୋ ଉପରେ । ସାନ ଗଛକୁ ଯେପରି ଚାରିପଟେ ବାଡ଼ ଦେଇ ରଖନ୍ତି ଗୋରୁ ଛେଳି ଦାଉରୁ ବଞ୍ଚାଇ ରଖିବା ପାଇଁ, ମୋ ଚାରିଆଡ଼େ ମଧ୍ୟ ସେହିପରି ଶ୍ରୀଶ୍ରୀ ଠାକୁର ବାଡ଼ଦେଇ ରଖିଛନ୍ତି । କାହାରିକୁ ହାତ ଦେବାକୁ ଦେଉ ନାହାନ୍ତି ମୋର ମନ ତଥା ଚଳାଧାରା ଉପରେ । ସେ ହିଁ ଏକମାତ୍ର ବିରାଜ କରୁଛନ୍ତି ସେଠି । ଖୁବ୍ ଭଲ ଲାଗିଲା - ନୂଆ ଭାବର ଆସ୍ୱାଦନ କଲି । ଠାକୁର କାହା ପାଖରେ ନିଜର ଠାକୁରତ୍ୱ ଜାହିର କରିବାପାଇଁ କେବେହେଲେ ହେଲେ ଅଲୌକିକ କିଛି ଦେଖାନ୍ତି ନାହିଁ । କିନ୍ତୁ ମୋର ମଙ୍ଗଳ ପାଇଁ ଏହି ମୁହୂର୍ତ୍ତେ ମୋ ସାମନାରେ ପ୍ରମାଣ କଲେ— "ଯେଉଁଠି ଯାହା କିଛି କରନା କାହିଁକି ମୋ ଆଖି ବାହାରେ ଯାଇ ପାରିବ ନାହିଁ । ମୁଁ ସର୍ବଦା ସର୍ବାବସ୍ଥାରେ ତୁମ ସାଥିରେ ରହୁଛି ।" ଆମ୍ଭେ ଦୁଇଜଣ-ଶଙ୍କରଦା ଓ ମୁଁ ଠାକୁର ଘରୁ ବାହାରି ଯାଇଥିଲୁ ଏକା ସାଙ୍ଗରେ । ମୋତେ ଠାକୁର ଡାକିଆଣି ସାବଧାନ କରିଦେଲେ । ଶଙ୍କରଦା ଫେରି ଆସିଲେ, ମାତ୍ର ତାଙ୍କୁ କିଛି କହିଲେ ନାହିଁ । ଆମେ ସବୁ ରୋଗୀ । ସମସ୍ତଙ୍କ ପାଇଁ ଏକ ଔଷଧ ନୁହେଁ । ପରମ କାରୁଣିକ ଶ୍ରୀଶ୍ରୀ ଠାକୁର ଯାହାକୁ ଯାହା ଦେଲେ ଭଲ ହେବ ତାହା ହିଁ କରୁଛନ୍ତି ।

ଏହି ପ୍ରସଙ୍ଗରେ ମନେ ପଡ଼ିଗଲା ଶ୍ରୀଶ୍ରୀ ଠାକୁର ରାମକୃଷ୍ଣଙ୍କର କଥା । ଠାକୁର ରାମକୃଷ୍ଣଙ୍କୁ ଜଣେ ଧନୀ ମାରୱାଡ଼ି ବ୍ୟକ୍ତି ଘୋଡ଼ାଗାଡ଼ିରେ ନେଇ ଯାଉଛନ୍ତି । ରାସ୍ତାରେ ଜଣେ ଭିଖାରି ଖଣ୍ଡିଆ ଖାବରା ହୋଇଛି । ହାତଗୋଡ଼ ଖଣ୍ଡିଆ ହୋଇଛି, ଚାଲିପାରୁ ନାହିଁ । ରାସ୍ତା ପାଖରେ ବସି ଭିକ୍ଷା ମାଗୁଛି ପଥିକମାନଙ୍କ ନିକଟରୁ । ରାମକୃଷ୍ଣଙ୍କୁ ମାରୱାଡ଼ି ଭଦ୍ରଲୋକ କହିଲେ — ଠାକୁର ! ଭଗବାନଙ୍କର ଏ କି ଅବିଚାର ? ଯାହାକୁ ଦେଉଛନ୍ତି ଖୁବ୍ ଦେଉଛନ୍ତି । କିନ୍ତୁ ଏ ଲୋକଟିର କିଛି ନାହିଁ । ବଞ୍ଚିବାର କୌଣସି ପଥ ନାହିଁ । ତାହାର ଉପରେ ତାଙ୍କୁ ଗୋଡ଼ ଖଣ୍ଡିଆ କରି ରଖିଛନ୍ତି । ଭଗବାନଙ୍କର ଏ କି ବିଚାର ? ବୁଝିପାରୁ ନାହିଁ । ଏକଥା ଶୁଣି ଶ୍ରୀଶ୍ରୀ ଠାକୁର ରାମକୃଷ୍ଣ କହି ଉଠିଲେ—'ଶଳା, ତୋର କରେ ? ଶଳା, ସେଥିରେ ତୋର କଣ ଯାଏ ଆସେ । ଭଗବାନ କାହାକୁ କ'ଣ କରୁଛନ୍ତି ତୁ ତାହାର ବିଚାର କରିବାକୁ କିଏ ? ତୁ ଗାଡ଼ିଚଢ଼ି ଯାଉଛୁ, ମୁହଁରେ ବଡ଼ ବଡ଼ ବହୁତ ଦୟା କଥା କହୁଛୁ । କାହିଁ ଏହାଙ୍କ ପାଇଁ ତ କିଛି କରିଲୁ ନାହିଁ । କିଏ ପ୍ରତିଦିନ ଏହାଙ୍କୁ ଖୁଆଇ ବଞ୍ଚାଇ ରଖିଛନ୍ତି ? ଖାଲି ବଞ୍ଚାଇବା ନୁହେଁ, ଜୀବନର ଯାହା ଯାହା ପ୍ରୟୋଜନ ସବୁକିଛି ଆଣି ଦେଉଛନ୍ତି । ମାରୱାଡ଼ି ଧନୀଟି ଲଜ୍ଜିତ ହୋଇ ପଡ଼ିଲେ । ମୋର ସେହି କଥା ମନେ ପଡ଼ିଗଲା । ସ୍ୱୟଂ ଭଗବାନ ଯାହାର ଯାହା ପ୍ରୟୋଜନ କର୍ମଫଳ ଅନୁଯାୟୀ ତାହାକୁ ତାହା ଦେଉଛନ୍ତି । ଆଉ ସେହି ଦେବା ଭିତରେ ନାହିଁ କୌଣସି କୃପଣତା, ନାହିଁ କୌଣସି ତାରତମ୍ୟ । ସମସ୍ତେ ପାଉଛନ୍ତି ତାଙ୍କ ପାଖରୁ ଯାହାର ଯାହା ପାଇବାର ତାର ସମ୍ପତ୍ତି । ପୁଣି ସେଇ କଥା ମନେ ପଡୁଛି—ଆମେ ଯେ ଯେତିକ ଯେଉଁ କର୍ମ କରୁଛୁ, ତଦନୁଯାୟୀ ସେ ସବୁ ବସ୍ତୁ ପାଇବାର ଅଧିକାରୀ ହୋଇ ଉଠୁଛୁ । ଆଜି ଶ୍ରୀଶ୍ରୀ ଠାକୁରଙ୍କର ମୁହଁରେ ଶୁଣିଲି ସେହି କଥା—"ମୁଁ ଯାହାକୁ ଯାହା କରିବି ସେଥିରେ ମଥା ଖେଲାଓ ନାହିଁ । ତଦ୍ୱାରା ଭଲ ହେବ ନାହିଁ, କ୍ଷତି ହେବ ନିଜର । ପରମପିତା ଯେତେବେଳେ ଯାହାକୁ ଯାହା ଦେବା ଉଚିତ ତାହା ଦେବେ, ଯାହା ନ ଦେଲେ ଭଲ ହେବ ତାହା ଦେବେ ନାହିଁ । ସାବଧାନ ରୁହ । ଇଷ୍ଟ-ନିଷ୍ଠା ପତଳା ହୋଇଯାଏ —ଏପରି କୌଣସି କର୍ମ କର ନାହିଁ, ଏପରି କୌଣସି ଲୋକର ସଂସ୍ପର୍ଶରେ ଯାଅ ନାହିଁ ।"

Scanned by CamScanner

।। ତେର ।।

୧୯୫୭ ମସିହା, ପହିଲା ଜାନୁୟାରୀ, ସକାଳ ୭ଟା । ନିଦରୁ ଉଠି ପଞ୍ଚାନନ ଧା'ଙ୍କର ଗୁମୁଟି ଘରୁ ବାହାରି ଷୋଡ଼ଶୀ ଭବନରେ Spencer ଦା'ଙ୍କ ପାଖକୁ ଯାଇ ପ୍ରାତଃ କୃତ୍ୟାଦି ସମାପନ କରି ଇଷ୍ଟଭୃତି କରି Spencer ଦା' ଓ ମେଣ୍ଟୁ ଦା'ଙ୍କ ସହକାରେ ଚାହା toast ଖାଇ ଆମେ ବାହାରିଲୁ ବଗିଲବାଂଲ ଉଦ୍ଦେଶ୍ୟରେ, ଯେଉଁଠି ଶ୍ରୀଶ୍ରୀ ଠାକୁର ଅଛନ୍ତି । ଆଜି ଇଂରାଜୀ ନବ ବର୍ଷ । ଶ୍ରୀଶ୍ରୀ ଠାକୁର ଆଜି ଆଶୀର୍ବାଣୀ ଦେବେ । ଛୁଟି ଚାଲିଛି । ରାସ୍ତାରୁ ସମବେତ କଣ୍ଠରେ ସମସ୍ତଙ୍କର ବିନତୀ ଶୁଣିବାକୁ ପାଇଲି ।

"କରୁଁ ବନ୍ଦଗୀ ରାଧାସ୍ୱାମୀ ଆଗେ
ଜିନ୍ ପରତାପ ଜୀଓ ବହୁ ଜାଗେ
ବାରମ୍ବାର କରୁଁ ପରଣାମ୍
ସଦ୍‌ଗୁରୁ ପଦମ ଧାମ ସତ୍‌ନାମ ।"

ଶୁଣିବା ମାତ୍ରେ ଛୁଟି ଚାଲିଛୁ ତିନିଜଣ । ଏହି ବିନତୀ ପ୍ରାର୍ଥନା ପରେ ହିଁ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଆଶୀର୍ବାଦ କରିବେ ସମସ୍ତଙ୍କୁ । ତାଙ୍କର ଅଭୟଦାୟୀ ଆଶୀର୍ବଚନ ଓ ସ୍ନିଗ୍ଧ ଦୃଷ୍ଟି ଦ୍ୱାରା ନିଜକୁ ସ୍ନାତ କରିବାକୁ ତାଙ୍କ ଦୃଷ୍ଟି ସମ୍ମୁଖକୁ ଯିବାପାଇଁ ଆତୁର ବେଗରେ ଦୌଡ଼ିଯାଇ ଜାମତଲା ପ୍ରାଙ୍ଗଣରେ ଯେଉଁଠି ଖଟ ଉପରେ ମୋର ମନର ମଣିଷ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ବସି ରହିଛନ୍ତି, ତାଙ୍କୁ ପରିବେଷ୍ଟିତ କରି ଶତ ଶତ କଣ୍ଠରେ ବିନତୀ ପ୍ରାର୍ଥନା ଚାଲିଛି, ସେମାନଙ୍କ ମଧ୍ୟରେ ବସି ସମସ୍ତଙ୍କ ସହିତ ସ୍ୱର ମିଳାଇ ଆରମ୍ଭ କଲି ତାଙ୍କର ଚରଣରେ ବିନତୀ ପ୍ରାର୍ଥନା ।

Scanned by CamScanner

"ହ୍ରାଂ ହ୍ରୀଷ୍ଟଂ ହୃଦୟୋତ୍ସବ ଶ୍ରୀବିଗ୍ରହମ୍
ବୈଶିଷ୍ଟ୍ୟପୂରକଂ ସମଷ୍ଟ୍ୟୁଦ୍ଧାରକଂ ଏକାଶ୍ରୟଣମ୍ !
ସୃଜନୋତ୍ସଂ ତ୍ୱାମୀଶ୍ୱରଂ ପ୍ରକଟ ପରାୟଣମ୍
ନିଖିଳ ଜଗଜ୍ଜୀବଜୀବନ ବୀଚତ୍ସନ୍ଦିତମ୍
ବ୍ୟକ୍ତାବ୍ୟକ୍ତସ୍ୱରୂପକଂ ପରମ ଦୈବତଂ ନରଂ ନାରାୟଣମ୍ !"

ବିନତୀ ପ୍ରାର୍ଥନା ପରେ ଶ୍ରୀଶ୍ରୀ ଠାକୁରଙ୍କର ଆଶୀର୍ବାଣୀ କେଷ୍ଟଦା ପାଠ କଲେ । ଧନ୍ୟ ହେଲି ମୁଁ, ଧନ୍ୟ ହେଲା ଜଗତ । ଶ୍ରୀଶ୍ରୀ ଠାକୁରଙ୍କର ସୌମ୍ୟ-ମୂର୍ତ୍ତି ସମ୍ମୁଖରେ ଯାଇ ପ୍ରଣାମ କଲି । ସ୍ମିତ ହସି ସେ ଅନାଇଲେ । ପାଇଲି ତାହା ମଧ୍ୟରେ ପ୍ରାଣର ସ୍ପନ୍ଦନ । ଆନନ୍ଦରେ ନାଚି ଉଠିଲା ସମସ୍ତ ଇନ୍ଦ୍ରିୟ । ଇଚ୍ଛା ହେଲା କୁଣ୍ଢାଇ ଧରେ ଏହି ଜଗତ୍ପତିଙ୍କୁ । ସେଠାରୁ ବାହାରି ଆସି Ray Houserman ଘରେ ବସିଲି । କେଷ୍ଟଦା, ହାଉଜାରମାନ୍‌ଦା ଓ ମୁଁ ଆଲୋଚନାରେ ବ୍ୟସ୍ତ ହୋଇ ରହିଲୁ ସେହି ଲୋକଟିକୁ ନେଇ, ଯାହାଙ୍କୁ ନେଇ ଗବେଷଣା ହେଉଛି ଯୁଗଯୁଗାନ୍ତର ଧରି; ଜଗତରେ ଯେତେ ଚିନ୍ତାଶୀଳ ବ୍ୟକ୍ତିଗଣ ମୁନିଋଷି, ଦାର୍ଶନିକ ବୈଜ୍ଞାନିକ ଯାହାର ତତ୍ତ୍ୱ ଉଦ୍‌ଘାଟନରେ ବ୍ୟସ୍ତ ; ଆମ୍ଭପରି ଆମେ ମଧ୍ୟ ତାଙ୍କୁ ନେଇ ବୁଝିବାର ଚେଷ୍ଟାରେ ବ୍ୟାପୃତ ରହିଲୁ । ୧୧ ଟାରେ ଠାକୁର ଭୋଗସାରି ଉଠିଲେ । ତାଙ୍କ ନିକଟକୁ ଯିବା ମାତ୍ରେ ସେ ମୃଦୁ ହସି କହିଲେ, 'ଆସନ ବିଛାଇ ବସ୍ ।' ସେତେବେଳେ ସେଠାରେ ନାରୀ ମହଲ । ଠାକୁରଙ୍କର ବିଶ୍ରାମ ନେବାର ସମୟ । ସବୁ ମା'-ମାନେ ଆସି ଉପସ୍ଥିତ ହୁଅନ୍ତି । ସେମାନଙ୍କର ମନର କଥା ବା ପ୍ରଶ୍ନ ସେହି ସମୟରେ ସେମାନେ ଠାକୁରଙ୍କ ନିକଟରେ ବ୍ୟକ୍ତ କରନ୍ତି । ଠାକୁର ମଧ୍ୟ ସେହି ସମୟ ଟିକକ ସେମାନଙ୍କ ପାଇଁ ଅଲଗା କରି ରଖନ୍ତି । ଅନ୍ୟ ସମୟରେ ଏତେ ମଣିଷ ତାଙ୍କୁ ପରିବେଷ୍ଟନ କରିଥାଆନ୍ତି ଯେ ମା'ମାନଙ୍କର କଥା କହିବାର ସୁଯୋଗ ହୁଏ ନାହିଁ । ମୋ ବ୍ୟତୀତ ଆହୁରି ଜଣେ ଦୁଇଜଣ ପୁରୁଷ ପ୍ରାୟ ପ୍ରତ୍ୟହ ଏପରି ସମୟରେ ସେଠାରେ ଥାଆନ୍ତି । ଆଜି ମଧ୍ୟ ତାହା ହେଲା । ନିଖିଳଦା, କେଷ୍ଟଦା, କାର୍ତ୍ତିକ, ସାଧନା ଭାଇ, ପ୍ୟାରୀଦା (ଡାକ୍ତର) ଇତ୍ୟାଦି ଉପସ୍ଥିତ ଥାଆନ୍ତି । ଠାକୁର ମଧ୍ୟ ଏହି ସମୟରେ ଅନେକ ହାଲୁକା ରସର ଅବତାରଣା କରନ୍ତି ଏବଂ ତାହାରି ମଧ୍ୟ ଦେଇ କିପରି ମଣିଷକୁ ସଂଗଠନ କରି ହୁଏ, ଚରିତ୍ରକୁ ସୁଗଠିତ କରି ହୁଏ, ମୁହଁରେ ମୁହଁରେ କେତେବେଳେ

Scanned by CamScanner

ଇଙ୍ଗିତରେ କହି ବୁଝାଇ ଦିଅନ୍ତି ମୋତେ । ଗୋଟିଏ କଥାରେ ଜୀବନର ପ୍ରତିଟି ମୁହୂର୍ତ୍ତ ଯେ ଲୋକ କଲ୍ୟାଣରେ ନିୟୋଜିତ କରାଯାଏ, ଆଉ ତାହା ଭିତରୁ ହୁଏ ଇଷ୍ଟଙ୍କ ପ୍ରତି ଟାଣ, ଈଶ୍ୱର ଅନୁଭୂତି— ସୁନ୍ଦର ଭାବରେ ସେ ବୁଝାଇ ଦିଅନ୍ତି, କେତେବେଳେ ବା ହସି, କେତେବେଳେ ବା ଅଭିନୟ କରି, କେତେବେଳେ ବା ଇଙ୍ଗିତରେ ଆଉ କେତେବେଳେ ବା ବାକ୍ ବିନ୍ୟାସରେ । ଏହିପରି ଅବସ୍ଥାରେ ସେ ଶୋଇପଡ଼ନ୍ତି । ତାହା ଭିତରେ ମଧ୍ୟ ମଝିରେ ମଝିରେ ଅନାଇ ଦେଖନ୍ତି ଯେଉଁଠି ମୁଁ ବସିଥିଲି ସେଠାରେ ଅଛି କି ନାହିଁ । ଉଠି ଆସିବାକୁ ଇଚ୍ଛା ହୁଏ ନାହିଁ । ଯେତେବେଳେ ଦେଖିଲି ଗଭୀର ନିଦ୍ରାରେ ମଗ୍ନ, ସେତେବେଳେ ଧୀରେ ଚାଲିଆସିବା ପାଇଁ ପଦ ଅଗ୍ରସର କରିଛି ସେ ଗଭୀର ନିଦ୍ରାର ସମସ୍ତ ଲକ୍ଷଣ ସହିତ ଅନାଇଲେ ଓ ମୁହୂର୍ତ୍ତେ ସେହି ଦୃଷ୍ଟି ଦ୍ୱାରା ମୋତେ ଉଠି ଆସିବା ପାଇଁ ସମ୍ମତି ଦେଲେ । ମନରେ ଶିହରଣ ଜାଗି ଉଠିଲା । ସେଠାରେ ଥିବା ପ୍ରାୟ ଆଠ ଦଶ ଜଣ ଜାଣିଲେ ସେ ନିଦ୍ରିତ । କେବଳ ମୋତେ ସେ ଜଣାଇଲେ ମୁଁ କେତେବେଳେ ହେଲେ ନିଦ୍ରାଯାଏ ନାହିଁ । ଅର୍ଥାତ୍ ସେ ଅତନ୍ଦ୍ର । ସେହି ନିଦ୍ରା ମଧ୍ୟରେ ଯେଉଁଠିକାର ଯାହା କରଣୀୟ ତାହା ସେ କରନ୍ତି । ଚାଲି ଆସି ଆନନ୍ଦ ବଜାରରେ ଆହାରାଦି ସାରି ବିଶ୍ରାମ ନେଲି । ଚାରିଟାବେଳେ ଉଠି ଜାମତଳରେ ଶ୍ରୀଶ୍ରୀ ଠାକୁରଙ୍କ ସମୀପରେ ଯାଇ ପ୍ରଣାମ ସାରି ଦେଖିଲି ବହୁଲୋକ ପରିବେଷ୍ଟିତ ସେ । ସେଠାରେ ହିଁ ମାଟିରେ ବସି ତାଙ୍କ ସଂଗ ସୁଖ ଅନୁଭବ କରି ବହୁ ଭିତରେ ତାଙ୍କୁ ରଖି ଉଠି ଆସିଲି । କିପରି ଯେମିତି ଲାଗେ ଠାକୁରଙ୍କୁ ବହୁ ମଧ୍ୟରେ ଦେଖି । ଏହି ଯେ ସମସ୍ତଙ୍କର ସେ, ସମସ୍ତଙ୍କର ଠାକୁର, ତାଙ୍କୁ ପାଇବାକୁ ଇଚ୍ଛା ହୁଏ ଏକାନ୍ତ କରି ମୋର ଠାକୁର ରୂପରେ । ଏହା କଣ ମୋର ହିଂସା ? ନା ତାହା ତ ନୁହେଁ । କାରଣ, ଯେତେବେଳେ ବହୁଲୋକ ପରିବେଷ୍ଟିତ ହୋଇ ସେ ଥାଆନ୍ତି ସେତେବେଳେ ଆନନ୍ଦରେ, ଗର୍ବରେ ଛାତି ଫୁଲି ଉଠେ ଏହି ଏକାନ୍ତ ମୋର ମନର ମଣିଷଟିକୁ ନେଇ, ଯାହାକୁ ନେଇ ମୁଁ ରଚନା କରେ ମୋର ସ୍ୱର୍ଗ, ଯିଏ ହୁଏ ମୋର ସୁଖର ସାଥୀ, ଦୁଃଖର ସାଥୀ, ଯିଏ ମୋର ସାରଥୀ, ମୋର ଗୁରୁ । ତାଙ୍କୁ ସମସ୍ତେ ମାନି ନେଉଛନ୍ତି, ସମସ୍ତଙ୍କର ଅନ୍ତରର ଅନ୍ତରତମ କରି ନେଉଛନ୍ତି । କେଉଁଠି ରଖିବି ମୁଁ ଏହି ଆନନ୍ଦ ? କିନ୍ତୁ ପୁଣି ସେହି ବ୍ୟଥା— ଏକାନ୍ତ କରି ପାଇବାକୁ ଇଚ୍ଛା କରେ । କେବଳ ମୁଁ ଆଉ ସେ । ଗୁରୁ ଆଉ ଶିଷ୍ୟ, ରଥୀ ଆଉ ସାରଥୀ । ଧୀରେ ଚାଲି ଆସେ ସମସ୍ତଙ୍କ ମଧ୍ୟରେ ରଖି ମୋର ପ୍ରିୟତମଙ୍କୁ । ସେମାନେ ମଧ୍ୟ ଭୋଗ କରନ୍ତୁ, ଦେଖନ୍ତୁ

Scanned by CamScanner

କେତେ ସୁନ୍ଦର, କେତେ ଆନନ୍ଦର ସେ । ବିଭିନ୍ନ ଲୋକ ସହିତ କଥା କହେ । ସମସ୍ତେ ମୋର ଗୁରୁଭାଇ; ଏହି ମୋର ଗୁରୁଙ୍କର ଶିଷ୍ୟ । ଯେତେବେଳେ ତାଙ୍କର ଗୁଣଗାନ କରି ଆନନ୍ଦରେ ନାଚି ଉଠି ମନ ମାତିଯାଏ ସେମାନଙ୍କ ସହିତ ଏହି ପ୍ରିୟ ପରମଙ୍କ କଥା ପ୍ରସଙ୍ଗେ । କିଛିକ୍ଷଣ ପରେ ପୁଣି ମନେପଡ଼େ ତାଙ୍କର ସଙ୍ଗ ସୁଖ କଥା । ସବୁ ପକାଇ ଛୁଟିଯାଏ ଯଦି ବର୍ତ୍ତମାନ ଭିଡ଼ କମି ଯାଇଥାଏ, ଯଦି ପାଏ ଏକାନ୍ତ ନିଭୃତରେ, ତାଙ୍କର ସଦାସଞ୍ଚରଣଶୀଳ ଦୃଷ୍ଟିକୁ ଯଦି ନିବଦ୍ଧ କରିପାରେ କେବଳ ମୋ ଉପରେ । ସମସ୍ତ ପୃଥିବୀର ସେ, ତାଙ୍କୁ ଯଦି ମୋ ମଧ୍ୟରେ ମୋ ମନ ମୁତାବକ କରି ଆବଦ୍ଧ କରିପାରେ । ଯାଇ ଦେଖେ—ନା, ବହୁଲୋକ । ରାତି ସେତେବେଳେ ୭ଟା । ଯାଇ ଛିଡ଼ା ହେବା ମାତ୍ରେ ସେ ନିଃଶବ୍ଦରେ ମୋ ଆଡ଼କୁ ଚାହିଁ ପ୍ରାଣଖୋଲା ହସ ହସି ଉଠିଲେ । ସମସ୍ତ ଶରୀର ତାଙ୍କର ଆନ୍ଦୋଳିତ ହେବାକୁ ଲାଗିଲା । ଏଇ ହସ କହିଦେଲା, 'ବୁଝେ ତୁମର ମନର ବ୍ୟଥା । ସମସ୍ତଙ୍କ ଭିତରେ ମଧ୍ୟ ହଜି ଯାଇ ନାହିଁ, ମୁଁ ତୁମର ହୋଇ ଏଠାରେ ଅଛି । ତୁଷ୍ଟ ! 'କ୍ଷଣ-କାଲ-ସମୟ ଆସିବ ଯବେ ମିଳିବ ଦୋହେ ।' (କ୍ଷଣ-କାଳ-ସମୟ ଆସିବ ଯେବେ ମିଳିବୁ ଦୁହେଁ) ପୋଛିଗଲା ମନର ସମସ୍ତ ଦୁଃଖ ଏହି ହସରେ । ମୁଁ ମଧ୍ୟ ହସି ଉଠିଲି ସମସ୍ତଙ୍କ ମଝିରେ ମୋର ପ୍ରିୟଙ୍କୁ ଦେଖି । ହସି ହସି ପୁଣି ବାହାରି ଆସିଲି । ଏହିପରି ଦୁଇତିନିଥର ଯିବା ଆସିବା ପରେ ରାତି ୮ଟା ୫୫ ମିନିଟ ସମୟରେ ଯାଇ ଦେଖେ ସେ ଜାମତଳ ଘର ଖଟ ଉପରେ ବସିଛନ୍ତି ଏକାକୀ । ପଶିଗଲି । ସେ କହିଲେ, "କେଉଁଠି ଥିଲୁ ? ଆ ! ବସ୍ !" ବସିବା ମାତ୍ରେ ନଜର ପଡ଼ିଲା ଘରର ଅନ୍ୟ କୋଣରେ ଆଉ ଜଣେ ଭାଇ ବସିଛନ୍ତି । କିଛି ଗୋଟିଏ ଭାବିବାକୁ ଯିବି, ସେହି ମୁହୂର୍ତ୍ତରେ ଶ୍ରୀଶ୍ରୀ ଠାକୁର ସେଇ ଭାଇଟିକୁ କହି ଉଠିଲେ, "ପ୍ୟାରୀକୁ ଡାକି ନେଇ ଆ ତ ।" ସେ ଚାଲିଗଲେ । ଏଥର ମୁଁ ହସି ଉଠିଲି । ଠାକୁରଙ୍କର ମଧ୍ୟ ସେ କି ହସ ! ଯେପରି ବିଶ୍ୱର ସମସ୍ତ ସୌନ୍ଦର୍ଯ୍ୟ ଏହି ଏକମାତ୍ର ସ୍ଥାନରେ । କଥା କିଛି ନାହିଁ, ଖାଲି ବସିଅଛୁ । "ଦୁଜଣେ ମୁଖା ମୁଖି, ଗଭୀର ସୁଖେ ସୁଖୀ ।" ଅନିର୍ବଚନୀୟ ସୁଖ ଅନୁଭବ କରୁଛୁ । ଖାଲି ଆନନ୍ଦ ଆଉ ଆନନ୍ଦ । କହିଲି, "ଠାକୁର ! ମୋତେ ତ ଋତ୍ୱିକ କଲେ । କହି ଦିଅନ୍ତୁ କିପରି ଦୀକ୍ଷା ଦେବି ? ଆଉ ଯେଉଁମାନଙ୍କୁ ଦୀକ୍ଷା ଦେବି ସେମାନଙ୍କର ମଙ୍ଗଳ ବା କିପରି କରିବି ?" ସେ କହିଲେ, "ତାହା ମୁଁ ଦେଖାଇ ଦେବି, କିପରି ଦୀକ୍ଷା ଦେବାକୁ ହୁଏ । ଆଉ ଯେଉଁମାନଙ୍କୁ ଦୀକ୍ଷା ଦେବ, ତୁମର ସେହି ଯଜମାନ, ସେମାନଙ୍କର କଣ

Scanned by CamScanner

କଲେ ମଙ୍ଗଳ ହୁଏ ତାହା ତ ତୁମେ ଜାଣ ହିଁ । ଯେପରି ତୁମର ମା, ସ୍ତ୍ରୀ, କନ୍ୟା ଏମାନଙ୍କର କପରି ମଙ୍ଗଳ ହୁଏ ତାହା ତୁମେ ନିଜ ଠାରୁ ହିଁ ବୁଝ, ସେହିପରି ତୁମର ଯଜମାନ, ସେ ମଧ୍ୟ ତୁମର ଲୋକ । ଯେପରି ତୁମର ଘର ପାଇଁ କର, ସେହିପରି ସେମାନଙ୍କ ପାଇଁ କର । ମନେରଖ— ଗୋଟିଏ ଯଜମାନ ଯେପରି ଦରିଦ୍ର ନ ଥାଏ । ଦରିଦ୍ର କହିବାକୁ ଗଲେ କେବଳ ଟଙ୍କାରେ ନୁହେଁ; ଅର୍ଥ, ଚରିତ୍ର, ସ୍ୱଭାବ, ଆଭିଜାତ୍ୟବୋଧ, ବଂଶର ଗୌରବ, ଜାତିର ଗୌରବ, ଦେଶର ଗୌରବ ଏବଂ ସର୍ବୋପରି ଇଷ୍ଟ ଗୌରବରେ ଯେପରି ଗୌରବାନ୍ୱିତ ହୋଇ ଉଠେ । ଏହା ଭିତରୁ ଯେ କୌଣସି ଗୋଟିଏ ନ ଥିବା ମାନେ ସେ ଦିଗରେ ଦାରିଦ୍ର୍ୟ । ତେଣୁ ସେମାନଙ୍କର କୌଣସି ଦିଗରେ ଯେପରି ଦାରିଦ୍ର୍ୟ ନ ଥାଏ ତାହା କରିବ ଓ ଦେବ, ନିଜର ଅସ୍ତିତ୍ୱ ବଜାଇ ରଖି । ଆଉ ସେମାନେ ଯେତେବେଳେ ସର୍ବଦିଗରେ ସମୃଦ୍ଧ ହେଲେ, ତୁମର କୌଣସି ଚିନ୍ତା ରହିବ ନାହିଁ ।" ଏହି କଥା ହେଉ ହେଉ ପ୍ୟାରୀଦାଙ୍କୁ ନେଇ ଖଇଟି ଆସିଲେ । ଠାକୁର କୌଣସି ଗୋଟିଏ ଔଷଧ କଥା କହିଲେ ଏବଂ ତାହା କେଉଁ ବହିରେ ଅଛି ତାହା ଦେଖିବାକୁ କହିଲେ । ଇତି ମଧ୍ୟେ ଆହୁରି ଜଣେ ଦୁଇଜଣ ଭକ୍ତ ଆସି ଝରକା ପାଖରେ ଛିଡ଼ାହେଲେ । ମୁଁ ରାତି ୧୦ଟା ପର୍ଯ୍ୟନ୍ତ ସେଠାରେ ଥିଲି । କେତେ କଥାର ଅବତାରଣା କଲେ ସେ । ୧୦ଟାରେ ସେ ପାଇଖାନା ଗଲେ । ଆସି ଭୋଗରେ ବସିଲେ । ଖୁବ୍ ଶୀତ । ବାହାରେ ଆସି ହାଉଜାରମ୍ୟାନ୍ ଦା' ଘରେ ବସିଲି । ୧୧ଟାରେ ପୁଣି ଯାଇ ବସିଲି ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ । ସେ ଭୋଗସାରି ଉଠିଛନ୍ତି । ହୁକାନଳ ଟାଣୁଛନ୍ତି । ଯାଇ ଛିଡ଼ା ହୋଇ ରହିଲି । ତମାଖୁ ଖିଆ ଶେଷ କରି ସେ ମିଣ୍ଟୁଦାକୁ କହିଲେ, "ରମଣର ମା କେଉଁଠାରେ ?" କହୁ କହୁ ରମଣର ମା' ଆସି ହାଜର । ଠାକୁର ହସି ଉଠିଲେ । କହିଲେ, "ଆସିଛୁ ? ଭାବିଲି ପ୍ରାୟ ଶୀତରେ ଆସିବୁ ନାହିଁ । ଖାଇଲୁ କଣ ରମଣର ମା ?" ରମଣର ମା' ନାନା ବର୍ଣ୍ଣନା କରିବାକୁ ଲାଗିଲା । "ବଡ଼ ପାନ୍ତୁଆ ଆଠଟା ଆଣିଥିଲା ହଲପଦ ବାବା । ତାହା ସବୁ ଖାଇ ପାରିଲି ନାହିଁ । ୭ଟା ଖାଇଛି, ୧ଟା ଅଛି, କାଲି ସକାଳେ ଖାଇବି ।" ଠାକୁର ପଚାରିଲେ, "ଶୋଇବୁ ନା କଣ ?" ମାଉସୀ ମା ସଙ୍ଗେ ସଙ୍ଗେ କହି ଉଠିଲେ, "ହଁ ହଁ ଶୋଇପଡ଼, ଶୋଇପଡ଼ ।" ଠାକୁର ଶୋଇ ପଡ଼ିଲେ । ମୋତେ କହିଲେ, "ସୁଶୀଲ ! ଆସନ ନେଇ ସାମନାରେ ଆସି ବସ୍ ।" ମୁଁ ତାହା କଲି । ସେ ଶୋଇ ଶୋଇ ମୋ ଆଡ଼କୁ ଅନାଇ ରହିଲେ । ରାତ୍ରି ପ୍ରାୟ ୧ଟା ।

Scanned by CamScanner

ଯେତେବେଳେ ମନେହେଲା ଠାକୁର ପ୍ରାୟ ଶୋଇପଡ଼ିଛନ୍ତି, ସେତେବେଳେ ଉଠି ଚାଲି ଆସିଲି । ମୁଁ ପଞ୍ଚାନନଦା ଘରକୁ ଆସି ଶୋଇ ଶୋଇ ନାମ କରୁଛି, ଆଉ ଭାବୁଛି କେତେ ସୌଭାଗ୍ୟ ମୋର ସ୍ୱୟଂ ଭଗବାନଙ୍କ ସଙ୍ଗ କରୁଛି ।

ତହିଁ ପରଦିନ । ଜାନୁୟାରୀ ଦୁଇ ତାରିଖ । ଭୋର ୬ଟାରେ ନିଦରୁ ଉଠି ପ୍ରାତଃ କୃତ୍ୟାଦି ଶେଷ କରି ଠାକୁରଙ୍କ ସମୀପରେ ଉପସ୍ଥିତ ହେଲି । ଆଜି କର୍ମୀମାନଙ୍କର ଠାକୁରଙ୍କ ସମୀପରେ କାର୍ଯ୍ୟ ସମ୍ବନ୍ଧରେ ଆଳାପ ଆଲୋଚନା । ଶ୍ରୀଶ୍ରୀ ଠାକୁର ବାହାରେ ଖଟରେ ବସିଛନ୍ତି, ଛୋଟ ଖଟରେ ଦକ୍ଷିଣାସ୍ୟ ହୋଇ । ଆମେ ଯାଇ ବସିଲୁ । ସେତେବେଳକୁ ବହୁତ ଆସି ନାହାନ୍ତି । ଧୀରେ ଧୀରେ ବେଳ ଆଠଟା ବାଜିଗଲା । କେଷ୍ଟଦା ଠାକୁରଙ୍କୁ କହିଲେ, "କର୍ମୀ ସମ୍ମିଳନୀ ଉପରଓଳି ହେଲେ ଭଲ ହୁଏ । ବର୍ତ୍ତମାନ ସୁଦ୍ଧା ସମସ୍ତେ ଆସି ନାହାନ୍ତି । ହୁଏତ ଡେରି ହେବ ।" ଠାକୁର ମୁଣ୍ଡ ହଲାଇ କହିଲେ, "ଆଚ୍ଛା ।" ସମବେତ ସମସ୍ତଙ୍କୁ ଠାକୁର ଛୋଟ ଛୋଟ କଥା ମଧ୍ୟରେ ବହୁ ବ୍ୟାପାରର ମୀମାଂସା କରିବାକୁ ଲାଗିଲେ । କଲିକତାରୁ ଗୋଟିଏ ସାପ୍ତାହିକ ବାହାର କରିବା ପାଇଁ ଗତକାଲି ଜଣେ ଭାଇ କହିଥିଲେ । ଠାକୁର ସୁଧାଂଶୁଦାଙ୍କୁ ଡାକି କହିଲେ "ମନ ଗୋଟିଏ କାଗଜ ବାହାର କରିବ । ତୁମେ ଟିକିଏ ସାହାଯ୍ୟ କଲେ ହୋଇପାରେ । ଆମମାନଙ୍କ ମଧ୍ୟରୁ ତ ଲେଖକ ବହୁତ ଅଛନ୍ତି । ଟିକିଏ ଚେଷ୍ଟାକଲେ ଦୈନିକ ମଧ୍ୟ ହୋଇପାରେ ।" କାଗଜର ସାଇଜ ଓ କେତେ ପୃଷ୍ଠା ହେବ ସେ କହିଦେଲେ । କାଗଜର ନାମ କହିଲେ, "ଉଦ୍‌ଗାତା" । 'ଚାରଣ' ନାମଟି ମଧ୍ୟ ଚାଲିପାରେ ବୋଲି ଠାକୁର ମତ ବ୍ୟକ୍ତ କଲେ । ସମସ୍ତେ 'ଉଦ୍‌ଗାତା' ନାମଟା ହିଁ ପସନ୍ଦ କଲେ । ଏହିପରି କିଛି ସମୟ କଥାବାର୍ତ୍ତା ଚାଲିବା ପରେ ଠାକୁର ପ୍ରଫୁଲ୍ଲଦାଙ୍କୁ ଦିନେ ଦୁଇଦିନ ପୂର୍ବରୁ ଦେଇଥିବା ଗୋଟିଏ ଦୁଇଟି ବାଣୀ ପଢ଼ି ସମସ୍ତଙ୍କୁ ଶୁଣାଇବାକୁ କହିଲେ । ପ୍ରଫୁଲ୍ଲଦା ତାହା ଖୋଲି ପଢ଼ିବାକୁ ଲାଗିଲେ । ଶ୍ରୀଶ୍ରୀ ଠାକୁର ହାତ ଭାଙ୍ଗି ଆସନ କରି ବସି ରହିଲେ । ପ୍ରଫୁଲ୍ଲଦା ତିନି ଚାରୋଟି ବାଣୀ ପଢ଼ି ଶେଷ କରିବା ସଙ୍ଗେ ସଙ୍ଗେ କେଷ୍ଟଦା ଗୋଟିଏ ଖାତା ଖୋଲି ଶ୍ରୀଶ୍ରୀ ଠାକୁରଙ୍କର ଆହୁରି ବାଣୀ ଶୁଣାଇବାକୁ ଲାଗିଲେ । ଗୋଟିଏ ପରେ ଗୋଟିଏ ଚାଲିଲା । ବସି ବସି ଶୁଣୁଛି । ଦଶଟା, ଏଗାରଟା, ବାରଟା ବାଣୀ ପଢ଼ା ପରେ

ମଧ୍ୟ କେଷ୍ଟଦା ଯେତେବେଳେ ପୁଣି ବାଣୀ ପଢ଼ିବାକୁ ଆରମ୍ଭ କଲେ ମୁଁ ସେତେବେଳେ ଉଠି ପଡ଼ିଲି । ଅଶାନ୍ତ ମନ ନେଇ ଆଉ ବସି ପାରିଲି ନାହିଁ । ଭାବିଲି ବର୍ତ୍ତମାନ ଠାକୁର ହୁଏତ କେତେ କଥା କହିଥାନ୍ତେ; କିନ୍ତୁ କେଷ୍ଟଦାଙ୍କୁ ବାଣୀ ପାଠ କରିବା ଯେପରି ପାଇ ବସିଛି । କାହିଁ, ଯେତେବେଳେ କେଷ୍ଟଦାଙ୍କ ପାଖକୁ ଯାଏ ସେତେବେଳେ ତ ସେ ଭୁଲରେ ମଧ୍ୟ କେବେ ଦିନେ କହି ନାହାନ୍ତି ଯେ, "ଆସନ୍ତୁ ! ଠାକୁରଙ୍କର ଗୋଟିଏ ଦୁଇଟା ବାଣୀ ଶୁଣନ୍ତୁ !" ସେତେବେଳେହିଁ ତ ବାସ୍ତବରେ ପ୍ରୟୋଜନ । ଅନେକ କିଛି ଭାବି ପୁଣି ରହି ନ ପାରି ଚାଲି ଆସିଲି । ଏଇଟା ହିଁ ମୋର ଚରିତ୍ରର ଦୁର୍ବଳତା । କୌଣସି କିଛି ଖରାପ ଲାଗିଲେ ହୁଏତ ପ୍ରତିବାଦ କରିବି, ନହେଲେ ଚାଲି ଆସିବି । ଏଇଟାକୁ ଯେଉଁଦିନ ସହ୍ୟ କରି ନେଇ ପାରିବି, ସେଦିନ ହୁଏତ କିଛି କାମ କରିବାର ଉପଯୁକ୍ତ ହେବି । ଜାଣେନା ସେଦିନ କେବେ ହେବ । ଆସୁ ଆସୁ କେତେ କଥା ଭାବିଲି । 'ଏହା ମଧ୍ୟ ଠାକୁରଙ୍କର ଇଚ୍ଛା ନିଶ୍ଚୟ । ନହେଲେ ସେ ଏ ଭାବରେ ବସି ଶୁଣୁଛନ୍ତି କାହିଁକି ? ତାଙ୍କର ଯାହା ଇଚ୍ଛା ନୁହେଁ, ତାହା ସେ କୌଣସି ପ୍ରକାରେ ହେବାକୁ ଦିଅନ୍ତି ନାହିଁ । ତାହା ମଧ୍ୟ ବହୁଥର ଦେଖିଛି ।' ସେତେବେଳେ ନିଜକୁ ଦୋଷୀ ମନେହେଲା, କେଷ୍ଟଦା ସମ୍ବନ୍ଧରେ ଏହି ପ୍ରକାର ଧାରଣା ମନରେ ପୋଷଣ କରିବାରୁ । ପୁଣି ଅଧଘଣ୍ଟା ପରେ ଯାଇ ଦେଖିଲି ଠାକୁର ଜାମତଳ ଘରେ ବସିଛନ୍ତି । ପ୍ରଫୁଲ୍ଲଦା ବସି ଚିଠିପତ୍ର ଲେଖୁଛନ୍ତି । ମୁଁ ମଧ୍ୟ ଯାଇ ବସିଲି । ଖବର କାଗଜଟା ଆଣି ପଢ଼ିବାକୁ ଆରମ୍ଭ କଲି । ବେଳ ୧୦ଟାରେ ହରିପଦଦା ଆସିଲେ । ଠାକୁର ସ୍ନାନ କରିବେ । ହରିପଦଦା ତେଲ ମାଖି ଦିଅନ୍ତି । ଠାକୁରଙ୍କୁ କହିଲେ, "ପ୍ରାୟ ଏଗାରଟା ବାଜେ, ବର୍ତ୍ତମାନ ଉଠିଲେ ହୁଏ ।" ଠାକୁର କହିଲେ, "ଏକ ଚିଲମ ତମାକ ଦେ ଦେଖି, ଖେୟେ ଉଠି ।" ନନୀମା ଶୀଘ୍ର ତମାଖୁ ସଜାଇବାକୁ ଗଲେ । ଠାକୁର ହସିବାକୁ ଲାଗିଲେ । ବିଶ୍ୱଭୁଲାଣିଆ ମନଚୋରା ହସ । ଅନାଇ ରହିଛି ତାଙ୍କର ସେହି ବିଶ୍ୱମୋହନକାରୀ ରୂପ ଆଡ଼କୁ । ତମାଖୁ ଆସିଲା, ଠାକୁର ଟାଣିବାକୁ ଲାଗିଲେ । ଇତିମଧ୍ୟେ ଏଗାରଟା ବାଜିଲା । ଠାକୁର ତମାଖୁ ନଳ ରଖି ଉଠି ଛିଡ଼ା ହେଲେ ଓ କଳାରଙ୍ଗର ଜୋତାଟା ମାଡ଼ି ଦୋଳାୟମାନ ପଦକ୍ଷେପରେ bathroom ଅଭିମୁଖରେ ଅଗ୍ରସର ହେଲେ । ମୁଁ ମଧ୍ୟ ଉଠି ସ୍ନାନ କରିବାକୁ ଗଲି । କୌଣସି ପ୍ରକାରେ ଗାଧୁଆ ସାରି ଆନନ୍ଦ ବଜାରକୁ ଖାଇବାକୁ ଗଲି । ସେଠାରେ ମଧୁଭାଇକୁ କହି ଡାଲି ଭାତ ଦେଇ ପେଟଭରି ଖାଇ ଜାମତଳାରେ ଆସି ଦେଖେ

Scanned by CamScanner

ଠାକୁର ସେତେବେଳେ ଖାଇଉଠି ବସିଛନ୍ତି । ଯାଇ ପହଞ୍ଚିବା ମାତ୍ରେ ଠାକୁର ପଚାରିଲେ, "ମେଣ୍ଟୁଦା କେଉଁଠିରେ ?" ମୁଁ କହିଲି, 'ଦେଖି ନାହିଁ ।" କହୁ କହୁ ମେଣ୍ଟୁଦା ଆସି ଉପସ୍ଥିତ । ସାଙ୍ଗରେ ଆସିଲେ ରମଣୀର ମା । ଠାକୁର ହସି ଉଠିଲେ । ଆମେ ମଧ୍ୟ ସମସ୍ତେ ହସି ଉଠିଲୁ । ଠାକୁର ବସି ବସି ତମାଖୁ ଟାଣି ଶୋଇବା ପୂର୍ବରୁ ସମବେତ ସମସ୍ତଙ୍କୁ ପଚାରିଲେ, "ଶୋଇବି ? ଶୋଇବି ? ଶୋଇବି ?" ସମସ୍ତେ ବିଶେଷ କରି ମାଉସୀମା କହି ଉଠିଲେ, "ହଁ, ହଁ, ଶୋଇପଡ଼, ଶୋଇପଡ଼ ।" ଠାକୁର ସେତେବେଳେ ଷୋଡ଼ଶୀ ଭବନ ଆଡ଼କୁ ମୁହଁ କରି ପତଳା ରେଜେଇଟି ଯାହା ଭିତରେ ଦୁଇସେର ଉର୍ଦ୍ଧ୍ୱ ତୁଳା ନାହିଁ, ତାହା ଦେହରେ ଦେଇ ଶୋଇ ଶୋଇ ମେଣ୍ଟୁଦା ଓ ରମଣୀର ମା'ର ଖେଳ ଦେଖିବାକୁ ଲାଗିଲେ । ମୋତେ ଡାକି କହିଲେ, "ସୁଶୀଲ, ସାମନାରେ ଆସି ବସ ।" ମୁଁ ଆସନ ନେଇ ସାମନାରେ ଯାଇ ବସିଲି । ସେମାନଙ୍କର ଅଭିନୟ ଦେଖି ଦେଖି ଠାକୁର ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠୁଛନ୍ତି ମଝିରେ ମଝିରେ । ଥରେ ମୋତେ କହିଲେ, "ରମଣୀର ମା ନଥିଲେ ମୋର ରହିବା କଷ୍ଟ ହୁଅନ୍ତା ।" ତାଙ୍କ କଥା ଶୁଣି ତାଙ୍କ ମୁହଁ ଆଡ଼କୁ ଅନାଇ ଭାବି ଚାଲିଛି ଆକାଶ ପାତାଳ । କିଏ ତୁମେ ? କିଏ ତୁମେ ?? ଥରେ ଥରେ ମନେହୁଏ ଅସୀମ, ଅଗାଧ—ବିଦ୍ୟାରେ, ବୁଦ୍ଧିରେ, ଜ୍ଞାନରେ, କୌଣସି ପ୍ରକାରରେ ସନ୍ଧାନ ମିଳେ ନାହିଁ । ପୁଣି କେତେବେଳେ ଶ୍ରେଷ୍ଠ ପିଲ୍ଲପରି ଯାହା ତାହାର କୋଳରେ ଧରା ଦିଅ । ବାସ୍ତବରେ ମଣିଷ ନେଇ ତୁମେ ଖେଳୁଛ । ଯେପରି ସାପ ନେଇ ସାପୁଆ ଖେଳେ । ତୁମେ ମଣିଷ ହୋଇ ମଣିଷ ନେଇ ଖେଳୁଛ । ଧରା ଦିଅନା କାହାକୁ, ଧରି ନେଉଛ ସମସ୍ତଙ୍କୁ । ଆଖି ବନ୍ଦ କରି ଠାକୁର ଘୁଙ୍ଗୁଡ଼ି ମାରୁଛନ୍ତି । ମେଣ୍ଟୁଦା, ରମଣୀର ମା'ର ଖେଳ ସେହିପରି ଚାଲିଛି । ଉଠିବ, ଉଠିବ ଭାବୁଛି, ମଝିରେ ମଝିରେ ଠାକୁର ଆଖିଖୋଲି ଚାହୁଁଛନ୍ତି । ଆହୁରି କିଛି ସମୟ ବସି ରହି ଉଠି ଚାଲି ଆସିଲି ପଞ୍ଚାନନଦା ଘରକୁ । ବେଳ ଚାରିଟାରେ ଋତ୍ୱିକ Conference ବସିଲା । ଆମେ ସମସ୍ତେ ଯାଇ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ସମବେତ ହେଲୁଁ । ସେ ଜଣ ଜଣ କରି ଅନେକଙ୍କୁ ପଚାରିଲେ Science College ପାଇଁ ୬୦୦ ଟଙ୍କା ସଂଗ୍ରହ ହୋଇଛି କି ନା । ଆଠ ନଅଜଣ ଛଡ଼ା ପ୍ରାୟ ସମସ୍ତେ କହିଲେ ସଂଗ୍ରହ ହୋଇ ନାହିଁ । କାହାର ଏକଶହ ବାକି, କାହାର ଏକଶହ ପଚାଶ, କାହାର ବା ଚାରିଶହ । ଏହି ଟଙ୍କାରେ ଠାକୁର ଚାହିଁଛନ୍ତି Deoghar collegeରେ science department ଖୋଲି ଦେବେ

ବୋଲି । ଆମ ୧୪୧ ଜଣ ଭାଇମାନଙ୍କ ନିକଟରେ ସେ କହିଛନ୍ତି । ତା ମଧ୍ୟରେ ପ୍ରାୟ ୭୦୦ ଠିକ୍ । ମୋଟେ ୮।୧୦ ଜଣଙ୍କର ହୋଇଛି । ବାକି ସମସ୍ତଙ୍କର ହେବା ଉପରେ । ଖାଲି ପାଞ୍ଚଜଣ ବର୍ତ୍ତମାନ ମଧ୍ୟ କିଛି କରି ନାହାନ୍ତି । ଶ୍ରୀଶ୍ରୀ ଠାକୁର କହିଲେ—''ମୁଁ କହିବା ସଙ୍ଗେ ସଙ୍ଗେ ଯଦି ତୁମେମାନେ ସବୁକିଛି କରିପାର ତାହେଲେ କୌଣସି କଥା ନାହିଁ । ତୁମମାନଙ୍କର ଯେ କେତେ ଦିଗରେ ମଙ୍ଗଳ ହେବ ତାହା କୁହାଯାଇ ନ ପାରେ । ଦୁନିଆ ଅନାଇଥିବ ତୁମମାନଙ୍କ ଆଡ଼କୁ ଆଶ୍ଚର୍ଯ୍ୟ ହୋଇ । ତୁମେମାନେ ଋତ୍ୱିକ । ତୁମମାନଙ୍କର ଯଜମାନମାନଙ୍କୁ ଯଦି ଠିକ୍ କରି ରଖ, କାହାକୁ ଯଦି କୌଣସି ବିପଦରେ ପଡ଼ିବାକୁ ନ ଦିଅ, ସମସ୍ତଙ୍କର ସବୁ ଖବର ରଖି ଯେପରି ସେମାନେ ସବୁଦିଗରେ ସମୃଦ୍ଧଶାଳୀ ହୋଇ ଉଠି ପାରନ୍ତି ; ସେମାନଙ୍କ ପାଇଁ, ଯଦି ଲାଗି ପଡ଼, ଅର୍ଥେ, ସାମର୍ଥ୍ୟେ, ବାକ୍ ଓ କର୍ମେ ; ତାହେଲେ ଦେଖିବ ସେମାନେ ମଧ୍ୟ ତୁମମାନଙ୍କୁ ଖୁସି କରିବା ପାଇଁ, ତୁମମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଜୀବନ ପଣ କରିବେ ।''

Scanned by CamScanner

॥ ଚଉଦ ॥

ମୋର ଦୀକ୍ଷାପରେ ଆଉ ଦିନକର କଥା ମନେ ପଡ଼ୁଛି । ଠାକୁରଙ୍କ ପାଖକୁ ଆସିଛି । ଘରକୁ ଫେରିଯିବାର ଅନୁମତି ପାଉ ନାହିଁ । ଠାକୁର ବାରମ୍ବାର କହୁଛନ୍ତି—ଏଇଟା ହିଁ ତ ତୋର ଘର । ଏତେଦିନ ବିଦେଶରେ ଥିଲୁ । ଏତେ ବର୍ଷପରେ ଫେରି ଆସିଛୁ ନିଜ ଘରକୁ । ପୁଣି ଘରକୁ ଯିବୁ, ସେ ଘର କାହିଁ ? ତୁ ଘରକୁ ଯିବୁ କହିଲେ ମୋର ଛାତି ଭିତରେ ବନ୍ଧୁକ ଦେଇ ଗୁଳି କରିଲେ ଯେପରି ଆଘାତ ଲାଗେ ସେହିପରି ଲାଗୁଛି । ଠାକୁରଙ୍କ ପାଖରେ ଆଉ ଆସିବାର କଥା କହୁ ନାହିଁ । ସବୁବେଳେ ଠାକୁରଙ୍କ ପଛେ ପଛେ ବୁଲୁଛି, ଛୋଟଛୁଆ ଯେପରି ମା ପଛେ ପଛେ ବୁଲୁଥାଏ । ଦିନେ ଠାକୁର ୧୦ଟା ବେଳେ ଗାଧୋଇବାକୁ ଉଠି ଯାଇଛନ୍ତି । ମୁଁ ଠାକୁରଙ୍କ ପାଖରୁ ଉଠିଆସି ଯତି ଆଶ୍ରମର ବାରନ୍ଦାରେ ବସିଲି, ଯେଉଁଠାରେ ବହୁ ଭକ୍ତମଣ୍ଡଳୀ ସମାବେଶ ହୋଇଛନ୍ତି । କିଛି ସମୟ ପୂର୍ବେ ଏମାନେ ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ବସି ଅନେକ ଉଚ୍ଚସ୍ତରର ସାଧନାର କଥା ଠାକୁରଙ୍କୁ ପଚାରୁ ଥିଲେ । ଆଉ ଠାକୁର ମଧ୍ୟ ସେଇସବୁ ପ୍ରଶ୍ନର ସମାଧାନ କରି ଦେଉଥିଲେ ଅତ୍ୟନ୍ତ ସହଜ ଭାବରେ ଓ ସାବଲୀଳ ଭଙ୍ଗୀରେ । ସେଇ ଜନ ସମାବେଶ ଦେଖି ମୁଁ ଆକୃଷ୍ଟ ହୋଇ ଯତି ଆଶ୍ରମର ବାରନ୍ଦାରେ ଯାଇ ବସିଲି । କିନ୍ତୁ କିଛି ସମୟ ବସିଲା ପରେ ଉପସ୍ଥିତ ଭକ୍ତମଣ୍ଡଳୀର ହାଲୁକା ଢଙ୍ଗର କଥାବାର୍ତ୍ତା ଶୁଣି ମନଟା ଭଲ ଲାଗିଲା ନାହିଁ । ଉଠିବି ଉଠିବି ଭାବୁଛି, ଠିକ୍ ସେଇ ସମୟରେ ଠାକୁରଙ୍କର ଜଣେ ବିଶେଷ ଭକ୍ତ ନାମରେ ପରିଚିତ ଯେ କି ଠାକୁରଙ୍କର ବାଣୀ ଇତ୍ୟାଦି ଲେଖାଲେଖି କରନ୍ତି ଏବଂ ଚାରିଆଡ଼ୁ ଯେଉଁ ଚିଠିପତ୍ର ଆସେ ଠାକୁରଙ୍କ ପାଖକୁ ସବୁ ସେ ଚିଠି ଖୋଲି ପଢ଼ିବା ଓ ତାହାର ଯଥାଯଥ ଉତ୍ତର ଦେବାର ଭାର ଠାକୁର ତାଙ୍କ

Scanned by CamScanner

ଉପରେ ଘଡ଼ିଛନ୍ତି, ଅବଶ୍ୟ ଉକ୍ତ ବିଦ୍ୱାନ ଦାଦାଟି ଠାକୁରଙ୍କର ଭକ୍ତ ସନ୍ତାନମାନଙ୍କର ଲେଖିଥିବା ଚିଠି ଅନେକ ସମୟରେ ଠାକୁରଙ୍କୁ ପଢ଼ି ଶୁଣାନ୍ତି ଏବଂ ଠାକୁର ତାହାର ଉତ୍ତର ମଧ୍ୟ କହି ଦିଅନ୍ତି । ମୁଁ ଠାକୁରଙ୍କ ପାଖକୁ ଆସିବା ଦିନଠାରୁ ଏଇ ସୌମ୍ୟ-ଦର୍ଶନ, ବୃହତ୍‌କଣ୍ଠି ଭଦ୍ରବ୍ୟକ୍ତିଙ୍କୁ ବିଶେଷ ଭାବରେ ଦେଖି ଆସୁଛି, ସବୁବେଳେ ଲେଖାନେଇ ବ୍ୟସ୍ତ, ସ୍ୱଳ୍ପଭାଷୀ, କିନ୍ତୁ ଆଜି ଏହି ମୁହୂର୍ତ୍ତରେ ମୋତେ ଚମକିତ କରି ଦେଇ ସେଇ ବେଦବ୍ୟାସସମ ଲୋକଟି ଉପସ୍ଥିତ ସମସ୍ତ ଲୋକଙ୍କୁ ସମ୍ବୋଧନ କରି କହିଲେ— ଆପଣମାନେ ଶୁଣନ୍ତୁ, ଗୋଟିଏ ଚିଠି ଆପଣମାନଙ୍କୁ ପଢ଼ି ଶୁଣାଇବି । ସମସ୍ତେ ଉତ୍କର୍ଣ୍ଣିତ ଚିତ୍ତରେ ଅପେକ୍ଷା କରୁଛନ୍ତି ଚିଠିଟି ଶୁଣିବାପାଇଁ । ବ୍ୟଙ୍ଗମିଶ୍ରିତ କଣ୍ଠରେ ପୂର୍ବୋକ୍ତ ଭଦ୍ରବ୍ୟକ୍ତିଟି କହି ଉଠିଲେ— ଏଇ ଚିଠିଟି ଜଣେ ଭକ୍ତପୁଙ୍ଗବ ଶ୍ରୀଶ୍ରୀ ଠାକୁରଙ୍କୁ ଲେଖିଛନ୍ତି; ପୁଙ୍ଗବ କଥାଟି ଉପରେ ବିଶେଷ ଭାବରେ ଜୋର ଦେଲେ । ତାପରେ ଚିଠିଟି ପଢ଼ିଗଲେ । ଜଣେ ଲୋକ ବହୁ ଦୂରରୁ ଶୁଦ୍ଧ ପାଣ୍ଡିତ୍ୟପୂର୍ଣ୍ଣ ଭାଷାରେ ବିଦ୍ୟାସାଗର ତଥା ବଙ୍କିମଚନ୍ଦ୍ରଙ୍କର ଶୁଦ୍ଧ ଭାଷା ଅନୁସରଣ କରି ତାଙ୍କର ଇଷ୍ଟଦେବତା ଶ୍ରୀଶ୍ରୀ ଠାକୁରଙ୍କୁ ସର୍ବଶକ୍ତିମାନ ଅନ୍ତର୍ଯ୍ୟାମୀ ବୋଲି ସମ୍ଭାଷଣ କରି ବହୁ ଅନ୍ତରର କଥା ଲେଖିଛନ୍ତି । ପତ୍ର ସାଙ୍ଗ କରିବା ପୂର୍ବେ ଲେଖିଛନ୍ତି— ଆପଣ ସର୍ବଜ୍ଞ, ମୁଁ ଲେଖିଛି ଯାହା ଆଉ ମୁଁ ଲେଖି ନଥିବା ମୋର ଅନ୍ତରର ବହୁତ କଥା ଯାହା ଅବ୍ୟକ୍ତ ରହିଲା ସବୁ ଆପଣଙ୍କର ଜଣା । ତେଣୁ ମୋର ଏଇ ତୃଷାତୁର ଅନ୍ତରକୁ ଆପଣ ଶାନ୍ତିବାରି ସିଞ୍ଚନ କରନ୍ତୁ, ଆପଣଙ୍କର ଅମୃତଧାରା ବର୍ଷିତ ହେଉ ମୋର ଦଗ୍ଧ ଅନ୍ତରରେ । ପତ୍ରାନ୍ତେ ଠାକୁରଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇଛନ୍ତି । ଚିଠିଟି ପାଠ କରି ପାଠକ ପ୍ରବର ବ୍ୟଙ୍ଗ କଣ୍ଠରେ କହି ଉଠିଲେ—ବଙ୍ଗଳା ସାହିତ୍ୟରେ ଆଉ କୌଣସି କଠିନ କଥା ନାହିଁ ଯାହାକି ଏହି ଚିଠିରେ ଉକ୍ତ ଭକ୍ତପୁଙ୍ଗବ ବ୍ୟବହାର କରି ନାହାନ୍ତି । ଚିଠିରେ ଲେଖିଛନ୍ତି ଠାକୁର ଅନ୍ତର୍ଯ୍ୟାମୀ ବୋଲି, ଅଥଚ ଏତେ ବଡ଼ ଦୀର୍ଘ ଚିଠିରେ ଯାହା କିଛି ଲେଖିଛନ୍ତି, ଅନ୍ତର୍ଯ୍ୟାମୀଙ୍କୁ ଏସବୁ କଥା ଲେଖିବାର ପ୍ରୟୋଜନ କଣ ? ଏହାଦ୍ୱାରା ପ୍ରମାଣ ହେଉଛି ଠାକୁରଙ୍କୁ ସେ ମୂର୍ଖ ଭାବି ଏଆଡ଼ୁ ସେଆଡ଼ୁ କହି ଠାକୁରଙ୍କୁ ବୁଝାଇବାକୁ ଚାହୁଁଛନ୍ତି ତାହାର କହିବା କଥା । ତାଙ୍କର ସେଇ ବ୍ୟଙ୍ଗ କଣ୍ଠମିଶ୍ରିତ କଥା ଶୁଣି ଉପସ୍ଥିତ ଭକ୍ତମଣ୍ଡଳୀ ସମସ୍ତେ ଉଚ୍ଚ ହାସ୍ୟରୋଳରେ ଫାଟି ପଡ଼ିଲେ ଏବଂ ଜଣେ ଜଣେ ବିଭିନ୍ନ ଇଙ୍ଗିତପୂର୍ଣ୍ଣ ଅସମ୍ମାନଜନକ କଟାକ୍ଷ କରିବାକୁ ଲାଗିଲେ, ସେହି ପତ୍ର ପ୍ରେରକର

Scanned by CamScanner

ଉଦ୍ଦେଶ୍ୟରେ ଯାହାକୁ କେହି କେବେ ଦେଖି ନାହାନ୍ତି, ଯାହା ସଙ୍ଗରେ କାହାର ସାକ୍ଷାତ ପରିଚୟ ନାହିଁ ।

ମୋର ଅନ୍ତର କିନ୍ତୁ ବ୍ୟଥିତ ହୋଇ ଉଠିଲା ଏହି ଘଟଣା ଦେଖି । କିନ୍ତୁ ଉପସ୍ଥିତ ଯେଉଁମାନେ ରହିଛନ୍ତି ସେମାନଙ୍କର ବ୍ୟକ୍ତିତ୍ୱ, ଜ୍ଞାନ ଓ ବିଦ୍ୟା ଏତେ ବେଶୀ ଯେ ମୋପରି ମୂର୍ଖର ତାଙ୍କୁ କିଛି କହିବା ଧୃଷ୍ଟତାପରି ବୋଧ ହେଲା । କିନ୍ତୁ କ୍ରମାଗତ ସେମାନେ ଏହି ଚିଠିକୁ ମାଧ୍ୟମ କରି ଏପରି ଅଶାଳୀନ ଉକ୍ତି ସବୁ କରିବାକୁ ଲାଗିଲେ ଯେ ମୋର ଧୈର୍ଯ୍ୟଚ୍ୟୁତି ଘଟିଲା । କହି ଉଠିଲି ପୂର୍ବୋକ୍ତ ଦାଦାଙ୍କୁ, "ଆପଣଙ୍କର ଏ ଚିଠି ଏଠି ପଢ଼ିବାର ଅଧିକାର କିଏ ଦେଇଛନ୍ତି ? ଜଣେ ତାର ଇଷ୍ଟ ବା ଗୁରୁଙ୍କ ପାଖରେ ଚିଠି ଲେଖିଛନ୍ତି ; ଆଉ ସେ ଲେଖିଛନ୍ତି ତାର ଅନ୍ତରର କଥା । ସେ ଉଲଗ୍ନ ହୋଇ ମୁକ୍ତକଣ୍ଠରେ ଯେଉଁକଥା ନିବେଦନ କରିଛନ୍ତି ତାଙ୍କର ଗୁରୁ ଆଗରେ, ସେ ଯଦି ଜାଣି ପାରିଥାନ୍ତେ ଯେ ତାଙ୍କର ଚିଠି ନେଇ ଏପରି ବ୍ୟଭିଚାର ହେବ; ଠାକୁରଙ୍କୁ ନ ହୋଇ ସେ ଚିଠି ଏପରି ୧୦ ଜଣଙ୍କ ଆଗରେ ପଢ଼ାଯିବ, ଏବଂ ଅସଂଯତ ଭାବରେ ସମସ୍ତେ ତାହାର ସମାଲୋଚନା କରିବେ ତାହେଲେ କଦାପି ସେ ଚିଠି ଏଇଠି ସେ ପଠାଇ ନ ଥାନ୍ତେ । ଆଉ ମୁଁ ନୂଆ କରି ଶ୍ରୀଶ୍ରୀ ଠାକୁରଙ୍କର ସଂସ୍ପର୍ଶରେ ଆସିଲେ ମଧ୍ୟ ମୋର ମନେ ହେଉଛି ଶ୍ରୀଶ୍ରୀ ଠାକୁର ମଧ୍ୟ ଆପଣଙ୍କୁ ଏପରି କୌଣସି ଅଧିକାର ଦେଇ ନାହାନ୍ତି ଯେ ତାଙ୍କର ସନ୍ତାନମାନଙ୍କର ଦେଇଥିବା ଚିଠି ଆପଣ ଏପରି ଜନ ସମକ୍ଷରେ ପଢ଼ି ବିଦ୍ରୂପ କରିବେ ।" ମୋର ଏହି କଥା ଶୁଣି ମୁହୂର୍ତ୍ତିକ ମଧ୍ୟରେ ସମସ୍ତେ ନୀରବ ହୋଇଗଲେ । ଉକ୍ତ ଦାଦାଙ୍କର ପ୍ରଫୁଲ୍ଲ ବଦନ ଗମ୍ଭୀର ହୋଇ ଉଠିଲା । ସଙ୍ଗେ ସଙ୍ଗେ କହିଲେ – 'ମୋର ଭୁଲ ହୋଇଛି ଏଇ ଚିଠି ଏଇଠି ପାଠ କରିବା ।' ଉପସ୍ଥିତ ଜନମଣ୍ଡଳୀରୁ କେହି କେହି କହି ଉଠିଲେ—ସବୁବେଳେ ଆମେ ଗମ୍ଭୀର ପରିବେଶରେ ରହୁଛୁଁ, ଏବେ ଟିକିଏ ହାଲୁକା ରସ ଆମେ ଉପଭୋଗ କରୁଥିଲୁଁ । ସୁଶୀଲଦା ସେହି ରସରେ ବାଧା ଦେଲେ । କେହିବା କହିଲେ— ନୂଆ ଆସିଛନ୍ତି ତ, ନିଜକୁ ଖୁବ୍ ନିଷ୍ଠାବାନ ଭକ୍ତ ବୋଲି ମନେ କରୁଛନ୍ତି । ମୁଁ ସମସ୍ତଙ୍କର ସବୁ କଥା ଶୁଣୁଥିଲି । ଏହାର ଭିତରେ ଶ୍ରୀଶ୍ରୀ ଠାକୁରଙ୍କର ବଡ଼ ଜାମାତା (କୋର୍ଇ) ଶ୍ରୀଯୁକ୍ତ ସୁଧାଂଶୁ କୁମାର ମୈତ୍ର (ପ୍ରଫେସର), ଠାକୁରଙ୍କର ଜାମାତା ହେଲେ ମଧ୍ୟ ସେ ଠାକୁରଙ୍କୁ ମନୁଷ୍ୟ ଦୃଷ୍ଟିରେ ନ ଦେଖି ଭଗବାନ

ଉପରେ ଚିନ୍ତା କରୁଥାନ୍ତି । ସେ କହି ଉଠିଲେ,—ଆପଣମାନେ ଯେ ଯାହା କୁହନ୍ତୁ ସୁଶୀଲଦା ଆମ୍ଭମାନଙ୍କୁ ଏଇ ଯେ ଧମକ ଦେଲେ ମୁଁ ଦେଖିଲି ଯେ ଏ ସୁଶୀଲଦା ନୁହଁନ୍ତି, ସୁଶୀଲଦା ମାଧ୍ୟମରେ ସ୍ୱୟଂ ମାଲିକ ଶ୍ରୀଶ୍ରୀ ଠାକୁର ଆମ୍ଭମାନଙ୍କୁ ଶିକ୍ଷା ଦେଲେ, ଧମକ ଦେଲେ । ଠାକୁର ଯାହା ଉପରେ ଯାହା ଦାୟିତ୍ୱ ଛାଡ଼ିଛନ୍ତି, ତାହାର ଅପବ୍ୟବହାର କଲେ ଏହିପରି ଠାକୁର ତାହାର ବ୍ୟବସ୍ଥା ଗ୍ରହଣ କରନ୍ତି । ସୁଧାଂଶୁଦା'ର ଏହି ଗମ୍ଭୀର ସତ୍ୟ କଥା ସମସ୍ତେ ଉପଲବ୍ଧି କଲେ । ପୂର୍ବୋକ୍ତ ଦାଦା କହିଲେ— 'ସୁଧାଂଶୁଦା ଠିକ୍ କହିଛନ୍ତି । ଇଷ୍ଟ ନିଷ୍ଠାର ବ୍ୟତିକ୍ରମ ଠାକୁର ସହି ପାରନ୍ତି ନାହିଁ । ସେ ଏହାର ପ୍ରତିକାର ସ୍ୱରୂପ ବ୍ୟବସ୍ଥା ଗ୍ରହଣ କଲେ ।'

ଆସର ଭାଙ୍ଗିଗଲା । ମୋପରି ଜଣେ ବେରସିକ ଲୋକ ରସଭଙ୍ଗ କରି ସଭାକୁ ଭାଙ୍ଗି ଦେଲା । ସମସ୍ତେ ଚାଲିଗଲେ । ମୁଁ ଅପେକ୍ଷା କରି ରହିଲି । ଶ୍ରୀଶ୍ରୀ ଠାକୁରଙ୍କର ଭୋଗାନ୍ତେ ତାଙ୍କ ନିକଟରେ ଉପସ୍ଥିତ ହେଲି । ଶ୍ରୀଶ୍ରୀ ଠାକୁର ଦେଖି କହିଲେ—"ଗାଧୋଇବା ହୋଇନି ? ଖିଆ ହୋଇନି ? ଏତେ ଡେରି କରୁଛ କାହିଁକି ? ଯାଅ, ଗାଧୋଇ ଖାଇ ନେବ । ମୁଁ ଠାକୁରଙ୍କୁ କହିଲି ଯତି ଆଶ୍ରମରେ ଘଟିଥିବା ସବୁକଥା । ସାଙ୍ଗେ ସାଙ୍ଗେ ଏହା ମଧ୍ୟ କହିଲି—ଠାକୁର ! ସେଠାରେ ଯେଉଁମାନେ ଉପସ୍ଥିତ ଥିଲେ ସମସ୍ତେ ମୋର ଶ୍ରଦ୍ଧାର ପାତ୍ର, ଭକ୍ତିର ପାତ୍ର । କିନ୍ତୁ ଆପଣଙ୍କୁ ଲେଖିଥିବା ଚିଠିର ଏଭଳି ପରିଣାମ ଦେଖି ଏପରି ସେମାନଙ୍କୁ ଆଘାତ କରିଛି । ମୋର ମନ ଭଲ ଲାଗୁ ନାହିଁ । ମୁଁ ଆପଣଙ୍କ ପାଖକୁ ଚିଠି ଲେଖିଲେ ସେ ଚିଠିର ପରିଣାମ ତ ଏହାହିଁ ହେବ । ତାହାହେଲେ ଅନ୍ତରର କଥା ଖୋଲି ଲେଖିବି ବା କିପରି ? ଶ୍ରୀଶ୍ରୀ ଠାକୁର କହିଲେ —ସବୁ ଦେଖି ଶୁଣି ଓ ବୁଝି ଯାହା ସତ୍ୟ ବୋଲି ବିବେଚନା କରିବ ତାହାର ପ୍ରତିବାଦ ବା ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ କଦାପି ପଛେଇବ ନାହିଁ । ଯଥାସମ୍ଭବ ଦୃଢ଼ ଭାବେ ତାର ପ୍ରତିରୋଧ କରିବ ହିଁ । ଆଉ ଏହି ପଥରେ ତୁମକୁ ପରମ-ପିତା ସବୁବେଳେ ହିଁ ସାହାଯ୍ୟ କରିବେ । ତୁମେ ଯାହା କହୁଛ ଠିକ୍ କହୁଛ, ଯାହା କରୁଛ ଠିକ୍ କରୁଛ । ମୋର ଚିଠି ମୋ ଛଡ଼ା ଆଉ କାହାର ପାଖରେ ବ୍ୟକ୍ତ କରିବାର ଅଧିକାର କାହାରି ନାହିଁ । ମୁଁ ସେମାନଙ୍କୁ ଅଧିକାର ଦେଇଛି ଚିଠି ପଢ଼ି ଦରକାର ହେଲେ ମୋତେ କହିବେ, ଏବଂ ମୋର ଉତ୍ତର ନେଇ ମୋତେ ଯେ ଚିଠି ଲେଖିଥିବେ ତାଙ୍କୁ ଜଣାଇ ଦେବେ । ସେ ଚିଠି ପଢ଼ି ଅଲଗା

Scanned by CamScanner

କାହାରକୁ ଶୁଣାଇବା ଅଧିକାର ଅନ୍ୟ କାହାକୁ ମୁଁ ଦେଇ ନାହିଁ । ଏହା ହେଉଛି ଇଷ୍ଟବ୍ୟତ୍ୟୟୀ ଚଳନ । କେହି ଏହି ବ୍ୟତ୍ୟୟୀ ଚଳନରେ ଯେତେ ଯାହାକଛି କରୁନା କାହିଁକ ଆଧ୍ୟାତ୍ମିକ ଜୀବନ ଆସିବ ନାହିଁ, ପରମପିତାର ଆଶୀର୍ବାଦ ପାଇବ ନାହିଁ । ଠାକୁରଙ୍କୁ ମୋର ଅନ୍ତର କଥା ଖୋଲି କହିଲି ଓ ଠାକୁର ସେ ସମ୍ବନ୍ଧରେ ଯାହା କହିଲେ ସେଥିରେ ସରଳ ମନ ଆହୁରି ସରଳ ହୋଇ ଶ୍ରଦ୍ଧାବାନ୍ ହୋଇ ଉଠିଲା ।

ମୋର ଠାକୁରଙ୍କୁ ମୋତେ ଏତେ ଭଲ ଲାଗେ କାହିଁକି ?

ଠାକୁରଙ୍କ କଥା ଯେତେ ଭାବେ, ସେତେ ଆଶ୍ଚର୍ଯ୍ୟ ହୋଇଯାଏ । ଭଗବାନ କଣ ଜାଣେ ନାହିଁ । କିନ୍ତୁ ଗୋଟିଏ କଥା ମୋ ମନରେ ଚିରଦିନ ରହିଛି—ଭଗବାନ ବୋଧହୁଏ ଅଲଗା କୌଣସି ବସ୍ତୁ ନୁହେଁ । ଏ ଜଗତ ଭିତରେ ହିଁ ରହିଛନ୍ତି, ତେବେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନୁହେଁ ବା ବସ୍ତୁରେ ନୁହେଁ । ସର୍ବଘଟେ ଓ ବିଶ୍ୱବ୍ୟାପି ଯେଉଁଠି ଯାହାକିଛି ରହିଛି ସମସ୍ତ କିଛିର ସମଷ୍ଟି ସେହି ଈଶ୍ୱର । ତେବେ କେଉଁଠି କେଉଁଠି ତାଙ୍କର ବିଶେଷ ରୂପରେ ଆବିର୍ଭାବର ଖବର ମିଳେ । ବିଭିନ୍ନ ଯୁଗରେ, ବିଭିନ୍ନ ଜାତିରେ—ଏହା ଭିତରେ ମାନବ ଜାତିରେ ହିଁ ତାଙ୍କର ଆବିର୍ଭାବ ସବୁଠାରୁ ବେଶୀ । ସାଧାରଣତଃ ମନୁଷ୍ୟ ହିଁ ତାଙ୍କର ବେଶୀ କ୍ଷମତାର ଅଧିକାରୀ । ଏକଥା ମଧ୍ୟ ମନୀଷୀମାନେ କହନ୍ତି । ମୁଁ ମଧ୍ୟ ମଣିଷ, ତେଣୁ ସ୍ୱୀକାର କରିବାକୁ ବାଧ୍ୟ । ଏହି ଯେ ପ୍ରତ୍ୟେକ ମଣିଷ ତାଙ୍କୁ ଷଡ଼ ଐଶ୍ୱର୍ଯ୍ୟ ସାହାଯ୍ୟରେ ଜଗତର ଅନ୍ୟାନ୍ୟ ଜୀବ ବା ପ୍ରାଣୀଠାରୁ ବେଶୀ ଅନୁଭବ କରନ୍ତି, ଅର୍ଥାତ୍ ଈଶ୍ୱରଙ୍କର ଅସ୍ତିତ୍ୱ ଉପଲବ୍ଧି କରନ୍ତି. ଏହା ଭିତରେ ପୁଣି କେହି କେହି ସବୁ ସ୍ଥାନରେ ଈଶ୍ୱରଙ୍କର ବିଶେଷତ୍ୱ ସମ୍ବନ୍ଧରେ ସଚେତନ ହୋଇ ଥାଆନ୍ତି, ସେମାନଙ୍କର ଚଲନ୍ତି କଥାରେ ମୁଁ ବୁଝେ ସେମାନେ ସାଧୁ ବା ଈଶ୍ୱର ଅନ୍ୱେଷୀ । ପୁଣି ଏମାନଙ୍କ ମଧ୍ୟରେ କେହି କେହି ଈଶ୍ୱରଙ୍କର ଅସ୍ତିତ୍ୱ ସବୁ ପଦାର୍ଥରେ ଓ ସବୁ ସ୍ଥାନରେ ଅନୁଭବ କରନ୍ତି । ଏ ସଂସାରର ସବୁ ଛାଡ଼ିଦେଇ ସେହି ସ୍ରଷ୍ଟା ପୁରୁଷ ବା ନାରୀ ଯେ ହୁଅନ୍ତୁ ତାଙ୍କୁ ଜାଣିବା ପାଇଁ ବା ତାଙ୍କ ସହିତ ମିଳିତ ହେବା ପାଇଁ କଲିତ ସାଧନାରେ ପ୍ରବୃତ୍ତ ହୁଅନ୍ତି ।

Scanned by CamScanner

(ଅବଶ୍ୟ ଏ କଳ୍ପିତ ସାଧନା ତାଙ୍କର ନିଜର ନୁହେଁ, ଇତି ପୂର୍ବେ ଯେଉଁମାନେ ସାଧନା କରି ଯାହା ଲେଖି ବା କହି ଯାଇଛନ୍ତି ତାହାହିଁ କଳ୍ପନାରେ ଆସେ) । ଏମାନଙ୍କୁ ମୁଁ ସନ୍ନ୍ୟାସୀ ବୋଲି ଜାଣେ । କିନ୍ତୁ ମଝିରେ ମଝିରେ ଏପରି ଜଣେ-ଜଣେ କ୍ଷମତାବାନ ମଣିଷ ଜଗତକୁ ଆସନ୍ତି ଯେଉଁମାନେ କୌଣସି କଳ୍ପନାର ଧାର ଧାରନ୍ତି ନାହିଁ । ଯାହା ଆଖିରେ ଦେଖାଯାଏ, ଯାହା ସ୍ପର୍ଶ ଓ ଅନୁଭୂତି ମଧ୍ୟରେ, ତାହା ଭିତରେ ସେମାନେ ଆବିଷ୍କାର କରନ୍ତି ଈଶ୍ୱରଙ୍କର କୋଟି କୋଟି କ୍ଷମତାର ବା ଦୟାର ନିଦର୍ଶନ । ସେମାନେ ନିଜେ ମଧ୍ୟ ଈଶ୍ୱରଙ୍କର ସୃଷ୍ଟିର ବିଧାନ ମାନି ସୁଖଦୁଃଖ, ଜନ୍ମମରଣ, ଘର ସଂସାର ଏ ଜଗତକୁ ଆସିଲେ ଯାହାକିଛି ସମସ୍ତଙ୍କର କରଣୀୟ ସବୁ ସେମାନେ ସ୍ୱୀକାର କରି ନେଇ ସମସ୍ତଙ୍କ ସହିତ ସମତାଳରେ ପାଦପକାଇ ତାହାର ମଧ୍ୟରେ ପ୍ରମାଣ କରନ୍ତି ଈଶ୍ୱରଙ୍କର ଈଶ୍ୱରତ୍ୱ । ସମସ୍ତଙ୍କ ସହିତ ଚାଲି ମଧ୍ୟ ସେମାନେ ହୁଅନ୍ତି ସମସ୍ତଙ୍କର ପରିପୂରକ । ହଂସ ଯେପରି ପାଣିରେ ଥାଏ, ଅଥଚ ତାର ଦେହରେ ପାଣି ଲାଗେ ନାହିଁ, ସେହିପରି ସମସ୍ତଙ୍କ ସହିତ ସମତାଳରେ ପାଦ ପକାଇଲେ ମଧ୍ୟ ସେମାନେ ଥାଆନ୍ତି ସର୍ବଦା ସ୍ୱତନ୍ତ୍ର । କିନ୍ତୁ ସେମାନଙ୍କର ଚଳଣୀ ନିର୍ଭୁଲ । ଜଗତର ପ୍ରତି ଜୀବର ସେମାନେ କରନ୍ତି କଲ୍ୟାଣ । ସମସ୍ତଙ୍କର ମଙ୍ଗଳ ସେମାନେ ଚାହାନ୍ତି ବୋଲି ହିଁ ସେମାନଙ୍କୁ ବୋଲାଯାଏ ମଙ୍ଗଳମୟ । ମଣିଷ ଏମାନଙ୍କୁ ହିଁ କହେ ଅବତାର ବା ଭଗବାନ ।

ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପାଖକୁ ଆସି ମୁଁ ଦେଖିଲି ସେହି ରୂପ, ସେହି ଗୁଣ । ଯେତେ ତାଙ୍କୁ ଘାଣ୍ଟୁଛି, ସେତେ ମନେ ହେଉଛି ଯେପରି ବହୁତ ପୁରୁଣା । ମୁଁ ଯେପରି ତାଙ୍କୁ ଯୁଗଯୁଗାନ୍ତର ଧରି ଚିହ୍ନେ । ଏପରି ଧାରଣା, ତାଙ୍କର ଦରଦ ଯଦି କେବଳ ମୋ ପାଇଁ ହୁଅନ୍ତା । ତାହେଲେ ମଧ୍ୟ ମନରେ ସନ୍ଦେହ ଜାଗନ୍ତା; ହୁଏତ ଏତେ ଭଲ ଲାଗନ୍ତା ନାହିଁ । ସର୍ବକ୍ଷେତ୍ରରେ ହିଁ ଦେଖିଛି ସେ ମୋତେ ଯେପରି ଭଲ ପାଆନ୍ତି, ସେହିପରି ଭଲ ପାଆନ୍ତି ମୋର ଶତ୍ରୁକୁ ମଧ୍ୟ । ଏହା ଭିତରେ ନାହିଁ ଟିକିଏ ମଧ୍ୟ ତାରତମ୍ୟ । ଅବଶ୍ୟ ବିଭିନ୍ନ ଲୋକପାଇଁ ସେ ବିଭିନ୍ନ କର୍ମ ନିର୍ଦ୍ଦେଶ କରନ୍ତି, ଯାହାଦ୍ୱାରା ସେହି ସେହି ଲୋକଙ୍କର ଓ ଜଗତର ପ୍ରତ୍ୟେକଟି ଲୋକର ମଙ୍ଗଳ ହୁଏ । ଆଉ ଗୋଟିଏ ବିଷୟ ମୁଁ ଲକ୍ଷ୍ୟ କରିଛି—ଯାହାକୁ ଯାହା ସେ କରିବାକୁ କୁହନ୍ତି—ସେଥିରେ ମାନବ ସେବା ହିଁ ରହିଛି ପ୍ରଧାନ, ଯାହାଦ୍ୱାରା ଜଗତରେ ତାର ନିଜର ଓ

ସମଗ୍ର ମାନବଜାତିର କଲ୍ୟାଣ ସାଧିତ ହୁଏ । ତାଙ୍କର ସ୍ନେହ ଓ ଭଲ ପାଇବାର ଶାସନ ଓ ଦଣ୍ଡ ଗୋଟିଏ ଉପଭୋଗର ବସ୍ତୁ । ଜଗତରେ ଏପରି କୌଣସି ମତ ନାହିଁ ଯାହା ତାଙ୍କ ଚରିତ୍ରକୁ ବାଦ ଦେଇ ଯାଇଛି । ରାଜନୀତିର ବିଭିନ୍ନ ମତ ଗୁଡ଼ିକ ତାଙ୍କ ଚରିତ୍ରରେ ଏପରି ପ୍ରକଟ ଭାବରେ ଫୁଟି ରହିଛି ଯେ ପ୍ରକୃତିରେ ଯଦି କୌଣସି କମ୍ୟୁନିଷ୍ଟ ତାଙ୍କୁ ଠିକ୍ ଠିକ୍ ଭାବରେ ଦର୍ଶନ କରେ, ତାହେଲେ ଦେଖିବ—ତାଙ୍କ ପରି ପ୍ରକୃତ କମ୍ୟୁନିଷ୍ଟ ଜଣେ ମଧ୍ୟ ସମଗ୍ର ଦୁନିଆରେ ନାହିଁ । ଯେ ଭାବରେ ସେ ସମସ୍ତଙ୍କ ପାଇଁ ଆନନ୍ଦ ବଜାର ଖୋଲି ରଖିଛନ୍ତି, ଯାହାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ହୁଏ ତାଙ୍କର philanthrophy ନାମକ fundରୁ, ଯେଉଁଠି ବିଭିନ୍ନ ଭକ୍ତମାନଙ୍କର ପ୍ରଣାମୀ ଓ ଇଷ୍ଟଭୃତିର ଟଙ୍କା ହିଁ ଖାଲି ଜମା ହୁଏ । ସେ ସମସ୍ତ ଟଙ୍କା ଯଦି ଠାକୁର ଆନନ୍ଦ ବଜାର ପାଇଁ ଖର୍ଚ୍ଚ ନ କରନ୍ତେ ବା ବିଭିନ୍ନ କର୍ମୀମାନଙ୍କ ପଛରେ ଖର୍ଚ୍ଚ ନ କରନ୍ତେ, ତାହେଲେ କେତେ ମାସ ମଧ୍ୟରେ ସେ କୋଟିପତି ହୋଇଯାଇ ପାରନ୍ତେ । ଏପରି କି ଯଦି ତାର ଏକ ଚତୁର୍ଥାଂଶ ମଧ୍ୟ ଜମା କରନ୍ତେ, ତାହେଲେ ମଧ୍ୟ କୋଟିଏ ଟଙ୍କାରେ ପହଞ୍ଚିବା ପାଇଁ ମାତ୍ର କେତେ ବର୍ଷରୁ ଉର୍ଦ୍ଧ୍ୱ ଲାଗନ୍ତା ନାହିଁ । କିନ୍ତୁ ସେ ସମସ୍ତଙ୍କୁ ନ ଖୁଆଇ ନିଜେ ଖାଇ ପାରନ୍ତି ନାହିଁ ବୋଲି, ଯାହା ତାଙ୍କର ଏକାନ୍ତ ନିଜସ୍ୱ ତାହା ପ୍ରତିଟି ପ୍ରାଣୀ ପାଇଁ ବାଣ୍ଟି ଦେଇ ଅତି ସୁଖରେ ଦିନ ଅତିବାହିତ କରୁଛନ୍ତି । ପ୍ରକୃତ କମ୍ୟୁନିଷ୍ଟ ନହେଲେ ଏଥିରେ ଆନନ୍ଦ କେହି ପାଇ ପାରନ୍ତି ନାହିଁ ।

ପୁଣି ଆଉ ଗୋଟିଏ ଦୃଷ୍ଟିରୁ Capitalist ହିସାବରେ ଦେଖିବାକୁ ଗଲେ ତାଙ୍କପରି Capitalist କେହି ନାହିଁ । ଗୋଟିଏ ଦିଗରୁ ଦୃଷ୍ଟି ନିକ୍ଷେପ କଲେ ଐଶ୍ୱର୍ଯ୍ୟରେ ପ୍ରାଚୁର୍ଯ୍ୟ ହିଁ ସର୍ବପ୍ରଥମ ଦୃଷ୍ଟି ଆକର୍ଷଣ କରେ । ପ୍ରତିଦିନ ୨୫୦।୩୦୦ ଲୋକ ଖାଉଛନ୍ତି । ଗୋଟିଏ ପରେ ଗୋଟିଏ ଗୃହ ନିର୍ମାଣ ଚାଲିଛି । ମୋଟର ଗାଡ଼ିର ମଧ୍ୟ ଅଭାବ ନାହିଁ । ସର୍ବୋପରି ମୁହଁରୁ କଥା ବାହାରିବା ସଙ୍ଗେ ସଙ୍ଗେ ସବୁକିଛି ଆସି ତାଙ୍କ ନିକଟରେ ହାଜର । କେବଳ ଅଜସ୍ର ଟଙ୍କା ଯେ ତାଙ୍କ ପାଖକୁ ଆସେ ତାହା ନୁହେଁ, ମନୁଷ୍ୟ ସମ୍ପଦ ତାଙ୍କର ଯେ କୌଣସି ପ୍ରତିଷ୍ଠାନ ଠାରୁ ବେଶୀ ।

Scanned by CamScanner

ପ୍ରତିଟି ଲୋକ ତାଙ୍କ କଥା ଅନୁସାରେ କାମ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରନ୍ତି । ଏହାର ଅନ୍ତରାଳରେ ଦେଖିବାକୁ ପାଏ ଠାକୁର ମଧ୍ୟ ପ୍ରତିଟି ଲୋକପାଇଁ ପ୍ରାଣପଣେ ଚେଷ୍ଟା କରି ଚାଲିଛନ୍ତି । ସେଠାରେ ଶ୍ରେଷ୍ଠବଡ଼ ଜ୍ଞାନ ନାହିଁ, ମଣିଷ ହେଲେ ହିଁ ହେଲା । କୌଣସି ମଣିଷର କୌଣସି ଦୁଃଖ କଥା ଶୁଣିଲା ମାତ୍ରେ, ତାହା ମୋଚନ କରିବା ନିମିତ୍ତ ସେ ପାଗଳ ହୋଇ ଉଠନ୍ତି । ତାହାବୋଲି ଭେଳକି ବାଜି କରି ସେ କୌଣସି ଦୁଃଖମୋଚନ କରନ୍ତି ନାହିଁ । ତାକୁ ଏପରି କୌଣସି କର୍ମ ନିର୍ଦ୍ଦେଶ କରନ୍ତି, ତାହା ମଧ୍ୟ ଦେଇ ସେ ସମସ୍ତ ଦୁଃଖକୁ ଜୟକରି ସବଦିଗରେ ସମୃଦ୍ଧଶାଳୀ ହୋଇଉଠେ । ଏଥିପାଇଁ ଯେତେ ସମସ୍ତ ଲାଞ୍ଛନା କାହିଁକି ସେତେ ପର୍ଯ୍ୟନ୍ତ ସହ୍ୟ କରିବା ପାଇଁ କଠୋରତା ତାଙ୍କର ରହିଛି । ସେ ମଣିଷକୁ ଗଢ଼ି ତୋଳିବାକୁ ଚାହାନ୍ତି ସ୍ୱାବଲମ୍ବୀ । ସେ ସମସ୍ତଙ୍କୁ ସୁଖୀ କରିବାକୁ ଚାହାନ୍ତି, କିନ୍ତୁ ସେହି ସୁଖର ଅଧିକାରୀ ହେବାକୁ ହେବ ଯାହାର ଯାହାର ନିଜର କର୍ମଦ୍ୱାରା । ଅନ୍ୟ ଜଣେ ତୁମକୁ ସୁଖ ଦେଇ ଦେବ, ତାହା ସେ ଭଲ ପାଆନ୍ତି ନାହିଁ । ମୋର ମଧ୍ୟ ସେହି ବିଶ୍ୱାସ । ଯାହା ଅର୍ଜ୍ଜିନ କରିବାକୁ ଅଭିଜ୍ଞତାର ପ୍ରୟୋଜନ ଯେତେ କମ୍, ସେଥିରେ ସୁଖ ମଧ୍ୟ ସେତେ କମ୍ । ତାହାର ଠିକ୍ ଠିକ୍ ବ୍ୟବହାର କରିବାକୁ ମଧ୍ୟ ମଣିଷ ଜାଣେ ନାହିଁ ଏବଂ ଅପବ୍ୟବହାର ଓ ଅପବ୍ୟୟର ପରିଣତି ଯାହା, ତାହାହିଁ ହୁଏ— ଯେପରି ଧ୍ୱଂସ ବା ଦୁଃଖ । ଆଉ ତାଙ୍କର ପ୍ରତିଟି କଥା ମାନି ଚାଲିଲେ କଣ ଯେ ହୁଏ ତାହା ଏପର୍ଯ୍ୟନ୍ତ ମଧ୍ୟ ମୋର ଅଭିଜ୍ଞତାରେ ଆସି ନାହିଁ । ତେବେ କିଛିଟା ମାନି ଚାଲି ଦେଖିଛି, ମନୁଷ୍ୟ ଜୀବନରେ ସୁଖ କହିଲେ ଯଦି ମାନସମ୍ମାନ, ଅର୍ଥ ବା ମାନସିକ ଶାନ୍ତି ବୁଝାଯାଏ ତାହା ପୂର୍ଣ୍ଣମାତ୍ରାରେ ମିଳେ ଠାକୁରଙ୍କ କଥା ମାନି ଚାଲିଲେ । ତାହା ପଛରେ ଥାଏ ନାହିଁ କୌଣସି ନ ପାଇବାର ଭୟ । ଏହା ଅତି ନିଶ୍ଚୟ ଯେ କୌଣସି କାର୍ଯ୍ୟକୁ ଯାଏ, ଯାହା କରେନା କାହିଁକି, କୃତକାର୍ଯ୍ୟ ହେବ । ଠାକୁରଙ୍କ ନିକଟରେ ବସି ବସି ଦେଖିଛି ଆମେ ଯାହାକୁ ଚରିତ୍ରହୀନ ବୋଲି ଜାଣୁ, ଯାହା ସହିତ କଥା କହିବାକୁ ଆମେ ଘୃଣାବୋଧ କରୁ, ସେ (ଠାକୁର) ତାହା ସମ୍ବନ୍ଧରେ ଆମମାନଙ୍କଠାରୁ ବେଶୀ ଜାଣି ମଧ୍ୟ ତାକୁ ମଧୁର କଥାରେ ଏପରି ସମାଦର କରୁଛନ୍ତି ଯାହାଦ୍ୱାରା ମନେହୁଏ ଯେପରି ଲୋକଟା ଦେବତୁଲ୍ୟ । କିଛିଦିନ ପରେ ଦେଖିଛି, ସେହି ଲୋକ ବାସ୍ତବରେ ଦେବତୁଲ୍ୟ ହୋଇ ଉଠିଛି । ମୋର ଧାରଣା ବା ବିଶ୍ୱାସ ଯେ ମନୁଷ୍ୟକୁ ଘୃଣା କରିବା ପାପ, କିନ୍ତୁ ଘୃଣ୍ୟ ଚରିତ୍ରକୁ ଘୃଣା ନ କରିବା ଅଧିକ ପାପ । ତେଣୁ ଆମେ ଯେଉଁ

Scanned by CamScanner

କାରଣରେ ମଣିଷକୁ ଦୋଷୀ ବୋଲି ଜାଣୁ, ସେ କାରଣ ସହିତ ମଣିଷଠାରୁ ମଧ୍ୟ ଦୂରରେ ଘୁଞ୍ଚାଇ ରଖୁ । ଫଳରେ ସେହି ମନୁଷ୍ୟଟି ଦିନକୁ ଦିନ ଖରାପ ହିଁ ହୋଇଯାଏ ଏବଂ ଆମ୍ଭର ପାରିପାର୍ଶ୍ୱିକକୁ ବିଷମୟ କରି ଗଢ଼ି ତୋଳେ । ଠାକୁରଙ୍କ ନିକଟକୁ ଆସି ଦେଖିଲି, ଗୋବରରୁ ସେ ପଦ୍ମଫୁଲକୁ ହିଁ ତୋଳି ନିଅନ୍ତି, ଗୋବର ସେହିପରି ପଡ଼ିଥାଏ । ନାନା ଦୋଷ ଭିତରୁ ପ୍ରକୃତ ମଣିଷଟିକୁ ସେ ତୋଳି ନିଅନ୍ତି, ସେତେବେଳେ ଦୋଷଗୁଡ଼ିକ ଏକାକୀ ହୋଇ ଘୁଞ୍ଚିଯାଏ । ଅବଶ୍ୟ ସେ ସବୁ ସମ୍ଭବ କରି ତୋଳନ୍ତି ଯଦି ମଣିଷ ନିଜକୁ ସମ୍ପୂର୍ଣ୍ଣ ତାଙ୍କ ହାତରେ ସମର୍ପଣ କରିଦିଏ । ମଣିଷ ନିଜର ଭାର ଯେତିକି ପରିମାଣରେ ତାଙ୍କ ହାତରେ ଛାଡ଼େ, ଠାକୁର ସେହି ପରିମାଣରେ ତାର ମଙ୍ଗଳ କରି ପାରନ୍ତି । ଯେତେ ଟିକିଏ ଆମେ ନିଜ ହାତରେ ରଖିଦେଉଁ, ସେ ସେଠାରେ ବିକାରହୀନ ଭାବରେ ନିଷ୍କର୍ମା ହୋଇ ବସି ରହନ୍ତି । ଏଠାରେ ହିଁ ଶାସ୍ତ୍ରକଥା ମନେ ପଡ଼େ—"ନିଜକୁ ସମ୍ପୂର୍ଣ୍ଣ ଭଗବାନଙ୍କ ଚରଣରେ ଲିପ୍ତ କରି ନ ଦେଲେ ବାସ୍ତବ ବା ବାସ୍ତବକର୍ମରେ ଈଶ୍ୱରଙ୍କର ପୂର୍ଣ୍ଣ ଅନୁଭୂତି ଲାଭ ହୁଏ ନାହିଁ ।" ଅର୍ଥାତ୍ ନିଜେ ଦୋଷତ୍ରୁଟିର ସମସ୍ତ ଭାର ନେଇ ବହୁ ଜନ୍ମ ମୋତେ ଏହି ଭବରେ ହିଁ କାଟିବାକୁ ହେବ, ଯେତେଦିନ ପର୍ଯ୍ୟନ୍ତ ମୋର ସମ୍ପୂର୍ଣ୍ଣ ଭାର ତାଙ୍କ ହାତରେ ତୋଳି ନ ଦେଉଛି । ଠାକୁରଙ୍କର ଏହି ଦିଗଟି ମଧ୍ୟ ତାଙ୍କର ଭଗବାନତ୍ୱ ସମ୍ବନ୍ଧରେ ପ୍ରମାଣ ଦିଏ । ମନେହୁଏ—ହିମାଳୟପରି ଅସୀମ ତାଙ୍କର ଧୈର୍ଯ୍ୟ ଧାରଣର କ୍ଷମତା । ଗୋଟିଏ ଚୋର ଆସିଲା, ଠାକୁର ତାକୁ ଭଲ ପାଇଲେ । ଗୋଟିଏ ଦିନରେ ଚୋର କୌଣସି ସାଧୁ ହୋଇଯାଏ ନାହିଁ । ଠାକୁରଙ୍କ ପାଖକୁ ଆସି ଠାକୁରଙ୍କର ହିଁ ଚୋରି କରୁଛି । ସେ ନିର୍ବିକାର ଭାବରେ ତାହା ସହ୍ୟ କରି ଚାଲିଛନ୍ତି, ଧୈର୍ଯ୍ୟ ଧରି, ଯେତେଦିନ ଯାଏ ତାର ସେହି ଦୋଷ ନ ଯାଏ । ଗୋଟିଏ ରାଗୀ ମଣିଷ, ତାକୁ ମଧ୍ୟ ସେ (ଠାକୁର) ଭଲ ପାଆନ୍ତି । ପରିବର୍ତ୍ତେ ନିଜେ ସେ ଲୋକର ସମସ୍ତ ରାଗ ସହ୍ୟ କରନ୍ତି । ଏହାଦ୍ୱାରା ତାଙ୍କର ବହୁତ କ୍ଷତି ହୁଏ । ବହୁତ ଲୋକ ତାଙ୍କର ନିନ୍ଦା ମଧ୍ୟ କରନ୍ତି । ସେ କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ତାର ସେ ରାଗକୁ ସୁନ୍ଦର କରି ତୋଳି ନ ପାରୁଛନ୍ତି, ସେତେଦିନଯାଏ ସବୁକିଛି ସହ୍ୟକରି ଚାଲିଛନ୍ତି । ବିଭିନ୍ନ ପ୍ରକୃତିର ମଣିଷଠାରୁ ଠାକୁର ଯେ କେତେ ଲାଞ୍ଛନା, ଗଞ୍ଜଣା, ବଦନାମ, ଆର୍ଥିକ ଓ ଶାରୀରିକ କ୍ଷତିଗ୍ରସ୍ତ ହୋଇଛନ୍ତି ତାହାର ସୀମା ନାହିଁ । କିନ୍ତୁ ପରିବର୍ତ୍ତେ ଗୋଟିଏ ମଧ୍ୟ ପ୍ରମାଣ ନାହିଁ ଯେ ଠାକୁର କୌଣସି ଗୋଟିଏ ଲୋକକୁ ତ୍ୟାଗ କରିଛନ୍ତି

Scanned by CamScanner

ବା କହୁଛନ୍ତି ଯେ ଏଠାରେ ତୁମର ସ୍ଥାନ ହେବ ନାହିଁ । ଏହି ଯେ ଧୈର୍ଯ୍ୟଶକ୍ତି ଏକମାତ୍ର ଭଗବାନ ବ୍ୟତୀତ ଆଉ କାହାଦ୍ୱାରା ସମ୍ଭବ ? ଜଗତର କେଉଁ ସମାଜସେବୀ, କେଉଁ ମନୀଷୀ, କେଉଁ ସାଧୁ, କେଉଁ ସନ୍ନ୍ୟାସୀ ଏପରି ପ୍ରତ୍ୟକ୍ଷ ଭାବରେ ନିଜର କ୍ଷତି ସ୍ୱୀକାର କରି ସାନବଡ଼, ଜ୍ଞାନୀ, ମୂର୍ଖ ସମସ୍ତଙ୍କ ପାଇଁ ଏହି ପ୍ରକାରରେ ନିଜକୁ ନିଃଶେଷ କରି ଦେଇଛନ୍ତି । ପାପୀ ବୋଲି କାହାକୁ ଦୂରକୁ ଘୁଞ୍ଚାଇ ରଖି ନାହାନ୍ତି ବା ପୁଣ୍ୟବାନ ବୋଲି କାହାକୁ ମୁଣ୍ଡରେ ତୋଳି ଧରି ନାହାନ୍ତି । ଈଶ୍ୱରଙ୍କର ସୃଷ୍ଟି ସକଳ ମଣିଷକୁ ସେ ସ୍ୱୀକାର କରିଛନ୍ତି, ଭଲ ପାଇଛନ୍ତି, ସେମାନଙ୍କର ଦୋଷତ୍ରୁଟି ଭଲମନ୍ଦ ସହିତ । ସେ ଜାଣନ୍ତି, ପାପ ପଙ୍କରେ ଏମାନେ ହାବୁଡ଼ୁବୁ ହେଉଥିଲେ ମଧ୍ୟ ଏମାନେ ସମସ୍ତେ ହିଁ ଦିନେ ଈଶ୍ୱରତ୍ୱ ପ୍ରାପ୍ତ ହେବେ । ତେବେ ଦୁଇଦିନ ଆଗେ ଆଉ ପଛରେ । ତେଣୁ ଠାକୁର, ତାଙ୍କ ସାନିଧ୍ୟକୁ ଯିଏ ଯାଏ, ତାକୁ ହିଁ ସତ୍ୱର ମୁକ୍ତି ଆଡ଼କୁ ଠେଲି ଦେବାପାଇଁ ଚେଷ୍ଟା କରନ୍ତି । ପଛରେ ଯିଏ ଥାଏ ତାକୁ ଆଗକୁ ଠେଲି ଦିଅନ୍ତି । ଆଗରେ ଯିଏ ଥାଏ ତାକୁ ଆହୁରି ଆଗକୁ ଠେଲି ଦିଅନ୍ତି । ଗୋଟିଏ ପରେ ଗୋଟିଏ ପାଦ ପକାଇ ସମସ୍ତେ ଆଗେଇ ଚାଲିଛନ୍ତି ବିଭିନ୍ନ କର୍ମଫଳକୁ କଟାଇ । କେହି ପଛେଇ ଯାଉ ନାହାନ୍ତି । ସେ କାହାକୁ ପଛାଇବାକୁ ଦିଅନ୍ତି ନାହିଁ । ଶ୍ରୀଶ୍ରୀ ଠାକୁର ଥରେ ମୋତେ କହିଥିଲେ—'ଲୋକ ସହିତ ଏପରି କଥା କହିବ, ଏପରି ବ୍ୟବହାର କରିବ, ସେଥିରେ ଲୋକ ଯେପରି ସମ୍ମୁଖକୁ ଆଗେଇ ଯାଏ, ଯେପରି ପଛେଇ ନ ପଡ଼େ । ଲୋକଙ୍କୁ ଯେତେ ସତ୍‌ପଥ ଆଡ଼କୁ, ଈଶ୍ୱରଙ୍କ ଆଡ଼କୁ ଆଗେଇ ଦେବ, ତାର ସେତେ ମଙ୍ଗଳ ହେବ । ତୁମକୁ ମଧ୍ୟ ଆଉ ତୁମର ମଙ୍ଗଳ ଖୋଜିବାକୁ ହେବ ନାହିଁ । ମଙ୍ଗଳ ଆସି ସ୍ୱତଃ ତୁମକୁ ପୂଜା କରିବ ।' ସେ ଆଉ ଦିନେ କହିଥିଲେ, 'ଅର୍ଥାତ୍- ଲୋକପାଳୀ ବ୍ୟବସାୟ କର । ମନୁଷ୍ୟକୁ active କରି ଗଢ଼ି ତୋଳ । ମନୁଷ୍ୟ ଭୁଲିଯାଇଛି ତାର ଆତ୍ମପରିଚୟ । ଜାଗ୍ରତ କରି ତୋଳ ତାର ସେହି ସତ୍ତାକୁ । ଆର୍ଯ୍ୟ ଋଷିର ସନ୍ତାନ ତୁମେ ପ୍ରତ୍ୟେକେ, ତୁମ୍ଭେମାନେ ସମସ୍ତେ ହୋଇଉଠ ତୁମ୍ଭମାନଙ୍କର ଆଦି ପୁରୁଷ ସେହି ଋଷି ପରି, ଯାହାଙ୍କ ଗୋତ୍ର ବହନକରି ପରିଚୟ ଦେଉଛ ଜଗତ ସମ୍ମୁଖରେ । ଯଦି ନିଜେ ସେହିପରି ହୋଇପାର, ଯଦି ପାରିପାର୍ଶ୍ୱିକକୁ ସେହିପରି କରି ଯାହାର ଯାହାର ବୈଶିଷ୍ଟ୍ୟାନୁଯାୟୀ ତାର ପୂର୍ବ ଓ ଆଦି ଋଷି ପରି କରି ତୋଳିପାର, ଦେଖିବ ଧର୍ମ ଜଗତ ପ୍ରତିଷ୍ଠିତ ହୋଇ ଏହିଠାରେ ହିଁ ସ୍ୱର୍ଗ ରଚିତ ହୋଇଛି । ଯଦି ସମସ୍ତଙ୍କୁ ଗଢ଼ି ତୋଳି ନ ପାର, ଜଣକୁ ପାର,

Scanned by CamScanner

ସେହି ଜଣକୁ ନେଇ ତୁମ୍ଭେ ଆନନ୍ଦ ପାଇବ; ଦୁଇଜଣଙ୍କୁ ପାଇଲେ, ଦୁଇଜଣ ହିଁ ହେବେ ତୁମର ସୁଖଦୁଃଖର ସାଥୀ । ଦଶ ଜଣଙ୍କୁ ଯଦି ପାଅ, ତାହେଲେ ସେମାନଙ୍କୁ ନେଇ ତୁମେ ଯେଉଁ ଆନନ୍ଦଭୋଗ କରିବ ଓ ଆହୁରି ଏକଶହ ଲୋକଙ୍କୁ ସୁନ୍ଦର କରି ତୋଳି ପାରିବ । ଏପରି ସୁନ୍ଦର ପରିବେଶ ସୃଷ୍ଟି କରିବ, ଯାହାର କଳ୍ପନାରେ ହିଁ ଆନନ୍ଦ ହୁଏ, ବାସ୍ତବ ସୃଷ୍ଟି ହେଲେ କେତେ ସୁଖ ! ଆଉ ଯଦି ସମସ୍ତ ପାରିପାର୍ଶ୍ୱିକଙ୍କୁ ଗଢ଼ି ତୋଳିପାର ତାହେଲେ ତ କଥା ନାହିଁ । ଗୋଟିଏ କଥାରେ—ତୁମେ ଯେତେ ପରିମାଣରେ active ହୋଇ ଅନ୍ୟଙ୍କୁ active କରି ତୋଳି ପାରିବ ଏହି ଜଗତରେ, ତୁମେ ସେତେ ପରିମାଣରେ ନିଜେ ଶାନ୍ତିର ଅଧିକାରୀ ହେବ ଓ ଅନ୍ୟଙ୍କୁ ଶାନ୍ତି ଦେଇ ପାରିବ । ଆଉ ତୁମେ ଶାନ୍ତିର ଅଧିକାରୀ ହେଲେ, ସୁଖ ତୁମକୁ ଛାଡ଼ି ରହିପାରିବ ନାହିଁ । ଆଉ ଯେଉଁଠି ସୁଖ ଓ ଶାନ୍ତି ବିରାଜମାନ, ସେଠାରେ ହିଁ ସ୍ୱର୍ଗ ସୁଖ ।' ଏହି ଯେ ମାନବ ସେବା ଭିତର ଦେଇ ସେ ସମସ୍ତଙ୍କୁ ସ୍ୱର୍ଗର ଅଧିକାରୀ କରି ତୋଳିବାକୁ ଚାହାନ୍ତି ଏହା ଭିତରେ ଭାବ ବିହ୍ୱଳତା ନାହିଁ, ନାହିଁ କୌଣସି ବାକ୍ ଚାତୁରୀ, ଯାହା କେବଳ କହିଲେ ହିଁ ମିଳେ ଓ ପ୍ରମାଣ କରିଯାଏ କଥାର କେତେ ଦୂର ସତ୍ୟତା । ସର୍ବୋପରି ଯାହା ନିଜେ ସେ କରି ଚାଲିଛନ୍ତି, ଏତେ practical ଭାବରେ ନିଜର ଗୋଟିଏ ଜୀବନରେ, ଈଶ୍ୱରଙ୍କର ସୃଷ୍ଟି କରିବା ଭିତର ଦେଇ ଅନ୍ୟଙ୍କୁ କରାନ୍ତି ସମ୍ଭବ ବୋଲି ମୋର ଧାରଣା କ୍ଷମତାର ଅଧିକାରୀ ବ୍ୟତୀତ ଆଉ କାହା ପକ୍ଷରେ ନାହିଁ । ଏହିଠାରୁ ମଧ୍ୟ ମୁଁ ସନ୍ଦେହାତୀତ ଯେ ସେ ଭଗବାନ । ଶ୍ରୀକୃଷ୍ଣ ଯେପରି କୁରୁକ୍ଷେତ୍ରର ଅବତାରଣା କରି ଜଗତର ମଙ୍ଗଳ ସାଧନ କରିଥିଲେ ଓ ମଣିଷମାନଙ୍କୁ active କରି ତୋଳିଥିଲେ, ବହୁ ଦାମ୍ଭିକର ଦମ୍ଭ ନଷ୍ଟ କରିଥିଲେ, ବହୁ ଅହଙ୍କାରୀର ଅହଙ୍କାର ଧୂଳିସାତ୍ କରିଥିଲେ, ପ୍ରକୃତ ଗୁଣୀକୁ ପିନ୍ଧାଇଥିଲେ ଜୟମାଳ୍ୟ । ଗୋଟିଏ କଥାରେ—କୁରୁକ୍ଷେତ୍ର ହୋଇଥିଲା ବିଚାର କ୍ଷେତ୍ର, ସେଠାରେ ଯାହାର ଯାହା ପ୍ରାପ୍ୟ ସେମାନେ ନିଜେ ଯାଚଞ୍ଚା କରି ତାହା ପାଇଛନ୍ତି । ଯେ ଶକ୍ତିମାନ ସେ ମୁହଁରେ ନୁହେଁ, ପରୀକ୍ଷା ଦେଇ ପ୍ରତିଷ୍ଠିତ ହୋଇଛନ୍ତି ତାହାର ନିଜ ଆସନରେ । ଯେ ଶକ୍ତିହୀନ, ମୁହଁରେ ଥିଲା ତାର ଯେତେ ଶକ୍ତି, ସେ ହାରିଯାଇ ମୃତ୍ୟୁକୁ ଆଲିଙ୍ଗନ କରି କରିଯାଇଛି ସତ୍ୟର ପ୍ରତିଷ୍ଠା । ଅର୍ଥାତ, ଯାହା ସତ୍ୟ ତାହା ରହିଯାଇଛି, ଯାହା ମିଥ୍ୟା ତାହା କାଳର କବଳରେ ଆଶ୍ରୟ ନେଇ ସତ୍ୟକୁ ହିଁ ଛାଡ଼ି ଦେଇଛି ପଥ । ଏହି ଭାବରେ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧ ଦ୍ୱାରା ମନୁଷ୍ୟର ଯେଉଁ କଲ୍ୟାଣ ସାଧିତ କରି

Scanned by CamScanner

ଯାଇଥିଲେ, ଏଥର ଆମେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ମଧ୍ୟ ଦେଖିବାକୁ ପାଉଁ ସେହିପରି ମାନବ କଲ୍ୟାଣ ପାଇଁ ସେ ବିଶ୍ୱବ୍ୟାପୀ ଯେଉଁ କୁରୁକ୍ଷେତ୍ରର ଆୟୋଜନ କରିଛନ୍ତି ସେଥିରେ କୌଣସି ମଣିଷ ବାଦ୍ ଯିବ ନାହିଁ । କଡ଼ାଗଣ୍ଡା ବିଚାର କରି ସମସ୍ତେ ସମସ୍ତଙ୍କର ପାଉଣା ଗଣ୍ଡାକ ବିଚାର କରି ନେବେ । ଯେ ଯେତେ ପରିମାଣର ଅଧିକାରୀ, ସେ ସେତେ ପରିମାଣରେ ପାଇବ । ଫାଙ୍କିଦେଇ କିଛି ପାଇବା ଚାଲିବ ନାହିଁ । ପ୍ରତ୍ୟେକଙ୍କୁ ଯାହାର ଯାହାର ନିଜର ଯୋଗ୍ୟତା ଦେଇ ଯୋଗ୍ୟ ହୋଇ ଉଠିବାକୁ ହେବ । ଭେଲକିବାଜୀର ଦିନ ଚାଲିଯାଇଛି । ସେହି ଶ୍ରୀକୃଷ୍ଣ ସମୟଠାରୁ ଆଜି ପର୍ଯ୍ୟନ୍ତ ବହୁତ ସମୟ ଭଗବାନ ଦେଇଛନ୍ତି ମଣିଷକୁ ତାର ନିଜ ମାର୍ଫିକ ଚାଲିବା ପାଇଁ, ଯାହାର ପରିଣତିରେ ମଣିଷ ହୋଇଉଠିଛି ସ୍ୱେଚ୍ଛାଚାରୀ, ପରସ୍ୱାପହାରୀ, ବାକ୍ ସର୍ବସ୍ୱ, ଭୁଲିଯାଇଛି ମଣିଷ ତାର ନିଜସ୍ୱ ନୀତି । ତେଣୁ ଠାକୁର ଆସିଛନ୍ତି ଏଥର କଳଙ୍କୀ ରୂପ ଧାରଣ କରି । ସଂହାର କରିବେ ଦୁଷ୍କୃତକାରୀଙ୍କୁ । ତେବେ ସେ ସଂହାର ରୁଦ୍ରମୂର୍ତ୍ତି ଧରି ନୁହେଁ, ଶାନ୍ତ ମାଧ୍ୟମରେ । ସେ ଯେ ଦୟାଳ, ସେ ଯେ ଶେଷ ଅବତାର । ତେବେ ସେ ସମସ୍ତ ଅନ୍ୟାୟକାରୀଙ୍କୁ ଶାସ୍ତି ଦେବେ, ଶାସ୍ତି ପାଇଗଲେ ତାହା ସେ ନିଜେ ହିଁ ଜାଣି ପାରିବ ନାହିଁ । ହସହସ ମୁହଁରେ ବରଣ କରି ନେବେ ପ୍ରତିଷ୍ଟି ଲୋକ ତାଙ୍କର ସ୍ନେହ କଠୋର ଶାସ୍ତି । ଯାହାର ପରିଣତି ହୁଏତ ମୃତ୍ୟୁ ହୋଇପାରେ । ଅବଶ୍ୟ ସେ ମୃତ୍ୟୁର ପକ୍ଷପାତୀ ନୁହଁନ୍ତି, କିନ୍ତୁ ବିଧାତାର ବିଧାନ ତ ତାକୁ ରକ୍ଷା କରିବାକୁ ହେବ । କିନ୍ତୁ ସାଧାରଣ ମୃତ୍ୟୁ ଓ ଏ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟ ହେଲା ଯେପରି—ଏପରି ବହୁତ ଲୋକ ତ ମରିଛନ୍ତି, ତା ମଧ୍ୟରେ ଯେଉଁମାନେ କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ରରେ ମରିଛନ୍ତି, ସେମାନେ ସମସ୍ତେ ହିଁ ସ୍ୱର୍ଗବାସ କରିଛନ୍ତି—ସେହିପରି ଯେଉଁମାନେ ଅବତାରଙ୍କ ଶାସ୍ତି ମୁଣ୍ଡପାତି ନେଇ ସତ୍ୟର ପ୍ରତିଷ୍ଠା ପାଇଁ ଶରୀର ବିସର୍ଜ୍ଜନ ଦେବେ, ସେମାନେ ହିଁ ହେବେ ତାଙ୍କର ପ୍ରିୟ ପାତ୍ର—ଫଳ ସ୍ୱର୍ଗଲାଭ । ଯେଉଁମାନେ ଅଧର୍ମକୁ ପ୍ରତିଷ୍ଠିତ କରି ତାଙ୍କର ଆଶ୍ରୟ ଗ୍ରହଣ ନ କରିବେ, ସେମାନେ ହିଁ ହେବେ ନରକର ଅଧିକାରୀ, ସେମାନଙ୍କ ଦ୍ୱାରା ହିଁ ହେବ ପୁଣି ସୃଷ୍ଟିର ବିଭିନ୍ନ ଶ୍ରେଣୀ । ଅବଶ୍ୟ ମୋର ମନେହୁଏ ଶ୍ରୀଶ୍ରୀ ଠାକୁର ହୁଏତ କାହାକୁ ବାଦ୍ ଦେବେ ନାହିଁ । କାରଣ ସେ ଯେ ଦୟାଳ । ଜାଣେନା ସୃଷ୍ଟିର ରହସ୍ୟ । ତେଣୁ ଏଠାରେ ହିଁ ସେ ମୋର ଗୁରୁ । ମୁଁ ତାଙ୍କର କ୍ଷୁଦ୍ରତମ ଶିଷ୍ୟ । ଏତିକି ଯାହା ଲେଖିଛି, ତାହା ମଧ୍ୟରେ ବହୁ ଅବାନ୍ତର କଥା ରହିପାରେ । ତେବେ ଏଟା ଠିକ୍, ଯାହା

Scanned by CamScanner

ଲେଖିଛି, ସେଠା ଏକବାରେ ମୋ ନିଜସ୍ୱ କଥା । ଏହି ଟିକକ ସତ୍ୟ ହିଁ କେବଳ ମୋର ମୂଳଧନ । ବିଦ୍ୟା, ବୁଦ୍ଧି, ଜ୍ଞାନ, କୌଣସିଟା ମୋର ନାହିଁ, କେବଳ ଠାକୁରଙ୍କୁ ମୋ ଭଳି ନିର୍ଗୁଣ ଲୋକର କାହିଁକି ଭଲ ଲାଗେ, ତାହା ଲେଖିବାକୁ ଯାଇ ମୋ ପରି ମୂର୍ଖ ହାତରେ ମଧ୍ୟ କଲମ ଉଠିଛି ।

ଗୋଟିଏ କଥାରେ ଠାକୁରଙ୍କୁ ଦୟାଳଠାରୁ ମଧ୍ୟ ଭଲ ପାଇବାର ପାତ୍ର ହିସାବରେ ହିଁ ମୋତେ ଭଲ ଲାଗେ । ସେ ଦୟା କରୁଛନ୍ତି, ଏହା ଭାବିବାକୁ ମୋତେ ଭଲ ଲାଗେ ନାହିଁ । କିନ୍ତୁ ସେ ଭଲ ପାଇ କରୁଛନ୍ତି, ଏହା ହିଁ ଯେପରି ଅନ୍ତରକୁ ଆନ୍ଦୋଳିତ କରେ । ଦୟାର ଦାନଠାରୁ ଭଲପାଇବାର ଦାନ ମୋ ନିକଟରେ ମୂଲ୍ୟ ବେଶୀ । ସେହି 'ଭଲବାସା' ମୋର ଠାକୁରଙ୍କ ନିକଟରେ ମୁଁ ପରିପୂର୍ଣ୍ଣ ଭାବରେ ପାଏ । ଅନ୍ୟ କାହାକୁ ସେ ମୋ ଠାରୁ ବେଶୀ ଭଲପାଆନ୍ତି କିନା — ଏହି ପ୍ରଶ୍ନ ଅନେକେ ମୋତେ କରିଛନ୍ତି । ମୁଁ କହେ— ଏତେ ବିଚାର କରି ଦେଖି ନାହିଁ । କେତେ ଲକ୍ଷ ଲକ୍ଷ ଲୋକ ନେଇ ଯାହାର କାରବାର, ସେଠାରେ ମୋ ଠାରୁ ମଧ୍ୟ ଭଲ ପାଇବାର ଲୋକ ତାଙ୍କର ଅନ୍ତତଃ କେତେ ସହସ୍ର ରହିବା ସମ୍ଭବ । ଏପରି କି ଲକ୍ଷ ମଧ୍ୟ ହୋଇପାରେ । ତାହାବୋଲି ଏପରି ମଧ୍ୟ ହୋଇପାରେ ଯେ ତାଙ୍କ ଶିଷ୍ୟମାନଙ୍କୁ ସମସ୍ତଙ୍କୁ ତୁଳନାମୂଳକ ବିଚାର କଲେ ମୋଠାରୁ ମଧ୍ୟ ବେଶୀ ଭଲ ପାଆନ୍ତି । କିନ୍ତୁ ସେଥିରେ ମୋର କଣ ? ତାଙ୍କର 'ଭଲବାସା'ର ବିଚାର ମୁଁ କରିବାକୁ ଯିବି ନାହିଁ । ମୁଁ ଦେଖିବି ମୁଁ କଣ ପାଇଲି । ସେ ଦିଗରୁ ଦେଖିବାକୁ ଗଲେ ମୁଁ ଭରପୂର । ସେ ତାଙ୍କର 'ଭଲବାସା' ଦେଇ ମୋ ମନକୁ ଭରପୂର କରି ରଖିଛନ୍ତି । ତାଙ୍କ ପାଖରେ କେତେ 'ଭଲବାସା' ଅଛି, ତାହା ମାପିବାରେ ମୋର ଲାଭ କଣ ? ଆଉ କିପରି ବା ତାହା ମାପିବ ? ଜୀବନରେ ଯାହାକୁ ହିଁ ଭଲ ପାଇଛି, ସେ ପୁରୁଷ ହିଁ ହେଉ ବା ନାରୀ ହେଉ, ପିଲା ହେଉ ବା ବୁଢ଼ା ହେଉ, ସେମାନଙ୍କଠାରୁ ଆଘାତ ଆସିଛି । କେଉଁଠି ସେମାନେ ଇଚ୍ଛାକୃତ ଆଘାତ କରିଛନ୍ତି, କେଉଁଠି ସେମାନେ ଅନିଚ୍ଛାକୃତ ଆଘାତ କରିଛନ୍ତି ମୋତେ ଭୁଲ ବୁଝି । ସେମାନେ ମୋତେ ଭୁଲ ବୁଝି ଆଘାତ କରିଛନ୍ତି ବେଶୀ, ଇଚ୍ଛାକୃତ କମ୍ । ଅବଶ୍ୟ ମନୁଷ୍ୟଙ୍କୁ ମଧ୍ୟ ଏଥିପାଇଁ ଦୋଷ ଦିଆଯାଇ ନ ପାରେ, କାରଣ ସେମାନେ ମଧ୍ୟ ଏହିପରି ମୋ ପରି ଆଘାତ ପାଇଛନ୍ତି ଅନ୍ୟ ନିକଟରୁ ଏବଂ ସଙ୍ଗେ ସଙ୍ଗେ ଅନ୍ୟକୁ ମଧ୍ୟ ବିଶ୍ୱାସ କରିବାକୁ ଚାହାନ୍ତି ନାହିଁ । କିପରି ଜାଣିବ

Scanned by CamScanner

କେତେ ପରିମାଣର ଆନ୍ତରିକତା ନେଇ ମୁଁ ଯାଇଛି ? ଯାହାହେଉ, ମୋର ଗୁରୁ, ମୋର ଠାକୁରଙ୍କୁ ଦେଖିଲି—କେଶାଗ୍ର ମାତ୍ର ମୋତେ ସେ ଭୁଲ ବୁଝିଲେ ନାହିଁ । ମୁଁ ଯାହା, ମୁଁ ଯେତେ ଟିକିଏ, ସେ ଠିକ୍ ସେତେ ଟିକିକୁ ହିଁ ମୋତେ ଚିହ୍ନିଛନ୍ତି, ପୂର୍ଣ୍ଣ ଦାମ୍ ମୋତେ ଦେଇଛନ୍ତି । ଯେତେବେଳେ ମୋର ଅନ୍ତରର ମନ ଖୋଲି ସମସ୍ତ ସତ୍ୟ ତାଙ୍କ ନିକଟରେ ବ୍ୟକ୍ତ କରିଛି, ସେ ତାହାର ପ୍ରତିଟି କଥା ଗ୍ରହଣ କରିଛନ୍ତି; ଅତ୍ୟନ୍ତ ସତ୍ୟ ଭାବରେ ତାହାର ପ୍ରମାଣ ପାଇଛି ମୁଁ ତାଙ୍କ ପରବର୍ତ୍ତୀ ବ୍ୟବହାରରେ । ଏପରି ଲୋକକୁ ଭଲ ପାଇ ଆନନ୍ଦ, ବିଶ୍ୱାସ କରି ଆନନ୍ଦ, ଦେଖି ଆନନ୍ଦ, ତାଙ୍କ କଥା ଶୁଣି ଆନନ୍ଦ, ତାଙ୍କ କଥା ଲୋକଙ୍କୁ କହିଲେ ଆନନ୍ଦ । ଏ ଗୁଡ଼ିକ ଖାଲି ମୁହଁର କଥା ନୁହେଁ, ନିଜ ଜୀବନରେ ମୁଁ ଉପଲବ୍ଧି କରିଛି । ତେଣୁ ତାଙ୍କୁ ମୋର ମନ ନିଃସନ୍ଦେହରେ ମାନି ନେଇଛି ଭଗବାନ ବୋଲି । ଶୂନ୍ୟରେ କଳ୍ପିତ ଭଗବାନର ରୂପରେ ମୋର ଆଉ ଲୋଭ ନାହିଁ । ଯେଉଁ ଭଗବାନଙ୍କର ଦର୍ଶନ ପାଇଛି—ଏହା ହିଁ ମୋର ଯଥେଷ୍ଟ । ତେବେ ମୋର ବର୍ତ୍ତମାନ କରଣୀୟ ବହୁତ କିଛି ରହିଛି । ଯେତେଦିନ ପର୍ଯ୍ୟନ୍ତ ତାଙ୍କୁ ଜାଣି ନ ଥିଲି, ସେତେଦିନ ପର୍ଯ୍ୟନ୍ତ ଭଲ ଥିଲି । ବର୍ତ୍ତମାନ ଆଲୋକ ଦେଖି ଆଉ ଅନ୍ଧକାର ଭଲ ଲାଗେ ନାହିଁ । ତାଙ୍କୁ ଦେଖିବା ପରଠାରୁ, ତାଙ୍କୁ କିଞ୍ଚିତ ମାତ୍ର ବୁଝିବା ପରେ, ମୁଁ ଦେଖୁଛି ମୁଁ ଅଛି କଣ ? ହେବାକୁ ହେବ କଣ ? ଏହି ହେବା ପାଇଁ ନିଜକୁ ସମ୍ପୂର୍ଣ୍ଣ ତାଙ୍କ ହାତରେ ଛାଡ଼ି ଦେବାକୁ ହେବ । କିନ୍ତୁ କାହିଁ ? ତାହା ମଧ୍ୟ ପାରେ ନାହିଁ । ବିଗତ ଜୀବନର ସମସ୍ତ ଦୁର୍ବଳତା, ସଂସ୍କାର ଆସି ଅନ୍ତରାୟ ହୋଇ ଛିଡ଼ା ହୁଏ ମଧ୍ୟସ୍ଥଳରେ । ତାକୁ କାଟି ଉଠିବା ବଡ଼ କଠିନ । ଯଦିଓ ଠାକୁର ପାଖିପର କହନ୍ତି—'ଛାଡ଼ିଦେଲେ ହିଁ ହେଲା ।' ଏହା ମଧ୍ୟ ବୁଝେ ! ଠିକ୍ ତ ! ବଦଭ୍ୟାସଗୁଡ଼ିକ ଛାଡ଼ିଦେଲେ ହିଁ ହେଲା । କିନ୍ତୁ—ଏହି 'କିନ୍ତୁ'ଟା ହିଁ ହେଲା ଯେତେ ସର୍ବନାଶର ମୂଳ । ଏଠାରେ ହିଁ ଏଟା ଯେପରି ପ୍ରହେଳିକା । ଯେତେ ସହଜ, ସେତେ କଠିନ । ଥରେ ଥରେ ମନେହୁଏ ପାରିବି ନାହିଁ କାହିଁକି ? ସ୍ୱୟଂ ଭଗବାନ ହିଁ ତ ମୋର ସହାୟ । ପୁଣି ଅଲକ୍ଷ୍ୟରେ କେତେବେଳେ ମନ ସେହି ପୂର୍ବ ସଂସ୍କାରକୁ ଫେରିଯାଏ, ଜାଣି ମଧ୍ୟ ପାରେ ନାହିଁ । ଏହାକୁ ହିଁ ବୋଧହୁଏ କୁହାଯାଏ ଲୁଚକାଳି ଖେଳ । ତେବେ ଏ ବିଶ୍ୱାସ ମୋର ଅଛି, ଯେତେବେଳେ ତାଙ୍କ ହାତରେ ଥରେ ପଡ଼ିଛି, ସେତେବେଳେ ମାରିପିଟି, କିମ୍ବା ସ୍ନେହ ଆଦର କରି ଯେପରି କରି ହେଉନା କାହିଁ ସେ ମୋତେ ଠିକ୍

Scanned by CamScanner

କରିଦେଇଛି । ତେଣୁ ଗୋଟିଏ ଦିଗରୁ ମୁଁ ଆଜି ନିଶ୍ଚିନ୍ତ । ମୁଁ ଯେତେବେଳେ ତାଙ୍କର ସନ୍ତାନ, ଜଗତରେ କାହାକୁ ମୁଁ ଭୟ କରେ ନାହିଁ । କିନ୍ତୁ ମୁଁ ସମସ୍ତଙ୍କର ଅନୁଗତ । କାହାର ଉପରେ ମୁଁ ଖଙ୍ଗ ପଡ଼ିବ ନାହିଁ । କିନ୍ତୁ ମୋର ପାରିପାର୍ଶ୍ୱିକ ମଧ୍ୟରେ ଜଣେ ଲୋକ ମଧ୍ୟ ଯଦି ଖଙ୍ଗ ପଡ଼େ, ସେଥିପାଇଁ ମୁଁ ଦାୟୀ । ଏହା ମଧ୍ୟ ତାଙ୍କର କଥା ଏବଂ ଅତି ସତ୍ୟକଥା ବୋଲି ମୋର ମନେହୁଏ । ଆଉ ଏତେ ସତ୍ୟକଥା ସେ କୁହନ୍ତି ବୋଲି ମୁଁ ତାଙ୍କୁ ମୁକ୍ତକଣ୍ଠରେ ଭଗବାନ ବୋଲି କହେ । ବହୁ ଲୋକଙ୍କଠାରୁ ଶୁଣେ, ସେମାନେ କୁହନ୍ତି ଠାକୁରଙ୍କ ନିକଟକୁ ଯିବାକୁ ଭୟ ଲାଗେ । ମୋର କିନ୍ତୁ ଚିର ଆନନ୍ଦମୟ ଏହି ଲୋକଟିକୁ ଦେଖିଲେ ଆନନ୍ଦରେ ହୃଦୟ ନାଚି ଉଠେ । ଇଚ୍ଛାହୁଏ ଆନନ୍ଦରେ ତାଙ୍କ ଚରଣତଳେ ଲୋଟି ପଡ଼େ । ଲୋକେ କୁହନ୍ତି, ଠାକୁରଙ୍କ ନିକଟରେ କହିବାର କଣ ଅଛି ? ସେମାନେ କଣ କହିବାର କିଛି ଖୋଜି ପାଆନ୍ତି ନାହିଁ । ଅଥଚ ସାଧାରଣ ଗୋଟିଏ ସ୍ତ୍ରୀଲୋକ ସହିତ ହୁଏତ ସେ ଦିନ ପରେ ଦିନ, ରାତ୍ରି ପରେ ରାତ୍ରି କଥା କହି ଚାଲିଛନ୍ତି । ସାଧାରଣ ବୁଦ୍ଧିର ଗୋଟିଏ ଲୋକ ସହିତ ଘଣ୍ଟା ପରେ ଘଣ୍ଟା କାଟି ଚାଲିଛି କେତେ ଗଳ୍ପରେ, କେତେ ପରାମର୍ଶରେ । ଅଥଚ ଯିଏ ଏ ଦୁନିଆର ମାଲିକ, ଯାହାଙ୍କ ଭିତରେ ରହିଛି ସମସ୍ତ ଦୁନିଆର ନାରୀ ଓ ପୁରୁଷ — ସେଠାରେ ନା କଣ କହିବାର କିଛି ନାହିଁ । ଏହି ଅବିଶ୍ୱାସ୍ୟ କଥା ମଧ୍ୟ ବିଶ୍ୱାସ କରିବାକୁ ହୁଏ । ସେତେବେଳେ ଇଚ୍ଛା ହୁଏ, ଚିତ୍କାର କରି କହେ—ତୁମର ସ୍ତ୍ରୀ ନିକଟରେ ଯେଉଁ କଥା କୁହ, ପୁତ୍ର ପିତା ନିକଟରେ ଯାହା କହେ, ସ୍ତ୍ରୀ ସ୍ୱାମୀ ନିକଟରେ ଯାହା କହେ, ବନ୍ଧୁ ବନ୍ଧୁ ନିକଟରେ ଯାହା କହେ, ତାଠାରୁ ମଧ୍ୟ ମୋର ଠାକୁର ନିକଟସ୍ଥ, ତାହା କଣ ତୁମ୍ଭେମାନେ କହିପାରି ନାହିଁ ? କାହିଁକି ଏପରି ହୁଏ ? ପୁଣି ମନେହୁଏ, ହୁଏତ ଠାକୁର ହିଁ ଏପରି କରି ରଖନ୍ତି । ଏଠାରେ ସେ ଆଲୋକ, ମୁଁ ଅନ୍ଧକାର । ତେଣୁ ମୁଁ ଶିଷ୍ୟ, ସେ ଗୁରୁ । ଅନେକଙ୍କ କହିବାର ଶୁଣେ, କଥା କହିବ କଣ ? ଠାକୁରଙ୍କର ଅମୂଲ୍ୟ ସମୟ ମୁଁ ନଷ୍ଟ କରିବାକୁ ଚାହେଁ ନା । ଶୁଣି ହସ ଲାଗେ । ଆରେ ତୁମେ ଯଦି ତାଙ୍କ ସମୟ ନଷ୍ଟ କରି ପାରିବ, ତାହେଲେ ତୁମେ ତାଙ୍କର ଶିଷ୍ୟ ହେଲ କାହିଁକି ? ସେ ହିଁ ତୁମର ଶିଷ୍ୟ ହେବା ଉଚିତ ଥିଲା । ଭଗବାନଙ୍କ କଥା ଛାଡ଼ିଦେଲି । ସେ ତ ଆମ୍ଭମାନଙ୍କର ମୂଲ୍ୟ ଦେଇ ହିଁ ଅମୂଲ୍ୟ । ଅନ୍ଧକାରକୁ ଆଲୋକ ଦେଇ ତ ଆଲୋକର ଯେତେକ ମୂଲ୍ୟ । ଠାକୁର ଯେ ଅମୂଲ୍ୟ, ତାଙ୍କ ସହିତ ସଙ୍ଗକରି ତୁମେ ମଧ୍ୟ ଅମୂଲ୍ୟ ହୁଅ । ଅନ୍ୟ ଜଣେ ହେଲି,

Scanned by CamScanner

ସେଥିରେ ତୁମର କଣ ହେଲା ? ତୁମେ ହୋଇ ଅନ୍ୟକୁ ସାହାଯ୍ୟ କର, ତାହେଲେ ତୁମର ଯାହା ହୋଇଥିବ ତାହା ଆହୁରି ବଢ଼ିଯିବ । ସେ ଯେ ପ୍ରତିଟି ଲୋକ ପାଇଁ ସଚେତନ ହୋଇ ବସି ରହିଛନ୍ତି, ଅଥଚ ନିର୍ବିକାର, ନିସ୍ପୃହ । ତୁମେ ଯଦି ଆଗେଇ ଯାଅ, ଦେଖିବାକୁ ପାଇବ ସେ ହସ୍ତ ପ୍ରସାରଣ କରି ରହିଛନ୍ତି ତୁମକୁ ତୋଳି ନେବାପାଇଁ । ଯଦି ତୁମେ ମୁହଁ ବୁଜି ଚାଲିଆସ, ତାହାହେଲେ ବୁଝି ମଧ୍ୟ ପାରିବ ନାହିଁ ଯେ ସେ କେତେ ଆକୁଳ ହୋଇ ବସିଛନ୍ତି ତୁମ ପାଇଁ । ମନେ ହେବ ଯେପରି ନିର୍ଜୀବ, ସ୍ଥବିର ଜଣେ ମଣିଷ ବସିଛନ୍ତି । କିନ୍ତୁ ଏହି ସ୍ଥବିର ଲୋକଟି ମଧ୍ୟରେ କେତେ ପରିମାଣରେ ଗମ୍ଭୀରତା, କେତେ ପରିମାଣରେ ଦରଦ, ପ୍ରତିଟି ଲୋକ ପାଇଁ, କି ବ୍ୟାକୁଳ ଆଗ୍ରହ ନେଇ ବସି ରହିଛନ୍ତି ସେ ତାଙ୍କର ଯେଉଁ ଭକ୍ତ ପାଇଁ ଯେ ନିଜସ୍ୱ ସମସ୍ତ ଭାର ତୋଳିଦେବ ତାଙ୍କ ହସ୍ତରେ—ପରିବର୍ତ୍ତେ ସେହି ଭକ୍ତର ପଦଚିହ୍ନ ବକ୍ଷରେ ଧାରଣ କରି ସେ ନିଜେ ହେବେ ଭକ୍ତର ଭଗବାନ । ସେଦିନ ମଧ୍ୟ ଆମେ ଦେଖିବାକୁ ପାଉ ଶ୍ରୀଶ୍ରୀ ଠାକୁର ରାମକୃଷ୍ଣ ଦେବଙ୍କୁ—କାହାର ଅପେକ୍ଷାରେ ଯେପରି ସେ ବସିଥିଲେ । ସେ ଯେ ଅପେକ୍ଷାରେ ଥିଲେ ତାହାର ପ୍ରମାଣ ହେଲା ତାଙ୍କ ମୃତ୍ୟୁର କେତେ ବର୍ଷ ପୂର୍ବେ, ଯେତେବେଳେ ପାଇଲେ ନରେନ୍ଦ୍ରନାଥ ଦତ୍ତଙ୍କୁ । ଭକ୍ତ ଓ ଭଗବାନ, ଗୁରୁ ଏବଂ ଶିଷ୍ୟ, ଦୁହେଁ ହିଁ ହେଲେ ଧନ୍ୟ । ନାହିଁ ସେଠାରେ ଭେଦାଭେଦ । ବିବେକାନନ୍ଦ ପାଇଁ ଠାକୁର ସବୁ କରି ପାରନ୍ତେ । ନରେନ୍‌ର ବହୁ ଆବ୍‌ଦାର ତ ସେ ସହ୍ୟ କରିଛନ୍ତି । ଗୁରୁ ହୋଇ ଶିଷ୍ୟ ନିକଟରେ ପରୀକ୍ଷା ମଧ୍ୟ ସେ ଦେଇଛନ୍ତି । କମ୍ ନୁହେଁ, ଯାହା ସାଧାରଣତଃ କଳ୍ପନା ହିଁ କରିଯାଏ ନାହିଁ । ଅନ୍ୟ ଲୋକ ନିକଟରେ ପରୀକ୍ଷା ତ ଦୂରର କଥା, ଅନେକ ସମୟରେ କଥା ହିଁ କହୁ ନଥିଲେ । ଗୋଟିଏ ଦୃଷ୍ଟିରେ ଦେଖିବାକୁ ଗଲେ ବିବେକାନନ୍ଦ ବ୍ୟତୀତ ପରମହଂସ ଯେପରି ପୂର୍ଣ୍ଣ ନୁହନ୍ତି, ଆଂଶିକ । ଯେପରି ନିତାଇ ବ୍ୟତୀତ ଗୌର ଅସମ୍ପୂର୍ଣ୍ଣ ମନେହୁଏ, ସେହିପରି ଭକ୍ତ ବ୍ୟତୀତ ଭଗବାନ ମଧ୍ୟ ନିଜକୁ ଅସମ୍ପୂର୍ଣ୍ଣ କରି ରଖନ୍ତି । ଠାକୁରଙ୍କୁ ମଧ୍ୟ ଦେଖିଛୁ ସେହି ଭକ୍ତ ପାଇଁ ଯେପରି ଆକୁଳ ହୋଇ ବସି ରହିଛନ୍ତି । ଯେତେ ଲୋକ ଯାଆନ୍ତି, ସେ ଯେପରି ତୃପ୍ତହୋଇ ପାରୁ ନାହାନ୍ତି । ସମସ୍ତଙ୍କ ସହିତ କଥା କୁହନ୍ତି, ସମସ୍ତଙ୍କ ମଙ୍ଗଳ ପାଇଁ ଚିନ୍ତା କରନ୍ତି । କିନ୍ତୁ ଟିକିଏ ଲକ୍ଷ୍ୟ କରିଲେ ହିଁ ବୁଝାଯାଏ, କାହାକୁ ଯେପରି ସେ ଖୋଜି ଚାଲିଛନ୍ତି । ତାକୁ ନ ପାଇବା ପର୍ଯ୍ୟନ୍ତ ତାଙ୍କର ନାହିଁ ଶାନ୍ତି, ନାହିଁ ସୁଖ । ତେବେ ଏଥର

Scanned by CamScanner

ବୋଧହୁଏ ସେ ଜଣକ ପାଇଁ ବସି ନାହାନ୍ତି, କେତେ ଜଣକ ପାଇଁ ବସି ରହିଛନ୍ତି । ଏମାନଙ୍କ ମଧ୍ୟରୁ କେହି ଆସିଛନ୍ତି କି ନା ଜାଣେ ନାହିଁ । ତେବେ ବର୍ତ୍ତମାନ ମଧ୍ୟ ଏପରି କାହାର ଆସିବାର ଅଛି, ଯାହାର ପ୍ରତୀକ୍ଷାରେ ଠାକୁର ପ୍ରତିଟି ମୁହୂର୍ତ୍ତ ଗଣି ଚାଲିଛନ୍ତି । ଭକ୍ତ ପାଇଁ ଏହି ଯେ ପ୍ରତୀକ୍ଷା, ଏହା କୌଣସି ସାଧୁ ସନ୍ୟାସୀଙ୍କୁ କଦବାର ଦେଖାଯାଏ ନାହିଁ ; ସ୍ୱୟଂ ଭଗବାନ ବ୍ୟତୀତ । ଠାକୁରଙ୍କ ନିକଟରେ ମୁଁ ବସିଥାଏ । ତାଙ୍କର ସେହି ଭାବଗୁଡ଼ିକ ଯେତେବେଳେ ମୁଁ ଲକ୍ଷ୍ୟ କରେ, ଆଉ ଅନ୍ତର ମୋର କାନ୍ଦି ଉଠେ ତାଙ୍କର ସେହି ପ୍ରତୀକ୍ଷା ଦେଖି । ତାଙ୍କର ଚରଣରେ ସେତେବେଳେ ମିନତି ଜଣାଏ, ଆଉ କହେ—ତୁମେ ପରା ବିଶ୍ୱସ୍ରଷ୍ଟା, ତୁମେ ପରା ସର୍ବଜ୍ଞ; ତେବେ ଯାହାପାଇଁ ଆକୁଳ ଆଗ୍ରହରେ ବସି ରହିଛ ତାଙ୍କୁ କାହିଁକି ଧରି ଆଣୁ ନାହଁ ? କାହିଁକି ତୁମର ଏହି ବିରହ ବେଦନା । ପୁଣି ଭାବେ, ତୁମର ଖେଳ ତୁମେ ଖେଳୁଛ । ସମସ୍ତ ଯେତେବେଳେ ହେବ, ଯେତେବେଳେ ଯାହା କରଣୀୟ, ତାହା ତୁମେ କରିବ ହିଁ । ତୁମେ ଆମ୍ଭମାନଙ୍କ ଚକ୍ଷୁରେ ଧୂଳିଦେଇ ଚାଲିଛ, ଏଥିପାଇଁ ତୁମର ନାମ ଚକ୍ରୀ । ତୁମେ ପ୍ରେମିକ ହୋଇ ହସାଅ, କାଳ ହୋଇ କନ୍ଦାଅ, ଚୋର ହୋଇ ଚୋରିକର, ସାଧୁହୋଇ ଚୋର ଧର, ଭଗବାନ ହୋଇ ଶିଷ୍ୟର ଆଶାରେ ଥାଅ, ଶିଷ୍ୟ ହୋଇ ତୁମର ଗୁଣ କୀର୍ତ୍ତନ କର । ସବୁ ହିଁ ତୁମର ଖେଳ, ସବୁ ହିଁ ତୁମର ଲୀଳା । ଏଥିପାଇଁ ତୁମର ନାମ ଲୀଳାମୟ । ମୋର କ୍ଷୁଦ୍ର ଅଭିଜ୍ଞତା ଭିତରେ ଦେଇ ଗୋଟିଏ ଜିନିଷ ମୁଁ ଲକ୍ଷ୍ୟ କରିଛି—ଯେତେଥର ମୁଁ ଠାକୁରଙ୍କ ନିକଟକୁ ଯାଇଛି, ଦେଖିଛି ତାଙ୍କୁ ନୂତନ ରୂପରେ । କଣ ଦେଖିଛି ବ୍ୟକ୍ତ କରି ପାରିବି ନାହିଁ । ତାହା ଭାଷାର ଅତୀତ । କିନ୍ତୁ ପ୍ରତିଥର ହିଁ ମୋର ମନକୁ କିଏ ଯେପରି ଉଦ୍‌ବେଳିତ କରି ତୋଳେ । ସେଥିପାଇଁ ମୁଁ ଘୂରି ଘୂରି ଯାଏ ତାଙ୍କ ନିକଟକୁ; ଚାହିଁ ରହେ ମୁଖମଣ୍ଡଳକୁ । ବିଭିନ୍ନ ଭାବମଣ୍ଡିତ ନିଖୁଁତ ମୁଖମଣ୍ଡଳଟି ମନେହୁଏ ଯେପରି ମୋର କେତେ ଆପଣାର । ଯେତେବେଳେ ତାଙ୍କର ବିଷାଦ, ବିଷାଦର ଅତଳ ତଳରେ ଡୁବିଯାଏ ମୁଁ । ପୁଣି ଯେତେବେଳେ ଦେଖେ ତାଙ୍କର ଆନନ୍ଦ, ସେତେବେଳେ ମନେହୁଏ ଏହି ପୃଥିବୀକୁ ନ ଆସିଲେ କେଉଁଠି ପାଇ ଥାଆନ୍ତି ଏହି ଆନନ୍ଦ ! କି ନିଖୁଁତ ଶିଳ୍ପୀ, ଯେତେବେଳେ ଯେଉଁ ଭାବ ଧାରଣ କରନ୍ତି ତାର ଚୂଡ଼ାନ୍ତ । ସେ ଭାବର ଆହୁରି ଯେ କିଛି ରହିପାରେ, ତାହା ମୋର କଳ୍ପନାରେ ଆସେ ନାହିଁ । ଏହି ଯେ ସର୍ବଭାବର ଚୂଡ଼ାନ୍ତ master ! ଏହା କଣ ସମ୍ଭବ କୌଣସି ମନୁଷ୍ୟ ପକ୍ଷରେ ? ତେଣୁ ମୁଁ କହେ, ଏବଂ ମୁକ୍ତକଣ୍ଠରେ କହେ—ଠାକୁର ମୋର ଭଗବାନ ।

Scanned by CamScanner

ଶ୍ରୀଶ୍ରୀ ଠାକୁର ଓ ତାଙ୍କର ଦିବ୍ୟ-ଜୀବନ

ଅସମ୍ଭବ ପ୍ରୟାସ— ତଥାପି ଦେଖେ ମୁଁ ତାଙ୍କୁ କେତେ ପରିମାଣରେ ବୁଝିଛି । ତାଙ୍କୁ ବୁଝିବାକୁ ଯିବା ବାତୁଳତା — ଏହା ଅସମ୍ଭବ । ତଥାପି ନିଜ ମନ ମୁତାବକ କରି ଟିକିଏ ଭାବି ଦେଖେ ।

ମଣିଷକୁ ତାର ଚରିତ୍ର, ଚଳଣି ଦେଖି ବୁଝାଯାଏ । କିନ୍ତୁ ଯିଏ ଏ ଦୁନିଆର ମାଲିକ, ଯାହାଙ୍କୁ କହେ ପୁରୁଷୋତ୍ତମ, ତାଙ୍କୁ ଚିହ୍ନିବାର କ୍ଷମତା କାହାରି ନାହିଁ । ତଥାପି ସେ ଦୟାକରି ସାଧନ ଧାମରେ ଏପରି କିଛି ସାଧାରଣ ମଣିଷ ସମ୍ମୁଖରେ ତୋଳି ଧରନ୍ତି, ଯେଉଁଥିରୁ ବୁଝାଯାଏ ସେ ହେଉଛନ୍ତି ସେହି ଯେ, ଆମେ ଯାହା ଦେଖୁ, ଶୁଣୁ, କହୁ ଓ କରୁ ସେଇ ବସ୍ତୁ ଜଗତର ବାହାରେ ଅନେକ କିଛି କରନ୍ତି । ଅଥଚ ତାହା ଅକାଟ୍ୟ, ନିର୍ଭୁଲ ଓ ସତ୍ୟ ଯେପରି ଦିବାସୂର୍ଯ୍ୟ । ଶ୍ରୀଶ୍ରୀ ଠାକୁର ବୁଲୁଛନ୍ତି ପଥରେ । ଗୋଟିଏ ଗୋରୁ ମରି ପଡ଼ିଛି କେତୋଟି ଶାଗୁଣା ତାକୁ ଛିଡ଼ି ଖାଉଛନ୍ତି । ଠାକୁର ସେଆଡ଼କୁ ଅନାଇଲେ । ପ୍ରଥମେ ହୁଏତ ଘୃଣାର ଉଦ୍ରେକ ହୋଇଥିଲା— ଦେଖିଲେ ଗୋରୁ ମରିଯାଇଛି । ତାପରେ ଲକ୍ଷ୍ୟ ପଡ଼ିଲା ଶାଗୁଣା ଆଡ଼କୁ । ସେମାନଙ୍କର ଖାଦ୍ୟର ଆନନ୍ଦ ଦେଖି ଠାକୁର ଯୋଗଦେଲେ ସେମାନଙ୍କ ଆନନ୍ଦ ସହିତ । ସେ ବୋଧ କରିବାକୁ ଆରମ୍ଭ କଲେ, ଆସ୍ୱାଦ କରିବାକୁ ଆରମ୍ଭ କଲେ—ମରା ଗୋରୁମାଂସ । ଆଉ ତାହା ଶାଗୁଣା ପାଖରେ ଯେପରି ସୁସ୍ୱାଦୁ, ସେହିପରି ଅପୂର୍ବ ତାହାର ସ୍ୱାଦ । ଶାଗୁଣା ସହିତ ସେ ନିଜର ଅସ୍ତିତ୍ୱକୁ ଅଭିନ୍ନ କରି ପକାଇଲେ । କେତେ ସମୟ ଅତିକ୍ରାନ୍ତ ହୋଇଗଲା ତାହା କେହି ଜାଣି ନାହାନ୍ତି । ହଠାତ୍ ପଥିକ ସେ

Scanned by CamScanner

ପଥଦେଇ ଯିବା ସମୟରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କୁ ସ୍ଥିରାବସ୍ଥାରେ ଛିଡ଼ା ହୋଇଥିବାର ଦେଖି ସାଷ୍ଟାଙ୍ଗ ପ୍ରଣିପାତ କଲେ । କିନ୍ତୁ ଠାକୁରଙ୍କର କୌଣସି ଭାବାନ୍ତର ନାହିଁ । ତେଣୁ ଲୋକଟି ଆଶ୍ଚର୍ଯ୍ୟ ହେଲା ; ଧୀରେ ଧୀରେ ଡାକିବାକୁ ଲାଗିଲା ; ଶେଷରେ ଦେହରେ ହାତ ଦେଇ ହଲାଇବାକୁ ଲାଗିଲା । ଧୀରେ ଧୀରେ ଅନୁକୂଳଚନ୍ଦ୍ର ତାଙ୍କର ଶାରୀରିକ ଚେତନାକୁ ଫେରି ଆସିଲେ । ଗୋଟିଏ ଦୁଇଟା କଥା କହି ବୁଲିବାକୁ ଲାଗିଲେ । ପରେ ତାଙ୍କ ଶ୍ରୀମୁଖରୁ ଶୁଣିଛୁ ସେହି ଗୋରୁମାଂସର ଆସ୍ୱାଦ, ତାପରେ ମଧ୍ୟ ମନେ ଥିଲା । ଏହି ଯେଉଁ ଅନୁଭୂତିଦ୍ୱାରା ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରରେ— ଏବଂ ତାହା ମନୁଷ୍ୟ ନୁହେଁ ଅନ୍ୟ ଜୀବରେ — ପରିବର୍ତ୍ତିତ ହେବା, ଏହା ଏ ଜଗତ ସହିତ ନ ମିଳିଲେ ମଧ୍ୟ ଏ ଜଗତରେ ରହି କରାଯାଏ ବା ଏହିପରି ହୋଇ ହୁଏ, ଯଦି ମଣିଷର ଦିବ୍ୟ-ଜୀବନ ଲାଭ ହୁଏ ।

ଲୋକ ଘରଦ୍ୱାର ବନ୍ଦ କରି ମୃତ୍ୟୁପଣ କରିଛି—ହୁଏତ ଭଗବାନ୍ ଦର୍ଶନ ହେବ, ନ ହେଲେ ଏହି ବନ୍ଦ ଘରେ ଆତ୍ମହତ୍ୟା କରିବ । ବାହାରର ମନୁଷ୍ୟ ଜାଣି ମଧ୍ୟ ପାରିବ ନାହିଁ । ପ୍ରକୃତି ମଧ୍ୟ ସାହାଯ୍ୟ କଲା । ମୂଷଳ-ଧାରରେ ବର୍ଷା ଓ ଝଡ଼ ଆରମ୍ଭ ହେଲା । ସାଧକ ମନରେ ଆନନ୍ଦ ହେଲା । ଏଥର ଠିକ୍ ହୁଏତ ମନ୍ତ୍ରର ସାଧନ, ନହେଲେ ଶରୀର ପତନ । ଏକାଗ୍ରତା ସହକାରେ ଚାଲିଲା ନାମଧ୍ୟାନ । ବହୁତ ସମୟ ଅତିବାହିତ ହେଲା । କାହିଁ ଭଗବାନ ? କେହି କେଉଁଠି ନାହାଁନ୍ତି । ଏପରିକି କୌଣସି ଅନୁଭୂତି ମଧ୍ୟ ନାହିଁ । ତାପରେ କ୍ରନ୍ଦନ । ତଥାପି ଭଗବତ୍‌ଲାଭ ହେଲା ନାହିଁ । ଭକ୍ତର ହେଲା ଅଭିମାନ—ହେ ଭଗବାନ ! ତୁମେ ଅଛ ନିଶ୍ଚୟ, କିନ୍ତୁ ଏ ଦୀନକୁ ଦେଖା ଦେଲ ନାହିଁ । କିଛି ନିୟମ ପଦ୍ଧତି ଜାଣେ ନାହିଁ, କେବଳ ପ୍ରାଣ ତୁମକୁ ଚାହିଁଛି । ଯଦି ଏ ଦେହ ଥାଉଁ ଥାଉଁ ନ ପାଏ, ତେବେ କଣ ବା ଏହାର ପ୍ରୟୋଜନ ? ଏ ଦେହ ବିସର୍ଜନ ଦେବି, ତେବେ ଯଦି ତୁମକୁ ପାଏ । ଘରର ଶିକୁଳି ସହିତ ଦଉଡ଼ି ବାନ୍ଧି, ସେ ଦଉଡ଼ି ଭିତରେ ପୂରାଇଦେଲେ ମୁଣ୍ଡ । ବାହାରେ ଭୀଷଣ ବୃଷ୍ଟି ଝଡ଼ । ହଠାତ୍ ଘରର ଦରଜାରେ ବାହାରରୁ ଆଘାତ ହେଲା, —"ଆରେ ଦରଜା ଖୋଲ, ମୁଁ ଆସିଛି । ଯାହାକୁ ଡାକୁଛି, ଯାହାକୁ ଖୋଜୁଛୁ ; ସେହି ମୁଁ ଆସିଛି ।"

Scanned by CamScanner

ଦରଜା କିଏ ଖୋଲିବ ? ଭକ୍ତ ସେତେବେଳେ ଝୁଲିପଡ଼ିଛନ୍ତି । ଦ୍ୱିତୀୟ କେହି ନାହିଁ ଘରେ । ତେଣୁ ଦରଜା ଭାଙ୍ଗି ଘରେ ପଶି ଠାକୁର ଅନୁକୂଳଚନ୍ଦ୍ର କୋଳକରି ଓହ୍ଲାଇ ଆଣିଲେ ଅର୍ଦ୍ଧ ଚେତନ ଭକ୍ତଙ୍କୁ । ମୁହୂର୍ତ୍ତକ ମଧ୍ୟରେ ଜ୍ଞାନ ଫେରାଇ ଦେଲେ । ଦେଲେ ତାଙ୍କର ଦିବ୍ୟଦୃଷ୍ଟି । ଭକ୍ତ ଓ ଭଗବାନର ହେଲା ମିଳନ । ବାଲ୍ୟାବସ୍ଥାର ବନ୍ଧୁ ଅନୁକୂଳ, ଡାକ୍ତର ଅନୁକୂଳ ହେଲେ ଠାକୁର ଅନୁକୂଳ, ଭଗବାନ ଅନୁକୂଳ, ଗୁରୁ ଅନୁକୂଳ ।

ରାତି ହୋଇଛି । ଭକ୍ତମଣ୍ଡଳୀଙ୍କୁ ନେଇ ସେ ବସିଛନ୍ତି । ସେମାନଙ୍କର ସାଧନ ଭଜନ ଅଭ୍ୟାସ କରାଉଛନ୍ତି । ନିଜେ ମଧ୍ୟ ସେମାନଙ୍କ ସହିତ କରି ଦେଖାଉଛନ୍ତି । ଆନନ୍ଦର ଜୁଆର ଉଠିଛି । ରାତି ସେତେବେଳେ ଏଗାରଟା । ଠିକ୍ ସେହି ସମୟରେ ଭକ୍ତ ଗୋସ୍ୱାମୀ ତିରିଶ ମାଇଲ ଦୂର ଏକ ସ୍ଥାନରେ ସତ୍‌ସଙ୍ଗ କରୁଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କୁ ଆଲୋଚ୍ୟ କରି ବହୁଲୋକ ଜମା ହୋଇଛନ୍ତି, ପ୍ରାୟ ପାଞ୍ଚଶତ । ଶ୍ରୀଶ୍ରୀ ଠାକୁରଙ୍କ ଫଟୋ ସମ୍ମୁଖରେ ଭୋଗ ଦିଆ ହୋଇଛି । ପ୍ରସାଦ ଯେତେବେଳେ ବଣ୍ଟନ ହେବ ସେତେବେଳେ ଦୁଷ୍ଟ ଲୋକମାନେ କହି ଉଠିଲେ, "ଏ ପୁଣି କି ଭୋଗ । ଏସବୁ ଗୁଜବ । ଏମାନେ କହନ୍ତି ଠାକୁର ଅନୁକୂଳଚନ୍ଦ୍ର ଭଗବାନ । ତାହା ଯଦି ହୋଇଥାନ୍ତା, ତାହାହେଲେ ସେ ଆସି ଏ ଭୋଗ ଗ୍ରହଣ କରିଥାନ୍ତେ ଏବଂ ତାହା ଆମେ ଯଦି ଦେଖିପାରନ୍ତୁ ତାହେଲେ ବିଶ୍ୱାସ ହୁଅନ୍ତା ।" ଭକ୍ତ ଗୋସ୍ୱାମୀ ଆକୁଳ ପ୍ରାଣରେ ଡାକିବାକୁ ଲାଗିଲେ । — "ହେ ଠାକୁର ! ମୁଁ ଜାଣେ ତୁମେ ଭୋଗ ଗ୍ରହଣ କରିଛ । ତଥାପି ଥରେ ଦୟାକରି ଦେଖାଦିଅ । କେତେଥର ତ ତୁମେ ଅହେତୁକୀ କୃପା କରିଛ । ଏଥର ରକ୍ଷାକର ।" ସମୟ ଅତିବାହିତ ହୁଏ । ଦୁଷ୍ଟ ଦଳ ଆସି ବିଦ୍ରୂପ ଆରମ୍ଭ କରିଛନ୍ତି । ଆଉ ଭକ୍ତ ଗୋସ୍ୱାମୀ କହୁଛନ୍ତି — "ନିଶ୍ଚୟ ଆସିବେ ସେ । ନ ଆସି ପାରିବେ ନାହିଁ । ଆସନ୍ତୁ, ଆମ୍ଭେ ଯେଉଁମାନେ ତାଙ୍କର କୃପାର ନିଦର୍ଶନ ବହୁଥର ପାଇଛୁଁ, ସେମାନେ ଏକମନରେ ତାଙ୍କ ନିକଟରେ ପ୍ରାର୍ଥନା କରିବା । ସେ ଆମ୍ଭମାନଙ୍କର ଅଜ୍ଞ ଦମ୍ଭ ପାଇଁ ଆସୁ ନାହାନ୍ତି । ନିରହଙ୍କାର ହୋଇ ଡାକିଲେ ସେ ନିଶ୍ଚୟ ଆସିବେ । ସେ ଯେ ବିପଦ ଭଞ୍ଜନ, ଲୀଳାମୟ ।" ଭକ୍ତମଣ୍ଡଳୀ ଧ୍ୟାନ ଓ କୀର୍ତ୍ତନରେ ନିମଗ୍ନ ହେଲେ । ହଠାତ୍ ଠାକୁର ଅନୁକୂଳଚନ୍ଦ୍ରଙ୍କର ଗଳାର ସ୍ୱର ଶୁଣାଗଲା । — "ଗୋସାଁଇ ଦା ! ଭୀଷଣ ଭୋକ ଲାଗିଛି, ଭୋଗସବୁ ସରି ଯାଇ ନାହିଁ ତ ?" ସ୍ୱାଭାବିକ ମଣିଷ, ସ୍ୱାଭାବିକ ତାଙ୍କର

Scanned by CamScanner

କଥା । ଭକ୍ତଦଳ ଉଠି ତାଙ୍କ ଚରଣ ପ୍ରାନ୍ତରେ ଲୋଟି ପଡ଼ିଲେ । ଭୋଗାନ୍ତ ବିତରଣ ହେଲା । ସର୍ବାଗ୍ରେ ଠାକୁର ଗ୍ରହଣ କଲେ ଭୋଗାର୍ଘ୍ୟ । ଭକ୍ତସଙ୍ଗ ସୁଖସମ୍ଭୋଗ କରି ସେ ଫେରି ଚାଲିଗଲେ । ଜଣାଇଲେ ତାଙ୍କର ବିଶେଷ ପ୍ରୟୋଜନର କଥା । ସମସ୍ତଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଛାଡ଼ିବାକୁ ହେଲା । କେହି କେହି ତାଙ୍କର ଅନୁଗମନ କଲେ । ଜଣ ଜଣ କରି ସେ ସମସ୍ତଙ୍କୁ ବିରତ କରିବାକୁ ଲଗିଲେ । କିଛିଦୂର ଯାଇ ସେ ଏକାକୀ ଚାଲିଲେ । ରାତି ସେତେବେଳେ ପ୍ରାୟ ଭୋର । ଏ ଢଙ୍ଗରେ ସମସ୍ତ ରାତି ସେ ସେଦିନ ଭକ୍ତମାନଙ୍କ ସହକାରେ ନାମଧ୍ୟାନ କରି ଆଶ୍ରମ ପ୍ରକୋଷ୍ଠରେ ରାତି ଯାପନ କଲେ । ସାଙ୍ଗରେ ବହୁ ଭକ୍ତ । ରାତି ୪ଟାରେ ଉଠି ସମସ୍ତଙ୍କର କୀର୍ତ୍ତନ ଆରମ୍ଭ ହେଲା । ସେ ଦଳର ନେତା ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର । ସ୍ୱାଭାବିକ ଭାବରେ ସେ ଏ ସମସ୍ତ କରି ଚାଲିଛନ୍ତି । କାହାରିଠାରୁ କିଛି ବାହାଦୁରି ନେବା ପାଇଁ ନୁହେଁ । ଏପରି କି କାହାରିକୁ ଜାଣିବାକୁ ମଧ୍ୟ ଦେଲେ ନାହିଁ । କିନ୍ତୁ ଯେତେବେଳେ ଦୁଇଦଳ ଭକ୍ତ ଏକତ୍ରିତ ହେଲେ, ଧରାପଡ଼ିଲେ ଠାକୁର । ସେତେବେଳେ ଶିଶୁସୁଲଭ ବଦନରେ ସମସ୍ତଙ୍କ ଆଡ଼କୁ ଅନାଇ ରହିଲେ । ସେ ଚକ୍ଷୁ ଆଡ଼କୁ ଅନାଇଲେ କିଛି ବୁଝିବାର ଉପାୟ ନାହିଁ । ଅତି ସରଳ, ଅତି ସହଜ । ଆମେ ଏ ପୃଥିବୀର ମଣିଷ କଣ ବୁଝିବୁ ? କେତେବେଳେ କେଉଁଠି ଯଦି କିଛି ଭଲକାମ କରି ପକାଉଁ, ଯେତେକ୍ଷଣ ପର୍ଯ୍ୟନ୍ତ ତାହା କାହା ନିକଟରେ ବ୍ୟକ୍ତ ନ କରୁଛୁ, ସେତେକ୍ଷଣ ପର୍ଯ୍ୟନ୍ତ ଆଉ ଶାନ୍ତି ନାହିଁ, ସ୍ୱସ୍ତି ନାହିଁ । ଆମର ଭାବଧାରା ଏହା ଯେ— ଦେଖ, ଏହି ଜଗତର ମଣିଷ ହୋଇ ମୁଁ କେତେ ବଡ଼ । ତୁମ୍ଭେମାନେ ମୋତେ ଚିହ୍ନିଲ ନାହିଁ । ମାତ୍ର ଏଠାରେ ଓଲଟା । ସେ ଯେପରି କେତେବଡ଼ ଦୋଷ କରି ଧରାପଡ଼ିଗଲେ—ଏହିପରି ଭାବ । ଏ ଜଗତର ସକଳ କିଛିର ଅଧୀଶ୍ୱର ହୋଇ ମଧ୍ୟ ସେ ହୋଇ ରହନ୍ତି ଦୀନ । ଭକ୍ତକୁ ସେ ଚିରଦିନ ବଡ଼ କରି ନିଜେ ଦୀନଭାବ ଗ୍ରହଣ କରିଛନ୍ତି ।

ଭକ୍ତର ବିଶ୍ୱାସ ଠାକୁର ସବୁ ପାରନ୍ତି, ସବୁ ଭାଷା ଜାଣନ୍ତି । ଦିନଟି ଜଣ ଢ଼ଥାଏ ଭକ୍ତ ‘ଠାକୁର, ଇଂରାଜୀରେ କିଛି ଆପଣଙ୍କର ଅମୂଲ୍ୟ ବାଣୀ ଦିଅନ୍ତୁ ।’

— ‘କଣ ଯେ କହନ୍ତି, ଇଂରାଜୀ କଣ ମୁଁ ଶିଖିଛି ନା ପଢ଼ିଛି ? ଆପଣମାନେ ଏମ୍ : ଏ:, ବି: ଏ: ପାଶ୍ କରିଛନ୍ତି । ଏଟା ଆପଣମାନଙ୍କ ନିକଟରେ ଅତି

Scanned by CamScanner

ସହଜ । ମୁଁ ମୂର୍ଖ ବ୍ରାହ୍ମଣ । ଇଂରାଜୀ କିପରି କହିବି ?'

ଭକ୍ତ ଛାଡ଼େ ନାହିଁ । —'ତାହା କିପରି ହେବ ? ଏ ଜଗତରେ ଯେତେବେଳେ ଇଂରାଜୀର ଆଦର—ଆପଣ ପତିତପାବନ—ଆପଣଙ୍କୁ ଏହି ଭାଷାରେ କିଛି କହିବାକୁ ହେବ । ବଙ୍ଗଳାକୁ ଇଂରାଜୀ କରି କିଛି ଲାଭ ନାହିଁ । ଆପଣଙ୍କ କଥାକୁ ଠିକ୍ ଭାବରେ ଭାଷାନ୍ତର କରି ହୁଏ ନାହିଁ । ତେଣୁ ମୌଳିକ ଇଂରାଜୀ ଭାଷାରେ ହିଁ ଆପଣଙ୍କୁ କହିବାକୁ ହେବ ।'

କ୍ରମାଗତ ଭକ୍ତର ଆକୁଳ ପ୍ରାର୍ଥନାରେ ସେ ଅନାଇ ରହିଲେ ସ୍ଥିର ହୋଇ । ଚାଲିଗଲେ ଅନ୍ୟ ଜଗତକୁ ଦେହ ଯଦିଓ ଏଠାରେ । ଆରମ୍ଭ କଲେ କହିବାକୁ ବହୁ ବହୁ କଥା । ଗୋଟିଏ ପରେ ଗୋଟିଏ ବହୁ ବାଣୀ ଦେବାକୁ ଲାଗିଲେ । କି ସୁଲଳିତ ଇଂରାଜୀ ଭାଷା । ବିଦ୍ୱାନମାନଙ୍କ ଦଳରେ ଜଣାଥିଲା ନାହିଁ ଏସବୁ କଥା । ଗୋଟିଏ ପରେ ଗୋଟିଏ କରି ବାଣୀ ସେ ଶେଷ କରିବାକୁ ଲାଗିଲେ । ଆଉ କହିବାକୁ ଲାଗିଲେ—"ଦେଖନ୍ତୁ ଆପଣମାନେ, ଠିକ୍ ହେଲା ? ମୁଁ ମୂର୍ଖ, ଆପଣମାନେ ପଣ୍ଡିତ । ଯଦି କେଉଁଠି ଭୁଲ ରହିଯାଇଥାଏ କୁହନ୍ତୁ । ମନରେ କୌଣସି 'କିନ୍ତୁ' ରଖିବେ ନାହିଁ । ଭୁଲ ହେବା ହିଁ ସ୍ୱାଭାବିକ । ଇଂରାଜୀ ମୁଁ ଜାଣେ ନାହିଁ ।" ଅବାକ୍ ହୋଇ ଚାହିଁ ରହିନ୍ତି ବିଦ୍ୱାନ ଭକ୍ତ-ମଣ୍ଡଳୀ । ତାଙ୍କ ମୁଖମଣ୍ଡଳକୁ ଅନାଇ ବୁଝିବାକୁ ଚେଷ୍ଟା କରନ୍ତି—ଏ କିଏ ? କେଉଁଠୁ ଆସିଲା ? ଆଖି ସାମନାରେ ଏ ମଣିଷଟିକୁ ଦିନ ପରେ ଦିନ ଦେଖି ଆସୁଛୁ । ଆଜି ନୁହେଁ, ଛୋଟ ବେଳଠାରୁ । ଏକାକୀ ନିର୍ଜ୍ଜନରେ ସେ କେଉଁଠି କଟାଇ ନାହାନ୍ତି । ଜନ୍ମଠାରୁ ସେ ମନୁଷ୍ୟ ପରିବେଷ୍ଟିତ । ସମସ୍ତଙ୍କ ସମ୍ମୁଖରେ ଯାହାର ଶିକ୍ଷା, ଦୀକ୍ଷା, ଆଗ୍ରହ ଆଚରଣ ଗଢ଼ି ଉଠିଲା, କେଉଁଠୁ ପାଇଲେ ସେ ଏ ସମସ୍ତ ? ଏ ଇଂରାଜୀ କି ମଧୁର ! ଅଥଚ ସବୁ କଥା ବୁଝି ହେଉ ନାହିଁ । କଥାଟା କିଣ ?

ଶ୍ରୀଶ୍ରୀ ଠାକୁର ହସି କହିଲେ—"ଏଇ ଦେଖନ୍ତୁ ମୂର୍ଖର ଇଂରାଜୀ କେହି ବୁଝିପାରନ୍ତି ନାହିଁ । ମୁଁ ଜାଣେ । ଏ ହେବା ମୁସ୍କିଲ ।" ଏହା କହି ସେ ବଙ୍ଗଳାରେ କହିଲେ—"ମୁଁ ଏହା କହିବାକୁ ଚାହୁଁଛି । ଦେଖନ୍ତୁ ଯଦି ଇଂରାଜୀ ଭୁଲ ହୋଇଥାଏ । ଆଉ ତାହା ହେବା ସ୍ୱାଭାବିକ ।"

Scanned by CamScanner

ଇଂରାଜୀ ଯେଉଁ ଶବ୍ଦ ସେ କହୁଛନ୍ତି ତାହାର ବନାନ ମଧ୍ୟ କହିଦେଲେ, ଯେପରି ଭୁଲ ବୁଝିବାର ଅବସର ନ ଥାଏ । ପଣ୍ଡିତମଣ୍ଡଳୀ ଏକଥା ନେଇ ଇଂରାଜୀ ଅଭିଧାନ ଘାଣ୍ଟିବାକୁ ଲାଗିଲେ । ସାଧାରଣ ଅଭିଧାନରେ ଏକଥା ମିଳେ ନାହିଁ । ତେଣୁ ଅନେକ ସମୟରେ ପୃଥିବୀ ବିଖ୍ୟାତ ଓ କଠିନଲବ୍ଧ ସମସ୍ତ ଅଭିଧାନ ସଂଗ୍ରହ କରାଗଲା । ଦେଖୁ ଦେଖୁ ସବୁ କଥା ମିଳିଲା । ଆଉ ତାର ବ୍ୟବହାର ଏତେ ଠିକ୍ ଠିକ୍ ହୋଇଛି ଯେ ସେ ସ୍ଥାନରେ ଅନ୍ୟ କୌଣସି ଶବ୍ଦ ଦେଲେ ତା'ର ଠିକ୍ ସେହି ଅର୍ଥ ହୁଏ ନାହିଁ । ଅଦ୍ଭୁତ ଭାବରେ ତାଙ୍କର ସକଳ କଥାର ସତ୍ୟତା ପ୍ରମାଣିତ ହେବାକୁ ଲାଗିଲା । ସମସ୍ତ ବାଣୀ ପଠାଗଲା ଇଂଲଣ୍ଡର ପଣ୍ଡିତମଣ୍ଡଳୀଙ୍କ ନିକଟକୁ । ସମସ୍ତେ ଏକ ବାକ୍ୟରେ ସ୍ୱୀକାର କଲେ ଏହା ଅଦ୍ଭୁତ, ନିଖୁଁତ । ଆଉ ଏହି ଇଂରାଜୀ ଭାଷା କୌଣସି ଇଂରାଜୀ ଜଣା ବିଦେଶୀର ନୁହେଁ, ଏହି ଇଂରାଜୀ ତାହାଦ୍ୱାରା କହିବା ସମ୍ଭବ, ଯାହାର ଏହା ମାତୃଭାଷା ଓ ସେହି ଭାଷାରେ ସବୁଠାରୁ ବେଶୀ ଦଖଲ ଅଛି । ଏ ବାଣୀ ସମସ୍ତଙ୍କ ପାଇଁ ନୁହେଁ, ବିଶେଷ ବିଶେଷ ଜ୍ଞାନୀ ମହଲ ଏହାର ରସ ଆସ୍ୱାଦନ କରିବାକୁ ଲାଗିଲେ । ବହିହୋଇ ପ୍ରକାଶିତ ହେଲା ଏ ସମସ୍ତ ବାଣୀ । ବହିର ନାମ ହେଲା Message. ଆଉ ପୁଣି ଥରେ ସେ ପ୍ରମାଣ କଲେ ଯେ ଏ ପୃଥିବୀରେ ତାଙ୍କର ଅଜଣା କିଛି ନାହିଁ । କିନ୍ତୁ ଲୋକ ସମ୍ମୁଖରେ ସେ ଶିଶୁ ପରି କହିବାକୁ ଲାଗିଲେ, ଜୟଗାନ କରିବାକୁ ଲାଗିଲେ । ଆଉ ତାଙ୍କର ପଣ୍ଡିତ ଭକ୍ତମଣ୍ଡଳୀଙ୍କ ସମ୍ବନ୍ଧରେ କହିଲେ—ଏମାନେ ଅଦ୍ଭୁତ ପଣ୍ଡିତ । ନିଜେ ଯେପରି ପୃଥିବୀର ବହୁ ଭାଷା ଶିଖିଛନ୍ତି, ସେହିପରି ଅନ୍ୟଦ୍ୱାରା ମଧ୍ୟ ଏମାନେ ତାହା କରାଇ, କୁହାଇ ନେଇ ପାରନ୍ତି । ନଚେତ୍ ମୋପରି ମୂର୍ଖ ମୁହଁରୁ ଏସବୁ କଥା ବାହାରେ—ଏହା ଅସମ୍ଭବ । ସକଳ କୃତିତ୍ୱ ଏହି ପଣ୍ଡିତ ଭକ୍ତମାନଙ୍କର । ଏମାନଙ୍କର ହିଁ ପାଣ୍ଡିତ୍ୟ ଓ ବିଶ୍ୱାସ ବଳରେ ମୋପରି ଲୋକ ମୁହଁରୁ ମଧ୍ୟ ଏକଥା ବାହାରିଲା । ଏକଥା ଥରେ ନୁହେଁ ବର୍ତ୍ତମାନ ମଧ୍ୟ ସେ କୁହନ୍ତି, ଯେତେବେଳେ ଏହି ପ୍ରସଙ୍ଗ ଉଠେ । ଏହି ଯେ ନିଜର ସକଳ କୃତିତ୍ୱ ଅନ୍ୟ ମୁଣ୍ଡରେ ଚାପିଦେଇ ମୁକ୍ତ ହେବା – ଆଉ ଏହା କେବଳ ଭାଷାରେ ନୁହେଁ ଭାବରେ ମଧ୍ୟ—ଏହା ଅଭିନବ । ଏହାର ତୁଳନା ଅନ୍ୟ କେଉଁଠି ନାହିଁ ।

Scanned by CamScanner

ସଦ୍‌ଗୁରୁହିଁ ସର୍ବପରିଦୃଶ୍ୟମାଣ ଈଶ୍ୱରଙ୍କ ମୂର୍ତ୍ତି ବିଗ୍ରହ

ଘରେ ବସିଛି, କାନକୁ ଭାସି ଆସିଲା, ଜଣେ ବାଟେ ବାଟେ କହି ଚାଲିଛି—'ବିକିବେ କି ? —ଛିଣ୍ଡା ପ୍ଲାଷ୍ଟିକ ଚପଲ, ଭଙ୍ଗା ଲୁହା, ଭଙ୍ଗା ଆଲ୍ୟୁମିନିୟମ ।' ଲୋକଟି ଚାଲିଗଲା । ମୁଁ ଝରକା ବାଟେ ଅନାଇ ଭାବୁଛି ଏସବୁ ଆବର୍ଜନା ନେଇ ଲୋକଟି କଣ କରିବ ? କ୍ଷଣିକ ପରେ ଆଖିରେ ପଡ଼ିଲା ଜଣେ ଲୋକ ଗୋଟିଏ ଛିଣ୍ଡା ବୁରାରେ ରାସ୍ତାରୁ ଛିଣ୍ଡା କାଗଜ ଋଣ୍ଡାଇ ନେଇ ଭର୍ତ୍ତି କରୁଛି ତାହାର ଭିତରେ । କୌଣସି ଦିଗକୁ ତାର ଭ୍ରୂକ୍ଷେପ ନାହିଁ । ତାର ଆଖି ଖୋଜି ଚାଲିଛି ଆମେ ଯାହାକୁ ଅବଜ୍ଞା କରି ଛିଣ୍ଡାଇ ପକାଇ ଦେଉଛୁଁ ସେହି ଛିଣ୍ଡା କାଗଜକୁ । ସେହି ଲୋକଟି ଚାଲିଗଲା ମୋର ଦୃଷ୍ଟି ଶକ୍ତିର ଅନ୍ତରାଳକୁ । ଲୋକଟି ଚାଲିଗଲେ କଣ ହେବ, ମୋର ମନ କିନ୍ତୁ ଭାବିବାକୁ ଲାଗିଲା ଆତୁର ବହୁତ କିଛି । କେଉଁ ପ୍ରୟୋଜନରେ ଆସିବ ଏଗୁଡ଼ା ଏମାନଙ୍କର ? ଶେଷ ପର୍ଯ୍ୟନ୍ତ ମନେ ହେଲା ନିଶ୍ଚୟ ଏମାନଙ୍କର ପାଖରେ ଏହା ଅମୂଲ୍ୟ ବସ୍ତୁ । ଆମର ଅଜଣା ବୋଲି ଆମେ ଏହାର କୌଣସି ମୂଲ୍ୟ ବୁଝିପାରୁ ନାହୁଁ । ଏହିପରି ଜଗତରେ ବହୁତ କିଛି ରହିଛି ଯାହା ସମ୍ବନ୍ଧରେ ଆମେ ଅଜ୍ଞ । ଏହାର ଭିତରେ ଯେ ଯେଉଁଥିରେ ବିଜ୍ଞ ସେମାନେ ଛୁଟି ଚାଲିଛନ୍ତି ତାହାର ସନ୍ଧାନରେ । ଅନ୍ୟ ଆଉ କାହାରିକୁ ଅନାଇବାର ସେମାନଙ୍କର ସମୟ ନାହିଁ । ବ୍ୟକ୍ତିବିଶେଷ ମାତ୍ରେଇ ବହୁ ବିଷୟରେ ଅଜ୍ଞ, ପୁଣି କିଛି କିଛି ବିଷୟରେ ବିଶେଷଜ୍ଞ । ବିଜ୍ଞାନ ଯେତିକି ଆଗେଇ ଚାଲିଛି ସେତିକି ବିଶ୍ୱ ଆଗରେ ଧରା ପଡ଼ୁଛି ଯେ—ଏହି ପୃଥିବୀରେ ନିଷ୍ପ୍ରୟୋଜନ ଏମିତି କୌଣସି କିଛି ନାହିଁ । ବହୁତ କ୍ଷେତ୍ରରେ ଯାହା ନିଷ୍ପ୍ରୟୋଜନ ସଦୃଶ ପ୍ରତୀୟମାନ ହୁଏ ତାହା କୌଣସି ବିଶେଷ କ୍ଷେତ୍ରରେ ବିଶେଷ ରୂପେ ପ୍ରୟୋଜନୀୟ । ଏହି ସବୁକିଛି

Scanned by CamScanner

ବିଶେଷକୁ ଜାଣିବାର ଯେଉଁ ପଥ ତାହା ହିଁ ହେଉଛି ଧର୍ମ । ଏହାର ଭିତରେ ଯେ ଯାହା ଯେତିକି ଜାଣିଛନ୍ତି ସେ ସେ ବିଷୟରେ ସେତିକି ଦୀପ୍ତିମାନ । ଆଉ ଏହି ଆଲୋକପ୍ରଭା ବା ଦୀପ୍ତି ଠାରୁ ହିଁ ଆସିଛି ଦେବତା କଥା । ଆମ ସମ୍ମୁଖରେ ଆମେ ଦେଖିପାରୁ ବହୁ ଦେବତା । ଏବଂ ଗୋଟିଏ ଗୋଟିଏ ଦେବତାଙ୍କୁ ପୂଜା କରିଲେ ସେହି ଦେବତାର ଦେବତ୍ୱ ଆମେ ପାଉଁ ବା ଦିବ୍ୟଲାଭ କରୁଁ । ଏହି ଦେବତା ପୂଜା ଅର୍ଥ ନିଜକୁ ଏହିସବୁ ଦେଶରେ ରୂପାୟିତ କରି ଦୀପ୍ତିମାନ ହେବା । ଏହି ଦେବତା ବା ଦେବତ୍ୱ କୌଣସି କାଳ୍ପନିକ ବସ୍ତୁ ନୁହେଁ । ଅତି ବାସ୍ତବ ଓ ପ୍ରତି ଜୀବନରେ ଅପରିହାର୍ଯ୍ୟ । ଏହାକୁ ବାଦ ଦେଇ କେହି କେବେହେଲେ ବଞ୍ଚି ପାରନ୍ତି ନାହିଁ । ମା' ଦୁର୍ଗା, ଯେ କି ମୂଳ ଶକ୍ତି, ଯାହାଙ୍କ ପାଖରେ ହୋଇଛି ସର୍ବଶକ୍ତିର ସମାବେଶ ଓ ତାଙ୍କର ସର୍ବ ମଙ୍ଗଳଦାୟକ ଯେଉଁ ଶକ୍ତି ସେହି ଅପରିସୀମ ଶକ୍ତିଦ୍ୱାରା ସେ ନିୟନ୍ତ୍ରିତ ବା ପଦଦଳିତ କରି ରଖିଛନ୍ତି ମହିଷାସୁର ତଥା ପାଶବିକ ଶକ୍ତିର ପ୍ରକାଶକୁ, ଯାହାର ଆବିର୍ଭାବ ମହିଷ ବା ପଶୁଠାରୁ । ଏଠାରେ ମନେ ରଖିବାକୁ ହେବ ଯେ ବଣୁଆ ମହିଷ ଲୋକଙ୍କୁ ହିଂସା କରେ ବା ମାରିଦିଏ କିନ୍ତୁ ମନୁଷ୍ୟ ମାଂସ ଗ୍ରହଣ କରେ ନାହିଁ । ବିନା ପ୍ରୟୋଜନରେ ହତ୍ୟା ବା ଧ୍ୱଂସ କରିବାରେ ହିଁ ତାର ଆନନ୍ଦ । ବ୍ୟାଘ୍ର ଓ ସିଂହ ଇତ୍ୟାଦି ପଶୁ ତାଙ୍କର ପ୍ରାଣ ଧାରଣ ନିମନ୍ତେ ହିଂସା କରନ୍ତି । ମା' ଦୁର୍ଗା ଦୁର୍ଗତିନାଶିନୀ ରଣଚଣ୍ଡୀ ରୂପଧରି ନିୟନ୍ତ୍ରଣ କରନ୍ତି ଏହି ପାଶବିକ ଶକ୍ତିକୁ ପଦତଳେ ଚିରଦିନ ଲାଗି । ଆଉ ସେହି ମୂଳ ଶକ୍ତିର ଆଧାର ମା' ସୃଷ୍ଟି କଲେ ଆହୁରି ବହୁଶକ୍ତି ଯେଉଁମାନଙ୍କର କ୍ଷମତା ସୀମିତ । ଏହି ସୀମିତ ଶକ୍ତି ମଧ୍ୟରେ ଯେଉଁମାନଙ୍କର ପ୍ରକାଶ ବେଶୀ ଦେଖାଯାଏ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀ, ସରସ୍ୱତୀ, କାର୍ତ୍ତିକ ଓ ଗଣେଶ ପ୍ରଧାନ । ଅର୍ଥାତ୍ ପ୍ରତିଟି ମନୁଷ୍ୟକୁ ଏ ପୃଥିବୀରେ ରହି ସୁନ୍ଦର ବା ସୁଖମୟ ଜୀବନ ଯାପନ କରିବାକୁ ହେଲେ ଏହି ଚତୁଃଶକ୍ତିର ବିକାଶ ଅପରିହାର୍ଯ୍ୟ । ଏହା କୌଣସି ମାଟିର ମୂର୍ତ୍ତି ବା ପ୍ରତିମା ଭିତରେ ନାହିଁ, ଅଛି ମନୁଷ୍ୟ ଦେହ ମଧ୍ୟରେ । ବୀର୍ଯ୍ୟବାନ, ସାହସୀ ଓ ଶକ୍ତିମତ୍ତାର ପ୍ରତୀକ ହେଉଛନ୍ତି କାର୍ତ୍ତିକେଶ୍ୱର । କିନ୍ତୁ କେବଳ ଏତିକି ହେଲେ ମନୁଷ୍ୟର ବା ଜଗତର କୌଣସି ପ୍ରାଣୀ ଉନ୍ନତ ହୋଇପାରିବ ନାହିଁ । ସେଥିପାଇଁ ତାହାର ସଙ୍ଗରେ ରହିଲେ ଗଣେଶ ଯେ କି ସିଦ୍ଧିଦାତା, ଅର୍ଥାତ୍ ଯେ ଯୁଆଡ଼େ ଯାହାକିଛି କରୁନା କାହିଁକି ସର୍ବ ଦିଗରେ ପୁଙ୍ଖାନୁପୁଙ୍ଖ ଦୃଷ୍ଟି ରଖି ବିପଦକୁ ଦୂରେଇ ରଖି ଜୀବନରେ ସିଦ୍ଧି ବା Success

Scanned by CamScanner

ଆଣନ୍ତି ନିଶ୍ଚିତ । ମନୁଷ୍ୟ ଜୀବନରେ ଯେଉଁଠି ଯାହାକିଛି ସିଦ୍ଧି ଆସେ ତାହା ସେହି ସିଦ୍ଧିଦାତା ଗଣେଶ୍ୱରଙ୍କର ଶକ୍ତି ମାଧ୍ୟମରେ । ପ୍ରତି ପ୍ରତ୍ୟେକଙ୍କର ଜୀବନକୁ ସିଦ୍ଧିରେ ଦୀପ୍ତିମାନ କରି ଉଠାନ୍ତି ବୋଲି ସେ ସିଦ୍ଧେଶ୍ୱର ଦେବତା । କିନ୍ତୁ ଜୀବନରେ ଏହି ସିଦ୍ଧି ଆଣିବାକୁ ଗଲେ ଯାହାର ଯାହା ପ୍ରୟୋଜନ ସେ ହେଉଛନ୍ତି ଲକ୍ଷ୍ମୀ, ସରସ୍ୱତୀ ଓ କାର୍ତ୍ତିକ । ଜୀବନରେ ସିଦ୍ଧି ଆଣିବାକୁ ହେଲେ ଶୌର୍ଯ୍ୟ ଓ ବୀର୍ଯ୍ୟର ଯେପରି ପ୍ରୟୋଜନ, ସେହିପରି ସତ୍ୟ, ସୁନ୍ଦର ଓ ସୁକଣ୍ଠ ନିଃସୃତ ବାଣୀର ମଧ୍ୟ ପ୍ରୟୋଜନ । ବୀଣାପାଣି ସରସ୍ୱତୀ ଯାହାଙ୍କର ବୀଣା ନିନ୍ଦିତ କଣ୍ଠସ୍ୱର କେତେବେଳେ ହେଲେ କାହାରି କ୍ଷତି କରେ ନାହିଁ, ଅଶୁଭ ଚିନ୍ତା ତାଙ୍କୁ ସ୍ପର୍ଶ କରିପାରେ ନାହିଁ, ଆଉ ସେହି ଚୈତନ୍ୟ ସ୍ୱରୂପିଣୀ ସରସ୍ୱତୀ ସବୁବେଳେ ଯାହାର ଅନ୍ତରରେ ଧ୍ୱନିତ ହେଉଛି ସେହି ଆଦ୍ୟ ଶବ୍ଦ, ବୀଣା ନିନ୍ଦିତ ସେହି ଶବ୍ଦ ଯାହା ଆସେ ବୀଜମନ୍ତ୍ର ବା ନାମ ମାଧ୍ୟମରେ, ପାର୍ଥିବ ଦେହଠାରୁ ମନକୁ ନେଇଯାଏ ସେହି ଚୈତନ୍ୟ ଶକ୍ତି ଆତ୍ମା ପାଖକୁ, ସେହି ଶବ୍ଦ ବ୍ରହ୍ମ ତାହାର ସାଙ୍ଗରେ ଯୁକ୍ତ ରହିଛନ୍ତି । ପାର୍ଥିବ ଜଗତର ଯାହାକିଛି ଅସତ୍ୟ ବା ଧ୍ୱଂସାତ୍ମକ ତାହାରି ମଧ୍ୟରେ ରହି ମଧ୍ୟ ଅସଲରେ ସେ ରହିଛନ୍ତି ସେହି ଚିରନ୍ତନ ଶାଶ୍ୱତ ସାଙ୍ଗରେ ଯୁକ୍ତ । ତାହାରି ପାଇଁ ତ ସେ ଶାଶ୍ୱତୀ । ତାହାରି ପାଇଁ ଦାର୍ଶନିକମାନେ କାଳ୍ପନିକ ଚିନ୍ତାରେ ତାଙ୍କୁ ଚିତ୍ରିତ କରିଛନ୍ତି ମହାଶ୍ୱେତା ବା ଶୁଭ୍ରାରୂପେ, ଯାହା ମଧ୍ୟରେ ଟିକିଏ ମାତ୍ର ଆବିଲତା ନାହିଁ । ମନୁଷ୍ୟ ଜୀବନର ବଞ୍ଚିବା ପାଇଁ ଏହି ଶକ୍ତି ଗୁଡ଼ିକ ଯେପରି ଅପରିହାର୍ଯ୍ୟ ସେହିପରି ଅପରିହାର୍ଯ୍ୟ ମା' ଲକ୍ଷ୍ମୀ । ଆମର ପ୍ରତ୍ୟେକଙ୍କର ଜୀବନରେ ଅପ୍ରୟୋଜନୀୟ ବୋଲି କୌଣସି ବସ୍ତୁ ନାହିଁ । ପ୍ରତିଟି ବସ୍ତୁର ସଂରକ୍ଷଣ, ବ୍ୟବହାର, ପାଳନ ଓ ପରିବେଷଣର ଯେଉଁ ପଦ୍ଧତି, ସୁଷ୍ଠୁ ରୂପେ ସୁବିନ୍ୟସ୍ତ ରୂପେ ଏହାକୁ ଯେଉଁ ଶକ୍ତିଦ୍ୱାରା ନିୟମନ ଓ ନିୟନ୍ତ୍ରଣ କରାଯାଏ ସେହି ଚୈତନ୍ୟ ଶକ୍ତିକୁ ହିଁ କହନ୍ତି ମହାଲକ୍ଷ୍ମୀ । ଯାହାର ଚରିତ୍ରରେ ରକ୍ଷଣଶୀଳତା ନାହିଁ, ସେହି ବ୍ୟକ୍ତିତ୍ୱରେ ରତ ଅର୍ଥାତ୍ ଦେହକୁ ବି ରକ୍ଷାକରି ଚାଲିବାର ବୁଦ୍ଧି ନାହିଁ; ମନୁଷ୍ୟର ସୂକ୍ଷ୍ମ ଶକ୍ତିର ଯେତିକି ବିକାଶ ସବୁରି ମୂଳ ହେଉଛି ଏହି ଦେହ, ଆଉ ଏହି ଦେହକୁ ରକ୍ଷା କରିବାକୁ ଗଲେ ଆହାର, ବିହାର, ଅର୍ଥ, ମାନ ଯଶ ସବୁକିଛିର ପ୍ରୟୋଜନ ରହିଛି । କିନ୍ତୁ ମନେ ରଖିବାକୁ ହେବ କୌଣସିଠାରେ ଆକୃଷ୍ଟ ହେଲେ ବା ଅପବ୍ୟବହାର କଲେ ଚଳିବ ନାହିଁ । ପ୍ରତିଟି ବସ୍ତୁର କର୍ମକୁ ସୁଷ୍ଠୁ ରୂପେ ଧାରଣ, ପାଳନ ଓ ସମ୍ପନ୍ନ କରିବାକୁ ହେବ । ଏହାପାଇଁ ମନୁଷ୍ୟ

Scanned by CamScanner

ଜୀବନର ପ୍ରତି ମୁହୂର୍ତ୍ତକୁ ସଚେତନ ସହକାରେ ବ୍ୟୟ କରିବାକୁ ହେବ । ତପସ୍ୱୀ ହେବାକୁ ହେବ । ଏହି ତପସ୍ୟ ଖାଲି ଆର୍ଥିକ ସଞ୍ଚୟ ନୁହେଁ, ବହିଃ ଜଗତର ସବୁକିଛି ସଞ୍ଚୟ ସଙ୍ଗେ ସଙ୍ଗେ ଅନ୍ତର୍ଜଗତରେ ମଧ୍ୟ ତପସ୍ୱୀ ହେବାକୁ ହେବ । ଶୌର୍ଯ୍ୟରେ, ବୀର୍ଯ୍ୟରେ, ଜ୍ଞାନରେ ଓ ଦୃଢ଼ତାରେ ଗୋଟିଏ କଥାରେ ସର୍ବଗୁଣ-ଗୁଣାନ୍ୱିତ ହୋଇ ଉଠିବାକୁ ହେବ । ଯେଉଁଥିରେ ଜୀବନର ମଙ୍ଗଳ ଆସିବ, ଇଷ୍ଟଲାଭ ହେବ ସେଥିରେ ଜୀବନର ସମସ୍ତ ସମ୍ପଦକୁ ନିୟୋଜିତ କରିବାକୁ ହେବ । କିନ୍ତୁ ମୂଳରେ ସଂଗ୍ରହ, ତପସ୍ୟ ନ ଥିଲେ ମିତବ୍ୟୟୀ ନ ହେଲେ କିଛି ହୋଇପାରିବ ନାହିଁ । ତେଣୁ ଏହି ମହାଲକ୍ଷ୍ମୀ ଲାଭ ବା ପୂଜା ଅର୍ଥ – ସେହିପରି ଚରିତ୍ର ଗଠନ କରିବାକୁ ହେଲେ ପ୍ରତ୍ୟେକ ମନୁଷ୍ୟ ଜୀବନର ପ୍ରୟୋଜନ ଯେଉଁ ସର୍ବଜନପୂଜ୍ୟା ପରମେଶ୍ୱର, ଷଡ଼ ଐଶ୍ୱର୍ଯ୍ୟଶାଳୀ ହୋଇ ମାନବ ଦେହରେ ଆବିର୍ଭୂତ ହୁଅନ୍ତି ସେହି ପରମ ଶକ୍ତିର ଆଧାର ସଦ୍‌ଗୁରୁ ସାଙ୍ଗରେ ଯୁକ୍ତ ହେବାକୁ ପଡ଼ିବ । ତେବେ ଏହି ଜୀବନରେ ଫୁଟି ଉଠିବ ସାର୍ଥକତାର ଶତଦଳ, ସବୁ ଦେବତା ଜାଗ୍ରତ ହୋଇ ଉଠିବେ ଏହି ଅନ୍ତର ଭିତରେ । ଏହି ମନୁଷ୍ୟ ହିଁ ସେତେବେଳେ ଦେବତା ବୋଲି ପ୍ରତିଭାତ ହେବ ଲୋକ ସମ୍ମୁଖରେ । ସେଥିପାଇଁ ସାଧକ ପୁରୁଷମାନେ କହିଛନ୍ତି, "ଯାହା ନାହିଁ ପିଣ୍ଡେ ତାହା ନାହିଁ ବ୍ରହ୍ମାଣ୍ଡେ ।" ପୁଣି ସାଧକ କବି ଚଣ୍ଡୀଦାସ ଗାଇଛନ୍ତି,—

"ଶୋନ ହେ ମାନୁଷ ଭାଇ,
ସବାର ଉପରେ ମାନୁଷ ସତ୍ୟ, ତାହାର ଉପରେ ନାହିଁ ।"

ଭାଗବତକାର କହିଛନ୍ତି —

"ମାନବ ଦେହେ ଦିବ୍ୟଜ୍ଞାନ,
ଦେଖି ସନ୍ତୋଷ ଭଗବାନ ।"

ଏହିପରି ପୃଥିବୀର ସବୁକିଛି ଅର୍ଥାନ୍ୱିତ ସମାଧାନ ଓ ପରିପୂରଣ କରିବା ପାଇଁ ଆସିଥିଲେ ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର । ସେ ମଧ୍ୟ କହିଲେ, "ମନୁଷ୍ୟ ଭିତରେ ହିଁ ସବୁକିଛି ରହିଛି । ତାଙ୍କୁ ବାଦଦେଇ ଆଉ କେଉଁଠି କିଛି ଖୋଜିବାକୁ ଗଲେ କିଛି ମିଳିବ ନାହିଁ ।" ତେଣୁ ମନୁଷ୍ୟ ଜୀବନରେ ସଦ୍‌ଗୁରୁଲାଭ ଓ ତାଙ୍କ ନିର୍ଦ୍ଦେଶରେ ଜୀବନକୁ ନିଷ୍ଠା ସହକାରେ ପରିଚାଳିତ କଲେ ପ୍ରତି ପ୍ରତ୍ୟେକେ ଦେବତ୍ୱର ଅଧିକାରୀ ହୋଇ ଉଠିବେ ।

Scanned by CamScanner

ଆମର ଏହି ପୃଥିବୀରେ କୌଣସି କିଛି ବର୍ଜ୍ଜନୀୟ ନୁହେଁ । ଯଥା ବିହିତ ବ୍ୟବହାର କରି ଜାଣିଲେ ହିଁ ତାହା କେବଳ ଗ୍ରହଣୀୟ ହୋଇ ଉଠିବ ନାହିଁ ଅବର୍ଜ୍ଜନୀୟଭାବେ ନିତ୍ୟ ପ୍ରୟୋଜନୀୟ ହୋଇ ଉଠିବ । ଆଉ ଏହି କଥା ଜାଣିବାର ଯଥାଯଥ ପଥ ଓ କର୍ମକୁ ହିଁ କହନ୍ତି ଧର୍ମ ଏବଂ ଯେ ଏ ପଥର ପଥିକ ତାଙ୍କୁ ହିଁ କହନ୍ତି ଧାର୍ମିକ ।

Scanned by CamScanner

ଦେଖିଥିଲି ଯାହାଙ୍କୁ

ଏପରି ବି ମଣିଷ ହୁଅନ୍ତି ? ଥରେ ସମୟରେ ଜଣେ ସ୍ତ୍ରୀଲୋକ ହନ୍ତସନ୍ତ ହୋଇ ଛୁଟି ଆସି ଲୋଟି ପଡ଼ିଲା ପାଦତଳେ । "ମୋର ସର୍ବନାଶ ହୋଇଛି । କାଲି ରାତିରେ ଘରେ ଚୋର ପଶି ସବୁକିଛି ନେଇ ଯାଇଛି । ମା'ର ପିନ୍ଧାଲୁଗା ବ୍ୟତୀତ ଆଉ କୌଣସି ଲୁଗା ମଧ୍ୟ ନାହିଁ । ଥାଳି, ବାସନ, ଗହଣା, ଲୁଗା ସବୁକିଛି ।" ଯାହାଙ୍କ ନିକଟରେ କୁହାଗଲା ସେ ଶୁଣି କହିଲେ —"କଣ କହୁଛ ? ସବୁ ନେଇଗଲା—ତୁମ୍ଭେମାନେ କେଉଁଠି ଥିଲ ?"

ପୂର୍ବୋକ୍ତ ମହିଳା—"କେଉଁ ଯମ ନିଦ୍ରା ଲାଗିଥିଲା, କିଛି ଜାଣିପାରି ନାହିଁ ।"

ମୋର ସବୁ ଗଲା, ସବୁଗଲା ବୋଲି କହି ରମଣୀଟି କାନ୍ଦି ଉଠିଲା ।

ଯାହାଙ୍କ ନିକଟରେ ଏକଥା କୁହାଗଲା ସେ ସଙ୍ଗେ ସଙ୍ଗେ ଜଣେ ଲୋକକୁ ଡାକି କହିଲେ—"ମୋତେ କିଛି ଲୁଗା ଆଣି ଦେବ ବର୍ତ୍ତମାନ ? ଚାରିଜୋଡ଼ା ଧୋତି, ଭଲ ଭଲ ଶାଢ଼ୀ ୧୨।୧୪ ଖଣ୍ଡ । ଶୀଘ୍ର, ଡେରି କର ନାହିଁ ।" ପୁଣି ଡାକି କହିଲେ, "ଜାମା କନା, ଅଣ୍ଡରୱେୟାର କନା, ବ୍ଲାଉଜ କନା ଓ ତିଆରି ଶାୟା ନେଇ ଆସିବ ସାଙ୍ଗରେ ।" ଲୋକଟି ଚାଲିଯିବା ସଙ୍ଗେ ସଙ୍ଗେ ଆଉ ଜଣକୁ ଡାକି ପଠାଇଲେ ସ୍ୱର୍ଣ୍ଣକାର ଦୋକାନରୁ ଯେଉଁ ଯେଉଁ ଗହଣା ଚୋରି ହୋଇଛି ତାହା ତିଆରି କରିବା ପାଇଁ । ଯାହାର ଚୋରି ହୋଇଛି ସେ ମା'ଟିକୁ ପଚାରିଲେ, "କି ରକମ ଗହଣା କରିବୁ ? ପୂର୍ବପରି ନା ଅନ୍ୟ ଡିଜାଇନ୍‌ର ନା ଅନ୍ୟକିଛି ?" ମା'ଟି ଭୁଲିଯାଇଛି ତା ଘରର ଚୋରି କଥା । ସେ କହି ଉଠିଲା, "ଏ କଣ ? ଆପଣ କାହିଁକି ଦେବେ ?" ପୂର୍ବୋକ୍ତ ମଣିଷଟି କହି ଉଠିଲେ, "ଆଉ ସେ କଥା । ବର୍ତ୍ତମାନ କି ରକମ ଗହଣା କରିବୁ ? ସେ

Scanned by CamScanner

ଗ୍ଭଲଯିବ । ତେଉ ହୋଇଯିବ ପୁଣି ।" ବାସନକୁସନ କଣିବା ପାଇଁ ଲୋକ ପଠାଇଲେ । ଏହା ମଧ୍ୟରେ ଅନେକ କିଛୁ ତାଙ୍କୁ ଭିକ୍ଷା କରି ସଂଗ୍ରହ କରିବାକୁ ହେଲା । ସକାଳେ ପ୍ରଣାମ କରିବାକୁ ଆସି ଏ ଦୃଶ୍ୟ ଦେଖୁଛି ଆଉ ଭାବୁଛି କିଏ ତୁମେ ? ତୁମକୁ ଲୋକ ଠାକୁର କହନ୍ତି । କିନ୍ତୁ କେଉଁଠି ତୁମର ଠାକୁରତ୍ୱ ତାହା ଏହି ଅଧମକୁ ଦେଖିବାର ସୁଯୋଗ କେବେ ଭାବରେ ନଦେଲ ? ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର, କି ସାଧାରଣ, ସହଜ, ସରଳ ଶିଶୁପରି ମଣିଷ । ଚୋରିର ଖବର ଶୁଣି ଥରେ ମଧ୍ୟ ପଚାରିଲେ ନାହିଁ କାହାବିକ କଣ ଚୋରି ହୋଇଛି ? ବରଂ ତାଙ୍କର ମୁଖମଣ୍ଡଳରେ ବେଦନାର ଭାବ ଫୁଟି ଉଠିଲା । ମନେ ହେଲା ଯେପରି ତାଙ୍କର ନିଜ ଅପରାଧରୁ ଏ ଚୋରି ହୋଇଛି । ଶ୍ରୀ ଶ୍ରୀ ଠାକୁର ମୁହଁରେ କହୁଥିଲେ, "ତୁମ୍ଭେମାନେ କୌଣସି ଦୋଷ କଲେ, ଭୁଲ କଲେ ମୋର ମନେହୁଏ ଏ ଦୋଷ, ଏ ଭୁଲ ମୋର ।" ଆଜି ତାର ପ୍ରତ୍ୟକ୍ଷ ପ୍ରମାଣ ପାଇଲି । କେତେ କଷ୍ଟରେ ଶ୍ରୀ ଶ୍ରୀ ଠାକୁର ଏ ଟଙ୍କା ସଂଗ୍ରହ କଲେ । ମୁହଁରେ ଆନନ୍ଦ, କିନ୍ତୁ ତା ସହିତ ମିଶ୍ରିତ ହୋଇ ରହିଛି ଆମ୍ଭ-ମାନଙ୍କର ଅପାରଗତାଜଡ଼ିତ ଭୁଲ, ଭ୍ରାନ୍ତିମୟ ଚଳଣିର ବେଦନାସିକ୍ତ ଅଭିବ୍ୟକ୍ତି । ଆଚରଣଶୀଳ ଆଚାର୍ଯ୍ୟ । ସବୁ ସମୟରେ ସବୁ କିଛିର ନିରାକରଣ ଦିଗରେ ଥିଲା ତାଙ୍କର ଲକ୍ଷ୍ୟ । ପ୍ରସଙ୍ଗ କ୍ରମେ ଗୋଟିଏ ଶୁଣିବା ଘଟଣାର ଉଲ୍ଲେଖ କରୁଛି । ଏଟା ମୋ ସମ୍ମୁଖରେ ଘଟି ନାହିଁ । ଦିନେ ଖୁବ୍ ଭୋରରୁ ଉଠି ଜଣେ ଭାଇ ଦେଖିବାକୁ ପାଇଲେ ଜଣେ ଲୋକ ପରିବା ବଗିଚାରୁ କଖାରଙ୍କା, ବାଇଗଣ ଇତ୍ୟାଦି ଚୋରି କରୁଛି । କିନ୍ତୁ ବଗିଚା ମାଲିକର ଆଗମନ ଶଙ୍କା ପାଇ ସେ ପଳାଇଛି । ମାଲିକ କିନ୍ତୁ ସବୁ ଦେଖିଛି ଏବଂ ଲୋକଟିକୁ ମଧ୍ୟ ଚିହ୍ନି ପକାଇଛି । ଭଦ୍ରଲୋକ ସକାଳୁ ଉଠି ଏହି ଅପକର୍ମ ଦେଖି—ବିଶେଷ କରି ତପୋବନଭୂମି ମଧ୍ୟରେ—ଖୁବ୍ ବିରକ୍ତ ହେଲେ ଏବଂ ମନେ ମନେ ସଂକଳ୍ପ କଲେ ଠାକୁରଙ୍କ ପାଖରେ କହି ଏହାର ବିହିତ ବ୍ୟବସ୍ଥା କରିବେ । ଯଥା ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ ସମୀପରେ ଯାଇ ଉକ୍ତ ଭାଇ ଉପସ୍ଥିତ । ଠାକୁର ଦେଖି ଖୁସିରେ କହି ଉଠିଲେ—କି ଖବର ? ଭାଇଟି ଖୁବ୍ ଉତ୍ତେଜିତ ଭାବରେ ସକଳ ବୃତ୍ତାନ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ବ୍ୟକ୍ତ କଲେ । —"ଠାକୁର ! ଏହି ଭାବରେ ନିଜ ନିଜ ମଧ୍ୟରେ ଯଦି ଚୋରିହୁଏ, ତାହା ହେଲେ କ'ଣ ହେବ ?" ଶ୍ରୀ ଶ୍ରୀ ଠାକୁର କହିଲେ—"ଗୋଟିଏ କାମ କରନ୍ତୁ । ବଗିଚାରୁ ପନିପରିବା ତୋଳି ଗୋଟିଏ ଝୁଡ଼ି ଭର୍ତ୍ତିକରି ସେହି ଲୋକ ଘରେ ଯାଇ ଦେଇ ଆସନ୍ତୁ ।"

Scanned by CamScanner

ଭାଇଟି ଶୁଣି ବିସ୍ମିତ । "ତାହା କିପରି ହେବ ଠାକୁର ? ଚୋରି କଲା ସେ, ଆଉ ମୁଁ ସବୁ ନେଇ ଦେଇ ଆସିବି ?"

ଶ୍ରୀ ଶ୍ରୀ ଠାକୁର କହିଲେ, "ମୋତେ ତ ଏହାହିଁ ଭଲ ଲାଗେ ।"

ଭାଇଟି ଅନିଚ୍ଛା ସତ୍ତ୍ୱେ ମଧ୍ୟ କହିଲେ, "ବେଶ୍, ଆପଣ ଯେତେବେଳେ କହୁଛନ୍ତି, ତାହାହିଁ କରିବି । କିନ୍ତୁ ଗୋଟିଏ କଥା ହେଲା ମୋର ଚୋରି କଲା, ଆଉ ମୋତେ ହିଁ ସବୁ ଦେଇ ଆସିବାକୁ ହେବ !"

ଶ୍ରୀ ଶ୍ରୀ ଠାକୁର କହିଲେ—"ତାହା କରନ୍ତୁ । କିନ୍ତୁ ତା ନିକଟରେ ପୁଣି ମୋର ନାମ କହିବେ ନାହିଁ ।" କିନ୍ତୁ ଉକ୍ତ ଭଦ୍ରଲୋକ ବଗିଚାରୁ ଝୁଡ଼ି ଭର୍ତ୍ତି କରି ପନିପରିବା ନେଇ ପୂର୍ବୋକ୍ତ ଲୋକଟି ଘରକୁ ଯାଇ ଅଭ କର୍କଶ କଣ୍ଠରେ କହିଲା, "କାହିଁ ହେ । ନିଅ ବାବା । ଚୋରି କର ଆଉ ଯାହା କର ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ଆଉ ନାଲିଶ କରିବାକୁ ଯାଉ ନାହିଁ ।" ପୂର୍ବୋକ୍ତ ଲୋକଟି ସବୁ କଥା ଶୁଣି କାନ୍ଦି ଆକୁଳ । ପରିବା ନେଇ ଆସିଥିବା ଭାଇର ପାଦ ତଳେ ପଡ଼ି କାନ୍ଦିବାକୁ ଲାଗିଲା, "ଭାଇ ! ମୁଁ ଆଉ ଏପରି କାର୍ଯ୍ୟ କରିବି ନାହିଁ, ମୋତେ କ୍ଷମା କରନ୍ତୁ ।"

ପୂର୍ବୋକ୍ତ ଭଦ୍ରଲୋକର ସେହି ଗୋଟିଏ କଥା । "ଠାକୁରଙ୍କର ଆଦେଶ ରକ୍ଷା ଦିଅ ।" ସ୍ୱେଚ୍ଛାକୃତ ଭାବରେ ଲୋକର ମନର ଗଭି ପରିବର୍ତ୍ତନ ଲକ୍ଷଣ ଦେଖି ମନେ ମନେ ଖୁବ୍ ଆନନ୍ଦ ପାଉଛନ୍ତି ।

ଲୋକଟି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ଆସି କାନ୍ଦି ଉଠିଲା । "ଠାକୁର ମୁଁ ଆଉ ଚୋରି କରିବି ନାହିଁ ।"

ଠାକୁର କହିଲେ, "ତାହା ନ କରିବା ହିଁ ଭଲ । ବର୍ତ୍ତମାନ ଭାଇଟି ଯାହା ଦେଇଛନ୍ତି ଏଗୁଡ଼ିକ ଆଶୀର୍ବାଦ ମନେ କରି ଘରକୁ ନେଇ ଯା ।"

Scanned by CamScanner

ମନୁଷ୍ୟ ଜନ୍ମ ଦୁର୍ଲଭ କାହିଁକି ?

ଦେହ ବା Body, it is a symbol of life. ଏ ଦେହ ରହିବନି, ଦିନେ ଚାଲିଯିବ । କିନ୍ତୁ ଏହି ଦେହ ହିଁ ହେଉଛି ମନୁଷ୍ୟ ଜୀବନର ସବୁଠାରୁ ଅମୂଲ୍ୟ ସମ୍ପଦ । ଏଇ ଦେହ ଭିତରେ ରହିଛି ଈଶ୍ୱରଙ୍କର ଈଶ୍ୱରତ୍ୱ, ଦେବତା ଧର୍ମ ମାନବତ୍ୱ, ଅସୁର ବା ଆସୁରିକ ଶକ୍ତିର ସମାବେଶ ଅସୁରତ୍ୱ । ଏଇ ଅସୁରତ୍ୱ ବା evil spiritର ଜାଗରଣରେ ମନୁଷ୍ୟ ଜୀବନରେ ଆସେ ଅନିୟମ, ବ୍ୟଭିଚାର, ଅନିୟନ୍ତ୍ରିତ ଭୋଗଲାଳସାର ବ୍ୟଗ୍ରତା ଯାହାକି ଅତି ସହଜ ଲଭ୍ୟ, ଯାହାର ଗତି ନିୟନ୍ତ୍ରଣ କରିବାର ପ୍ରୟୋଜନ ନାହିଁ, ଆପେ ଆପେ ଗଡ଼ି ଚାଲେ ନିମ୍ନଠାରୁ ନିମ୍ନ ଆଡ଼କୁ, ଧ୍ୱଂସ ଆଣେ ଜୀବନର ଊର୍ଦ୍ଧ୍ୱ-ଗତିର ଯାହା କିଛି ସମ୍ପଦ । ଆଉ ଏହାହିଁ ଅଧର୍ମ । ଆଜି ଏଇ ଅଧର୍ମ ବା ଆସୁରିକ ଶକ୍ତି ସମ୍ବନ୍ଧରେ ଆମେ ଆଲୋଚନା କରିବା ନାହିଁ । ଠିକ୍ ଏହାର ବିପରୀତ, ଯେଉଁ ଶକ୍ତି କି ପ୍ରତିଟି ମନୁଷ୍ୟ ଭିତରେ ମନୁଷ୍ୟ ସାଙ୍ଗରେ ଜନ୍ମଗତ ଭାବରେ ଆସିଛି ଦେହ ରୂପ ଧରି, ସେହି ଧର୍ମ ବା ଶାଶ୍ୱତ ଶକ୍ତିର ବିଷୟ ଆଲୋଚନା କଲେ ଆମେ ଦେଖିବାକୁ ପାଉଁ, ସାଧକ ପୁରୁଷ, ମୁନିଋଷି, ରାଜର୍ଷି, ଦେବର୍ଷି; ଏଇ ଦେହକୁ ନେଇ କେତେ ବିଶ୍ଳେଷଣ କରିଛନ୍ତି, ପୁଙ୍ଖାନୁପୁଙ୍ଖ ରୂପେ ଖୋଜି ଖୋଜି ଦେଖିଛନ୍ତି ଏଇ ଦେହ ଭିତରେ କୁଆଡ଼େ କଣ ଅଛି ? ସମସ୍ତେ ମିଶି ଖୋଜି ଖୋଜି ଯେ ଯାହା ପାଇଛନ୍ତି, କେହି ବା ତାକୁ ପ୍ରକାଶ କରିଛନ୍ତି ଭାଷାରେ, କେହି ବା ଲେଖି ରଖିଛନ୍ତି ପୋଥି ମାଧ୍ୟମରେ । କେହି ବା ଏଇ ଅପୂର୍ବ ଶକ୍ତିର ସମାବେଶ ନିଜ ଦେହରେ ଉପଲବ୍ଧି କରି ଆନନ୍ଦରେ ମାତି ରହିଛନ୍ତି ସେହିଥିରେ, କାହାରି ଆଡ଼କୁ ଅନାଇବାର ସମୟ ତାଙ୍କର ନଥାଏ । କିନ୍ତୁ ଏଇ ମନୁଷ୍ୟ ଜୀବନ ଭିତରେ ବା ଜାତି ଭିତରେ ଏହି ଦେହକୁ ଧାରଣ କରି ଯୁଗେ ଯୁଗେ ଭଗବାନ ବା

Scanned by CamScanner

ଅବତାର ପୁରୁଷ ଏହି ପୃଥିବୀରେ ଆସି ଦେଖାଇଛନ୍ତି, ବୁଝାଇଛନ୍ତି ଏହି ଦେହ ସୃଷ୍ଟିର କାରଣ, ମନୁଷ୍ୟର କାହିଁକି ଏ ଦେହ ସୃଷ୍ଟି ହୋଇଛି ଏବଂ ପ୍ରତି ଅଙ୍ଗପ୍ରତ୍ୟଙ୍ଗ ଯାହାର ପ୍ରତିଟିକି ପ୍ରୟୋଜନ ଜୀବନର ଉର୍ଦ୍ଧ୍ୱଗତି ପାଇଁ । ଏକ କଥାରେ ଏହି ସର୍ବାଙ୍ଗ ହିଁ ହେଉଛି ଈଶ୍ୱରଙ୍କର ଅଙ୍ଗ । ମୁନିଋଷିମାନେ ଯେପରି ସୂକ୍ଷ୍ମଠାରୁ ସୂକ୍ଷ୍ମ ଅତି—ଜାଗତିକ ଜଗତରେ ଯାଇ ଯାହାକିଛି ଦର୍ଶନ କରିଛନ୍ତି ସେହି ଦର୍ଶନର ରୂପ ଦେବାର ଚେଷ୍ଟା କରିଛନ୍ତି ମନୁଷ୍ୟ ବା ପଶୁ ଆକୃତି ବିଭିନ୍ନ ରକମ ଦେହ ବା ମୂର୍ତ୍ତି ମାଧ୍ୟମରେ ଯାହାକୁ କହନ୍ତି ପୌତ୍ତଳିକବାଦ, ସେହିପରି ପୁରୁଷୋତ୍ତମ ରୂପେ ଭଗବାନ ଯୁଗେ ଯୁଗେ ଧରାଧାମେ ଆବିର୍ଭୂତ ହୋଇ ଦେଖାଇ ଯାଇଛନ୍ତି ଖାଲି ଦେହ ନୁହେଁ ସେହି ରୂପ ସାଙ୍ଗରେ ରସ, ଗନ୍ଧ, ଆଗ୍ରହ, ଆଚରଣ ଜୀବନ ବର୍ଦ୍ଧନରେ ଯେଉଁଠି ଯାହାକିଛି ରହିଛି ଏବଂ ଏହି ଦେହ ଧାରଣର ପ୍ରକୃତ କାରଣକୁ ମନୁଷ୍ୟ ଆଗରେ ଉପସ୍ଥାପିତ କରି, ବିନ୍ୟସ୍ତ କରି, ବିସ୍ତାରିତ କରି ତୋଳି ଧରିଛନ୍ତି । ଏହାହିଁ ହେଉଛି ସ୍ରଷ୍ଟା ଈଶ୍ୱରଙ୍କର ଅପୂର୍ବ ରସଘନ ରୂପ । ଏଇ ଆମ ଦେହ ଭିତରେ ଯାହାକିଛି ରହିଛି ତାହା ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛି ଉର୍ଦ୍ଧ୍ୱାଙ୍ଗ, ଯାହାକି ବେକଠାରୁ ମୁଣ୍ଡ ଉପର ପର୍ଯ୍ୟନ୍ତ ଯାହାକୁ କି ଶକ୍ତ ଆବରଣ ଦ୍ୱାରା ହନୁଠାରୁ ସୁନ୍ଦର ରୂପେ ସ୍ରଷ୍ଟା ରକ୍ଷା କରି ରଖିଛନ୍ତି । ଏଇ ବେକଠାରୁ ମୁଣ୍ଡ ଉପର ଶକ୍ତ ଆବରଣ ଭିତରେ ଯାହାକିଛି ରହିଛି ଏହାରି ଦ୍ୱାରା ନିୟନ୍ତ୍ରିତ ହୁଏ ସର୍ବାଙ୍ଗ ବା ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ । ଏହାର ଅପୂର୍ବ ସମନ୍ୱୟ ବା ସୌନ୍ଦର୍ଯ୍ୟ ପ୍ରକାଶିତ ହୋଇଛି ପୁରୁଷୋତ୍ତମ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଅପୂର୍ବ ରୂପ ଭିତରେ । ଏଇ ଜଗନ୍ନାଥ ବା କୃଷ୍ଣ ଯେ ସବୁକିଛି ଉତ୍କର୍ଷର ମାଲିକ ସେ ନିଜେ କୌଣସି ଦେହକୁ ସାଙ୍ଗରେ ନ ରଖିଲେ ମଧ୍ୟ ଏଇ ପୃଥିବୀର ଆଦ୍ୟ ସବୁକିଛି ସ୍ୱୀକାର କରିଛନ୍ତି ସତ୍ୟରୂପୀ ବଳଭଦ୍ର ଏବଂ ପ୍ରକୃତି ରୂପିଣୀ ସୁଭଦ୍ରାକୁ ପାଖରେ ରଖି । ଏଇ ରୂପ ଭିତରେ ସବୁଠାରୁ ସୌନ୍ଦର୍ଯ୍ୟ ଯାହା ତାହା ହେଉଛି ଯେଉଁ ପ୍ରକୃତି ଦ୍ୱାରା ପୃଥିବୀ ସୃଷ୍ଟି ହୋଇଛି ସ୍ରଷ୍ଟା ଜଗନ୍ନାଥ କିନ୍ତୁ ତାଙ୍କୁ ଭଗିନୀ ବା ମାତୃଜ୍ଞାନରେ ଦେଖିଛନ୍ତି । ଏଠାରେ ଶ୍ରୀଜଗନ୍ନାଥଙ୍କ ରୂପ ବର୍ଣ୍ଣନା ମୋର ଉଦ୍ଦେଶ୍ୟ ନୁହେଁ । ମୂଳ କଥା ମନୁଷ୍ୟ ଦେହ ଭିତରେ ସବୁକିଛି ଅନ୍ତର୍ନିହିତ ଏବଂ ଦେହ ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛି ଉର୍ଦ୍ଧ୍ୱାଙ୍ଗ ବା ଉତ୍ତମାଙ୍ଗ ମସ୍ତକ । ତାହାରି ପାଇଁ ଦ୍ରଷ୍ଟା ବା ସାଧକ ପୁରୁଷ ଜଗନ୍ନାଥଙ୍କୁ ବଂଶୀଧାରୀ କୃଷ୍ଣ ବା ରାଜା କୃଷ୍ଣ ବା ଶତ୍ରୁନିଧନକାରୀ କୃଷ୍ଣ ହିସାବରେ ତାଙ୍କର ରୂପ ସୃଷ୍ଟି କରି

ନାହାନ୍ତି; ସୃଷ୍ଟି କରିଛନ୍ତି ମହାଁନ୍ତି, ତାହାରି ଭିତରେ ରହିଛି ସର୍ବଶ୍ରେଷ୍ଠ ଚକାଡୋଳା ଆଖି । ଆଉ ସେହି ଆଖି ଯାହାର କି ପତା ନାହିଁ, କେବେ-ହେଲେ ସେ ଆଖି ବୁଜେ ନାହିଁ । ଆମର ମନୁଷ୍ୟ ଜନ୍ମର ପ୍ରଧାନ ଉଦ୍ଦେଶ୍ୟ କିନ୍ତୁ ଏହା ପ୍ରତି ମୁହୂର୍ତ୍ତରେ ଆମକୁ ଅନାଇ ଦେଖିବାକୁ ହେବ ନିଜକୁ, ସଦା ସଚେତନ ଜାଗ୍ରତ ରହିବାକୁ ହେବ, ଧ୍ୱଂସାତ୍ମକ ଆସୁରିକ ଶକ୍ତି ଯେପରି କୌଣସି ପ୍ରକାରେ ଆମର ଦେହସ୍ଥିତ କୌଣସି ଶକ୍ତିକୁ ଆକର୍ଷଣ କରି ଟାଣି ନେଇଯାଇ ନପାରେ ଧ୍ୱଂସ ଆଡ଼କୁ । ଦେହର ପ୍ରୟୋଜନୀୟତା, ମସ୍ତିଷ୍କ ବା ମୁଣ୍ଡକୁ ରକ୍ଷା କରିବା ପାଇଁ ଏବଂ ସେହି ରକ୍ଷା କରିବାକୁ ହେଲେ ସୃଷ୍ଟିର ବି ପ୍ରୟୋଜନ ରହିଛି, ଏଇ ସୃଷ୍ଟିର ଉତ୍ସସ୍ଥଳ ମଧ୍ୟ ମସ୍ତିଷ୍କ । ତାହାକୁ ଯଦି ଠିକ୍ ରଖାଯାଏ ପ୍ରୟୋଜନ କ୍ଷେତ୍ରରେ ଯେ କୌଣସି ମୁହୂର୍ତ୍ତରେ ବ୍ୟବହାର କରିଯାଇ ପାରେ ଏବଂ ଏଇ ବିଭିନ୍ନ ଇନ୍ଦ୍ରିୟାଦିର ଯେଉଁ ରାଜା ସେଇ ମନକୁ ମଧ୍ୟ ସଂଯମିତ କରି କୃଟସ୍ଥ କରି, ଜୀବନକୁ ଅମୂଲ୍ୟ ସମ୍ପଦରେ ସମ୍ପଦଶାଳୀ କରି ତୋଳି ପ୍ରତିଟି ମନୁଷ୍ୟ ଈଶ୍ୱରତ୍ୱ ଲାଭ କରିପାରେ । ଦେହଟିର ପ୍ରୟୋଜନ ଅଛି, କିନ୍ତୁ ତାହା ଗୌଣ । ମୂଳ ଉତ୍ସ ସେହି ମୁଣ୍ଡ ଯାହାକି ଜଗନ୍ନାଥ ସ୍ୱୟଂ ସେଇ ରୂପ ଧରି ବସିଛନ୍ତି । ଏଇ ଜଗନ୍ନାଥ ବିରାଜମାନ ସର୍ବଜଗତମୟ । ବିଶ୍ୱ ଦୁନିଆ ତାଙ୍କର ଦେହ । ସେଇ ବିଶ୍ୱରୂପକୁ କୌଣସି ଗୋଟିଏ ରୂପ ଭିତରେ ପ୍ରକାଶିତ କରିବାର ସମ୍ଭାବନା ନାହିଁ । ତାହାର ପାଇଁ ତାଙ୍କର ଦେହ ରଖା ହୋଇ ନାହିଁ । ଅଥଚ ପୁରୁଷୋତ୍ତମ ଜଗନ୍ନାଥ, ତାଙ୍କର କିଛି ନାହିଁ ବୋଲି ସ୍ଥୂଳ ଭାବରେ ବସି ନାହାନ୍ତି, ବହୁ ଚକ ବିଶିଷ୍ଟ ରଥରେ ଚଢ଼ି ପ୍ରୟୋଜନରେ ଚାଲନ୍ତି, ବିହାର କରନ୍ତି, ଆହାର କରନ୍ତି । କିନ୍ତୁ ମନେ ରଖିବାକୁ ହେବ ଯେଉଁଠି ଯାହାକିଛି କରନ୍ତି, ସବୁ କିଛି କରନ୍ତି ଏଇ ବିଶ୍ୱର ସମସ୍ତଙ୍କୁ ନେଇ । ଅର୍ଥାତ୍ ସେହି ଯେ ବିଶ୍ୱର ନିୟନ୍ତା, କିଛିମାତ୍ର ସନ୍ଦେହ ନାହିଁ ତାହା ଭିତରେ । ଜଣେ, ଦୁଇଜଣ, ପାଞ୍ଚଜଣ ଜଗନ୍ନାଥଙ୍କର ରଥ ନେଇ ଚାଲି ଯାଇପାରେ ନାହିଁ, ବହୁ ଲୋକର ସମାବେଶ ହେଲେ ହିଁ ତାଙ୍କର ରଥ ଚାଲେ । ସେହିପରି ଆମ ଭିତରେ ଯେଉଁସବୁ ଶକ୍ତି ରହିଛି ତାହାର ଗୋଟିଏ ଦୁଇଟା ଶକ୍ତିକୁ ଜାଗରିତ କରି ଉଠାଇଲେ ବା ସେହି ଶକ୍ତିରେ ଶକ୍ତିମାନ ହେଲେ ଆମେ ଚାଲିପାରିବୁ ନାହିଁ unbalanced ହୋଇଯିବୁ । ସବୁକିଛି ଶକ୍ତିକୁ ସଂଯମିତ ଭାବରେ, ସୁଶୃଙ୍ଖଳିତ ଭାବରେ ଯଥାଯଥ ନିୟନ୍ତ୍ରିତ କରି ଆଗେଇ ଗଲେ ଏଇ ମନୁଷ୍ୟ ହିଁ ଭଗବାନ ବା ଈଶ୍ୱର ବୋଲି ପ୍ରତିଭାତ

Scanned by CamScanner

ହୁଅନ୍ତି ଲୋକ ସମ୍ମୁଖରେ । ଆଉ ଏହି ସଂଯମ, ନିୟନ୍ତ୍ରଣ ଓ ଜୀବନ ବୃଦ୍ଧି ପଥରେ ଗିବାର ଯେଉଁସବୁ ବାଟ ତାହାକୁ ଯେ ଜାଣିଛନ୍ତି, ନିଜର ଜୀବନ ଉପରେ ଦେଇ ପ୍ରକାଶିତ କରି, ବିକଶିତ କରି ତୋଳିଛନ୍ତି ବିଶ୍ୱମାନବ ଆଗରେ ସେହିଁ ତ ପୁରୁଷୋତ୍ତମ । ସେହି ତ ଜଗନ୍ନାଥ । ସେ ବସି ନାହିଁ କୌଣସି ଗୋଟିଏ ଜାଗାରେ, ସର୍ବତ୍ର ବ୍ୟାପ୍ତମାନ । କିନ୍ତୁ ଏଇ ସର୍ବତ୍ର ବିରାଜମାନ ସେଇ ଚୈତନ୍ୟ ଶକ୍ତି, ଯାହାର ସମାବେଶ ରହିଛି ଆମ୍ଭମାନଙ୍କ ପ୍ରତି ପ୍ରତ୍ୟେକଙ୍କର ଭିତରେ ତାହାର crystal formation ବା ରୂପ ପରିଗ୍ରହ କରିଥାଏ ଯୁଗେ ଯୁଗେ ପୁରୁଷୋତ୍ତମଙ୍କ ମାଧ୍ୟମରେ ମହାମାନବ ରୂପେ । ଏଇ ଯେ ଅବତାର ପୁରୁଷ, ସେ ନେଇ ଆସନ୍ତି ସବୁକିଛି, ସବୁକିଛି ଅର୍ଥ ବିଶ୍ୱର ଯେଉଁଠି ଯାହା ପ୍ରୟୋଜନ ସେହି ସବୁ, ଏବଂ ତାଙ୍କର ତିରୋଧାନ ସଙ୍ଗେ ସଙ୍ଗେ ମନୁଷ୍ୟ ବଞ୍ଚିତ ହୁଅନ୍ତି ପ୍ରତି ପ୍ରତ୍ୟେକେ ତାଙ୍କର ନିଜର ଜୀବନକୁ ଦେଖିବାର ସୌଭାଗ୍ୟଠାରୁ, କଳ୍ପନା ବିଳାସୀ ହୋଇ ପଡ଼ନ୍ତି, ସତ୍ୟଠାରୁ ଅନେକ ଦୂରକୁ ଯାଇ । ଅର୍ଥାତ୍ ଆମର ଏହି ଦେହ ମଧ୍ୟରେ ଯେଉଁଠି ଯାହାକିଛି ଅଛି ଦେହ ଉପରିସ୍ଥ ଚମଡ଼ା ବେଷ୍ଟିତ ମନୁଷ୍ୟାବଲୋକିତ ଦେହକୁ ଲୁଗାପଟା ବା ରଙ୍ଗ-ଚଙ୍ଗରେ ରଙ୍ଗାଇ କେତେବେଳେ ଉଲଗ୍ନ ବା କେତେବେଳେ ରାଜସିକ ସାଜରେ ସାଜି ଭ୍ରାନ୍ତ ପଥରେ ପରିଚାଳିତ ହେଉ ଆମେ । କଥାରେ ଅଛି, "ଯାହା ନାହିଁ ପିଣ୍ଡେ, ତାହା ନାହିଁ ବ୍ରହ୍ମାଣ୍ଡେ ।" ପିଣ୍ଡ ଅର୍ଥେ ଏହି ଦେହ ଭିତରେ ଯାହା ନାହିଁ, ବିଶ୍ୱବ୍ରହ୍ମାଣ୍ଡ ଖୋଜି ବୁଲିଲେ ମଧ୍ୟ କେଉଁଠି କିଛି କେତେବେଳେ ହେଲେ ମିଳିବ ନାହିଁ । ବିକଶିତ ଆଖିରେ ଅନାଇ ଦେଖିବାକୁ ହେବ, ସାଧନା କରିବାକୁ ହେବ, ନିଜକୁ ନିୟନ୍ତ୍ରିତ କରିବାକୁ ହେବ । ଆଉ ଏଇ ସବୁକିଛି କରିବା ଦ୍ୱାରା ଜାଣିବା ସମ୍ଭବ ହେବ ନିଜକୁ । କିନ୍ତୁ ସେହି ଚୈତନ୍ୟ ପୁରୁଷ ଯେତେବେଳେ ଜଗତରେ ଆସନ୍ତି ଯୁଗେ ଯୁଗେ, ଅନ୍ତରରେ ସଦା ଜାଗ୍ରତ ରଖିବାକୁ ହେବ ତାଙ୍କର ସବୁକିଛି । ସବୁକିଛି ଅର୍ଥେ ତାଙ୍କ ମୂର୍ତ୍ତି, ତାଙ୍କର ଗୃହିଣୀ, ତାଙ୍କର କର୍ମ, ତାଙ୍କର ଚଳି, ତାଙ୍କ କଥା, ଗୋଟିଏ କଥାରେ କିପରି କେଉଁ ଅବସ୍ଥାରେ ଆମେ ପ୍ରତିଟି ମନୁଷ୍ୟ ଚାଲିବା ତାହାର demonstration ବା Example ତାଙ୍କର ନିଜ ଜୀବନ ଦ୍ୱାରା ସେ ଯାହା ଦେଖାଇ ଦେଇଗଲେ in toto ତାକୁ ଅନୁସରଣ କରିବାକୁ ହେବ । ଏହା ଭିତରେ କୌଣସି କିଛି ଛାଡ଼ି ନିଜର ଖିଆଲ ଖୁସି ମୁତାବକ ଚାଲିଲେ ହେବ ନାହିଁ । ତାଙ୍କର ସବୁକିଛି ଗ୍ରହଣ କରି ଆକୁଳ ଆଗ୍ରହରେ ନିଷ୍ଠା ସହକାରେ, ଭକ୍ତି ସହକାରେ

ତାକୁ ନିଜ ଚରିତ୍ରରେ ଆଣି ଚରିତାର୍ଥ କରିବାକୁ ହେବ । ଆଉ ଏହାହିଁ ହେଉଛି ସାଧନା । ଏହି ସାଧନା ଦ୍ୱାରାହିଁ ପ୍ରତି ମନୁଷ୍ୟ ଦିନେ ଈଶ୍ୱରତ୍ୱ ଲାଭ କରିବ । ଅର୍ଥାତ୍ ନିଜକୁ ଜାଣି ପାରିବ, ବୁଝି ପାରିବ, ନିଜେ ପ୍ରବୃତ୍ତି ଦ୍ୱାରା ପରିଚାଳିତ ନହୋଇ ପ୍ରବୃତ୍ତିକୁ ପରିଚାଳିତ କରିବ, ତାହା ଉପରେ mastery କରି ଚାଲିବ, ସୃଷ୍ଟି କରିବ, ରକ୍ଷା କରିବ, ଅବାଞ୍ଛିତ ବା ଦୁଷ୍ଟ ଯାହା ପ୍ରୟୋଜନ କ୍ଷେତ୍ରରେ ତାକୁ ଧ୍ୱଂସ କରି ମହାମାୟା ମହାକାଳୀ ରୂପେ କାଳଜୟୀ ହୋଇ ଉଠିବ । ମନୁଷ୍ୟ ଦେହ ଭିତରେ ଯେଉଁ ଅସଂଖ୍ୟ ଶିରା ଉପଶିରା ବା ଆନ୍ତର ସୂକ୍ଷ୍ମ ସବୁ ଶିରା ଅଛି ଏବଂ ଏହାର ପ୍ରତି ମନୁଷ୍ୟ ଜୀବନରେ ବିଶେଷ ପ୍ରୟୋଜନୀୟ । ସାଧନା ଦ୍ୱାରା ପୌନପୌନିକ ଲାଗି ରହିଥିବା ବୀଜମନ୍ତ୍ର ଯଥାଯଥ ପ୍ରଥାରେ ଜପଧ୍ୟାନ ଇତ୍ୟାଦି କରିବା ଦ୍ୱାରା ଯେଉଁ ଉତ୍ତାପ ବା ତାପର ସୃଷ୍ଟି ହୁଏ ତାହାକୁ କହନ୍ତି ତପସ୍ୟା । ଏହି ତପସ୍ୟା ଦ୍ୱାରା ଦେହର ସବୁ ଶିରା ଉପଶିରା sensitive ହୋଇ ଉଠେ, କ୍ରିୟାଶୀଳ ହୋଇ ଉଠେ । ଯେପରି କି ଖଣ୍ଡେ ତାରକୁ generator ସାଙ୍ଗରେ ଯୁକ୍ତ କରିଦେଲେ ବା twist କରିଦେଲେ current ବା ଶକ୍ତି ପ୍ରବାହିତ ହୋଇ ତାରଟି ମୂଲ୍ୟବାନ ବା କର୍ମଠ ହୋଇ ଉଠେ, ସେହିପରି ମନୁଷ୍ୟ ଜୀବନର ଦେହ ଧାରଣ କରିବାର ବାସ୍ତବ ମୂଲ୍ୟାୟନ ରୂପ ପରିଗ୍ରହ କରେ ଏଇ ତପସ୍ୟା ବା ସାଧନା ଦ୍ୱାରା । ଏହି ତପସ୍ୟା ହିଁ spontaneous ଲାଗି ରହିବା ମାଧ୍ୟମରେ ସିଦ୍ଧି ଆଣେ, ଆଉ ଏହି ଲାଗି ରହିବାକୁ ହିଁ କହନ୍ତି ସାଧନା । ମନୁଷ୍ୟ ଯେ ଯେଉଁ କର୍ମ କରେ ତାହାର ଉପଯୁକ୍ତ ବେଶଭୂଷା ବା ଆହାର ବିହାର ଯେପରି କରିବାକୁ ହୁଏ ସେହିପରି ସାଧନାର ମଧ୍ୟ ବିଭିନ୍ନ ସ୍ଥାନ, ଉଦ୍ଦେଶ୍ୟ ବା ଲକ୍ଷ୍ୟ ରହିଛି । ଯେ ଯେଉଁ ଲକ୍ଷ୍ୟରେ ସାଧନା କରିବାକୁ ଚାହୁଁଛି, ଲକ୍ଷ୍ୟ ଉପଯୋଗୀ ଦେହକୁ ନିୟନ୍ତ୍ରିତ କରିବାକୁ ହେବ । କାହିଁକି ନା ଏହି ଦେହ ମାଧ୍ୟମରେ ଏଇ ପୃଥିବୀର ଯାହା କିଛି ନେଇ ଆମେ ଉପଲବ୍‌ଧି କରିବା ସତ୍ୟକୁ । wrestler ବା ପହିଲିମାନ, ତାଙ୍କର ଦେହର ଶକ୍ତିର କ୍ରମାଗତ ବର୍ଦ୍ଧନ ପାଇଁ ଯେପରି ଆହାର ବା ଜୀବନ ପରିଚାଳିତ କରନ୍ତି, ଜଣେ ସୈନିକ ଯେ କି ଦେଶ ପାଇଁ, ଜାତି ପାଇଁ, ମୂଳରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଜୀବନ ଧାରଣ କରିବାକୁ ଯାଉଛି ତାଙ୍କର ଆହାର ବା ଜୀବନଯାପନ, ଜଣେ ବିଦ୍ୱାନ, ବୁଦ୍ଧି-ମାନ ଏବଂ ଜ୍ଞାନାକାଂକ୍ଷୀ, ତାଙ୍କର ଯେଉଁ ଆହାର ବିହାର ପଦ୍ଧତି, ଜଣେ ରୋଗୀ ଏବଂ ରୋଗ ମଧ୍ୟ ବିଭିନ୍ନ ପ୍ରକାରର ହୋଇପାରେ, ତାଙ୍କର ଚାଲିଚଳନ ବା ଆହାର ବିହାର ପଦ୍ଧତି, ଜଣେ ଲମ୍ପଟ, ଚରିତ୍ରହୀନ, ପରସ୍ତ୍ରୀପରାୟଣ,

ତାଙ୍କର ଆହାର ବିହାର ପଦ୍ଧତି—କାହାରି ସାଙ୍ଗରେ ସେପରି କାହାରିର ମିଳେ ନାହିଁ ବା ମିଳିବ ନାହିଁ, ସେହିପରି ସାଧକ ଯେ କି ଜାଣିବାକୁ ଚାହିଁଛି ସତ୍ୟକୁ, ଈଶ୍ୱରଙ୍କୁ, ଅର୍ଥାତ୍ ନିଜକୁ ତାଙ୍କର ଆହାର ବିହାର, ଚାଲିଚଳି ପଦ୍ଧତି ନିଶ୍ଚିତ ରୂପେ ପ୍ରଭେଦ ରହିବ। ସାତ୍ତ୍ୱିକ ଆହାର ଦେହକୁ ରକ୍ଷା କରିବାକୁ ସ୍ୱଚ୍ଛେଁ ସତ୍ୟକୁ ଜାଣିବା ପାଇଁ। ତେଣୁ ତଦୁପଯୋଗୀ ଯାହା, ସତ୍ୟକୁ ଜାଣିବାର ସାହାଯ୍ୟକାରୀ ଯାହା, ତାହାହିଁ ସେମାନେ ଆହାର କରନ୍ତି ଦେହକୁ ରକ୍ଷା କରିବା ପାଇଁ। ମୂଳ କଥା, ଯାହାର ଯେଉଁଠି ଲକ୍ଷ୍ୟ ସେହିପରି ସେ ଜୀବନଯାପନ କରେ। କିନ୍ତୁ ଯାହାର ଯେଉଁ ଲକ୍ଷ୍ୟ ଥାଉନା କାହିଁକି ultimate ବା ପରିଣତିରେ ସେହି ସତ୍ୟକୁ ଜାଣିବାକୁ ହିଁ ହେବ ଯାହାକି ଚିରନ୍ତନ ବା ଶାଶ୍ୱତ, ଯାହାର ମୃତ୍ୟୁ ନାହିଁ, ଧ୍ୱଂସ ନାହିଁ, କ୍ଷୟ ନାହିଁ। ତେଣୁ ମନୁଷ୍ୟର ପ୍ରତିଟି ଦେହର span of period, ଗୋଟିଏ ଗୋଟିଏ ଦେହ ଧରି ଯେତେଦିନ ପୃଥିବୀରେ ରହେ ଏବଂ ସେହି ଦେହ ନେଇ ସେ ଯେଉଁ କର୍ମ କରେ ତାହାହିଁ ଫଳ ସ୍ୱରୂପ ପରବର୍ତ୍ତୀ ଦେହ ବା ଜନ୍ମରେ ଏବଂ ସେହି ସେହି ଜନ୍ମର ସୀମିତ ସମୟ ଭିତରେ (span of life) ଲୋକ ସେଗୁଡ଼ିକ ଭୋଗ କରେ ଏବଂ ପୁନଶ୍ଚ କର୍ମ ଦ୍ୱାରା (ସୁ ବା କୁକର୍ମ) ଫଳ ସଞ୍ଚିତ କରେ ଓ ମୂଲ୍ୟାୟନ କରେ ଏବଂ ସେ ପରବର୍ତ୍ତୀ ଜୀବନରେ ମଧ୍ୟ ତାର କିଛି କିଛି ଭୋଗ କରେ। ତାହାର ପାଇଁ ମୁହୂର୍ତ୍ତେ ବିଳମ୍ବ ନ କରି ଯାହାକୁ ଦନେ କରିବାକୁ ହିଁ ହେବ, ultimately ଯେଉଁ ପଥକୁ ଯିବାକୁ ହିଁ ହେବ, ପ୍ରତ୍ୟେକ ଜ୍ଞାନବାନ ବ୍ୟକ୍ତି କାଳବିଳମ୍ବ ନକରି ସେହି ଶାଶ୍ୱତ ପଥର ଯାତ୍ରୀ ହୋଇ ପଡ଼ନ୍ତି। କିନ୍ତୁ ମନେ ରଖିବାକୁ ହେବ ଏହି ପଥର ଯାତ୍ରୀ ହେବାକୁ ହେଲେ ନିଜର ଖିଆଲରେ ଚାଲିଲେ ହେବ ନାହିଁ। ପାର୍ଥ ବା ଅର୍ଜୁନ ବହୁ ଶକ୍ତିରେ ଶକ୍ତିମାନ, ଜ୍ଞାନବାନ, ବୁଦ୍ଧିମାନ ହେବା ସତ୍ତ୍ୱେ ଜୀବନରେ success ବା ନିଶ୍ଚିତ ରୂପେ ସିଦ୍ଧି ଆଣିବା ପାଇଁ କୃଷ୍ଣଙ୍କର ହିଁ ଶରଣାପନ୍ନ ହୋଇଥିଲେ, ନିଜର ଜୀବନକୁ ପରିଚାଳିତ କରିଥିଲେ ସେହି ଶ୍ରୀକୃଷ୍ଣଙ୍କର ହିଁ କହିଥିବା, ଦେଖାଇଥିବା, କରାଇଥିବା ପଥରେ। ଶୂନ୍ୟରେ ଭଗବାନଙ୍କୁ ମିଳିବ ନାହିଁ, ହୁଏତ ବହୁ ଶକ୍ତିର ସନ୍ଧାନ ମିଳିପାରେ। ମନେ ରଖିବାକୁ ହେବ ଏଇ ସବୁ ଶକ୍ତିର ମୂଳ ଉତ୍ସ ରହିଛି ଆମରି ଭିତରେ।

ସୃଷ୍ଟିର ଏହି ଯେ ଅପୂର୍ବ ସମାବେଶ—ଏହି ସମାବେଶକୁ ପରିଚାଳିତ ବା ନିୟନ୍ତ୍ରିତ କରିବା ପାଇଁ, ସର୍ବଶକ୍ତିମାନ ସ୍ରଷ୍ଟା ଯୁଗେ ଯୁଗେ ଆବିର୍ଭୂତ

Scanned by CamScanner

ହୁଅନ୍ତି, ପ୍ରତିଟି ମନୁଷ୍ୟଙ୍କୁ ସାହାଯ୍ୟ କରିବା ପାଇଁ, ସଚେତନ କରି ଉଠାଇବା ପାଇଁ, ଭଗବତ ଜୀବନ ଲାଭ କରି ସେହି ଶାଶ୍ୱତ ଜୀବନର ଅଧିକାରୀ କରିବା ପାଇଁ, ଯେଉଁ ଶାଶ୍ୱତ ଜୀବନ ଆମ ସାଥୀରେ ରହିବା ସତ୍ତ୍ୱେ ଅଜ୍ଞତାବଶତଃ ଆମ୍ଭେ ତାହା ଉପଲବ୍ଧି ଭିତରେ ଆଣି ଜାଣିପାରୁ ନାହୁଁ । ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏବେ ଆସିଥିଲେ ପ୍ରତିଟି ଖଣ୍ଡିତ ସତ୍ତାକୁ ବୁଝାଇବା ପାଇଁ ଯେ ଆମେ ନିଜକୁ ଖଣ୍ଡିତ ବା ଅଲଗା ମନେ କଲେ ମଧ୍ୟ ଅସଲରେ ଅଖଣ୍ଡ, ପ୍ରତି ପ୍ରତ୍ୟେକେ ପ୍ରତ୍ୟେକଙ୍କର ପରିପୂରକ । ରକ୍ତମାଂସ ସଙ୍କୁଳ ଦେହ, ଏହା ଭିତରେ ଯେପରି କୌଣସି କିଛିକୁ ବାଦ୍ ଦେଇ ସୁସ୍ଥ ବା ପୂର୍ଣ୍ଣ ଜୀବନ ଯାପନ କରିହୁଏ ନାହିଁ, ସେହିପରି ଏହି କ୍ଷୁଦ୍ର ଦେହର ହିଁ ବୃହତ୍ତର ରୂପ ହେଲା ବିଶ୍ୱରୂପ, ବିଶ୍ୱର କୌଣସି କିଛିକୁ ବାଦ ଦେଇ କେହି ପୂର୍ଣ୍ଣତ୍ୱ ଲାଭ କରିପାରେ ନାହିଁ । ଶ୍ରୀ ଶ୍ରୀ ଠାକୁର ଆସି କହିଲେ, ଦେଖାଇଲେ, ପ୍ରତି ପ୍ରତ୍ୟେକେ ପ୍ରତ୍ୟେକଙ୍କ ଉପରେ ନିର୍ଭରଶୀଳ । କାହାକୁ ବାଦ୍ ଦେବା ଅର୍ଥ ହିଁ ହେଉଛି ନିଜକୁ ପଙ୍ଗୁ କରି ରଖିବା, ବଞ୍ଚିତ ହେବା ତାହାଠାରୁ ଯାହାକୁ ରଖିଲୁଁ ଧୂରାଇ, ସେ ମନୁଷ୍ୟ, ଗଛପତ୍ର, କୀଟପତଙ୍ଗ ଯେ କେହି ହେଉନା କାହିଁକ ସବୁକିଛିର ଅସ୍ତିତ୍ୱ ନିର୍ଭର କରୁଛି ଅନ୍ୟ ସବୁକିଛି ଉପରେ । ଏ ପୃଥିବୀରେ କିଛି ଧ୍ୱଂସ ହୁଏ ନାହିଁ, ରୂପାନ୍ତରିତ ହୁଏ ବା ରୂପାନ୍ତର ଲାଭ କରେ ମାତ୍ର । ଏହି ଯେଉଁ ରୂପାନ୍ତର ଲାଭ—ଏହି ରୂପାନ୍ତର ଲାଭକୁ ପ୍ରତି ପ୍ରତ୍ୟେକଙ୍କର ଜୀବନରେ କିପରି ମଙ୍ଗଳକର, କଲ୍ୟାଣକର ଓ ଶୁଭଦାୟକ ହୋଇ ଉଠିବ ତାହାହିଁ ଚିନ୍ତା କରି ସେହି ଭାବରେ ସବୁ ଜିନିଷକୁ ବ୍ୟବହାର କରିବାକୁ ହେବ ଏବଂ ନିଜକୁ ମଧ୍ୟ ସେହି ଶୁଭ ମଙ୍ଗଳଦାୟକ ରୂପେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ କରିବାକୁ ହେବ । ଏହି ଯେଉଁ ପରିବର୍ତ୍ତନ ଅର୍ଥାତ୍ ଗୋଟିଏ ପ୍ରକାର ଠାରୁ ଆଉ ଗୋଟିଏ ପ୍ରକାରରେ ରୂପାନ୍ତର ଏହାକୁ ହିଁ କହନ୍ତି କୁର୍ବାଣୀ । ଆଉ ଏହି କୁର୍ବାଣୀ ସେତିକିବେଳେ ସାର୍ଥକ ହୋଇ ଉଠେ ଯେତେବେଳେ ଉଚ୍ଚତର ଜୀବନ ଲାଗି ନିମ୍ନତର ଜୀବନକୁ ବଳି ଦିଆଯାଏ । ବଳି କଥା ଅର୍ଥ ମଧ୍ୟ ସେହି ଏକାହିଁ, "ବର୍ଦ୍ଧନ", ଅର୍ଥାତ୍ ପ୍ରତି ପ୍ରତ୍ୟେକଙ୍କର ଜୀବନ ବର୍ଦ୍ଧନ ପାଇଁ ବର୍ତ୍ତମାନ ଜୀବନକୁ ବଳି ଦେଇ ବା ତ୍ୟାଗ କରି ବର୍ଦ୍ଧନଶୀଳତା ଆଡ଼କୁ ଆଗେଇ ଚାଲିବା ବା ରୂପାନ୍ତର ଲାଭ କରିବା । ଏହି ଉଚ୍ଚତର ଜୀବନ ଆଡ଼କୁ ଆଗେଇ ଯିବାକୁ ହେଲେ ଯେଉଁ ଜୀବନକୁ ଛାଡ଼ିଯିବାକୁ ହୁଏ ତାହାକୁ ହିଁ ଇଂରାଜୀରେ କୁହନ୍ତି Sacrifice.

Scanned by CamScanner

ଭିନ୍ନ ଦେଖାଯାଉଛି ମୂଳରେ ସେହି ଏକ ହିଁ କଥା । ଭଗବାନ ଯୀଶୁ, ହଜରତ୍ ମହମ୍ମଦ, ଶ୍ରୀକୃଷ୍ଣ ଓ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେ ଯେଉଁ ଭାଷାରେ ଯାହା କୁହନ୍ତୁନା କାହିଁକି ମୂଳ କଥା କିନ୍ତୁ ସେହି ଗୋଟିଏ, ଜୀବନ ବର୍ଦ୍ଧନ ହିଁ ଧର୍ମ । ଆଉ ଏହି ଜୀବନ ବର୍ଦ୍ଧନ ପାଇଁ ଆମ୍ଭର ଏହି ପାର୍ଥିବ ଜଗତରେ ଦେହ ବା ରୂପକୁ ସବୁବେଳେ ପରିବର୍ତ୍ତନ କରି ଚାଲିବାକୁ ହେବ ପରିବର୍ଦ୍ଧନ ଆଡ଼କୁ । ଏଠାରେ ଗୋଟିଏ କଥା ମନେ ରଖିବାକୁ ହେବ—ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଆମେ ଇଚ୍ଛା କରୁ ବା ନ କରୁ ପରିବର୍ତ୍ତନ ହେବ ହିଁ ହେବ । କିନ୍ତୁ ତାକୁ ସୁସଂଯତ, ସୁଶୃଙ୍ଖଳିତ କରିବାକୁ ହେଲେ ସର୍ବ କଲ୍ୟାଣକର ଗୁରୁ ଯେ କି ସବୁକିଛିରେ ଶ୍ରେଷ୍ଠ ଏବଂ ସର୍ବନିୟନ୍ତା ତାଙ୍କୁ ଅନୁସରଣ କରି ତାଙ୍କ ନିର୍ଦ୍ଦେଶିତ ପଥରେ ଆଗେଇଲେ ହିଁ ସେହି ସତ୍ୟ ବା ମଙ୍ଗଳ ଆଡ଼କୁ ନିଶ୍ଚିତ ରୂପରେ ଆମେ ଉପସ୍ଥାପିତ ହୋଇ ପାରିବା । ଆଉ ତାହା ନ ହେଲେ ସେହି ପରିବର୍ତ୍ତନ ହିଁ, ଯାହା କି ଅବଧାରିତ, ନିଶ୍ଚିତ ଆସିବ, ଆମ୍ଭମାନଙ୍କୁ ଧ୍ୱଂସ ଆଡ଼କୁ ଟାଣି ନେଇଯିବ, ଶଇତାନ ତାଙ୍କ କୋଳରେ ଆଶ୍ରୟ ଦେଇ ଜୀବନକୁ ଦୁଃଖ ସାଗରରେ ନିମଜ୍ଜିତ କରିବ ।

Scanned by CamScanner

ଧର୍ମ ଜଗତରେ ଅର୍ଥବାନ୍‌ର ଆକ୍ରମଣ

ସାଧାରଣତଃ ଯେତେ ମଣିଷ ଦେଖାଯାଏ ସେମାନଙ୍କ ମଧ୍ୟରେ ଧନୀ ବା ଅର୍ଥବାନ୍ ଲୋକମାନଙ୍କର ହିଁ ପ୍ରତିପତ୍ତି ସମାଜ ଉପରେ ବେଶୀ । କୌଣସି କୌଣସି ମହାପୁରୁଷ ବା ସାଧକ ଅର୍ଥ, ମାନ, ଯଶ କୌଣସିଠାକୁ ଖାତିର କରନ୍ତି ନାହିଁ । ଏକମାତ୍ର ସେହି ସାଧନୋଚିତ ଧାମକୁ ହିଁ ଜୀବନ ସର୍ବସ୍ୱ କରି ଚାଲନ୍ତି । ଏହି ପୃଥିବୀରେ ରହିବାକୁ ବା ବାସକରିବାକୁ ହେଲେ ଅର୍ଥ ସମ୍ପଦର ପ୍ରୟୋଜନ ଅନସ୍ୱୀକାର୍ଯ୍ୟ । ସାଧକ ସାଧନଭଜନ କରନ୍ତି ଦେହ ମାଧ୍ୟମରେ । ତେଣୁ ଦେହକୁ ରକ୍ଷା କରିବା ପାଇଁ ଯାହା ଯାହା ପ୍ରୟୋଜନ ତାହା ତାହା କରିଥାନ୍ତି । ଏଠାରେ ଦେହଟା ମୁଖ୍ୟ ହୋଇ ମଧ୍ୟ ଗୌଣ । ଆଉ ସବୁ ହିଁ ଦେହ ଧାରଣର ନ୍ୟୁନତମ ଉପକରଣ ହିସାବରେ ସେମାନେ ଗ୍ରହଣ କରନ୍ତି । ଅବତାର ପୁରୁଷ ମଧ୍ୟ ଯେତେବେଳେ ଜନ୍ମଗ୍ରହଣ କରନ୍ତି ମଣିଷକୁ ପରିତ୍ରାଣ କରିବା ପାଇଁ, ସେତେବେଳେ ଦେଖାଯାଏ ସେମାନେ ସବୁକିଛିକୁ ସାଙ୍ଗରେ ରଖନ୍ତି । ଷଡ଼ୈଶ୍ୱର୍ଯ୍ୟର କୌଣସି କିଛି ସେମାନଙ୍କଠାରୁ ବାଦ୍ ଯାଏ ନାହିଁ । କିନ୍ତୁ ସବୁକିଛିକୁ ବ୍ୟବହାର କରନ୍ତି ଇଷ୍ଟାର୍ଥେ ବା ଲୋକ କଲ୍ୟାଣରେ । କାରଣ ସେ ଯେ ଲୋକପାଳୀ । ସବୁକିଛି ଥିବା ସତ୍ତ୍ୱେ ମଧ୍ୟ ସେ ଥାଆନ୍ତି ସବୁକିଛିର ଊର୍ଦ୍ଧ୍ୱରେ । ସେଠାରେ ଭୋଗ ମଧ୍ୟ ନାହିଁ, ତ୍ୟାଗ ମଧ୍ୟ ନାହିଁ । ସବୁକିଛି ତାଙ୍କ ନିକଟରେ ଥାଏ, ଏହା ଯେପରି ସତ୍ୟ, ଆଉ କିଛି ତାଙ୍କ ପାଖରେ ଥାଏ ନାହିଁ ଏହା ମଧ୍ୟ ନିତ୍ୟ ସତ୍ୟ । ଭିକ୍ଷା ହିଁ ତାଙ୍କ ଏକମାତ୍ର ସମ୍ବଳ । ତେବେ ଏହି ରାଜଭିଖାରୀକୁ ଭିକ୍ଷା ଦେବା ପାଇଁ ସମସ୍ତ ମାନବକୁଳ ବ୍ୟସ୍ତ ଓ ଉନ୍ମୁଖ ହୋଇଥାଏ । କୃଷ୍ଣଙ୍କ ଜୀବନରେ ଦେଖାଯାଏ ଅସୀମ କ୍ଷମତାରେ କ୍ଷମତାବାନ୍ ହୋଇ ମଧ୍ୟ ସେ ଭିଖାରୀ ଜୀବନହିଁ ଯାପନ କରିଛନ୍ତି ଯେତେଦିନ ବଞ୍ଚିଥିଲେ । ବଡ଼ଭାଇ ବଳଭଦ୍ର ଅଧୀନସ୍ଥ ସେ ଥିଲେ । (ଅନ୍ୟାନ୍ୟ ଭାଇମାନେ ମଧ୍ୟ ତାଙ୍କର

Scanned by CamScanner

ଖୁବ୍ ବାଧ୍ୟତାରେ ଥିଲେ ନାହିଁ ।) ସବୁକିଛି ତାଙ୍କୁ କରିବାକୁ ହୋଇଛି ବଳରାମଙ୍କୁ ବୁଝାଇ ସୁଝାଇ ବା ଏପରି ପରିସ୍ଥିତି ସୃଷ୍ଟି କରି ଯାହାକି କୃଷ୍ଣଙ୍କ ବ୍ୟତୀତ ଆଉ କାହା ପକ୍ଷରେ ତାହା ସମ୍ଭବ ହୋଇ ନଥାନ୍ତା । ପଞ୍ଚପାଣ୍ଡବଙ୍କୁ ନେଇ ମଧ୍ୟ ସେହି ଏକ ପ୍ରକାର ଇତିହାସ । ତେବେ ଏମାନଙ୍କୁ ବୁଝାଇବାକୁ ଯାଇ ବିଶେଷ କଷ୍ଟ ପାଇବାକୁ ହୋଇ ନାହିଁ । ପ୍ରତ୍ୟେକେ ହିଁ ତାଙ୍କୁ 'ନେତି' 'ନେତି' ବିଚାର କରି ଯେତେବେଳେ ଦେଖିଛନ୍ତି ଆଉ ପଥ ନାହିଁ ସେତେବେଳେ ହିଁ ମାନିଛନ୍ତି ତାଙ୍କ କଥା । ଏହି ଭାବରେ ସମସ୍ତ ସମ୍ପଦର ସେ ଅଧିକାରୀ ଥିଲେ । ତାଙ୍କ ନିଜ ପାଖରେ କୌଣସି ସମ୍ପଦ ଥିଲା ନାହିଁ । ଅଥଚ ଲୋକ କଲ୍ୟାଣ ପାଇଁ ସସାଗରା ପୃଥିବୀର ସମ୍ପଦ ଆସି ତାଙ୍କ ପାଖରେ ହାଜର ହେଉଥିଲା । ଶ୍ରୀରାମଚନ୍ଦ୍ରଙ୍କ ଜୀବନରେ ମଧ୍ୟ ତାହା ହିଁ । ରାଜାର ପୁଅ ରାଜା ନହୋଇ ଗଲେ ବନବାସ, ଯେଉଁଠାରେ ସ୍ତ୍ରୀ ହେଲେ ଅପହୃତା । ସବୁ ସମୟରେ ତାଙ୍କୁ ଦେଖାଯାଏ ଅସହାୟ । ଅଥଚ ସେ ଯାହାର ସହାୟ ତାହାର କିନ୍ତୁ ଜୟ ସର୍ବତ୍ର । ପରେ ରାଜାହୋଇ ଅସହାୟ ସଦୃଶ ଜାନକୀଙ୍କୁ ତ୍ୟାଗ କଲେ ନିର୍ଦ୍ଦୋଷ ଜାଣି ମଧ୍ୟ । ପିତା ରାଜାରାମ ପୁତ୍ର ସୁଖରୁ ବଞ୍ଚିତ । ଅଥଚ ସବୁ ସେ ଜାଣନ୍ତି । ଏଠାରେ ମଧ୍ୟ ଦେଖାଯାଏ ସେ ତ ଭୋଗ କରିବା ପାଇଁ ଆସି ନାହାନ୍ତି ପୁଣି ତ୍ୟାଗ କରିବାକୁ ମଧ୍ୟ ଆସି ନାହାନ୍ତି । ଏଠାରେ ମଧ୍ୟ ସେ ଲୋକପାଳୀ ଆପୂରଯ୍ୟମାଣ ଇଷ୍ଟ । ଯାହାଦ୍ୱାରା ସମସ୍ତଙ୍କର କଲ୍ୟାଣ ହେବ ତାହାହିଁ କରିଯାଇଛନ୍ତି । କେତେବେଳେ ସେ ସୀତାପତି, କେତେବେଳେ ବା ସେ ପ୍ରଜାନୁରଞ୍ଜନ ରାଜା ରାମ, କେତେବେଳେ ଅବା ଆସୁରିକ ଶକ୍ତିର ପୂର୍ତ୍ତି ପ୍ରକାଶ ଦଶାନନ ରାବଣ ବିନାଶକ ପରିତ୍ରାତା ରାମ । ପୁଣି ତାଙ୍କୁ ଦେଖାଯାଏ ଇଷ୍ଟ ରୂପରେ ହନୁମାନର ହୃଦୟସ୍ଥ ସ୍ୱରୂପ ହୋଇଛନ୍ତି । ହନୁମାନର ସର୍ବଶକ୍ତିର ସେ ଆଧାର । କେତେ ରୂପରେ ତାଙ୍କୁ ଆମେ ପାଉଁ । ଏହି ରାମଙ୍କୁ ହିଁ ଦେଖାଯାଏ ପୁଣି ସୁଗ୍ରୀବ ଦ୍ୱାରରେ ସାହାଯ୍ୟ ପ୍ରାର୍ଥୀ । ମାୟାମୃଗ ପଛରେ ଛୁଟି ଚାଲିଛନ୍ତି ଅଜାଣି ପରି । ଏ ସବୁର ଅର୍ଥ ସମନ୍ୱୟ କରିହୁଏ ଯେତେବେଳେ ତାଙ୍କୁ ଆମେ ଅବତାର ରୂପରେ ଭାବୁଁ । ସେ ଯେ ସବୁ ମଧ୍ୟରେ ଥାଇ ମଧ୍ୟ କୌଣସି କିଛି ମଧ୍ୟରେ ନାହାନ୍ତି । ଲୋକପାଳୀ, ଜନକଲ୍ୟାଣ ସବୁକିଛି ମଧ୍ୟରେ ସେ ପ୍ରତିଷ୍ଠିତ କରିଛନ୍ତି ଧର୍ମକୁ, ଯାହାକୁ ଅନୁସରଣ କରି ମଣିଷ ଚାଲିବ । ମଣିଷ ଏ ଜଗତରେ ଥାଇ ମଧ୍ୟ ସୁଖୀ ହୋଇ ଆନନ୍ଦ ବା ପରମଧାମ ଆଡ଼କୁ ଆଗେଇ ଯାଇ ପାରିବ ବା ଚୈତନ୍ୟ-ମୁଖୀ ହେବ । ଏ ଜଗତ ମାୟାର ଖେଳ; ତାହା ବୋଲି ଉପେକ୍ଷଣୀୟ ନୁହେଁ । ଜରାଦୁଃଖ, ଜୀବନ ଯୌବନ

Scanned by CamScanner

ସବୁକିଛି ମଧ୍ୟ ଦେଇ ହିଁ ଜୀବନର ଗତି । ଆଉ ସେହି ପଥରେ ଚାଲିବାର ଯେଉଁ ପଦ୍ଧତି ତାହାହିଁ ସେ ନିଜେ କରି ଦେଖାଇ ଯାଆନ୍ତି । ଟିକିଏ ଟିକିଏ ଭୁଲର ପରିଣତି କେତେ ଜ୍ୱାଳାମୟ ! ତେଣୁ ଜଗତବାସୀଙ୍କୁ କହିଯାଆନ୍ତି ଭୁଲ ପଥରେ ଚାଲ ନାହିଁ, ନ ହେଲେ ଏତେ ଜ୍ୱାଳା ସହିବାକୁ ହେବ । ସେମାନେ (ଅବତାର ପୁରୁଷମାନେ) ନିଜ ଜୀବନ ଉପରେ ଦେଇ ଏଗୁଡ଼ିକ ନ ଦେଖାଇଲେ କେଉଁଠୁ ପାଇ ଥାଆନ୍ତି ଏ ପ୍ରତ୍ୟକ୍ଷ ଉଦାହରଣ । ଏ ଜଗତ ସଂସାରର ଲୋକ ଯେଉଁ ଯେଉଁ ଦୁଃଖରେ ଭୋଗୁଛନ୍ତି ସେହି ସବୁକିଛିକୁ ହିଁ ସେମାନେ ନିଜ ଜୀବନ ସାଥୀରେ ନେଇ ମଣିଷର ସମସାଥୀ ହୁଅନ୍ତି । ଯୀଶୁଙ୍କ ଜୀବନ ମଧ୍ୟ ଏହି ଏକ ପ୍ରକାର ଅପୂର୍ବ ରସରେ ପରିପୂର୍ଣ୍ଣ । ହଜରତ୍ ମହମ୍ମଦ ଏହି ଭାବରେ ମଣିଷକୁ ପଥ ଦେଖାଇଛନ୍ତି, ହାତ ଧରି ଧରି ନେଇ ଯାଇଛନ୍ତି ଶରଣାଗତଙ୍କୁ ଅନ୍ଧକାରରୁ ଆଲୋକ ଆଡ଼କୁ । ଏହି ଅବତାର କଳ୍ପ ପୁରୁଷଙ୍କୁ ବାଦ୍ ଦେଲେ ମଧ୍ୟ ଅନେକ ସାଧକମାନେ ଅଛନ୍ତି ଯେଉଁମାନେ ଅର୍ଥ, ମାନ, ଯଶ ଓ ଦୈହିକ ସୁଖଭୋଗକୁ ପ୍ରାଧାନ୍ୟ ନ ଦେଇ •ଆନନ୍ଦ ସହିତ ଭଗବତ୍ ସାଧନାରେ ମାତି ରହିଛନ୍ତି । ସମାଜର ମଣିଷ ଦେଖିବାକୁ ପାଏ ଏମାନେ ପ୍ରଚଳିତ ସ୍ୱୀକୃତିର ବହିର୍ଭୂତ ଗୋଟିଏ ଜଗତରେ ବିଚରଣ କରୁଛନ୍ତି ଯେଉଁଠାରେ "ସମାଜ ସଂସାର ମିଛେ ସବ୍' । ମଣିଷ ସାଧାରଣତଃ ଯାହା ଦେଖେ, ଅଭ୍ୟସ୍ତ କର୍ମ-ଧାରାର ବ୍ୟତିକ୍ରମ ଦେଖି ମଣିଷ ଆକୃଷ୍ଟ ହୁଏ ସେହି ସାଧକ ପୁରୁଷମାନଙ୍କ ପ୍ରତି । ଅନ୍ତରର ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧାଭକ୍ତି ନେଇ ନିଜକୁ ସମର୍ପଣ କରେ ସେହି ସାଧକ ପୁରୁଷମାନଙ୍କ ଚରଣରେ । ଏହି ଅପୂର୍ବ ଭକ୍ତିର କୌଣସି ସୀମା ନାହିଁ । କେଉଁଠି କି ଭାବରେ ତାହା ପ୍ରକାଶ ପାଇବ ତାହାର ମଧ୍ୟ କୌଣସି ସ୍ଥିରତା ନାହିଁ । ଏହା ଏକ ଅପୂର୍ବ ଭାବ । ଏ ଭାବ ଯାହାର ଜାଗ୍ରତ ହୁଏ ସେ ଧନ୍ୟ । ଆଉ ଯାହାଙ୍କୁ ଦେଖି ବା ଯାହାଙ୍କ ପ୍ରଭାବରେ ଜାଗ୍ରତ ହୁଏ, ସେ ତ ଲୋକପାଳୀ, ସେ ଆଚରଣଶୀଳ ଆଚାର୍ଯ୍ୟ । ଏ ଭାବ ବଡ଼ ମଧୁର, ବଡ଼ ଅପୂର୍ବ । ଏହା ଭିତରେ ଦେଖାଯାଏ ଅର୍ଥବାନ୍ ଧନୀମାନେ ସମାଜ ନିକଟରୁ ଅନେକ ଶ୍ରଦ୍ଧା, ଭକ୍ତି ପାଆନ୍ତି, ନାମଯଶ ମଧ୍ୟ ଆସେ ପ୍ରଚୁର । ପଛେ ପଛେ ଲୋକ ଘୂରି ବୁଲନ୍ତି 'ଜିନ୍ନୁ' — ଏହି 'ଜିନ୍ନୁ' ଟାହିଁ ଅର୍ଥାତ୍ ଏହା କପଟ — ଯେପରି ଅଫିସର ବଡ଼ବାବୁ ନିକଟକୁ ଯାଇ ଅଧସ୍ତନ କର୍ମଚାରୀ ଭକ୍ତି ପ୍ରଦର୍ଶନ କରି, ବିନୟ ପ୍ରଦର୍ଶନ କରି କଥା କହେ— ବାହାରି ଆସି ଦେଖାଏ ଅଶ୍ରଦ୍ଧାଭାବ—ମୁଖରେ ଫୁଟି ଉଠେ ଭ୍ରୂକୁଟି—ତାହା ଅବ୍ୟକ୍ତ ଭାଷାରେ କହିଦିଏ ଯେ, 'ସୁବିଧା ପାଇଲେ ଦେଖିନେବ ।' —ସେହିପରି ଅର୍ଥବାନ୍‌ର ପ୍ରାପ୍ତ ସମ୍ପଦ ଅସଲରେ

ବିପଦକୁ ହିଁ ଆବାହନ କରେ ବେଶୀ । ତେଣୁ ପ୍ରାୟଶଃ ଦେଖାଯାଏ ଭୋଗବିଳାସୀ ଅର୍ଥବାନ୍ ଲୋକ ଧାର୍ମିକ ଲୋକ ପ୍ରତି ନିର୍ମଳ ଭକ୍ତିଭାବ ଦେଖି ଆକୃଷ୍ଟ ହୁଏ ଏବଂ ଏହାର ପ୍ରାପ୍ତି ଲୋଭରେ କୌଣସି ନା କୌଣସି ଧର୍ମ ସମ୍ପ୍ରଦାୟ ସହିତ ଯୁକ୍ତ ହୋଇପଡ଼େ ଓ ଅର୍ଥ ବ୍ୟୟ କରେ । ସାଧାରଣ ମଣିଷର ଭକ୍ତି ଯାହା କି ଇଷ୍ଟ ଚରଣରେ ଥିଲା ତାକୁ ନିଜମୁଖୀ (ଏହି ଧନୀବ୍ୟକ୍ତି ମୁଖୀ) କରିବାକୁ ଚେଷ୍ଟା କରେ । ଏହା କରି ନିଜେ ଭକ୍ତ ସାଜେ ଏବଂ ଏମାନଙ୍କର ଆକ୍ରମଣରେ ହିଁ ଧର୍ମ ପରେ ବିକୃତ ରୂପ ଧାରଣ କରେ । ଅଜ୍ଞାନ-ଗ୍ରସ୍ତ ଧର୍ମପିପାସୁ ଲୋକ ଉପରେ ଏହାର କୁପ ସୁଦୂର ପ୍ରସାରି ହୋଇପଡ଼େ । ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଏହି ଚତୁରାଶ୍ରମର କଥା ଆଜି ଆଉ କେହି ଭାବନ୍ତି ନାହିଁ । ସମାଜ ହୋଇଛି ଆଜି ଭୋଗମୁଖୀ । ଅଥଚ କଅଣ ସେ ଭୋଗ ତାହା ଜାଣନ୍ତି ନାହିଁ । ଅଜ୍ଞାନୀ ପିତାମାତା ସନ୍ତାନ ସନ୍ତତିମାନଙ୍କୁ ଅଜ୍ଞାନ ପଥରେ ହିଁ ଠେଲି ଦେଉଛନ୍ତି । ବାଲ୍ୟକାଳରୁ ଏପରି ଶିକ୍ଷାରେ ଶିକ୍ଷିତ କରି ତୋଳୁଛନ୍ତି ବାଳକ ବାଳିକାମାନଙ୍କୁ ଯାହା ଭିତରେ ରହିଛି କେବଳ ବୃଥା ଆଶା ଓ ଆକାଙ୍କ୍ଷା ଯାହା ସହିତ ବାସ୍ତବର କୌଣସି ସଂଯୋଗ ନାହିଁ । ପ୍ରଥମରୁ ତିନୋଟି ମୂଳମନ୍ତ୍ର ମୁଣ୍ଡରେ ପଶାଇ ଦିଆଯାଏ— ଲେଖାପଢ଼ା ଶିଖ, ଅର୍ଥ ବା ଧନଶାଳୀ ହେବ । ଆଉ ଏହା ହେଲେ ହିଁ ସୁଖୀ ହେବ । ମୂଳତଃ ଏହି ତିନୋଟି କଥାହିଁ ଭୁଲ । ଲେଖାପଢ଼ା ଶିଖିବା ସହିତ ଅର୍ଥଶାଳୀ ହେବାର ବିଶେଷ କିଛି ସଂଯୋଗ ନାହିଁ । ପୁଣି କେହି କେହି ଲେଖାପଢ଼ା ଶିଖି ଅର୍ଥବାନ୍ ହେଲେ ମଧ୍ୟ ସୁଖୀ ହେବା କଥା ଅବାନ୍ତର । ଲେଖାପଢ଼ା ଶିଖିବାର ମୂଳ ଉଦ୍ଦେଶ୍ୟ ବିଦ୍ୟାର ସାହାଯ୍ୟ ନେଇ ଜ୍ଞାନବାନ୍ ହେବା ଏବଂ ଜ୍ଞାନ ଆହରଣ କରିବାକୁ ହେଲେହିଁ କର୍ମମୟ ଜୀବନ ଆଡ଼କୁ ଅଗ୍ରସର ହୋଇପିବାକୁ ହେବ । ମଣିଷକୁ ବିଦ୍ୟା ସହିତ ସୁକର୍ମ ଆଡ଼କୁ ନେଇ ଯିବାକୁ ହେବ ଯେଉଁଥିରେ ତାର ଜୀବନ ବର୍ଦ୍ଧନ ଥାଏ, ଭବିଷ୍ୟତ ଜୀବନରେ କୃତୀ ହୋଇ ଉଠିପାରେ । ନିଜର ଓ ପାରିପାର୍ଶ୍ୱିକ ଜାତିର ତଥା ଦେଶ ଓ ବିଶ୍ୱର ମଙ୍ଗଳ ଚିନ୍ତାରେ ଜୀବନକୁ ବ୍ୟାପ୍ତି ଆଡ଼କୁ ନେଇଯାଇ ପାରେ । ଏହିପରି ଧୀରେ ଧୀରେ ଉଦୟ ହୁଏ ଜ୍ଞାନ । ଆଉ ଏହି ଚାଲିବା ପଥରେ ଆଗେଇ ନେଇ ପାରନ୍ତି ଏକମାତ୍ର ଆଚରଣଶୀଳ ଆଚାର୍ଯ୍ୟ ଯେ କି ଦ୍ରଷ୍ଟା ପୁରୁଷ । ଏହି ଆଚାର୍ଯ୍ୟ ଯେତେ ପରିମାଣରେ ଉନ୍ନତ, ସେହି ଆଚାର୍ଯ୍ୟଅନୁଗତ ଛାତ୍ର ମଧ୍ୟ ହୁଏ ସେତେ ପରିମାଣରେ ଉନ୍ନତ । ଆମେ ସାଧାରଣତଃ ସମାଜରେ ଦେଖୁଁ ପିଲାମାନଙ୍କୁ ଯେଉଁ ପରିବେଶରେ ରଖାଯାଏ ସେମାନେ ମଧ୍ୟ ସେହି ପରିବେଶ

Scanned by CamScanner

ଅନୁଯାୟୀ ଗଢ଼ି ଉଠନ୍ତି । ତେଣୁ ପିତାମାତାଙ୍କୁ ଖୁବ୍ ସାବଧାନ ହେବାକୁ ହୁଏ ସନ୍ତାନ ସନ୍ତତିଙ୍କୁ ମଣିଷ କରିବା ପାଇଁ । ଶିଶୁ ଅବସ୍ଥାରୁ ଏପରି ପରିବେଶରେ ରଖିବାକୁ ହୁଏ ଯେପରି ମୁଣ୍ଡରେ ଏପରି କିଛି ନ ପଶେ ଯାହା ଜୀବନ ବର୍ଦ୍ଧନକୁ ବ୍ୟାହତ କରେ ଏବଂ ଅଷ୍ଟମ ବର୍ଷ ହେଲେ ହିଁ ଏପରି କୌଣସି ଆଚାର୍ଯ୍ୟଙ୍କ ନିକଟରେ ରଖିବାକୁ ହୁଏ ଯେ ଏହି ଅଜ୍ଞାନ ଶିଶୁଟିକୁ ଜ୍ଞାନ ରାଜ୍ୟରେ ପଶିବାର ଆକୁତିକୁ କ୍ରମାଗତ ବୃଦ୍ଧି କରାଇବେ ଏବଂ ତାହାର ସମାଧାନ କରି କରି ଆଗେଇ ନେଇଯିବେ । ଏକାଧାରରେ ସେ ହେବେ ବାଳକର ପିତା, ମାତା, ବନ୍ଧୁ, ଖେଳ ସାଥୀ, ଶିକ୍ଷକ ଓ ଜୀବନ ବ୍ୟାପ୍ତି ଆଡ଼କୁ ଆଗେଇ ନେଇଯିବାର ଗୁରୁ । ଏ ସବୁକିଛି ମିଶାଇ ଯାହା ତାହା ହିଁ ବ୍ରହ୍ମଚର୍ଯ୍ୟ । ବ୍ରହ୍ମ ଅର୍ଥେ ବିସ୍ତାର ଏବଂ ଚର୍ଯ୍ୟା ଅର୍ଥେ ଗତି ବା ଆଗେଇ ଯିବା । ଯାହା ବିସ୍ତାର ଆଡ଼କୁ ଆଗେଇ ନେଇଯାଏ ତାହା ହିଁ ବ୍ରହ୍ମଚର୍ଯ୍ୟ । ଆଉ ଯାହାର ଚରିତ୍ର ମଧ୍ୟରେ ଏ ସମସ୍ତ ପ୍ରକଟ ହୋଇ ଉଠିଛି ସେ ବ୍ରହ୍ମଚାରୀ । ଏହି ବ୍ରହ୍ମଚାରୀ ପରବର୍ତ୍ତୀ ଜୀବନରେ ସଂସାର ଧର୍ମ ପାଳନର ଅଧିକାରୀ । ତା ଜୀବନରେ ଦେଖାଯାଏ କୌଣସିଠାରେ ଜୀବନ ବର୍ଦ୍ଧନ ବ୍ୟାହତ ହୋଇ ନାହିଁ । ଅର୍ଥ, ମାନ, ଯଶ ସେମାନଙ୍କ ପଛେ ପଛେ ଘୂରେ । ଆଜି ମୂଳକୁ ଛାଡ଼ି ମଣିଷ ସୁଖ ଖୋଜି ବୁଲୁଛି କେଉଁଠି ? ବାଲ୍ୟାବସ୍ଥାରୁ ଯେଉଁ ପ୍ରଲୋଭନ ଆଡ଼କୁ ସନ୍ତାନକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଲେ ସେହି ପଥରେ ଚାଲି, ସେହି ସ୍ୱର୍ଣ୍ଣରୂପୀ ମରୀଚିକା ପଥରେ ଚାଲି ଚାଲି ପଥଶ୍ରାନ୍ତ ପଥିକର ଯେତେବେଳେ ଭୁଲ ଭାଙ୍ଗିଲା ସେତେବେଳେ ଆଉ ସମୟ ନାହିଁ । ମୃତ୍ୟୁ ଶମନ ନେଇ ଦ୍ୱାରସ୍ଥ । ଜୀବନ ତମାମ ନିଜର ଅଜ୍ଞାନତା ନେଇ ଯେଉଁ ସଂସାର ବାନ୍ଧିଛି, ସେହି ସଂସାର ବିଷବୃକ୍ଷରେ ଫଳ ଫଳିଛି । ସୁଖୀ ହେବାପାଇଁ ସ୍ତ୍ରୀକୁ ଘରକୁ ଆଣିଥିଲା । (ତାହା ମଧ୍ୟ ପିତାମାତାଙ୍କ ଅନଭିଜ୍ଞତା ପ୍ରସୂତ ଉପଦେଶର ଫଳ) ସେ କୌଣସି ଦିନ ସୁଖୀ ହେଲା ନାହିଁ । ସେ ପାଇଲା ନାହିଁ ଆଦର୍ଶ ସ୍ୱାମୀ । ଆଉ ଅନ୍ତରରେ ଘୃଣା ପୋଷି ଅବାଞ୍ଛିତ ସ୍ୱାମୀ ନିକଟରୁ ପାଇଲା ଅବାଞ୍ଛିତ ସନ୍ତାନ । ଭୂମିଷ୍ଠ ହେବା ସଙ୍ଗେ ସଙ୍ଗେ ପ୍ରକୃତ ଦରଦ ସ୍ନେହ, ଭଲ ପାଇବା ଦ୍ୱାରା ସନ୍ତାନକୁ ବଡ଼ କରି ତୋଳିଲା । ଅବାଞ୍ଛିତ ଓ ଅଜ୍ଞତା ଦ୍ୱାରା ପରିପୁଷ୍ଟ ସେହି ସନ୍ତାନ ହିଁ ପୁଣି ହେଲା ପିତାମାତା । ଏହାର ପରିଣତି ଧ୍ୱଂସ ବ୍ୟତୀତ ଆଉ କ'ଣ ହୋଇପାରେ ? ମନୁଷ୍ୟର ଭୋଗ ପୂର୍ବରୁ ଯେ ତ୍ୟାଗର ଆବଶ୍ୟକ । ତ୍ୟାଗ ନ ଥିଲେ ଭୋଗର ଆନନ୍ଦ କାହିଁ ? କେତେ ଘଣ୍ଟା ଖାଇ ନ ଥିଲେହିଁ କ୍ଷୁଧାର ଉଦ୍ରେକ ହୁଏ, ସେତେବେଳେ ଖାଇଲେ ଆନନ୍ଦ ହୁଏ, ଜୀବନୀ ଶକ୍ତି

Scanned by CamScanner

ମଧ୍ୟ ବଢ଼େ । ଆଉ ଜନ୍ମାଗତ ଖାଇବାରେ ଆନନ୍ଦ ହିଁ ବା କେଉଁଠି ? ପରିଶ୍ରମ ମୁଖରୁ ହିଁ ତାକ ଆଣେ ନାହିଁ କି ?

ଏହିପରି ଭାବରେ ବାସ୍ତବ ମଣିଷ ନ ହୋଇ ଯେତେବେଳେ ମଣିଷ ହାତରେ ଅର୍ଥ ସମ୍ପଦ ଆସେ ସେତେବେଳେ ସେମାନେ ଅସଂଯତ ଚରିତ୍ର ନେଇ ପ୍ରଲୋଭିତ ହୁଅନ୍ତି, କେତେବେଳେ କେଉଁ ଦିଗକୁ ତାର ଠିକଣା ନାହିଁ । କିନ୍ତୁ ଏମାନେ ଯେତେବେଳେ ଧାର୍ମିକ ଜୀବନରେ ପ୍ରଲୋଭିତ ହୁଅନ୍ତି ଅର୍ଥାତ୍ ଧାର୍ମିକ ସାଜିବାକୁ ଚାହାନ୍ତି ସେତେବେଳେ ହିଁ ସମାଜରେ ସବୁଠାରୁ ବେଶୀ ବିପଦ ଦେଖାଯାଏ । ଅର୍ଥବାନ୍ ଯେତେବେଳେ ଏହି ଭୂମିକାକୁ ଯାଏ, ଧର୍ମ ଜଗତରେ ଗ୍ଲାନି ସୃଷ୍ଟି ହୁଏ ସେତେବେଳେ ଖୁବ୍ ଦ୍ରୁତ । ଏମାନେ ସଂଖ୍ୟାରେ ବେଶୀ ବୋଲି, ବାସ୍ତବିକ ଧାର୍ମିକ ବା ଅବତାର ପୁରୁଷ ତାଙ୍କର ଜୀବନ ଦେଇ ଯାହା ଗଢ଼ି ତୋଳନ୍ତି ଅତି ଦ୍ରୁତ ତାହା ଭାଙ୍ଗିଯାଏ । ଏହାର ଆଉ ଗୋଟିଏ କାରଣ ହେଲା ଭୋଗ ବାସନା ଅତିରିକ୍ତ ଜୀବନର ଯାହା କିଛି କର୍ମଫଳ ସବୁ ନେଇ ସମାଜ ଉପରେ ସେମାନେ ଜନ୍ମାଗତ ରୂପ ସୃଷ୍ଟି କରୁଥାନ୍ତି । ଅନ୍ୟ ଦିଗରେ ଭୋଗ ବାସନା ଲାଳସାହୀନ ଜୀବନମୁକ୍ତିକାମୀ ଉଚ୍ଚାଦର୍ଶୀ ସତ୍‌ବ୍ୟକ୍ତି ଏଥିରୁ ସର୍ବଦା ଦୂରରେ ରହେ । ମଣିଷ ବା ସମାଜ ଯେତେବେଳେ ସେମାନଙ୍କ ନିକଟରେ କୌଣସି ଶୁଭ ସାହାଯ୍ୟ ଚାହେଁ ଅକୃପଣ ହସ୍ତରେ ସେମାନେ ଆଗେଇ ଆସନ୍ତି, ଦିଅନ୍ତି ସେତେ ପରିମାଣରେ ଯେତେ ପରିମାଣରେ ମଣିଷ ନିଏ ବା ନେବାକୁ ଚାହେଁ । ତେଣୁ ଗୋଟିଏ ଦିଗରେ ନିର୍ଲିପ୍ତ ଶୁଭ । ଅନ୍ୟ ଦିଗରେ ଲୋଭୀ ଇନ୍ଦ୍ରିୟ ପରବଶୀ ଉଚ୍ଚାକାଙ୍‌କ୍ଷୀ ଅଶୁଭ । ଗୋଟିଏ ଦିଗରେ କଠିନ ସାଧନାଲବ୍‌ଧ ନିଶ୍ଚିତ ଶୁଭ, ଅନ୍ୟ ଦିଗରେ ସହଜ ସାଧନାହୀନ ଜନ୍ମଗତ ସମ୍ପନ୍ନ କାମଜ ଜୀବନ ।

ଗୋଟିଏ ଦିଗରେ ବାଛି ବାଛି ଲଗା ଯାଇଥିବା ସୁନ୍ଦର କଷ୍ଟସାଧ୍ୟ ଫଳ, ଫୁଲ ଓ ମୂଲ୍ୟବାନ ଗଛ; ସବୁହିଁ ଦୁରୂହ ଲବ୍‌ଧ କିନ୍ତୁ ମାନବ କଲ୍ୟାଣୀ ବଗିଚା । ଅନ୍ୟ ଦିଗରେ ସହଜାତ ଗଜେଇ ଉଠିଥିବା ଜଙ୍ଗଲ; ଯାହା ବଢ଼େ ଦ୍ରୁତ ଓ ମାନବ ଧ୍ୱଂସୀ ଶ୍ୱାପଦ ପ୍ରାଣୀର ବାସସ୍ଥାନ । ସହଜଲବ୍‌ଧ ହେଲେ ମଧ୍ୟ ଶେଷ ହି ଜୀବନ ବୃଦ୍ଧିକାମୀ ମାନବ ପକ୍ଷରେ ପରିତ୍ୟକ୍ତ ବା ତ୍ୟାଜ୍ୟ ନିଶ୍ଚୟ । ତେଣୁ ସମାଜର ସହଜାତ ପରିବର୍ତ୍ତନର ଯେଉଁ ଗତି ତାକୁ ନିୟନ୍ତ୍ରଣ ଦ୍ୱାରା, ସଂଯମ ଦ୍ୱାରା, ସାଧନା ଦ୍ୱାରା ଆଗେଇ ନ ନେଇଗଲେ ଅନାବନା ଗଛ

ପରିପୂର୍ଣ୍ଣ ସମାଜ ଧ୍ୱଂସ ହିଁ ନେଇ ଆସିବ । ତେଣୁ ଯୁଗେ ଯୁଗେ ମହାପୁରୁଷ ଯୁଗାବତାରଙ୍କ ଆବିର୍ଭାବ । ଅସଲଠାରୁ ନକଲର ଜୌଲସ ସର୍ବଦା ହିଁ ବେଶୀ । ଆଉ ମଣିଷ ସେହି ଚାକଚକ୍ୟରେ ହିଁ ଆକର୍ଷିତ ହୁଏ । ତେଣୁ ଦେଖାଯାଏ ମହାପୁରୁଷମାନେ ଯେତେବେଳେ ଥାଆନ୍ତି ଏ ଜଗତରେ ସେତେବେଳେ ଅତି ସାଧାରଣ ଭାବରେ ସମସ୍ତଙ୍କ ସହିତ ସମାନ ହୋଇ ଚାଲନ୍ତି । ଅଥଚ ସମସ୍ତଙ୍କର ଚର୍ଚ୍ଚା କରନ୍ତି, ସମସ୍ତଙ୍କର ପୂରଣ କରନ୍ତି । ସେଥିରେ ହିଁ ତାଙ୍କର ତୃପ୍ତି । କିନ୍ତୁ ସେମାନଙ୍କର ତିରୋଧାନ ସଙ୍ଗେ ସଙ୍ଗେ ହୁଏ କେତେ ମଠ, ମନ୍ଦିର, ଦାତବ୍ୟଖାନା, ମିଶନ ଇତ୍ୟାଦି ଇତ୍ୟାଦି । ସେସବୁ ମୂଳରେ କିନ୍ତୁ ଥାଏ ସେହିସବୁ ମହାପୁରୁଷମାନଙ୍କ ନାମ । କିନ୍ତୁ ସେହି ଅମୂଲ୍ୟ ମହାନାମ ଅନ୍ତରାଳରେ ଲୁକ୍କାୟିତ ଥାଏ ମନୁଷ୍ୟର ଲୁକ୍କାୟିତ ସୁପ୍ତ ଇଚ୍ଛା, କିଛି ନକରି ପ୍ରତିଷ୍ଠିତ ହେବାର ବାସନା ।

(ଅହଂପୂର୍ଣ୍ଣ)

ଭାରତ ଧର୍ମପଥେ

ମନୁଷ୍ୟ ବିଶେଷ କରି ଭାରତର ମଣିଷ, ଏମାନେ ସ୍ୱଭାବତଃ ଧାର୍ମିକ ।
କିନ୍ତୁ ସେ ଧର୍ମ ଯେ କଣ ସେ ଧାରଣା କେତେ ଜଣଙ୍କର ଅଛି ? ମୋର ଧର୍ମ
ଜୀବନର ସଂକ୍ଷିପ୍ତ ଅଭିଜ୍ଞତାରେ ଯାହା ପାଇଛି ତାହାହିଁ ଦେଉଛି । ଜୀବନର
ପ୍ରାରମ୍ଭରେ ଯେତେବେଳେ ଈଶ୍ୱରଙ୍କ କଥା ଶୁଣୁଥିଲି ଏବଂ ତାଙ୍କର ସମସ୍ତ
ଅଲୌକିକ କାହାଣୀ ଶୁଣୁଥିଲି, ସେତେବେଳେ ମନ ମୋର କେଉଁଠି ଯେପରି
ନିମଗ୍ନ ହୋଇ ଯାଉଥିଲା କିଛି ବୁଝିପାରୁ ନଥିଲି । ସବୁ ହିଁ ମନେ ହେଉଥିଲା
ପ୍ରହେଳିକା । କିନ୍ତୁ ସବୁ ସତ୍ତ୍ୱେ ମଧ୍ୟ ଏକ ପ୍ରକାର ଆନନ୍ଦ ଜାତ ହେଉଥିଲା
ଅନ୍ତରର ଗହ୍ୱରରେ, ସେ ଆନନ୍ଦ ଅବ୍ୟକ୍ତ । ଧୀରେ ଧୀରେ ଲକ୍ଷ୍ମୀ, କାଳୀ,
ଦୁର୍ଗା, ହରି, ଶିବ ଆଦି ପୂଜା ଦେଖିବାକୁ ଆରମ୍ଭ କଲି । ଯେତେବେଳେ
ଯାହାଙ୍କ ପୂଜା ହୁଏ ସେ ଶ୍ରେଷ୍ଠ । ଏହା ଭିତରେ କିଏ ଯେ ବଡ଼, କିଏ ଶ୍ରେଷ୍ଠ
କିଛି ଠିକ୍ କରିପାରୁ ନଥିଲି । ଏ ପ୍ରଶ୍ନର ସଦୁତ୍ତର କେଉଁଠି ପାଏ ନାହିଁ । ବଡ଼
ଜଟିଳତା ମଧ୍ୟରେ ପଡ଼ିଗଲି । ବୟସରେ ସାନ, ଏମିତି ସମୟରେ ଦିନେ
ଜଣେ ଲୋକ ଆସିଲେ, ମୁଣ୍ଡିତ ମସ୍ତକ, ଗେରୁଆ ପରିହିତ । ସେ ଆସି ରହିଲେ
ଆମ ଘରେ । ମୋର ମାଙ୍କ ପିଉସୀମା ବୋଲି ଡାକନ୍ତି । ବୟସରେ ନବୀନ ।
ମୋ ମାଙ୍କ ଠାରୁ ଅନ୍ତତଃ କୋଡ଼ିଏ ବର୍ଷର ସାନ ତ ନିଶ୍ଚୟ, ଅଥଚ ମା ଏବଂ
ଅନ୍ୟାନ୍ୟ ଗୁରୁଜନମାନେ ତାଙ୍କୁ ପ୍ରଣାମ କରନ୍ତି । ମୁକ୍ତ ହେଲା, ଘରର ପିଲା
ହେଲେ ମଧ୍ୟ ସେ ବର୍ତ୍ତମାନ ସାଧୁ । ଏହି ଯେ ସାଧୁତ୍ୱର ଚରଣରେ ପ୍ରଣାମ,
ଏହା ମୋତେ ଖୁବ୍ ଭଲ ଲାଗିଲା । କିନ୍ତୁ ଗୋଟିଏ ଜିନିଷ ମୋର କ୍ଷୁଦ୍ର
ଅନ୍ତରରେ ସେଦିନ ଆଘାତ କରିଥିଲା ତା ହେଲା ଉକ୍ତ ସନ୍ନ୍ୟାସୀଙ୍କର, ମା, ଭାଇ
ଇତ୍ୟାଦିଙ୍କ ସହିତ ବ୍ୟବହାର । ମା'ଙ୍କୁ ଡାକନ୍ତି ନାହିଁ । ଜ୍ୟେଷ୍ଠ ଭାଇ ସହିତ
କଥା କୁହନ୍ତି ନାହିଁ । ଅଥଚ ମୋତେ ଖୁବ୍ ଆଦର କରୁଥିଲେ । ଶୁଣିଲି

Scanned by CamScanner

ସନ୍ୟାସୀ ହେଲେ ନା କଣ ପୂର୍ବ ସଂସାରର ସମସ୍ତଙ୍କୁ ଭୁଲିଯିବାକୁ ହୁଏ, ଯେପରି ମା, ବାପା, ସ୍ତ୍ରୀ, ପୁତ୍ର ପରିବାର । ଆଶ୍ଚର୍ଯ୍ୟ ହେଲି ଏ କି ଧର୍ମ ? କିଏ ନିଷ୍ଠୁର ଏ ଧର୍ମ । ବଡ଼ ନିଷ୍ଠୁର ଭଗବାନ ଯିଏ ମା, ବାପା ଆତ୍ମୀୟସ୍ୱଜନ ଏମାନଙ୍କ ସହିତ ସମ୍ପର୍କ ରଖିଲେ ଧରା ଦିଅନ୍ତି ନାହିଁ ବା ଦୂରେଇ ରହନ୍ତି । ସନ୍ୟାସୀ ସମସ୍ତଙ୍କ ସହିତ ମିଷ୍ଟ ବ୍ୟବହାର କରନ୍ତି, କଥା କୁହନ୍ତି, କଣ ଦୋଷ କଲେ ଏହି ଗର୍ଭଧାରିଣୀ ମାତା ବା ଜନ୍ମଦାତା ପିତା ? ଏଠାରେ ଏହି ପ୍ରହେଳିକା ହିଁ ରହିଗଲା ଧର୍ମ ଓ ଈଶ୍ୱରଙ୍କ ସମ୍ବନ୍ଧରେ । ଦୁଇଦିନ ରହି ସନ୍ୟାସୀ ଚାଲିଗଲେ । ଶୁଣିଲି, ସେ ରାମକୃଷ୍ଣ ମିଶନରେ ଅଛନ୍ତି । ଗୁରୁଜନମାନଙ୍କ କଥାବାର୍ତ୍ତା ମଧ୍ୟରୁ ଜାଣିଲି ଯେ ମା ବାପାଙ୍କ ସହିତ କୌଣସି ସମ୍ପର୍କ ନ ରଖିବାର କାରଣ ହେଲା ଏହାଦ୍ୱାରା ସଂସାର ଉପରେ ଆକର୍ଷଣ ବା ମମତା ବଢ଼ିଯିବ । ଆଉ ସଂସାରରେ ଆକର୍ଷଣ ଥିଲେ ଈଶ୍ୱରପ୍ରାପ୍ତି ହୁଏ ନାହିଁ । ତେଣୁ ଈଶ୍ୱର ଅନ୍ୱେଷୀ ସନ୍ନ୍ୟାସୀମାନଙ୍କୁ ଏ ସବୁଥିରୁ ଦୂରେଇ ରହିବାକୁ ପଡ଼େ । ଯୁକ୍ତି ହିସାବରେ ସ୍ୱୀକାର କଲେ ମଧ୍ୟ ମନ କିନ୍ତୁ ମାନି ନେଲା ନାହିଁ । ଈଶ୍ୱରଙ୍କର ଏ ବିଧାନ କଣ ? କିଛିଦିନ ପରେ ଆଉ ଜଣେ ସନ୍ନ୍ୟାସୀଙ୍କ ଦର୍ଶନ ମିଳିଲା । ଛୁଟିଗଲି ତାଙ୍କୁ ଦେଖିବାକୁ, ଦେଖିଲି ତାଙ୍କ ମାଙ୍କ ସହିତ ବସି ଗଳ୍ପ କରୁଛନ୍ତି ମା'ଙ୍କ କୋଳରେ ମୁଣ୍ଡ ରଖି । ଖୁବ୍ ଭଲ ଲାଗିଲା ଏ ଦୃଶ୍ୟ । ମା'ଙ୍କ ହାତରେ ସେ ଅରୁଆ ଅନ୍ନ ଆହାର କରନ୍ତି । ଶୁଣିଲି ଏ ମଧ୍ୟ ରାମକୃଷ୍ଣଙ୍କର ହିଁ ଅନୁବର୍ତ୍ତୀ । ମନଟା ତୃପ୍ତିରେ ଭରିଗଲା । ଭଗବାନ ତାହେଲେ ନିଷ୍ଠୁର ନୁହନ୍ତି । ଭଗବାନଙ୍କ କଥା ବାଲ୍ୟାବସ୍ଥାରେ ମନକୁ ଆସିଲେ ହିଁ କାହିଁକି ଯେପରି ମନେ ହେଉଥିଲା ସେ ଦୟାର ସାଗର, ସର୍ବ ଗୁଣାକାର । କିନ୍ତୁ କୌଣସି ଠାରେ ତାଙ୍କର ଦୟାର ନିଦର୍ଶନ ପାଉ ନଥିଲି । ବଡ଼ ଘରେ ଅର୍ଥାତ୍ ଯେଉଁମାନଙ୍କର ଅର୍ଥ ଅଛି, ସେମାନେ ହିଁ ତାଙ୍କର ପୂଜାର ଅଧିକାରୀ । ପୂଜକ, ବ୍ରାହ୍ମଣ ସେମାନଙ୍କ ଘରେ ସମସ୍ତ ଅନୁଯାୟୀ ପୂଜା କରେ । ଗରିବ ଘରେ ପୂଜା ହୁଏ ସମସ୍ତଙ୍କ ଶେଷରେ । ସେତେବେଳେ ହୁଏତ ପୂଜାର ଲଗ୍ନ ବହିଯାଏ । ମଠ ମନ୍ଦିର ଯାହାକିଛି ସବୁହିଁ ତ ବଡ଼ ଲୋକଙ୍କର । ଭଗବାନଙ୍କ ଦୟା ବା ଅଲୌକିକ ଦାନର କୌଣସି କୌଣସି କଥା ଶୁଣୁଥିଲି । କିନ୍ତୁ ମୋ ଦୃଷ୍ଟିରେ ତାହା କେତେବେଳେ ହେଲେ ପଡ଼ି ନାହିଁ । ଗରିବ, ଅସ୍ପୃଶ୍ୟମାନେ ଚନ୍ଦନ ପୂଜା ମଣ୍ଡପଠାରୁ ଦୂରରୁ ଅନାଇ ରହିଛନ୍ତି । ମଦ୍ୟପ ଧନୀଲୋକ ଶୁଭ୍ରବସ୍ତ୍ର ପରିହିତ ହୋଇ ପୂଜା ଆସନରେ ବସିଛି ଭକ୍ତ ସାଜି । ତାପରେ ସର୍ବସ୍ୱହରା ସନ୍ୟାସୀର ରୂପ । ଏହା ଯେପରି ଆନ୍ତର ବିଭତ୍ସ ବୋଲି

ମନେ ହେଲା । ଏହା ତ ଶୁଷ୍କ ନୀରସ କାଷ୍ଠ ସଦୃଶ । ଏଠାରେ ସେହି ରସମୟ ପରମ ଦୟାଳ ଈଶ୍ୱର କାହିଁ ? କିନ୍ତୁ ଦ୍ୱିତୀୟ ସନ୍ନ୍ୟାସୀ ଆସି ମୋତେ କିଛି ଶାନ୍ତିବାଣୀ ପ୍ରଦାନ କଲେ । ଈଶ୍ୱରଙ୍କୁ ଖୋଜ୍ ଛନ୍ତି । ତାହାକୁ ବାଦ୍ ଦେଇ ନୁହେଁ । ଯୁକ୍ତିହୀନ ମୁଁ । କିନ୍ତୁ ଭଲ ଲାଗିଲା, ଶାନ୍ତି ପାଇଲି ଏହି ନବୀନ ସନ୍ନ୍ୟାସୀର ଭାବ ଦେଖି । କିଛିଦିନ ପରେ ଆମର ଘର ସାମ୍ନାରେ ଆସି ଜୁଟିଲା ଗୋଟିଏ ପାଗଳ ଫକୀର । ସାରାଦିନ କଣ ଯେ ବିଡ଼ ବିଡ଼ କରି କହେ । ନିଶ୍ଚଳ ମନରେ ଚୁପ୍ ହୋଇଥାଏ । କାହାକୁ କିଛି କହେ ନାହିଁ । କ୍ରମେ ପ୍ରଚାରିତ ହେଲା ଫକୀର ବାକ୍‌ସିଦ୍ଧ । ବହୁ ଲୋକର ଭିଡ଼ ଜମି ଉଠିବାକୁ ଲାଗିଲା । ଫକୀରକୁ କିନ୍ତୁ ମୁଁ କାହାର ସହିତ କଥା କହିବାର ଶୁଣି ନାହିଁ । କେତେ-ବେଳେ କେତେବେଳେ ଫକୀରକୁ ଖାଇବାର ଦେଖିଛି । ତେବେ ବହୁ ଶିଷ୍ୟ ଜମିଥିଲେ । ସେମାନେ ହିଁ ବେଶୀ ଖାଉଥିଲେ । ଗୋଟିଏ ଜିନିଷ ସର୍ବଦା ହିଁ ଖାଇବାର ଦେଖୁଥିଲି, ତାହା ହେଉଛି ଗଞ୍ଜା । ଏଟା ନା କଣ ତପସ୍ୟାର ଅଙ୍ଗ । କିନ୍ତୁ ଲୋକଟା ରହୁଥିଲା ଖୁବ୍ ଅପରିଷ୍କାର ଭାବରେ । ଭଲ ଲାଗୁ ନଥିଲା । ଏ କଣ ତପସ୍ୟା ? ଭଗବାନ ଚିର ସୁନ୍ଦର ! ସତ୍ୟ, ଶିବ, ସୁନ୍ଦର ଯାହାଙ୍କର ନାମ । ତାଙ୍କ ଭକ୍ତର ଏ କି ରୂପ ? ଭଗବାନଙ୍କୁ ପାଇବାକୁ ହେଲେ ଯଦି ଏପରି ଦାଢ଼ି ରଖି ଅପରିଷ୍କାର ହୋଇ ରହିବାକୁ ହେବ, ଗଞ୍ଜା ଖାଇବାକୁ ହେବ, କଥା ନକହି ରହିବାକୁ ହେବ, ଏହାର କୌଣସି କାରଣ ଖୋଜି ପାଇଲି ନାହିଁ । ଭଗବାନ କଥାଟା ସ୍ମରଣ ହେଲେ ମନରେ ଯେଉଁ ଆନନ୍ଦର ଶିହରଣ ଜାଗ୍ରତ ହୁଏ ଉପରୋକ୍ତ ରୂପ ସହିତ ତାଙ୍କର କୌଣସି ମିଳନ ପାଉ ନାହିଁ । ସମସ୍ତଙ୍କ ସହିତ ମୁଁ ମଧ୍ୟ ମଠ ମନ୍ଦିରକୁ ଯାଏ, କିନ୍ତୁ ତୃପ୍ତି କାହିଁ କିଛି ପାଉ ନାହିଁ । ଏହାର ଅନେକ ପରେ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ କଥା ଜାଣିପାରି ଭଲ ଲାଗିଲା । ତାଙ୍କ କଥାଗୁଡ଼ିକ ଭଲ ଲାଗିଲା । ତା ଛଡ଼ା କାହାକୁ ବାଦ୍ ଦେଇ ସେ ସଂସାର କରି ନାହାନ୍ତି । ଅଥଚ ତାଙ୍କ ମତାବଲମ୍ବୀମାନେ ଅନେକ କିଛି ବାଦ୍ ଦେଇଛନ୍ତି । ଏ ବିଧାନ କିଏ ଦେଇଛନ୍ତି ଜାଣେ ନାହିଁ । ଯଦି ବିବେକାନନ୍ଦ ଦେଇ ଥାଆନ୍ତି ତାହା ସ୍ୱତନ୍ତ୍ର କଥା । କିନ୍ତୁ ଭଗବାନ ବୋଲି ଯାହାଙ୍କୁ ଆମେ କହୁଁ ସେହି ଶ୍ରୀ ଶ୍ରୀ ରାମକୃଷ୍ଣଦେବ ଦେଇ ନାହାନ୍ତି । ଶ୍ରୀ ଚୈତନ୍ୟଦେବଙ୍କ ଜୀବନରେ ମଧ୍ୟ ଦେଖେ ସେ ତାଙ୍କ ମା'ଙ୍କ ପାଇଁ କଣ ନ କରିଛନ୍ତି ? ଶେଷ ପର୍ଯ୍ୟନ୍ତ ସେ ପୁରୀଧାମରେ ଥାଇ ମଧ୍ୟ ତାଙ୍କ ଆଧ୍ୟାତ୍ମିକ ଶକ୍ତି ବଳରେ ମା'ଙ୍କ ସହିତ ଦେଖା କରୁଥିଲେ ଯେତେବେଳେ ମା' ସ୍ମରଣ କରୁଥିଲେ । ଗୋଟିଏ ଜାଗାରେ ସେ ମଧ୍ୟ କହିଛନ୍ତି, ସେ ସନ୍ନ୍ୟାସ ନେବାର ପ୍ରୟୋଜନ ଥିଲା ନାହିଁ ।

Scanned by CamScanner

କିନ୍ତୁ ସେତେବେଳେ ସମାଜ ଉପରେ ସନ୍ୟାସୀମାନଙ୍କର ଏତେ ଆଧିପତ୍ୟ ଯୋଗୁଁଥିପାଇଁ ସ୍ୱୟଂ ଭଗବାନଙ୍କୁ ମଧ୍ୟ ସନ୍ୟାସୀ ହୋଇ ଘର ସଂସାର ଛାଡ଼ିବାକୁ ହୋଇଥିଲା । କିନ୍ତୁ ଈଶ୍ୱରଙ୍କୁ ପାଇବା ପାଇଁ ଏହାର ପ୍ରୟୋଜନ ଥିଲା ନାହିଁ । ମୁକ୍ତ କଣ୍ଠରେ ସେ ଏକଥା ସ୍ୱୀକାର କରିଯାଇଛନ୍ତି । ଚୈତନ୍ୟଦେବଙ୍କର ଭକ୍ତମାନଙ୍କ ସହିତ ମିଶି ରାମକୃଷ୍ଣଦେବଙ୍କ କଥା ପଚାରିଲେ ସେମାନେ କହନ୍ତି—'ସେ କିଛି ନୁହେଁ, ଶ୍ରୀ ମନ୍ମହାପ୍ରଭୁଙ୍କ ସହିତ ରାମକୃଷ୍ଣଙ୍କ ତୁଳନା ହୁଏ ନାହିଁ । ତା ଛଡ଼ା ରାମକୃଷ୍ଣ ମଣିଷ, ଆଉ ମହାପ୍ରଭୁ ସ୍ୱୟଂ ଭଗବାନ ।' ରାମକୃଷ୍ଣଦେବଙ୍କ ଶିଷ୍ୟମାନଙ୍କ ସହିତ ମିଶି ଦେଖିଛି, ଅବଶ୍ୟ ସମସ୍ତଙ୍କ ସହିତ ନୁହେଁ, ସେମାନେ ଶ୍ରୀ ଚୈତନ୍ୟଙ୍କୁ ସ୍ୱୀକାର କରନ୍ତି । କିନ୍ତୁ ବୈଷ୍ଣବମାନଙ୍କୁ କହନ୍ତି ଯେ ସେମାନଙ୍କ ମଧ୍ୟରୁ ବେଶୀ ଭାଗ ହିଁ ଭଣ୍ଡ । ଧର୍ମ ପୁସ୍ତକ ବ୍ୟତୀତ କଥା ସାହିତ୍ୟିକ ଶରତ ଚନ୍ଦ୍ରଙ୍କର 'ଶ୍ରୀକାନ୍ତ' ପଢ଼ି ଗୋଟିଏ ଦୁଇଟି ବୈଷ୍ଣବ ଚରିତ୍ର ପଢ଼ିଛି, ଯେଉଁଥିରେ ଶ୍ରଦ୍ଧାରେ ମୁଣ୍ଡ ନତ ହୋଇଯାଏ । ମନେ ହୁଏ ବୋଧହୁଏ ଏମାନେ ହିଁ ଈଶ୍ୱରଙ୍କ ବାସ୍ତବ ରୂପର କିଛି କିଛି ସନ୍ଧାନ ପାଇଛନ୍ତି । ନଚେତ୍ ଦୁନିଆକୁ ଏତେ ଭଲ ପାଇଲେ କାହିଁକି ? ଧର୍ମ କରିବାକୁ ଯାଇ ସେମାନେ କାଷ୍ଠରେ ପରିଣତ ହୋଇ ନାହାନ୍ତି, ଶୁଖି ଯାଇ ନାହାନ୍ତି । ବରଂ ଓଲଟା ସମସ୍ତଙ୍କ ଦୁଃଖରେ ସମବ୍ୟଥୀ ବା ବ୍ୟଥିତ ହୋଇଛନ୍ତି । କ୍ରମାଗତ ବିଭିନ୍ନ ଧର୍ମଗ୍ରନ୍ଥ ପାଠ କଲି । ସବୁଠାରୁ ଭଲ ଲାଗିଲା ରାମାୟଣ ମହାଭାରତ । ଏହି ଦୁଇଟି ବହି ଭିତରେ ଈଶ୍ୱରଙ୍କର ଯେଉଁ ରୂପ ଅଙ୍କିତ ହୋଇଛି, ସେଥିରେ ଦିନ ପରେ ଦିନ ମୁଁ ଭଗବାନଙ୍କ ପ୍ରତି ଆକୃଷ୍ଟ ହେବାକୁ ଆରମ୍ଭ କଲି । ଭଗବାନଙ୍କର ସେଇ ଦୁଇଟି ରୂପ, ଯେଉଁ ରୂପ ଦୁଇଟି ସୃଷ୍ଟି କରିଛନ୍ତି ବାଲ୍ମୀକି ଓ କୃଷ୍ଣ ଦ୍ୱୈପାୟନ ତାହା ଅପୂର୍ବ । ଦୁଇଜଣଙ୍କର ସୃଷ୍ଟି ହେଲେ ମଧ୍ୟ ସେହି ଏକ ଅଦ୍ୱିତୀୟଙ୍କର ଯେ ଚରିତ୍ର ବର୍ଣ୍ଣନା କରିଛନ୍ତି ଦୁଇ ଋଷି ବା ମହାକବି ତାହା ବୁଝିବାକୁ ଭୁଲ ହୁଏ ନାହିଁ । ଏଥର ଭଗବାନଙ୍କ ଚିନ୍ତା ନିଜ ଧାରଣାରେ ଆଣିବା ଅନେକ ସହଜ ହେଲା । ରାମାୟଣ ଠାରୁ ମଧ୍ୟ ମହାଭାରତରେ ଶ୍ରୀ ଭଗବାନଙ୍କର ଯେଉଁ ରୂପ ଦିଆ ହୋଇଛି ସେଥିରେ ବାସ୍ତବିକ ତାଙ୍କର ଶ୍ରେଷ୍ଠତା ସମ୍ବନ୍ଧରେ ଆଉ ଦ୍ୱିମତ ରହେ ନାହିଁ । ସେ ଯୁଗେ ଯୁଗେ ଯେ ସେହି ଯୁଗୋପଯୋଗୀ ହୋଇ ଆସନ୍ତି ଏବଂ ତାଙ୍କର ଜନ୍ମ ହିଁ ଯୁଗ ପୁରୁଷୋତ୍ତମ ଜନ୍ମିତ୍ୱ ଏଥିରେ ସନ୍ଦେହ ନାହିଁ । ଗୀତା ମାଧ୍ୟମରେ ଭଗବାନ ଯେଉଁ ଉପଦେଶ ଦେଇଛନ୍ତି ତାହା ଏତେ ବାସ୍ତବତାପୂର୍ଣ୍ଣ ଯେ ତାର ଗୋଟିଏ କଥା ମଧ୍ୟ ଆଜି ପର୍ଯ୍ୟନ୍ତ କେହି ମିଥ୍ୟା

Scanned by CamScanner

ପ୍ରତିପାଦିତ କରିପାରି ନାହାନ୍ତି । ଅବଶ୍ୟ ଗୀତାର ବିଭିନ୍ନ ଭାଷ୍ୟକାର ତାର ଅର୍ଥ ଯାହାର ଯାହାର ସୁବିଧା ମୁତାବକ କରିଛନ୍ତି । ତାହେଲେ ମଧ୍ୟ ବ୍ୟାସ ଗୀତାର ଅସଲ କଥା କେହି ବଦଳାଇ ନାହାନ୍ତି । ଶ୍ରୀ ଗୀତାର ଭାଷ୍ୟକାର ଯେ ଯେତେ ରକମର ହିଁ ଅର୍ଥ କରୁନା କାହିଁକି ତଦ୍ୱାରା ଗୀତାର ମୂଲ୍ୟ ବଢ଼ିଛି ବରଂ କ୍ଷୁଣ୍ଣ ହୋଇ ନାହିଁ । ତେବେ ଆମ୍ଭମାନଙ୍କ ପରି ଲୋକମାନଙ୍କର ବୁଝିବା କଠିନ କାରଣ ବିଭିନ୍ନ ଭାଷ୍ୟକାରର ଭାଷ୍ୟ ମାଧ୍ୟମରେ ବିଭ୍ରାନ୍ତ ହୋଇଯିବାର ସମ୍ଭାବନା । ଜଣେ ଭାଷ୍ୟକାର ଅନ୍ୟ ଭାଷ୍ୟକାରର ଭୁଲ ଧରିବାର ମଧ୍ୟ ଚେଷ୍ଟା କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଭାଷ୍ୟକାରର ଭାଷ୍ୟ ଭୁଲ ବୋଲି ମୋର ଧାରଣାରେ ନାହିଁ । କାରଣ ଯାହାର ବୋଧରେ ଯାହା ଆସିଛି ତାହାହିଁ ସତ୍ୟ । ତେବେ ମୋର ମନେହୁଏ ଶ୍ରୀକୃଷ୍ଣ ଗୀତାରେ ଅର୍ଜ୍ଜୁନଙ୍କୁ ଯାହା କହିଛନ୍ତି ତାହା ସବୁ କର୍ମ ସଂଯୋଗୀ । ଅର୍ଥାତ୍ ସଂସାରରେ ମାନବ ଜନ୍ମ ଧାରଣ କରିବା ପରଠାରୁ ଯେତେଦିନ ପୃଥିବୀରେ ରହିବାକୁ ହେବ ସେତେଦିନ କର୍ମ ମାଧ୍ୟମରେ ହିଁ । ଏ କର୍ମର ବିଭିନ୍ନ ରୂପ ଯାହା ହେଉନା କାହିଁକି ଗୀତାର ଅର୍ଥ ମୁଁ ବୁଝାଇବାକୁ ଆସି ନାହିଁ । ସେ ବିଦ୍ୟା ମୋର ନାହିଁ । ତେବେ ମୋ ମନରେ ଧର୍ମର ଯେଉଁ ରୂପ ପରିଗ୍ରହ ଲାଭ କରିଛି ତାହା କପରି କହୁଛି । ଦର୍ଶନଶାସ୍ତ୍ର ଯାହା ପଢ଼ିଛି, ସେଥିରେ ଈଶ୍ୱର ସମ୍ବନ୍ଧୀୟ ଜଟିଳତା ହିଁ ବଢ଼ିଛି । ତେବେ କେବଳ ରାମାୟଣ ଓ ମହାଭାରତ ବ୍ୟତୀତ ସମସ୍ତ ଶାସ୍ତ୍ରକୁ ମନେହେଲ ମୁଁ ଏକାକୀ ପଢ଼ି ଏହାର କିଛି ବୁଝି ପାରିବି ନାହିଁ, ଏହା ହେଲା ଗୁରୁମୁଖୀ ବିଦ୍ୟା । ଆଉ ସେ ଗୁରୁ ହେଲେ ସଦ୍‌ଗୁରୁ । ଗୀତାର ମର୍ମ କିଏ ବୁଝିବ ? କିଏ ବୁଝାଇବ ସ୍ୱୟଂ କୃଷ୍ଣ ବ୍ୟତୀତ ? ଆଉ କୃଷ୍ଣ ସେ ତ ବାରମ୍ବାର ଆସନ୍ତି । ସେଦିନ ଶ୍ରୀ ଶ୍ରୀ ରାମକୃଷ୍ଣ ଦେବ କହିଛନ୍ତି - "ଯେ ରାମ ସେଇ କୃଷ୍ଣ ଏକାଧାରେ ରାମକୃଷ୍ଣ ହୟେ ଜନ୍ମେଛି ।" ପୁଣି ସେ କହିଛନ୍ତି "ଆମି ଆବାର ଆସବ" (ଅର୍ଥାତ୍ ମୁଁ ଆଉଥରେ ଆସିବି) । ଯେ ଆଉଥରେ ଆସିବେ ମାନେ ସେହି କୃଷ୍ଣ ଆଉଥରେ ଆସିବେ । ତେବେ କେଉଁଠି ପାଉଛି ତାଙ୍କର ଦର୍ଶନ ? ଆସୁଛନ୍ତି କି ? ଆଉ ଯଦି ସେ ନଆସି ମଧ୍ୟ ଥାଆନ୍ତି, ମୁନି ଋଷିଙ୍କର ଦେଶ ଏହି ଭାରତ । ବଶିଷ୍ଠ, ବିଶ୍ୱାମିତ୍ର ,ବ୍ୟାସ, ଅଷ୍ଟାବକ୍ର ଇତ୍ୟାଦି କେତେ ମହର୍ଷି, ଦେବର୍ଷି, ରାଜର୍ଷିର ଏହି ଦେଶ । ମୁଁ ସେହି ଦେଶର ଲୋକ । କେଉଁଠି ସେ, ଯେ ମୋ ପାଇଁ ମୋତେ ତାଙ୍କର ଶିଷ୍ୟ କରିନେବେ । ସର୍ବ ବିଷୟରେ ହେବେ ମୋର ଶ୍ରେଷ୍ଠ । ନହେଲେ ମୁଁ ବିଭ୍ରାନ୍ତ । କେଉଁଠି ଈଶ୍ୱର ? କଣ ତାଙ୍କର ପଥ ? କେଉଁ ପଥରେ ଗଲେ

Scanned by CamScanner

ତାଙ୍କୁ ପାଇବ ? କେତେ ସାଧୁ ସନ୍ୟାସୀ ସହିତ ସଙ୍ଗ କଲି । କେହି ଜାଣନ୍ତି ନାହିଁ ତାଙ୍କର ସନ୍ଧାନ, ନା ଭଗବାନଙ୍କର ନା ତାଙ୍କର ଭକ୍ତର । ତାହା ବୋଲି ସମସ୍ତେ ଭଣ୍ଡ ନୁହଁନ୍ତି । ଏମାନଙ୍କ ପ୍ରତ୍ୟେକଙ୍କ ଭିତରେ କିଛି ନା କିଛି ଅଛି ଯାହା ଶିକ୍ଷଣୀୟ ଏବଂ ଅନୁକରଣୀୟ । କିନ୍ତୁ ଏପରି ଗୋଟିଏ ଲୋକ ପାଇଲି ନାହିଁ ଯାହାଙ୍କୁ ସବୁ ବିଷୟରେ ଅନୁକରଣ ବା ଅନୁସରଣ କରି ହୁଏ । ଶ୍ରାନ୍ତ କ୍ଲାନ୍ତ ପଦରେ ଘୁରି ବୁଲୁଛି, କିନ୍ତୁ କାହିଁ ଛାଡ଼ି ନୁହେଁ । ମା, ସ୍ତ୍ରୀ, ଘର, ବନ୍ଧୁ, ସମାଜ, ସଂସାର ସବୁହିଁ ଅଛି ସାଥୀରେ । ଏମାନଙ୍କୁ ଫାଙ୍କି ଦେଇ ଧର୍ମ ହେବ ନାହିଁ । ଏଠା କାହିଁକି ଯେପରି ମୋ ଅନ୍ତର ଭିତରୁ ସ୍ୱତଃ ଜାଗି ଉଠେ । ଏହି ଭାରତବର୍ଷରେ ଦୁଇଟା ଧର୍ମ କଥା କହି ଧାର୍ମିକ ହୋଇ ହୁଏ । ମୋ ଜୀବନରେ ମଧ୍ୟ ଗୋଟିଏ ଦଳ ମୋତେ ଧାର୍ମିକ ବୋଲି କହିବାକୁ ଲାଗିଲେ । ଶୁଣିବାକୁ ମଧ୍ୟ ଟିକିଏ ଭଲ ଲାଗେ । କିନ୍ତୁ କିଛିଦିନ ପରେ ଆଉ ଗୋଟିଏ ଦଳ ନିନ୍ଦାର ବୋଝ ମୁଣ୍ଡରେ ଚାପି ଦେବାକୁ ଲାଗିଲେ । ନିନ୍ଦା ଶୁଣିଲେ ଚଞ୍ଚଳ ହୋଇପଡ଼େ । ଏହି ଭାବରେ ଦିନ ଅତିବାହିତ ହେଉଛି । ଶାସ୍ତ୍ର ବହି ମୋର ସାଥୀ । ବୁଝେ ବା ନ ବୁଝେ, କିନ୍ତୁ ଭଲ ଲାଗେ । ମହାଭାରତ—ସେ ତ ମୋର ଅନ୍ତରର ଧନ । ଭାଗବତରେ ଶ୍ରୀକୃଷ୍ଣଙ୍କର ଚରିତ ବ୍ୟାଖ୍ୟା ଖୁବ୍ ଭଲ ଲାଗେ । ତେବେ ଟିକିଏ ଯେପରି ଅତିରଞ୍ଜନ ମନେ ହୁଏ । ମନେ ହୁଏ ଭାବା-ବେଗପୂର୍ଣ୍ଣ ଲେଖା । ଶ୍ରୀକୃଷ୍ଣଙ୍କୁ ବଡ଼ ପରବର୍ତ୍ତୀରେ କେଉଁଠି କେଉଁଠି ଛୋଟ କରି ପକାଇଛନ୍ତି । ଯେପରି ଦେଖାଯାଏ ଚୈତନ୍ୟ ଚରିତାମୃତରେ । ମୁଁ ବ୍ୟବସାୟୀ । ଚାକିରୀରୁ ଇସ୍ତଫା ଦେଇ ବ୍ୟବସାୟରେ ରତ । କିନ୍ତୁ ମନ ମୋର ଗୁରୁ ସନ୍ଧାନରେ । ଯେଉଁଠାରେ ଦେଖେ ଧର୍ମ ଆଲୋଚନା ସେଠାକୁ ଛୁଟି ଯାଏ । କିନ୍ତୁ ଫେରିଆସେ ହତାଶ ହୋଇ । ସମସ୍ତେ କୌଣସି ଗୋଟିଏ ମତାବଲମ୍ବୀ । ନିଜ ମତବାଦ ବ୍ୟତୀତ ସମସ୍ତଙ୍କୁ ଗାଳିଗୁଲଜ କରନ୍ତି । ଅନ୍ତରରେ ଦୁଃଖ ନେଇ ଫେରି ଆସେ । କାଳି ଭକ୍ତ ଶିବର ନିନ୍ଦା କରେ, ନିରାକାରବାଦୀ ସାକାରର ନିନ୍ଦା କରେ, ସାକାରବାଦୀ ନିରାକାରର । କେତେ ପ୍ରକାର ବିରୁଦ୍ଧ ସମାଲୋଚନା କରନ୍ତି । ଭଗବାନଙ୍କ କଥା ଅପସରି ଯାଇ ଖାଲି ପର ନିନ୍ଦା । କିନ୍ତୁ ପ୍ରଥମେ ଯେତେବେଳେ ସଭା ବସେ, କୌଣସି ସମାଲୋଚନା ଆରମ୍ଭ ହେଉ ନଥିଲା, ସେତେବେଳେ ମୋତେ ଭଲ ଲାଗୁଥିଲା । ସେତେ-ବେଳେ ସମସ୍ତେ ଈଶ୍ୱରମୁଖୀ । ସମସ୍ତେ ସେତେବେଳେ ସ୍ୱୀକାର କରୁଛନ୍ତି ସେହିଁ ସବ ଶକ୍ତିମାନ । ପ୍ରଥମ ଅବସ୍ଥାରେ କୌଣସି ମତଭେଦ ନାହିଁ । ଖୁବ୍ ଆନନ୍ଦ ପାଉଥିଲି ଏହି ପ୍ରକାର ସଙ୍ଗଲାଭରୁ । କିନ୍ତୁ ସମସ୍ତ ଯେତେ ବେଶୀ

Scanned by CamScanner

ଅତିବାହିତ ହେଉଥିଲା ସେତେ ହେଉଥିଲା ଝଗଡ଼ାର ସୃଷ୍ଟି । ସମସ୍ତେ ସେ ଯାହାର ମତକୁ ପ୍ରାଧାନ୍ୟ ଦେଇ ଈଶ୍ୱରଙ୍କୁ ଭୁଲି ଯାଉଥିଲେ । ଶେଷରେ ମତବାଦ ନେଇ ନିଜକୁ ହିଁ ପ୍ରତିଷ୍ଠିତ କରିବାକୁ ପ୍ରାଣପଣ କରୁଥିଲେ ସମସ୍ତେ । ସେକ୍ଷରେ ବହୁ ସ୍ଥାନରେ ମୁଁ ମଧ୍ୟ ଜଡ଼ିତ ହୋଇ ପଡ଼ୁଥିଲି । ପରେ ଅନୁଶୋଚନା ହେଉଥିଲା । ଏଥିପାଇଁ ମହାପୁରୁଷମାନେ କହନ୍ତି—ସତ୍ସଙ୍ଗ ଆବଶ୍ୟକ, ସାଧୁସଙ୍ଗ ଆବଶ୍ୟକ, ଯେପରି ସଂଗଲାଭ କରିବ ସେହିପରି ହେବ । କିନ୍ତୁ ଯେଉଁଠାରେ ଏହି ଧର୍ମର କଥା ହେଉଥିଲା ସେଠାକୁ ନ ଯାଇ ରହିପାରୁ ନଥିଲି । କିଛିକ୍ଷଣ ପରେ ହିଁ ଅବଶ୍ୟ ପଳାଇ ଆସିବାକୁ ହେଉଥିଲା । ମଠ, ମନ୍ଦିରକୁ ଯାଉଥିଲି, ଖୋଜୁଥିଲି ସମନ୍ୱୟ । କେଉଁଠି ଅଛି କାଳି ସହିତ ଦୁର୍ଗା, ମହାଦେବର ସମନ୍ୱୟ । ସମନ୍ୱୟ ଗୋଟିଏ ଅଛି ନିଶ୍ଚୟ, କିନ୍ତୁ ସେକଥା ମୁଁ ଜାଣେ ନାହିଁ । ଏଥିରେ ଥିଲା ମୋର ଦୁଃଖ । ଏହିପରି ଦିନେ ଆସିଲା ମୋର ସେହି ଶୁଭଲଗ୍ନ ବା ଦିନ । ଯେଉଁଦିନ ମୁଁ ପାଇଲି ମୋର ଗୁରୁଙ୍କୁ, ଯିଏ ସବୁ ଦିଗରୁ ମୋର ଶ୍ରେଷ୍ଠ । ମୋ ଜୀବନର ଯାହା କିଛି ପ୍ରଶ୍ନ ସକଳ କିଛି ଅସ୍ତମିତ ହେଲା । ସେ କରିଦେଲେ ସମସ୍ତ କିଛିର ମୀମାଂସା; ଯେପରି ଦେଇଦେଲେ ରାମକୃଷ୍ଣ ଠାକୁର ତାଙ୍କର ଶିଷ୍ୟମାନଙ୍କୁ, ଶ୍ରୀ ଚୈତନ୍ୟ ତାଙ୍କ ଅନୁଗତମାନଙ୍କୁ । ମୋର ଠାକୁର, ମୋର ପ୍ରିୟ ପରମ ଗୁରୁଦେବ, ସେ ମଧ୍ୟ ଅଧମାଧମ ମୋତେ ପଥ ଦେଖାଇବାକୁ ରାଜି ହେଲେ । ମୋର ଭାର ନେବାକୁ ରାଜି ହେଲେ । ଅଦ୍ଭୁତ ତାଙ୍କର କ୍ଷମତା । ମଣିଷର ଏତେ ପରିମାଣର କ୍ଷମତା ଥାଇପାରେ ଏହା ମୋର ଧାରଣାର ବହିର୍ଭୂତ । କିଛି କିଛି ଧାରଣା ହୋଇଥିଲା ମହାଭାରତରେ ଶ୍ରୀକୃଷ୍ଣଙ୍କର କ୍ଷମତା ନିଦର୍ଶନରେ । କିନ୍ତୁ ତାହା ପୁସ୍ତକ ମାଧ୍ୟମରେ । ବାସ୍ତବରେ ଯେ ତାହା ସମ୍ଭବ ତାହା ଦେଖି ବିସ୍ମିତ ହେଲି । ନିଶ୍ଚିନ୍ତ ହୋଇ ନିଜକୁ ସମର୍ପଣ କଲି ତାଙ୍କ ପାଦ ତଳେ । କିନ୍ତୁ ସମର୍ପଣ କଥାଟା ଅତି ସହଜ । ପ୍ରକୃତରେ ମୁହଁରେ ସ୍ୱୀକାର କଲେ ମଧ୍ୟ ଚରିତ୍ରରେ ଏପରି ହୋଇ ଉଠିଛି ଯେ ମନ, ମୁଖ ଓ କର୍ମରେ ବିରାଟ ପାର୍ଥକ୍ୟ ରହିଯାଇଛି । ତାହା ସତ୍ତ୍ୱେ ତାଙ୍କର ଭଲ ପାଇବା ଅପରିସୀମ । ସନ୍ତର୍ପଣେ ସେ ମୋତେ ନେଇ ଆଗେଇବାକୁ ଲାଗିଲେ । ଅସଂଯତ ଆତ୍ମମ୍ଭରିତାପୂର୍ଣ୍ଣ ଗୋଟିଏ ନବ୍ୟ ଯୁବକ । ତାକୁ ତୋଳି ଧରିବା ପାଇଁ କି ଅସୀମ ଚେଷ୍ଟା ତାଙ୍କର । ମୋ ପରି ଗୋଟିଏ ଅପଦାର୍ଥ ପାଇଁ ସେ ଏତେଟା କରି ପାରନ୍ତି ତାହାହେଲେ ବିବେକାନନ୍ଦ ପାଇଁ ଯେ ସେ ପାଗଳ ହେବେ ସେଥିରେ ଆଶ୍ଚର୍ଯ୍ୟ କଣ ? ଅର୍ଜ୍ଜୁନ ପାଇଁ ଯେ ସେ ତାର ସାରଥିତ୍ୱ ଗ୍ରହଣ କରିବେ ସେଥିରେ

Scanned by CamScanner

ଆଶ୍ଚର୍ଯ୍ୟ କଣ ? ମୋ ଗୁରୁଙ୍କ ସମ୍ବନ୍ଧରେ ପରେ ଲେଖିବାର ଇଚ୍ଛା ରହିଲା । ଇତି ମଧ୍ୟେ ଗୋଟିଏ ଦୁଇଟା ସ୍ଥାନରେ ତାହା ଲେଖା ମଧ୍ୟ ହୋଇଛି । ଏଠାରେ ମୋର ଅନ୍ୟ ପ୍ରସଙ୍ଗ । କିଛିଦିନ ପରେ ତାଙ୍କ କଥା ଶୁଣି ନ ଶୁଣି ଏପରି ଏକ ଅବସ୍ଥାରେ ଆସି ପହଞ୍ଚିଲି ଯେତେବେଳେ ଠାକୁର ମୋତେ ତାଙ୍କର ବାର୍ତ୍ତାବହ ହୋଇ ଦ୍ୱାରେ ଦ୍ୱାରେ ଯିବାକୁ କହିଲେ । ଅନୁମତି ଦେଲେ ତାଙ୍କର ହୋଇ ଦୀକ୍ଷା ଦେବା ପାଇଁ । ବାରମ୍ବାର କହିଦେଲେ "ସ୍ମରଣ ରଖ, ପ୍ରତ୍ୟେକଟି ମଣିଷ ତୁମର ସମ୍ପଦ । କାହାରିକୁ ଅବହେଳା କରୁଛ ମାନେ ମୋତେ ଅବହେଳା କରୁଛ ! ତାହା ବୋଲି ଅନ୍ୟାୟକୁ ପ୍ରଶ୍ରୟ ଦିଅ ନାହିଁ । ପୁଣି ନ୍ୟାୟକୁ ଅନ୍ୟାୟ ବୋଲି ଦୂରକୁ ଠେଲି ଦିଅ ନାହିଁ । ସାବଧାନ ! ସୁଖ୍ୟାତିର ଶୀର୍ଷରେ ଉପସ୍ଥିତ ହୋଇ ନିଜକୁ ଭୁଲିଯାଅ ନାହିଁ । ପୁଣି ନିନ୍ଦାରେ ଭାଙ୍ଗିପଡ଼ ନାହିଁ । ନିନ୍ଦା ଯେଉଁମାନେ କରନ୍ତି ସେମାନଙ୍କ କଥା ସ୍ଥିର ମସ୍ତିଷ୍କରେ ଭାବି ଦେଖ । ଯଦି ତୁମର ସଂଶୋଧନ କିଛି କରିବାର ଥାଏ କର, ନ ହେଲେ ନିନ୍ଦୁକର ନିନ୍ଦନୀୟ ଚରିତ୍ରରୁ ତାକୁ ଯେପରି ସୁଚରିତ୍ରକୁ ଆଣିପାରିବ ତାର ଚେଷ୍ଟା ରଖ । ତେବେ ତାହା ତୁମର ଇଷ୍ଟସ୍ୱାର୍ଥ ବଜାଇ ରଖି ।

(ଅସମାପ୍ତ)

ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଲ ଚନ୍ଦ୍ରଙ୍କର
ଶ୍ରୀହସ୍ତ ଲିଖିତ ବାଣୀ

ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି—ଋଷିଙ୍କୁ ବାଦ୍ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି ।

ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲ, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା-ସମ୍ପନ୍ନ ହୁଅ—ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ,—ଏବଂ ସେହିମାନଙ୍କୁ ହିଁ ସ୍ୱୀକାର କର—ଯେଉଁମାନେ ତାଙ୍କୁ ଭଲ ପାଆନ୍ତି । କାରଣ, ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆବିର୍ଭାବ ।

ତୁମର ସବୁ ଅବସ୍ଥା ଭିତରେ ତାଙ୍କର ମଙ୍ଗଳ ଇଚ୍ଛାକୁ ବୁଝିବାକୁ ଚେଷ୍ଟା କର, ଦେଖିବ, କାତର ହେବ ନାହିଁ, ବରଂ ହୃଦୟରେ ବଳ ଆସିବ, ଦୁଃଖରେ ମଧ୍ୟ ଆନନ୍ଦ ପାଇବ ।

କାର୍ଯ୍ୟ କରିଯାଅ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ ନାହିଁ, ଅଳସୁଆ ହୁଅ ନାହିଁ, ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ । ସତ୍‌କର୍ମୀର କଦାପି ଅକଲ୍ୟାଣ ହୁଏ ନାହିଁ, ଦିନକ ଆଗରୁ ବା ପରେ ।

ପରମ ପିତାଙ୍କ ଆଡ଼କୁ ଅନାଇ କାର୍ଯ୍ୟ କରିଯାଅ । ତାଙ୍କର ଇଚ୍ଛାହିଁ ଅଦୃଷ୍ଟ; ତା ଛଡ଼ା ଆଉ ଗୋଟାଏ ଅଦୃଷ୍ଟ-ଫଦୃଷ୍ଟ ବନାଇ ବେକୁବ୍ ହୋଇ ବସି ରୁହ ନାହିଁ ।

ତୁମର ସତ୍‌ସ୍ୱଭାବ କର୍ମରେ ଫୁଟି ଉଠୁ, କିନ୍ତୁ ଯେପରି ନିଜ ଭାଷାରେ ବ୍ୟକ୍ତ

Scanned by CamScanner

ନ ହୁଏ, ନଜର ରଖ । ସତ୍‌ରେ ତୁମର ଆସକ୍ତି ସଂଲଗ୍ନ କର, ଅଜ୍ଞାତସାରରେ ସତ୍ ହେବ । ତୁମେ ଆପଣା ଭାବରେ ସତ୍ ଚିନ୍ତାରେ ନିମଗ୍ନ ହୁଅ, ତୁମ ଅନୁଯାୟୀ ଭାବ ଆପଣା ସ୍ୱୟଂ ଫୁଟି ଉଠିବ ।

ଯେଉଁ କର୍ମ ମଣିଷ ପାଖରେ କହିଲେ ମୁହଁରେ କାଳିମା ପଡ଼େ, ତାହା କରିବାକୁ ଯାଅ ନାହିଁ । ଯେଉଁଠାରେ ଘୃଣା-ଲଜ୍ଜା-ଭୟ ହେତୁ ଗୋପନୀୟତା ଅଛି, ସେହିଠାରେ ହିଁ ପାପ ।

ଦାନ କର, କିନ୍ତୁ ଦୀନ ହୋଇ, ପ୍ରତ୍ୟାଶା ନ ରଖି । ତୁମର ଅନ୍ତରର ଦୟାର ଦରଜା ଖୋଲି ଯାଉ । ଦୟା କରିବା ହିସାବରେ ଦାନ ଅହଙ୍କାରର ପରିପୋଷକ । ଯେ କାତର ଭାବରେ ତୁମର ଦାନ ଗ୍ରହଣ କରନ୍ତି, ଗୁରୁ ରୂପେ ସେ ତୁମ ହୃଦୟରେ ଦୟାଭାବର ଉଦ୍‌ବୋଧନ କରନ୍ତି; ଅତଏବ କୃତଜ୍ଞ ହୁଅ ।

ଉତ୍ତେଜିତ ମସ୍ତିଷ୍କ ଓ ବୃଥା ଆଡ଼ମ୍ବରଯୁକ୍ତ ଚିନ୍ତା—ଉଭୟ ହିଁ ଅସିଦ୍ଧିର ଲକ୍ଷଣ ।

ଗଭୀର ବିଶ୍ୱାସ ବଳରେ ସବୁ କିଛି ହୋଇପାରେ । ବିଶ୍ୱାସ କର,—ସାବଧାନ, ଅହଙ୍କାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନ ଆସେ—ଯାହା ଚାହିଁ ତାହାହିଁ ହେବ ।

ସତ୍‌ରେ ନିରବଚ୍ଛିନ୍ନ ସଂଲଗ୍ନ ରହିବାର ଚେଷ୍ଟାକୁ ହିଁ ଭକ୍ତି କହନ୍ତି । ଭକ୍ତ ହିଁ ପ୍ରକୃତ ଜ୍ଞାନୀ, ଭକ୍ତିବିହୀନ ଜ୍ଞାନ ବାଚକ-ଜ୍ଞାନ ମାତ୍ର ।

ତୁମେ ଅସତ୍‌ରେ ଯେତିକି ଆସକ୍ତ ହେବ ସେତିକି ସ୍ୱାର୍ଥ ବୁଦ୍ଧିସମ୍ପନ୍ନ ହେବ, ଆଉ ସେତିକି କୁଜ୍ଞାନ ବା ମୋହରେ ଆଚ୍ଛନ୍ନ ହୋଇ ପଡ଼ିବ; ଆଉ ରୋଗ, ଶୋକ, ଦାରିଦ୍ର୍ୟ, ମୃତ୍ୟୁ ଇତ୍ୟାଦି ଯନ୍ତ୍ରଣା ତୁମ ଉପରେ ସେତିକି ଆଧିପତ୍ୟ କରିବ, ଏହା ନିଶ୍ଚୟ ।

ନାମ-ଯଶ ଆତ୍ମୋନ୍ନୟନର ଘୋର ଅନ୍ତରାୟ । ତୁମର ଟିକିଏ ଉନ୍ନତି ହେଲେ ହିଁ ଦେଖିବ କେହି ତୁମକୁ ଠାକୁର ବନେଇ ବସିଛି, କେହି ମହାପୁରୁଷ କହୁଛି, କେହି ଅବତାର, କେହି ସଦ୍‌ଗୁରୁ ଇତ୍ୟାଦି କହୁଛି; ପୁଣି କେହି ଶଇତାନ, ବଦମାସ୍, କେହି ବ୍ୟବସାୟୀ ଇତ୍ୟାଦି ବି କହୁଛି; ସାବଧାନ୍ ! ତୁମେ ଏମାନଙ୍କ କାହାରି ଆଡ଼କୁ ନଜର ଦିଅନା । ତୁମ ପକ୍ଷରେ ଏମାନେ

ସମସ୍ତେ ଭୂତ, ନଜର ଦେଲେ ହିଁ କାନ୍ଧରେ ଚଢ଼ି ବସିବେ, ତାହା ଛଡ଼ାଇବା ମଧ୍ୟ ମହା ମୁସ୍କିଲ, ତୁମେ ତୁମ ଭଲ କାର୍ଯ୍ୟ କରିଯାଅ, ଯାହା ଇଚ୍ଛା ତାହା ହେଉ ।

ତୁମେ ଯେପରି ପ୍ରକୃତ ହେବ, ପ୍ରକୃତି ତୁମକୁ ସେହିପରି ଉପାଧି ନିଶ୍ଚୟ ଦେବ ଏବଂ ଜଗ ଭିତରେ ସେହିପରି ଅଧିକାର ମଧ୍ୟ ଦେବ; ଏହା ନିତ୍ୟ ପ୍ରତ୍ୟକ୍ଷ କରୁଛ; ତେବେ ଆଉ ଗୁହିଁବ କଣ ? ପ୍ରାଣପଣେ ପ୍ରକୃତ ହେବାକୁ ଚେଷ୍ଟା କର ।

ପ୍ରକୃତ ସତ୍ୟ ପ୍ରଗ୍ଧରକ ହିଁ ଜଗତର ପ୍ରକୃତ ମଙ୍ଗଳାକାଙ୍‌କ୍ଷୀ । ତା'ର ଉପ୍ସାରେ କେତେ ଜୀବର ଯେ ଆତ୍ମୋନ୍ନୟନ ହୁଏ ତାର ଇୟତ୍ତା ନାହିଁ । ତୁମେ ସତ୍ୟ ବା ଆଦର୍ଶରେ ମୁଗ୍‌ଧ ହୋଇଥାଅ, ହୃଦୟରେ ଭାବ ଆପଣାଛାଏଁ ଉଚ୍ଛୁଳି ଉଠିବ, ଆଉ ସେହି ଭାବରେ ଅନୁପ୍ରାଣିତ ହୋଇ କେତେ ଲୋକଙ୍କର ଯେ ଉନ୍ନତି ହେବ ତାର ଠିକଣା ନାହିଁ ।

ଜଗର ଗର୍ବ ଯେତେ ନ କରିଯାଏ ତେତେ ହିଁ ମଙ୍ଗଳ, ଆଉ ଆଦର୍ଶର ଗର୍ବ ଯେତେ କରିଯାଏ ତେତେ ହିଁ ମଙ୍ଗଳ । ପରମପିତା ହିଁ ତୁମର ଅହଙ୍କାରର ବିଷୟ ହୁଅନ୍ତୁ, ଆଉ ତୁମେ ତାଙ୍କୁ ହିଁ ନେଇ ଆନନ୍ଦ ଉପଭୋଗ କର ।

ଗୁରୁମୁଖୀ ହେବାକୁ ଚେଷ୍ଟା କର, ଆଉ ମନର ଅନୁସରଣ କର ନାହିଁ— ଉନ୍ନତି ତୁମକୁ କୌଣସିମତେ ତ୍ୟାଗ କରିବ ନାହିଁ ।

ବିବେକକୁ ଅବଲମ୍ବନ କର, ଆଉ ମନର ଅନୁସରଣ କର ନାହିଁ—ଉଦାରତା ତୁମକୁ କେବେହେଲେ ତ୍ୟାଗ କରିବ ନାହିଁ ।

ସତ୍ୟକୁ ଆଶ୍ରୟ କର, ଆଉ ଅସତ୍ୟର ଅନୁଗମନ କର ନାହିଁ—ଶାନ୍ତି ତୁମକୁ କୌଣସିମତେ ଛାଡ଼ି ରହିବ ନାହିଁ ।

ଦୀନତାକୁ ଅନ୍ତରରେ ସ୍ଥାନ ଦିଅ—ଅହଙ୍କାର ତୁମର କିଛି ବି କରି ପାରିବ ନାହିଁ ।

ଯାହା ତ୍ୟାଗ କରିବାକୁ ହେବ ତା' ଆଡ଼କୁ ଆକୃଷ୍ଟ ବା ଆସକ୍ତ ହୁଅ ନାହିଁ— ଦୁଃଖରୁ ରକ୍ଷା ପାଇବ ।

ଯଦି ସାମାନ୍ୟତମ ଲୋକନିନ୍ଦା, ଉପହାସ, ସ୍ୱଜନାନୁରକ୍ତି, ସ୍ୱାର୍ଥହାନି,

Scanned by CamScanner

ଅନାଦର, ଆତ୍ମ ବା ପରଗଞ୍ଜନା ତୁମର ପ୍ରେମାସ୍ପଦଙ୍କଠାରୁ ତୁମକୁ ଦୂରରେ ରଖିପାରେ, ତେବେ ତୁମର ପ୍ରେମ କେତେ କ୍ଷୀଣ—ଏହା ନୁହେଁ କି ?

ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତିରେ ହିଁ ଜୀବନର ସୌନ୍ଦର୍ଯ୍ୟ ଓ ସାର୍ଥକତା ।

ଭଲ ମନ୍ଦ ବିଚାର କରି ବିଧ୍ୱସ୍ତ ହେବା ଅପେକ୍ଷା ସତ୍‌ରେ ଗୁରୁଙ୍କ ପ୍ରତି ଆକୃଷ୍ଟ ହୁଅ—ନିର୍ବିଘ୍ନରେ ନିଶ୍ଚୟ ସଫଳ ହେବ ।

କରିବା ଯେତେବେଳେ ଚାହିଁବାକୁ ଅନୁସରଣ କରେ — କୃତାର୍ଥତା ସେତେବେଳେ ତାର ସମ୍ମୁଖରେ ଛିଡ଼ା ହୁଏ ।

ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର—ମୁଁ ନିଶ୍ଚୟ କରି କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ ।

ତାଙ୍କୁ ଦିଅ—ଚାହଁ ନାହିଁ—ପାଇଲେ ଆନନ୍ଦିତ ହୁଅ ।

ତୁମେ ତାଙ୍କର ଇଚ୍ଛାଧୀନ ହୁଅ, ତାଙ୍କୁ ତୁମର ଇଚ୍ଛାଧୀନ କରିବା ପାଇଁ ଚେଷ୍ଟା କର ନାହିଁ—କାରଣ ତୁମ ନିକଟରେ ସେ ହିଁ ସୁନ୍ଦର ।

ମିଳନର ଆକୁଳତାକୁ କଦାପି ତ୍ୟାଗ କର ନାହିଁ; ତାହାହେଲେ ବିରହର ବ୍ୟଥା ମଧୁର ହେବ ନାହିଁ—ଆଉ ଦୁଃଖ ଭିତରେ ଶାନ୍ତିକୁ ଅନୁଭବ କରି ପାରିବ ନାହିଁ ।

ଯାହା ପ୍ରତି ତୁମର ଭାବିବା, କରିବା ଓ ବୋଧ ଯେତିକି ଓ ଯେପରି, ତା' ପ୍ରତି ତୁମର ଆସକ୍ତି, ଟାଣ ଓ ଭଲ ପାଇବା ସେତିକି ଓ ସେହିପରି ।

ଯାହାଙ୍କ ଠାରେ ସର୍ବସ୍ୱ ବିକି ଦେଇଛ—ସେହିଁ ତୁମର ଭଗବାନ ଓ ସେ ହିଁ ତୁମର ପରମ ଗୁରୁ ।

(ସତ୍ୟାନୁସରଣରୁ ଗୃହୀତ)

Scanned by CamScanner